

୨୧ ବର୍ଷ ପରେ
ସୈଫ୍-ବିଦ୍ୟା ଏକାଠି
▶ପୃଷ୍ଠା ୧୨ ଦେଖନ୍ତୁ...

RN IREGDN O :42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRIN TEDATBHU BAN ESWAR■JEYPO RE■SAMBALPU R■PAN IKO ILI

◆VOLUME-44 ◆ISSUE-126 ◆SATURDAY ◆31 OCTOBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୨୬ ◆ଶନିବାର ◆୩୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆₹.୭.୦୦

**ଅତି ଭୀଷଣ ବର୍ଷା ଲାଗି ରେଡ୍ ଆଲର୍ଟକୁ ଦିଆଗଲା ନାହିଁ ଗୁରୁତ୍ୱ**

# ଭାସିଲା ଗଞ୍ଜାମ, ଉଜୁଡ଼ିଲା ଗଜପତି



**ଆଇଏମ୍‌ଡିର ଟ୍ରାକ୍ ଅନୁଯାୟୀ ଗତି କରିଥିଲା ବାତ୍ୟା 'ଅର୍ଣ୍ଣବ'**

**ବିପଦପ୍ରବଣ ଥିବା ଗଞ୍ଜାମ ଜିଲ୍ଲାରେ ତାଣ୍ଡବ ରଚିଲା ବର୍ଷା**

**ସରକାରଙ୍କ ପୂର୍ବ ପ୍ରସ୍ତୁତି ଓ ସଚେତନତାକୁ ନେଇ ଉଠିଲା ପ୍ରଶ୍ନ**

■ ଭୁବନେଶ୍ୱର, ୩୦।୧୦ (ସମିସ): ଗଞ୍ଜାମ ଜିଲ୍ଲାରେ ଅତିପ୍ରବଳ ବର୍ଷା ଯୋଗୁଁ ଗୁରୁତର ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ପ୍ରଭାବରେ ଜିଲ୍ଲାର ଅନେକ ଅଞ୍ଚଳ ଜଳମଗ୍ନ ହୋଇ ରହିବା ସହ ରାସ୍ତାଘାଟର ବ୍ୟାପକ କ୍ଷୟକ୍ଷତି ହୋଇଛି। ମୁଖ୍ୟ ରାସ୍ତାଗୁଡ଼ିକ ଅଣ୍ଟାଏ ଯାଏ ପାଣିରେ ବୁଡ଼ି ରହିଛି। ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଗଞ୍ଜମ ଜିଲ୍ଲା ପାଣିରେ ଭାସୁଛି, ଗଜପତି ଜିଲ୍ଲା ପୂରା ଉଜୁଡ଼ି ଯାଇଛି। ଗଞ୍ଜାମରେ ୪୨,୫୬୪ ଓ ଗଜପତିରେ ୩୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସତର୍କ ସୂଚନା ଦିଆଯାଇଥିବା ସତ୍ତ୍ୱେ ପ୍ରଶାସନର ଅପରିପକ୍ୱତା ଓ ସରକାରଙ୍କ ଅନଭିଜ୍ଞତା ଲୋକଙ୍କୁ ଏପରି ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି ।

ଅକ୍ଟୋବର ୨୩ ତାରିଖରୁ ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବୁଲେଟିନ୍‌ରେ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା ପାଇଁ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ (୨୦୦ ମିମିରୁ ଅଧିକ) ବର୍ଷା ନେଇ ଆକଳନ କରାଯାଇଥିଲା। ଏଥିପାଇଁ ୨୩ ତାରିଖରୁ ଲଗାତାର ଭାବେ ଏହି ଜିଲ୍ଲାଗୁଡ଼ିକ ପାଇଁ ରେଡ୍ ଆଲର୍ଟ ଜାରି ହୋଇ ଆସୁଥିଲା।୨୮ ତାରିଖ ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ଏହି ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆଇଏମ୍‌ଡି ସତର୍କ କରାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ବୈଠକ କରିବା ସହ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ, ଆଶ୍ରୟସ୍ଥଳ ପ୍ରସ୍ତୁତି ଓ ଉଦ୍ଧାରକାରୀ ଦଳକୁ ସଜାଗ ରଖିବା ଭଳି ପଦକ୍ଷେପ ନେଇଥିବା ଖବର ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ଗଞ୍ଜାମ ଓ ଗଜପତି ଏବେ ସମ୍ମୁଖୀନ ହୋଇଥିବା ସ୍ଥିତି ଦେଖିଲେ ସରକାର ଓ ପ୍ରଶାସନର ବିପର୍ଯ୍ୟୟ ପ୍ରତିରୋଧ ଓ ମୁକାବିଲା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠୁଛି। ବର୍ଷା ଯୋଗୁଁ ରାସ୍ତାଘାଟରେ ପାଣି ଜମିବା ସହ ନଦୀ ଫୁଲିବା ଏବଂ ତଳି ଅଞ୍ଚଳରେ ପାଣି ପଶିବା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। କେତେକ ସ୍ଥାନରେ ଲୋକଙ୍କୁ ନିରାପଦ ସ୍ଥାନକୁ ନେବା ଏବଂ ଉଦ୍ଧାର କାର୍ଯ୍ୟ ଚଳାଇବା ଏକ ବଡ଼ ▶ପୃଷ୍ଠା-୭

## ଭୂସ୍ଖଳନରେ ନିଖୋଜ ୩ ଜଣଙ୍କ ମୃତଦେହ ଉଦ୍ଧାର

■ ରାଇକିଆ/ ଶେରଗଡ़, ୩୦।୧୦ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତର ଡାଙ୍ଗେସି ଗ୍ରାମରେ ହୋଇଥିବା ଭୂସ୍ଖଳନ ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଅଚ୍ୟୁତ ପ୍ରଧାନ, ଅଚ୍ୟୁତଙ୍କ ସ୍ତ୍ରୀ ମାନସୀ ପ୍ରଧାନ ଓ ୭ ମାସର ଶିଶୁ। ମୃତଦେହ ଘର ଠାରୁ ୨୦୦ ମିଟର ଦୂରରେ ମାଟି ଅତଡ଼ା ଏବଂ ପଙ୍କ ମଧ୍ୟରେ ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

**ଘରେ ପଶିଲା ପାଣି; ବୃଦ୍ଧା ମୃତ**

**ଏଯାଏ ଗଲାଣି ୭ ଜୀବନ**

# ଗଞ୍ଜାମକୁ ଅତିରିକ୍ତ ୨୦ କୋଟି ସହାୟତା



ଆକାଶମାର୍ଗରୁ ବନ୍ୟାଞ୍ଚଳ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ

■ ବ୍ରହ୍ମପୁର, ୩୦।୧୦ (ସମିସ): ବାତ୍ୟା ''ଅର୍ଣ୍ଣବ' ଓ ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଓ ବ୍ୟାପକ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ

**ଗଞ୍ଜାମ ଗଲେ ୩୦ ଓଏଏସ୍ ଓ ୧୦ ଯନ୍ତ୍ରୀ**

ମାଝି। ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ହେଲିକପ୍ଟର ଯୋଗେ ଗଞ୍ଜାମ ଓ ପାଖ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ କରିଥିଲେ। ଗଞ୍ଜାମ ଜିଲ୍ଲାର ସୋରଡ଼ା, ଆସିକା, ଭଞ୍ଜନଗର, ଧରାକୋଟ ଓ ସାନଖେମୁଣ୍ଡି ସମେତ ବିଭିନ୍ନ ପ୍ରଭାବିତ ଅଞ୍ଚଳର ବନ୍ୟା ସ୍ଥିତି ଓ କ୍ଷୟକ୍ଷତିକୁ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ଆକାଶମାର୍ଗରୁ ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରସ୍ଥିତ ବିଶ୍ୱବିଦ୍ୟାଳୟର ଅତିଥି ଭବନରେ ଗଞ୍ଜାମ ଜିଲ୍ଲାର ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ୍ ବଣ୍ଟନ, ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତରଣ ଏବଂ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ▶ପୃଷ୍ଠା-୭

# ଗଞ୍ଜାମ ବନ୍ୟାକୁ ନେଇ ନବୀନଙ୍କ ଉଦ୍‌ବେଗ



**ଜିଲ୍ଲାପାଳଙ୍କୁ ପଚାରି ବୁଝିଲେ ସ୍ଥିତି**

**ଲୋକଙ୍କ ଅବସ୍ଥା ବୁଝିବା ପାଇଁ ପଠାଇଲେ ସ୍ୱତନ୍ତ୍ର ଦଳୀୟ ଟିମ୍**

**ବିପନ୍ନଙ୍କ ସେବା ଲାଗି କର୍ମୀଙ୍କୁ ପରାମର୍ଶ**

■ ଭୁବନେଶ୍ୱର, ୩୦।୧୦ (ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଅତିଭୀଷଣ ବର୍ଷାରେ ପ୍ରଭାବିତ ଗଞ୍ଜାମର ଦୁଃସ୍ଥିତିକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ନବୀନ ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳଙ୍କଠାରୁ ହିଞ୍ଜିଳି ଓ ଶେରଗଡ଼ ସମେତ ସମଗ୍ର ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ତାଙ୍କୁ ବିପନ୍ନ ଲୋକଙ୍କ ଉଦ୍ଧାର ଓ ରିଲିଫ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଛନ୍ତି। ବନ୍ୟା ଯୋଗୁଁ ଗଞ୍ଜାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଥିପାଇଁ ଶ୍ରୀ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ବିପନ୍ନ ଲୋକଙ୍କ ନିକଟରେ ତୁରନ୍ତ ଆବଶ୍ୟକ ରିଲିଫ ଓ ▶ପୃଷ୍ଠା-୭


**ପାହାଡ଼ରେ ପିଟିହେଲା ବଦ୍ରିନାଥରୁ ଫେରୁଥିବା ହେଲିକପ୍ଟର**

# ପାଇଲଟ୍‌ଙ୍କ ସମେତ ୬ ମୃତ



■ ଯୋଶୀମଠ, ୩୦।୧୦ (ଏଜେନ୍ସି): ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଶୁକ୍ରବାର ଏକ ହେଲିକପ୍ଟର ଦୁର୍ଘଟଣାରେ ପାଇଲଟ୍‌ଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ବଦ୍ରିନାଥରୁ ଦେହରାଦୁନର ସହସ୍ରଧାରା ଅଭିମୁଖେ ଯାଉଥିବା ଏହି ହେଲିକପ୍ଟରଟି ଯୋଶୀମଠ ନିକଟସ୍ଥ ହାତୀ ପର୍ବତ ଅଞ୍ଚଳରେ ନିଖୋଜ ହୋଇଯାଇଥିଲା। ପରେ ମାରୱାଡ଼ି ବ୍ରିଜ୍ ନିକଟ ଜେପି ପାୱାର ହାଉସ୍ ନିକଟରେ ଏକ ପାହାଡ଼ରେ ପିଟି ହୋଇ ଏହା ଖସିପଡ଼ିଥିବା ଅଧିକାରୀମାନେ କହିଛନ୍ତି। ସୂଚନା ଅନୁଯାୟୀ, ଟ୍ରାନ୍ସ ଭାରତ ଆଭିଏସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏହି ହେଲିକପ୍ଟର ଅପରାହ୍ନ ପ୍ରାୟ ୧.୧୪ରେ ▶ପୃଷ୍ଠା-୭

# ଭୁଟାନରେ ଉଛୁଳିଲା ବରଫ ହ୍ରଦ



**ଆସାମ, ପଶ୍ଚିମବଙ୍ଗରେ ବନ୍ୟା ଆଶଙ୍କା; ୪ ହଜାର ସ୍ଥାନାନ୍ତର**

■ ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି): ଭୁଟାନରେ ହିମବାହ ବା ଗ୍ଲେସିୟର ହ୍ରଦ ଉଛୁଳିବା ଯୋଗୁଁ ଆକସ୍ମିକ ବନ୍ୟା ସୃଷ୍ଟି ହୋଇଛି। ଏଥିରେ ଏକ ସୌରଚାଳିତ ଜଳସେଚନ ପ୍ରକଳ୍ପ ଆଂଶିକ କ୍ଷତିଗ୍ରସ୍ତ ହେବା ସହ ରାଜପଥର ଏକ ଅଂଶ ଆବର୍ଜନାଓପଥରମାଟିରେଅବରୋଧହୋଇଛି। ଏହାର ପ୍ରଭାବ ଭାରତରେ ପଡ଼ିବା ଆଶଙ୍କାରେ ପଶ୍ଚିମବଙ୍ଗ ଓ ଆସାମର ୫ଟି ଜିଲ୍ଲାରେ ବନ୍ୟା ସତର୍କତା ଜାରି ହୋଇଛି। ▶ପୃଷ୍ଠା-୭

**ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ମାମଲା**

## ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

■ କଟକ, ୩୦।୧୦ (ସମିସ): ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବାରେ ରାଜ୍ୟ ସରକାରଙ୍କ ବିଫଳତା ଏବଂ ଅବହେଳା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଆସନ୍ତା ଏକ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ଓ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରେ ଆବେଦନକାରୀ ଦର୍ଶାଇଛନ୍ତି ଯେ ସମ୍ବିଧାନର ଧାରା ୨୧(କ) ଏବଂ ଶିକ୍ଷାଧିକାର ଆଇନ, ୨୦୦୯ ଅନୁସାରେ ୬ରୁ ୧୪ ବର୍ଷ ବୟସ୍କ ପିଲାମାନଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବା ସହିତ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବା ମୌଳିକ ଅଧିକାର ଅଟେ। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଏସ୍‌ସିଇଆରଟି ଦ୍ୱାରା ପ୍ରକାଶିତ ୫୫ଟି ▶ପୃଷ୍ଠା-୭




## ଓଲଟ ପାଲଟ



ଅବଳାକୁ ସିନା ଦୁର୍ବଳା ଭାବିଲେ
ମହାକାଳପଡ଼ା ନେତା
କେନ୍ଦ୍ରାପଡ଼ା ଜିଲ୍ଲା ପଡୁଛି ଉଠୁଛି
ଚମେଲୀ ଜଗତଜିତା
ପୁଲିସ ସହିତ ବିଡିଓଙ୍କୁ ଧରି
କରିଥିଲେ ନାନା ପେଞ୍ଚ
ରାଜନୀତି ପେଷା ସହଜ ହୋଇବ
ହଟିଗଲେ ସରପଞ୍ଚ
ଦଳ ବଳ ଧରି ଷଡଯନ୍ତ୍ର କରି
ଅନାସ୍ଥା କଲେ ଆଗତ
ସେହିଯେ ଅନାସ୍ଥା ବେଆଇନ ଥିଲା
ହୋଇଗଲା ପ୍ରମାଣିତ

*- ଯାଯାବର*

# ଲୁଣା ନଦୀବନ୍ଧରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର

■ କେନ୍ଦ୍ରାପଡ଼ା, ୩୦।୧୦ (ସମିସ): ନଦୀ କୂଳରେ ଭାସୁଥିଲା ମୃତଦେହ। ହେଲେ ନ ଥିଲା ମୁଣ୍ଡ। ଜଣେ ଅଜଣା ମହିଳାଙ୍କ ଏଭଳି ବିଭତ୍ସ ମୃତଦେହ ଉଦ୍ଧାର ଘଟଣା ଏବେ କେବଳ ଏକ ଅସ୍ୱାଭାବିକ ମୃତ୍ୟୁ ନୁହେଁ, ବରଂ ଏକ ବଡ଼ ରହସ୍ୟରେ ପରିଣତ ହୋଇଛି। ମୃତ ମହିଳାଙ୍କ ପରିଚୟ ଅଜଣା, ମୁଣ୍ଡର ପତ୍ତା ନାହିଁ ଓ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ। ଏଭଳି ସ୍ଥିତିରେ ଲୁଣା ନଦୀର ଏହି ଘଟଣାକୁ ନେଇ ତଦନ୍ତକାରୀ ପୁଲିସ ଆଗରେ ଏବେ ଚ୍ୟାଲେଞ୍ଜର ପାହାଡ଼ ଛିଡ଼ା ହୋଇଛି। କୁଦାନଗରୀ ଥାନା ଅନ୍ତର୍ଗତ ମାହାରାକୂଳ ଅଞ୍ଚଳରେ ଲୁଣା ନଦୀରୁ ମୁଣ୍ଡବିହୀନ ମହିଳାଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଭୟ ଓ ଉଦ୍‌ବେଗ ପ୍ରକାଶ ପାଇଛି। ନଦୀରେ ଏଭଳି ମୃତଦେହ ଭାସୁଥିବା ସୂଚନା ପାଇ ପୁଲିସ ପହଞ୍ଚି ଉଦ୍ଧାର କରିଥିଲା। ପରେ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ ଘଟଣାର ରହସ୍ୟ ଭେଦ କରିବାକୁ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ତେବେ ଏହି ଘଟଣାର ▶ପୃଷ୍ଠା-୭

**ମୁଣ୍ଡ କେଉଁଠି, ମହିଳା କିଏ? ପରିଚୟ ଖୋଜୁଛି ପୁଲିସ**

**ଶବ ବ୍ୟବଚ୍ଛେଦ ପରେ ସାଇଣ୍ଟିଫିକ୍ ଟିମ୍‌ର ଛାନ୍‌ଭିନ୍**



## ଦେଶୀ ମଦ ଜବତ, ଜଣେ ଗିରଫ

**ପାଣିକୋଇଲି, ୩୦।୧୦(ସମିସ):** ପାଣିକୋଇଲି ପୁଲିସ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ଦେଶୀ ମଦ ଚୋରା ବିକ୍ରିର ଖବର ପାଇ ଚଢ଼ଉ କରି ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ କôଷରୋ ଗ୍ରାମରେ ଚୋରା ମଦ ବିକ୍ରିର ଖବର ପାଇ ଏଏସଆଇ ସୋମନାଥ ରାଉତ ସଦଳବଳେ ଚଢ଼ଉ କରିଥିଲେ । କôଷରୋ ଗ୍ରାମର ବବିନା ଦଳେଇ (୩୫)କୁ ଧରିବା ପରେ ତା' ନିକଟରୁ ୨୫ ବୋତଲ ଆସ୍କାଫର୍ଟି (୫ଲିଟର) ଜବତ କରିଥିଲେ । ତାକୁ ଧରି ଥାନାକୁ ଆଣିବା ପରେ ଏକ ମାମଲା ୩୮୮/୨୬ ରୁଜୁ କରାଯିବା ସହ ତାକୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି ।

## କାଳୀ ପୂଜା ପ୍ରସ୍ତୁତି ବୈଠକ

**ବଡ଼ଚଣା, ୩୦।୧୦(ସମିସ):** ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ଧାନମଣ୍ଡଳ ରେଲୱେ ଷ୍ଟେସନ ପରିସରରେ ୧୯ ବର୍ଷ ଧରି କାଳୀପୂଜା ଅନୁଷ୍ଠିତ ହୋଇଆସୁଛି । ଚଳିବ ବର୍ଷ କାଳୀପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ପୂଜା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯାଜପୁର ରେଲୱେ ପ୍ରଶାସନ, ଧାନମଣ୍ଡଳ ଫାଣ୍ଡି ଅଧିକାରୀ ପ୍ରମୋଦ ପୃଷ୍ଟି, ସଭାପତି ଦୀପକ ମିଶ୍ର ଉପସ୍ଥିତ ଥିଲେ । ଧାନମୁଣ୍ଡଳ ରେଲୱେ ସିନିୟର ସେକ୍ସନ ଅଫିସର କିଶୋର ଚନ୍ଦ୍ର ମିଶ୍ର, ଟ୍ରାକ୍ ମେଣ୍ଟେନାନ୍ସ ସୁଶାନ୍ତ କୁମାର ସାହୁ, ଧାନମଣ୍ଡଳ ସରପଞ୍ଚ ନବଦୀପ ନାୟକ ଏବଂ କମିଟିର ସମସ୍ତ ସଭ୍ୟ ଯୋଗ ଦେଇ ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଶେଷ କରିକି ପୂଜାରେ ଖାଦ୍ୟ ଓ ପାନୀୟ ଜଳ, ନିଶା ସେବନ ନିଷେଧ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଆଜିର ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଥିଲ ।

**ଅର୍ଣ୍ଣବ ଆଣିଲା ଅମୃତର ବର୍ଷା**

# ଶୁଖିଲା ଧାନକ୍ଷେତକୁ ମିଳିଲା ସଞ୍ଜୀବନୀ

**ଯଖପୁରା, ୩୦।୧୦(ସମିସ)**

ଦୀର୍ଘ ଦିନ ଧରି ଆକାଶ ମୁହଁ ଫେରାଇ ନେଇଥିଲା । ବର୍ଷା ଛାଡ଼ି ଯାଇଥିବାରୁ ବିଲର ମାଟି ଫାଟି ଆଁ କରି ପଡ଼ି ରହିଥିଲା । ଥୋର ବାହାରିବା ସମୟରେ ଧାନ ଗଛ ପାଣି ବିନା ମଉଳି ଯାଉଥିଲା । ଚାଷୀ ମୁଣ୍ଡରେ ହାତ ଦେଇ ବସିଥିଲା । ଠିକ୍ ଏହି ସଙ୍କଟ ସମୟରେ ବାତ୍ୟା 'ଅର୍ଣ୍ଣବ' ଆସିଲା । ଅର୍ଣ୍ଣବକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଥିବା ବେଳେ ବାତ୍ୟା ପରର ବର୍ଷା କିନ୍ତୁ ଚାଷୀ ମୁହଁରେ ହସ ଫୁଟାଇ ଦେଇଛି । ଦୁଇ ଦିନ ପୂର୍ବରୁ ଯେଉଁ ବାତ୍ୟା ଚାଷୀ ପାଇଁ ଅଭିଶାପ ମନେ ହେଉଥିଲା, ସେହି ବାତ୍ୟାର ପବନ ଆମ ଓଡ଼ିଶାକୁ ନ ହୋଇଥିଲେ ମଧ୍ୟ ତାର ପରବର୍ତ୍ତୀ ବର୍ଷା ଚାଷୀ ପାଇଁ ଆଶୀର୍ବାଦ ସାଜିଛି । ଗତ ଦୁଇ ଦିନ ଧରି ହୋଇଥିବା ଲଗାଣ ବର୍ଷା ପରେ ବିଲର ଚିତ୍ର ବଦଳି ଯାଇଛି । ଯେଉଁଠି ଫାଟ ଦେଖା ଯାଉଥିଲା, ସେଠି ଏବେ ପାଣି ଜମିଛି । ଧାନ ଗଛରେ ନୂଆ ଜୀବନ



ଆସିଛି । ଏହାକୁ ଦେଖି ଚାଷୀ ଆନନ୍ଦିତ ।

ସରକାରୀ ତଥ୍ୟ ଅନୁଯାୟୀ, ଗତ ଦୁଇ ଦିନରେ ଯାଜପୁର ଜିଲ୍ଲାରେ ହାରାହାରି ୮୦.୨୦ ମିମି ବର୍ଷା ରେକର୍ଡ କରାଯାଇଛି । ଜିଲ୍ଲାର ସବୁ ବ୍ଲକରେ ଭଲ ବର୍ଷା ହୋଇଛି । ସବୁଠୁ ଅଧିକ ଦାନଗଦି ବ୍ଲକରେ ୧୦୭ ମିମି, ଯାଜପୁରରେ ୮୦ ମିମି, ବିଞ୍ଝାରପୁରରେ ୭୦ ମିମି, ରସୁଲପୁରରେ ୭୧ ମିମି ଓ କୋରେଇରେ ୪୮ ମିମି ବର୍ଷା ହୋଇଛି । ସେହିପରି ସୁକିନ୍ଦାରେ ୯୬ ମିମି, ଧର୍ମଶାଳାରେ ୮୨ ମିମି, ବଡ଼ଚଣାରେ ୮୧ ମିମି ଓ ବରୀ ବ୍ଲକରେ ୭୦ ମିମି ବର୍ଷା ରେକର୍ଡ ହୋଇଛି । ଯଖପୁରା ଅଞ୍ଚଳର ଚାଷୀ ନାରାୟଣ ଦାସ କୁହନ୍ତି, 'ଦୀର୍ଘ ଦିନ ହେଲା ବର୍ଷା ନ ହେବାରୁ ଆମେ ବହୁତ ଚିନ୍ତାରେ ଥିଲୁ । ଧାନ ବାହାରିବା ସମୟରେ ପାଣି ଦରକାର ଥିଲା । ବିଲ ଫାଟି ଯାଇଥିଲା । ଭାବିଲୁ ଚଳିତ ବର୍ଷ ଫସଲ ହେବନି । କିନ୍ତୁ ଏହି ବର୍ଷା ଆମକୁ ବଞ୍ଚାଇ ଦେଲା ।' ଅନ୍ୟ ଜଣେ ଚାଷୀ କୁହନ୍ତି, ଯଦି ଆଉ ଦୁଇ ଦିନ ବର୍ଷା ନ ହୋଇଥାନ୍ତା, ତେବେ ଧାନ ଗଛ ସମ୍ପୂର୍ଣ୍ଣ ଶୁଖି ଯାଇଥାନ୍ତା । ଏବେ ବିଲରେ ଆଣ୍ଠୁଏ ପାଣି ଜମିଛି, ଧାନ ଗଛ ପୁଣି ସିଧା ହୋଇ ଛିଡ଼ା ହୋଇଛି । କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ, ଏହି ସମୟରେ ଧାନ ଗଛରେ କ୍ଷୀର ଭରିବା ଓ ଧାନ ବାହାରିବା ପ୍ରକ୍ରିୟା ଚାଲିଛି । ଏହି ଅବସ୍ଥାରେ ପାଣି ନିହାତି ଆବଶ୍ୟକ ଥିଲା । ବାତ୍ୟା ପରର ଏହି ବର୍ଷା ଧାନ ଫସଲ ପାଇଁ ବରଦାନ ସଦୃଶ । ଏହା ଦ୍ୱାରା ଫସଲ ଅମଳ ବଢ଼ିବ । ପାଣିପାଗ ବିଭାଗ ଅନୁସାରେ, ଆଗାମୀ ଦୁଇ ଦିନ ଯାଏଁ ଆକାଶ ମେଘାଚ୍ଛନ୍ନ ରହିବା ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି, ଯାହା ଚାଷ ପାଇଁ ଆହୁରି ଲାଭଦାୟକ ହେବ ।

## ସ୍ତ୍ରୀକୁ ହତ୍ୟା; ସ୍ୱାମୀ କୋର୍ଟଚାଲାଣ

**ସୁକିନ୍ଦା, ୩୦।୧୦(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ବଞ୍ଚା ଗ୍ରାମରେ ଜଣେ ମହିଳାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗରେ ପୁଲିସ ହତ୍ୟାକାରୀ ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି । ଗତ ୨୪ ତାରିଖ ରାତିରେ ବଞ୍ଚା ଗ୍ରାମ ମଦନ ମଲ୍ଲିକ(୫୭) ତାଙ୍କ ସ୍ତ୍ରୀ ସହରୁଣୀ ମଲ୍ଲିକଙ୍କୁ ମରଣାନ୍ତକ ଆକ୍ରମଣ କରିବା ପରେ ଘଟଣାସ୍ଥଳରେ ସହରୁଣୀ(୫୦)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ଘଟଣା ପରେ ମଦନ ବିଷ ପିଇ ଗୁରୁତର ଆହତ ହୋଇପଡ଼ିଥିଲେ । ମଦନ ସୁସ୍ଥ ହେବା ପରେ ପୁଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, କୌଣସି ବିଷୟକୁ ନେଇ ମଦନ ଓ ସହରୁଣିଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା । ବିବାଦ ଧୀରେଧୀରେ ଉଗ୍ର ରୂପ ନେଇଥିବା ବେଳେ ଗତ ୨୪ ତାରିଖରେ ମଦନ ଘରେ ଥିବା ଧାରୁଆ ଅସ୍ତ୍ରରେ ସହରୁଣିଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ସହରୁଣିଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭିର ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ । ପରିବାର ଲୋକ ଓ ସ୍ଥାନୀୟ



ଲୋକେ ସହରୁଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣା ପରେ ମଦନ ବିଷ ପିଇ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ମଦନକୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ସୁକିନ୍ଦା ଓ ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଖବର ପାଇ ସୁକିନ୍ଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିବା ସହ ସହରୁଣିଙ୍କ ମୃତଦେହ ଜବତ କରି ୨୩୪/୨୦୨୬ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ ଧାରୁଆ ଅସ୍ତ୍ର ଜବତ କରିଥିଲା । ଗତ କିଛି ବର୍ଷ ଧରି ମଦନଙ୍କ ମାନସିକ ଅବସ୍ଥା ଠିକ ନଥିବାରୁ ସେ ଚିକିତ୍ସିତ ହେଉଥିବା ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ମଦନ ସୁସ୍ଥ ହୋଇ ଫେରିବା ପରେ ପୋଲିସ ଗୁରୁବାର ଦିନ ଆକ୍ରମଣକାରୀ ସ୍ୱାମୀ ମଦନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି ।

## ବାଲିଚାଲାଣ ବେଳେ ବିଲକୁ ଓଲଟିଲା ହାଇୱା

**ବିଞ୍ଝାରପୁର/ସିଂହପୁର, ୩୦।୧୦(ସମିସ):** ଖରସ୍ରୋତା ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ପୁଣି ଥରେ ଚର୍ଚ୍ଚା ଜୋର ଧରିଛି । ଆଜି ସକାଳେ ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅନ୍ତର୍ଗତ କପିଳାଠାରେ ସକାଳେ ଦୁଇଟି ବାଲି ବୋଝେଇ ହାଇୱା ମଧ୍ୟରେ ଦୁର୍ଘଟଣା ଘଟିଥିଲା । ଫଳରେ ଗୋଟିଏ ହାଇୱା ଭାରସାମ୍ୟ ହରାଇ ରାସ୍ତାକଡ଼ ବିଲ ମଧ୍ୟକୁ ଓଲଟି ପଡ଼ିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଦୁର୍ଘଟଣାଗ୍ରସ୍ତ ହାଇୱାର ନମ୍ବର ଓଡି ୦୪ ଏଲ୍ ୫୮୬୭ ବୋଲି ଜଣାପଡ଼ିଛି । ଅଳକୁଣ୍ଡ ପୁଲିସ ଦୁଇଟି ଗାଡ଼ିକୁ ଜବତ କରିଛି । ତେବେ ଏହି ଘଟଣାରେ ଚାଳକଙ୍କ କୌଣସି ଗୁରୁତର କ୍ଷତି ହୋଇନଥିବାରୁ ସେ ଅଳ୍ପକେ ରକ୍ଷା ପାଇଛନ୍ତି ।

ସୂଚନା ଅନୁଯାୟୀ, ହାଇୱାଟି ଖରସ୍ରୋତା ନଦୀରୁ ବାଲି ନେଇ ଦ୍ରୁତଗତିରେ ମଙ୍ଗଳପୁର ଅଭିମୁଖେ ଯାଉଥିବା ସମୟରେ ଚାଳକ ଭାରସାମ୍ୟ ହରାଇ ଅନ୍ୟ ହାଇୱାକୁ ପିଟି ଦେଇଥିଲା । ଫଳରେ ଗୋଟିଏ ହାଇୱା ରାସ୍ତାକଡ଼କୁ ଓଲଟି ପଡ଼ିଥିଲା । ଏହି ଘଟଣା ପରେ ଅଞ୍ଚଳରେ ଚାଲିଥିବା ବାଲି ଚାଲାଣକୁ ନେଇ ସ୍ଥାନୀୟ ଲୋକେ ପୁଣି ଅସନ୍ତୋଷ



ପ୍ରକାଶ କରିଛନ୍ତି । ଲୋକଙ୍କ ଅଭିଯୋଗ ଅନୁସାରେ, ଖରସ୍ରୋତା ନଦୀରୁ ପ୍ରତିଦିନ ବିପୁଳ ପରିମାଣର ବାଲି ବିଭିନ୍ନ ଯାନବାହନ ଯୋଗେ ଚାଲାଣ ହେଉଛି । ଏପରିକି ଦୈନିକ ଶହ ଶହ ଟ୍ରିପ୍ ବାଲି ପରିବହନ ହେଉଥିବା ଅଭିଯୋଗ ସତ୍ତ୍ୱେ ଖଣି ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ଆଶାନୁରୂପ ପଦକ୍ଷେପ ନିଆଯାଉନାହିଁ । ଏହି ବେଆଇନ କାରବାର ଉପରେ ରୋକ୍ ଲଗାଇବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି ।

## 'ମୁଁ ଅନାଥ ତୁ ଜଗନ୍ନାଥ' ନାଟକ ମଞ୍ଚସ୍ଥ



**ପାଣିକୋଇଲି, ୩୦।୧୦(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁର ସ୍ଥିତ ମହାଲକ୍ଷ୍ମୀ ନାଟ୍ୟ ପରିଷଦ ଆନୁକୂଲ୍ୟରେ ତିନି ଦିନ ବ୍ୟାପୀ ଆୟୋଜିତ ମୁକ୍ତାକାଶ ନାଟକ ମଞ୍ଚସ୍ଥ ଉଦ୍ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ସେକ ଜହର ଅଲ୍ଲୀ, ପଞ୍ଚାନନ ରାଉତ, ବିଶ୍ୱନାଥ ଜେନା, ନିରଞ୍ଜନ ରାଉତ, ପୂର୍ଣ୍ଣାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ନାଟ୍ୟ ପରିଷଦ ପକ୍ଷରୁ ଅଜିତ ରାଉତ, ମନ୍ମଥ ପଣ୍ଡା, ଅନିଲ ରାଉତ, ପ୍ରକାଶ ସେନାପତି, ଅଜୟ ପରିଡ଼ା, ଅଶୋକ ପରଇଡା, ବ୍ରଜ ସ୍ୱାଇଁ, ଶିବ ପରିଡ଼ା ବିକାଶ ଜେନା, ରୁଦ୍ର ନାରାୟଣ ସେନାପତି, ବଚନ ସ୍ୱାଇଁ, ରଘୁନାଥ ମହାପାତ୍ର, ପ୍ରକାଶ ପଣ୍ଡା, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ରହିବା ସହିତ ମଞ୍ଚସ୍ଥ ନାଟକରେ ଅଭିନୟ କରିଥିଲେ । ନାଟକ ବେଶ ହୃଦୟସ୍ପର୍ଶୀ ହୋଇଥିଲା ।

## ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ବିଞ୍ଝାରପୁର, ୩୦।୧୦(ସମିସ):** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଗବଦ୍ ଗୀତାର ଜ୍ଞାନ, ଆଧ୍ୟାତ୍ମିକ ଚେତନା ଓ ଭାରତୀୟ ସଂସ୍କୃତିର ମହତ୍ତ୍ୱକୁ ପହଞ୍ଚାଇବା ଲକ୍ଷ୍ୟରେ ପ୍ରଜ୍ଞାନ ମିଶନ ପକ୍ଷରୁ ଏକ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଉଛି । ଆସନ୍ତା ନଭେମ୍ବର ୧ ତାରିଖ ରବିବାର ସକାଳ ୯ଟାରେ ବିଞ୍ଝାରପୁର ବ୍ଲକ ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଭଗବଦ୍ ଗୀତାର ଶ୍ଳୋକ ଆବୃତ୍ତି କରି ନିଜର ଉଚ୍ଚାରଣ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବେ । ଏହାଦ୍ୱାରା କୋମଳମତି ଛାତ୍ରଛାତ୍ରୀଙ୍କ ମନରେ ଧାର୍ମିକ ଓ ନୈତିକ ମୂଲ୍ୟବୋଧର ବିକାଶ ସହ ଗୀତାର ଜୀବନଦର୍ଶନ ପ୍ରତି ଆଗ୍ରହ ବୃଦ୍ଧି ପାଇବ ବୋଲି ଆୟୋଜକଙ୍କ ପକ୍ଷରୁ ଆଶା ରଖାଯାଇଛି । ଏହି ପ୍ରତିଯୋଗିତାରେ ଭାଗନେବାକୁ ଇଚ୍ଛୁକ ଛାତ୍ରଛାତ୍ରୀ ଭକ୍ତି ରତ୍ନ ଅଭୟ ଗୋସ୍ୱାମୀଙ୍କ ସହ ଯୋଗାଯୋଗ କରିବାକୁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି । ଏଭଳି ଆୟୋଜନ ଯୁବପିଢ଼ିଙ୍କ ମଧ୍ୟରେ ଭାରତୀୟ ଆଧ୍ୟାତ୍ମିକ ପରମ୍ପରା ଓ ସଂସ୍କୃତି ପ୍ରତି ଆଗ୍ରହ ବଢ଼ାଇବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି ।

## ଦୁର୍ନୀତି ନିବାରଣ ସପ୍ତାହ ଶୋଭାଯାତ୍ରା

**ସୁକିନ୍ଦା, ୩୦।୧୦(ସମିସ):** ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଯାଜପୁର ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ସୁକିନ୍ଦା ମହାବିଦ୍ୟାଳୟରେ ଶପଥ ପାଠ ଓ ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଏହି ଅବସରରେ ଆଜି ଯାଜପୁର ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ସୁକିନ୍ଦା ମହାବିଦ୍ୟାଳୟରେ ଶପଥ ପାଠ ଓ ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଯାଜପୁର ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ସୁଶୀଲ ଏକ୍କା ଓ ମହାବିଦ୍ୟାଳୟ ଅଧକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀଙ୍କ ଏହି ସଚେତନତା ଶୋଭାଯାତ୍ରା କଲେଜ ପରିସରରୁ ବାହାରି ସୁକିନ୍ଦା ବଜାର ଦେଇ ବିଭିନ୍ନ ରାସ୍ତା ପରିକ୍ରମା କରିଥିଲା । ଶୋଭାଯାତ୍ରା ସହିତ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନତା ରଥ ମଧ୍ୟ ପରିକ୍ରମା କରିଥିଲା । ଶୋଭାଯାତ୍ରା ପୂର୍ବରୁ ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ, ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ସ୍ଥାନୀୟ ପୁଲିସ ଦୁର୍ନୀତି ବିରୋଧରେ ଏକ ଶପଥ ଗ୍ରହଣ କରିଥିଲେ । ଏହି



କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଡିଏସ୍‌ପି ସୁଲୋଚନା ନାୟକ, ସବ୍‌ଇନ୍ସପେକ୍ଟର ଶ୍ରୀକାନ୍ତ ନାୟକ, ବିଶ୍ୱଜିତ ଦାସ, ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ସ୍ଥାନୀୟ ଥାନାର କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ ।

## ଖରସ୍ରୋତା ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ

**ସିଂହପୁର, ୩୦।୧୦(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାରେ ନିଶାମୁକ୍ତ ଅଭିଯାନ ପାଳିତ ହୋଇଯାଇଛି । ଆଜି ସକାଳେ ୩୦୦ରୁ





ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବିଶାଳ ରାଲି ମହାବିଦ୍ୟାଳୟରୁ ବହାରି ନିଶା ନିବୃତ୍ତ ଭିତ୍ତିକ ବାର୍ତ୍ତା ସହିତ ପରିବେଶକୁ ସଚେତନତାର କଥା ବାଣ୍ଟିଥିଲେ । ପରେ ମହାବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ତଥା ସଂସ୍କୃତ ବିଭାଗର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ । ଜାତୀୟ ସେବା ଯୋଜନାର ଅଧିକାରିଣୀ ଅଧ୍ୟାପିକା ଅର୍ପିତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ବିଜୟ କୁମାର ପତି, ମିନକେତନ ତ୍ରିପାଠୀ, କୈଳାସ ଚନ୍ଦ୍ର ମିଶ୍ର, ଅରୁଣ କୁମାର ସାମଲ ପ୍ରମୁଖ ସାମିଲ ହୋଇଥିଲେ । ମୁଖ୍ୟଅତିଥି ଭାବେ ପୁରୀ ଆୟୁର୍ବେଦିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧ୍ୟାପକ ଜଗବନ୍ଧୁ ଦାଶ ଯୋଗ ଦେଇ ନିଶାର ଭୟାଭୟତା ସମ୍ପର୍କରେ ସଚେତନ କରିଥିଲେ । ଅଧ୍ୟାପକ ଚିତ୍ତରଞ୍ଜନ ସାହୁ, ଦୀପ୍ତିରଞ୍ଜନ ସେନାପତି, ଅମ୍ବିକା ଜେନା, ନିଳମଣି ମଲ୍ଲିକ, ସତ୍ୟବ୍ରତ ସେଠୀ, ସତ୍ୟନାରାୟଣ ଗୁପ୍ତା, ବିବେକ ମେହେର, ବୈଭବ ନାୟକ, ଯୋଗେନ୍ଦ୍ର କୁଅଁର, ଅଧ୍ୟାପିକା ମମତାମୟୀ ସାମଲ, ସୁଚିସ୍ମିତା ନାୟକ, ଜ୍ୟୋତିପ୍ରଭା ମହାନ୍ତି, ଶର୍ମିଷ୍ଠା ସାହୁ, ରୋଜାଲିନ କୁଅଁର, ଝରଣା ଦେହୁରୀ, ରବି ଏକ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଅଧ୍ୟାପକ ଚନ୍ଦନ କୁମାର ପତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଶିଶୁଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



**ଯାଜପୁର, ୩୦।୧୦(ସମିସ):** ଶିଶୁଶ୍ରମିକ ମୁକ୍ତ ଜିଲ୍ଲା ଗଠନ ଲକ୍ଷ୍ୟରେ ଚାଲିଥିବା ୪୪ ଦିନିଆ ସ୍ୱତନ୍ତ୍ର ଅଭିଯାନର ଅଂଶସ୍ୱରୂପ ଆଜି ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶିଶୁଶ୍ରମିକ ନିରାକରଣ ସମ୍ପର୍କିତ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଅମ୍ବର କୁମାର କର ଏହି ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ସଚେତନତା ରଥ ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ଗ୍ରାମାଞ୍ଚଳ ପରିକ୍ରମା କରି ଶିଶୁଶ୍ରମିକ ପ୍ରଥାର କୁପରିଣାମ, ଶିଶୁମାନଙ୍କ ଶିକ୍ଷା ଓ ସୁରକ୍ଷାର ଗୁରୁତ୍ୱ ତଥା ଶିଶୁଶ୍ରମିକ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ । ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ ନକରି ସେମାନଙ୍କୁ ଶିକ୍ଷା, ସୁରକ୍ଷା ଓ ଉପଯୁକ୍ତ ଶୈଶବ ପ୍ରଦାନ କରିବା ଦିଗରେ ସମାଜର ସମସ୍ତ ବର୍ଗର ଲୋକଙ୍କ ସହଯୋଗ ଓ ସକ୍ରିୟ ଭାଗିଦାରୀ ଆବଶ୍ୟକ ବୋଲି ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି, ଶ୍ରମ ବିଭାଗର ଯୁଗ୍ମ ଶ୍ରମ କମିଶନର ଶିବଶଙ୍କର ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଜିଲ୍ଲା ଶ୍ରମ ଅଧିକାରୀ (ଏନ୍‌ଫୋର୍ସମେଣ୍ଟ) ଦୀପ୍ତିରଞ୍ଜନ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସମେତ ଶ୍ରମ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଲଗାଣ ବର୍ଷାରେ ଧସିଲା ଦୁଧେଇନାଳ ସଂଯୋଗୀ ରାସ୍ତା

**ଯାଜପୁର, ୩୦।୧୦(ସମିସ)**

ଯାଜପୁର ବ୍ଲକ ସୁଜନପୁର ପଞ୍ଚାୟତର ଲଗାଣ ବର୍ଷା ଯୋଗୁଁ ଦୁଧେଇନାଳ ସେତୁ ସଂଯୋଗ ରାସ୍ତା ଧସିଯାଇଛି । ଯାହା ଫଳରେ ଦୁର୍ଗାପୁର ଓ ହସନପୁର ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନା ଯୋଗ୍ୟ ଯେ ୨୦୨୫ ମସିହା ସେପ୍ଟେମ୍ବର ୪ ତାରିଖରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ସେତୁ ସଂଯୋଗ ରାସ୍ତା ଧସିଯାଇଥିଲା । ଏହି ଘଟଣା ପରେ ସ୍ଥାନୀୟ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚିଥଲେ । ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟ ମହାକୁଡ଼ ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ମହାକୁଡ଼, ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଏପରକି ବିଭାଗୀୟ ଅଧିକାରୀ ଦୁଧେଇନାଳ ସେତୁ ଓ ଧସି ଯାଇଥିବା ସଂଯୋଗ ରାସ୍ତା ବୁଲି ଦେଖିବା ସହ ତୁରନ୍ତ ଲୋକଙ୍କ ଗମନାଗମନ ପାଇଁ ଅସ୍ଥାୟୀ ସଂଯୋଗ ରାସ୍ତା ନିର୍ମାଣ କରାଯିବ । ପରେ ଏହି ସ୍ଥାନରେ ଏକ ସେତୁ ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ । କିଛି କରାନଯିବାରୁ ପୁନର୍ବାର ପୂର୍ବତନ ସରପଞ୍ଚ ଗଣେଶ ମହାକୁଡ଼ଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିବାସୀ ବିଭାଗୀୟ ଅଧିକାରୀଙ୍କୁ ଭେଟିଥିଲେ । ଡିପିଆର ପ୍ରସ୍ତୁତ ହୋଇଛି, ଖୁବ ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । ଏପରିକି ସ୍ଥାନୀୟ ବିଧାୟକ ଶ୍ରୀ ମଲ୍ଲିକ ସେତୁ ସଂଯୋଗ ରାସ୍ତା ନିର୍ମାଣ ନେଇ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଇତି ମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ସେତୁ କିମ୍ବା ସଂଯୋଗ ରାସ୍ତା ନିର୍ମାଣ କରାଯାଇ ନାହିଁ । ଏପରକି ଗତ ତିନି ମାସେ ତଳେ ଅସ୍ଥାୟୀ ଭାବେ ନିର୍ମାଣ ହୋଇଥିବା ସଂଯୋଗ ରାସ୍ତାର ଦୁର୍ବଳ ସ୍ଥାନରେ ବାଲି ବସ୍ତା ପକାଇଥିଲେ । ଏନେଇ ସ୍ଥାନୀୟ ଜନପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଖୁବଶୀଘ୍ର ସେତୁ ଓ ସଂଯୋଗ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ । କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ କିଛି ନ କରିବା ଯୋଗୁଁ ଲଘୁଚାପ ଜନିତ ଲଗାଣ ବର୍ଷାରେ ଦୁଧେଇନାଳର ସଂଯୋଗ ରାସ୍ତା ପୁନର୍ବାର ଧସି ଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ଏହି ସେତୁ ସଂଯୋଗ ରାସ୍ତା ବିଚ୍ଛିନ୍ନ ହେବା ଯୋଗୁଁ ଛାତ୍ରଛାତ୍ରୀ ସ୍କୁଲ କଲେଜ ଯିବା ପାଇଁ ତିନି କିଲୋମିଟର ବୁଲିକି ଯିବାକୁ ପଡ଼ିବ । ଏପରିକି କି ମେଡିକାଲକୁ ରୋଗୀ ନେଇ ଯିବା ପାଇଁ ଲୋକେ ନାହିଁ ନଥିବା ହଇରାଣ ହେବେ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।



## ସୁଧୁରୁନି ବରୀ-ବରୁଆଁ ରାସ୍ତା ଅବସ୍ଥା

**ବରୀ, ୩୦।୧୦(ସମିସ):** ବରୀ-ବରୁଆଁ ପୂର୍ତ୍ତ ବିଭାଗ ଅଧୀନରେ ଥିବା ମୁଖ୍ୟ ରାସ୍ତା ଉପରେ ଖାଲଖମା ଥିବାରୁ ଯାତ୍ରୀମାନେ ଯାତାୟାତ ବେଳେ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି । ବିଶେଷକରି ବର୍ଷା ଯୋଗୁଁ ରାସ୍ତାଉପରେ ଥିବା ଖାଲରେ ପାଣି ଜମି ରହିଥିବାରୁ ଯାତ୍ରୀମାନେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେବା ଏକ ନୀତି ଦିନିଆ ଘଟଣାରେ ପରିଣତ ହୋଇଛି । ପ୍ରକାଶ ଥାଉକି ଯାଜପୁର ଜିଲ୍ଲା ସହିତ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏହି ରାସ୍ତା ସଂଯୋଗ କରୁଥିବାରୁ ଏହି ରାସ୍ତା ଦେଇ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀବାହି ବସ୍, ହଜାର ହଜାର ଦୁଇ ଚକିଆ ଯାନ ଯାତାୟତ କରିଥାଏ । ବିଗତ ଦିନରେ ରାସ୍ତା ମରାମତି ଆଳରେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୂର୍ତ୍ତ ବିଭାଗର ପାଣିକୋଇଲି ଡିଭିଜନ ଠିକାଦାର ଚୟନ କରିବା ଓ ସେମାନେ ଧର୍ମକୁ ଆଖିଠାର ସଦୃଶ ନିମ୍ନମାନର କାମ



କଲେ ବି ଦାୟିତ୍ୱରେ ଥିବା ଅଧିକାରୀ ମାନେ ସେମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦାନ କରିବା ଯୋଗୁଁ ରାସ୍ତା ମରାମତି ହେବାର କିଛି ଦିନ ପରେ ରାସ୍ତାରେ ଖାଲଖାମା ସୃଷ୍ଟି ହେବାର ଅଭିଯୋଗ ହୋଇଛି । ଦଶହରା ପୂର୍ବରୁ ପୂର୍ତ୍ତ ବିଭାଗର ମାନ୍ୟବର ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ଖାଲ ଖମା ଥିବା ରାସ୍ତା ଗୁଡ଼ିକୁ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବରୀ ବରୁହା କଳାମାଟିଆ ରାସ୍ତାର ମରାମତି ନହେବା ଘଟଣା ସରକାରୀ ନିର୍ଦ୍ଦେଶକୁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଅବମାନନା କରିବା ଘଟଣା ସରକାରଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ ବୋଲି ରାଜନୈତିକ ପଣ୍ଡିତ ମାନେ ମତବ୍ୟକ୍ତ କରିଛନ୍ତି । ରାସ୍ତା ମରାମତି ବିଷୟରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଭଗବାନ ବେହେରାଙ୍କୁ ଫୋନ୍ ଯୋଗେ ଯୋଗା ଯୋଗ କରା ଯାଇଥିଲେ ମଧ୍ୟ ସେ ଫୋନ୍ ନ ଉଠାଇବାରୁ ତାଙ୍କର ପ୍ରତିକ୍ରିୟା ମିଳପାରିନାହିଁ ।

● ପିଏମ୍ କିଷାନର ୨୪ତମ କିସ୍ତି ପ୍ରଦାନ

## ମୟୂରଭଞ୍ଜର ୨.୪୬ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ

**ବାରିପଦା, ୩୦ ।୧୦(ସମିସ):** ଶୁକ୍ରବାର ପିଏମ୍ କିଷାନ ଯୋଜନାର ୨୪ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁଜରାଟରୁ ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଭାଷଣକୁ ବିଭିନ୍ନ କୃଷି ବିଜ୍ଞାନ କେନ୍ଦ୍ର ଓ ବ୍ଲକ ସ୍ତରରେ ସିଧାସଳଖ ପ୍ରସାରଣ କରାଯାଇଥିଲା । ତଦନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟାସ୍ଥ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଏହି କିସ୍ତି ମାଧ୍ୟମରେ ଜିଲ୍ଲାର ୨ ଲକ୍ଷ ୪୬ ହଜାରରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି । ଚାଷୀଙ୍କୁ



ବାର୍ଷିକ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏଁ ମୋଟ ୬ ହଜାର ଟଙ୍କା ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି । ଉଭୟ ପିଏମ୍ କିଷାନ ଓ ସିଏମ୍ କିଷାନ ଅନୁଦାନ ପାଇଥିବା ଚାଷୀ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଏହି ଅର୍ଥ ସାର, ବିହନ ଓ କୀଟନାଶକ କ୍ରୟରେ ବିଶେଷ ସହାୟକ ହେଉଥିବା ପ୍ରକାଶ କରିଛନ୍ତି । କେବଳ ପାରମ୍ପରିକ ଧାନ ଚାଷରେ ସୀମିତ ନ ରହି ଆନୁଷଙ୍ଗିକ ଫସଲ ଓ ଆଧୁନିକ ପଦ୍ଧତି ଆପଣାଇଲେ ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି କୃଷି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟଅତିଥି ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ଉତ୍ସାହିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ ସଂଘମିତ୍ରା ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ, ଜିଲ୍ଲା ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋଙ୍କ ସମେତ ଅନ୍ୟାନ୍ୟ କୃଷି, ମୃତ୍ତିକା ସଂରକ୍ଷଣ, ସେରିକଲଚର ଓ ଜଳଛାୟା ପ୍ରକଳ୍ପ ଅଧିକାରୀଙ୍କ ସହିତ ଜିଲ୍ଲାର ବହୁ କୃଷକ, କୃଷି ବିଭାଗୀୟ ଅଧିକାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ବାରିପଦା ଜୁବୁଲି ପାର୍କ ନିର୍ମାଣ ଉପରେ ଏନଜିଟିଙ୍କ ରୋକ୍

# ଗଛ କାଟିବା ଓ ନିର୍ମାଣ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ

**ବାରିପଦା, ୩୦ ।୧୦(ସମିସ)**

ବାରିପଦା ପୌରପାଳିକା ଅଧୀନରେ ଥିବା ଐତିହାସିକ ଜୁବୁଲି ପାର୍କର ବିକାଶ ଓ ନିର୍ମାଣ କାମ ନାଁରେ ଜଙ୍ଗଲ ଜମିରୁ ବେଆଇନ ଭାବେ ଗଛ କାଟିବା ଓ ଜମି ରୂପାନ୍ତରଣ ଘଟଣାରେ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) କୋଲକାତା ଖଣ୍ଡପୀଠ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୃକ୍ତ ଜଙ୍ଗଲ କିସମ ଜମି ଉପରେ ଯେକୌଣସି ପ୍ରକାର ନିର୍ମାଣ କାର୍ଯ୍ୟ, ଗଛ କଟା ଓ ଅଣ-ଜଙ୍ଗଲ କାର୍ଯ୍ୟକଳାପ ଉପରେ ଏନଜିଟି ଅନ୍ତରୀଣ ରୋକ୍ ଲଗାଇଛନ୍ତି ।

ସୂଚନା ମୁତାବକ, ବାରିପଦା ପୌରପାଳିକା ଅଞ୍ଚଳସ୍ଥ ଖାତା ନଂ୭୪, ପ୍ଲଟ୍



ଟ୍ରିବ୍ୟୁନାଲ୍‌ଙ୍କ ଆଦେଶ କଡ଼ାକଡ଼ି ପାଳନ ପାଇଁ ଜିଲ୍ଲାପାଳ, ଏସ୍‌ପି ଓ ଡିଏଫ୍ଓଙ୍କୁ ନିର୍ଦ୍ଦେଶ

ନଂ୨୧୩ (ଜଙ୍ଗଲ-୧ କିସମ), ପ୍ଲଟ୍ ନଂ୨୧୮ (ପତିତ), ପ୍ଲଟ୍ ନଂ୨୩୦ (ଜଳାଶୟ) ଓ ଖାତା ନଂ ୭୧, ପ୍ଲଟ୍ ନଂ୨୦୩ (ଜଳାଶୟ) ଜମିରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ସଂରକ୍ଷଣ ନିୟମ ଅନୁମୋଦନ ଓ ବନ ବିଭାଗର ବିଧିବଦ୍ଧ ଅନୁମତି ବିନା ଜୁବୁଲି ପାର୍କ ସୌନ୍ଦର୍ଯ୍ୟକରଣ, ଆଇଲ୍ୟାଣ୍ଡ, ବୋଟିଂ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚାଲିଥିଲା । କୌଣସି ବୈଧ ଅନୁମତି ନ ଥାଇ ଚେନ୍-ସ' ଓ ଜେସିବି ସାହାଯ୍ୟରେ ଶହେରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ କାଟି ସଫା କରାଯାଇଥିବା ଅଭିଯୋଗ କରି ପ୍ରତାପ ଚନ୍ଦ୍ର ମହାନ୍ତି ଏନଜିଟିରେ ଏକ ମାମଲା (ଓଏ ନଂ ୯୭/୨୦୨୬/ଇଜେଡ) ଦାୟର କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ପକ୍ଷ ରଖି ଅନ୍ତରୀଣ ରହିତାଦେଶ ଜାରି କରିବାକୁ ଦାବି କରିଥିଲେ ।

ଅପରପକ୍ଷରେ, ବାରିପଦା ଡିଏଫ୍ଓ ଏନଜିଟିରେ ସତ୍ୟପାଠ ଦାଖଲ କରି ଜଙ୍ଗଲ ଜମିରୁ ବେଆଇନ ଗଛକଟା ଅଭିଯୋଗକୁ ଖଣ୍ଡନ କରିଥିଲେ । ତେବେ ଉଭୟ ପକ୍ଷଙ୍କ ଯୁକ୍ତି ଓ ନଥିପତ୍ର ତର୍ଜମା କରିବା ପରେ ବିଚାରପତି ଅରୁଣ କୁମାର ତ୍ୟାଗୀ, ବିଶେଷଜ୍ଞ ସଦସ୍ୟ ଡ ଏ ସେନ୍‌ଥିଲ ଭେଲ ଓ ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଙ୍ଗଲ ସୁରକ୍ଷା ନିୟମ ଉଲ୍ଲଙ୍ଘନ ହୋଇଥିବା ପ୍ରାଥମିକ ଭାବେ ଦର୍ଶାଇଥିଲେ । କେନ୍ଦ୍ର ସରକାରଙ୍କ ଜଙ୍ଗଲ (ସଂରକ୍ଷଣ) ଆଇନ ୧୯୮୦ର ଧାରା ୨ ଅନୁଯାୟୀ ବିଧିବଦ୍ଧ ଅନୁମୋଦନ ନ ମିଳିବା ପର୍ଯ୍ୟନ୍ତ ପ୍ଲଟ୍ ନଂ ୨୧୩ରେ କୌଣସି ନିର୍ମାଣ କାର୍ଯ୍ୟ କିମ୍ବା ଗଛ କାଟିବା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି । ଟ୍ରିବ୍ୟୁନାଲ୍‌ଙ୍କ ଏହି ନିର୍ଦ୍ଦେଶ ଯେପରି କଡ଼ାକଡ଼ି ଭାବେ ପାଳନ ହୁଏ, ତାହା ନିଶ୍ଚିତ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ, ଏସ୍‌ପି ଓ ବାରିପଦା ଡିଏଫ୍ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମାମଲାର ପରବର୍ତ୍ତୀ ତଥା ଚୂଡ଼ାନ୍ତ ଶୁଣାଣି ଆଗାମୀ ଜାନୁଆରୀ ୫ ତାରିଖରେ ହେବ ବୋଲି ଧାର୍ଯ୍ୟ କରାଯାଇଛି ।

● ଋଣ ଖିଲାପୀଙ୍କୁ ଝଟ୍‌କା

## ବନ୍ଧକ ସମ୍ପତ୍ତି କବ୍‌ଜା କଲା ଏଲଆଇସି ହାଉସିଂ ଫାଇନାନ୍ସ

**ବୈଶିଙ୍ଗା, ୩୦।୧୦(ସମିସ):** ଋଣ ନେଇ ଦୀର୍ଘଦିନ ଧରି ପରିଶୋଧ ନ କରିବା ମହଙ୍ଗା ପଡ଼ିଲା । ଫଳରେ ବକେୟା ଋଣ ଆଦାୟ ପାଇଁ ଏବେ କଠୋର ପଦକ୍ଷେପ ନେଇଛି ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ । ୨୪ ଲକ୍ଷ ଟଙ୍କାରୁ ଅଧିକ ବକେୟା ଥିବା ଏକ ଋଣ ମାମଲାରେ ବନ୍ଧକ ରଖାଯାଇଥିବା ସମ୍ପତ୍ତିର ଭୌତିକ ଦଖଲ ନେଇଛି ନିଯୁକ୍ତ ଏନଫୋର୍ସମେଣ୍ଟ ଏଜେନ୍ସି । ଏହି କାର୍ଯ୍ୟାନୁଷ୍ଠାନ ପାଇଁ ଏଜେନ୍ସିକୁ ଏଲଆଇସି ପକ୍ଷରୁ ଆନୁଷ୍ଠାନିକ ପ୍ରଶଂସାପତ୍ର ମଧ୍ୟ ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ପତାପୁର, ଗାବପାଳ ଅଞ୍ଚଳର ସୁକାନ୍ତ ମହାନ୍ତଙ୍କ ନାମରେ

**୨୪ ଲକ୍ଷରୁ ଅଧିକ ଟଙ୍କା ବକେୟା**

ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍‌ର ବାଲେଶ୍ୱର ଶାଖାରେ ଏକ ଋଣ ଖାତା ରହିଥିଲା । ଉକ୍ତ ଋଣର ସୁରକ୍ଷା ପାଇଁ ବାଲେଶ୍ୱର ଜିଲ୍ଲାର ରୁପ୍‌ସା ରେଳ ଷ୍ଟେସନ ନିକଟ ଅଞ୍ଚଳରେ ଥିବା ଏକ ସମ୍ପତ୍ତିକୁ ବନ୍ଧକ ରଖାଯାଇଥିଲା । ତେବେ ଦୀର୍ଘଦିନ ଧରି ଋଣ ପରିଶୋଧ ନ ହେବାରୁ ବକେୟା ରାଶି ବଢ଼ି ଚାଲିଥିଲା । ପ୍ରଶଂସାପତ୍ରରେ ଉଲ୍ଲେଖ ଅନୁସାରେ, ଋଣ ଖାତାରେ ମୂଳ ବକେୟା ରାଶି ୧୪ ଲକ୍ଷ ୧୧ ହଜାର ୩୩୨ ଟଙ୍କା ୭୫ ପଇସା ଥିବାବେଳେ ଏହା ଉପରେ ସୁଧ ଓ ଅନ୍ୟାନ୍ୟ ଦେୟ ମଧ୍ୟ ବକେୟା ରହିଥିଲା । ସମସ୍ତ ଦେୟକୁ ମିଶାଇ ବକେୟା ରାଶି ୨୪ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବା ଜଣାପଡ଼ିଛି । ଏହି ଋଣ ଖିଲାପୀ ମାମଲାରେ ଭୁବନେଶ୍ୱରସ୍ଥ ସିଟି ଇନଭେଷ୍ଟିଗେସନ୍ ଆଣ୍ଡ ଡିଟେକ୍ଟିଭ୍ ଏନଫୋର୍ସମେଣ୍ଟ ଏଜେନ୍ସି ତଥା ବ୍ୟାଙ୍କିଂ ପ୍ରପର୍ଟି ସେଲିଂ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଥିଲା । ଏଜେନ୍ସିର ଏନଫୋର୍ସମେଣ୍ଟ କର୍ମଚାରୀ ଆଜି ଉକ୍ତ ବନ୍ଧକ ସମ୍ପତ୍ତିର ଭୌତିକ ଦଖଲ ଗ୍ରହଣ କରିଥିବା ନେଇ ପ୍ରଶଂସାପତ୍ରରେ ଦର୍ଶାଯାଇଛି ।

● ବିପଦସଙ୍କୁଳ ଗୃହରେ ଚାଲିଛି ଭୋଲାଗୋଡ଼ିଆ ଅଙ୍ଗନବାଡ଼ି କେନ୍ଦ୍ର

## ଖସୁଛି ପ୍ଲାଷ୍ଟର, ବିପଦରେ କୁନିକୁନି ପିଲାଙ୍କ ଜୀବନ

**ବାଙ୍ଗିରିପୋଷି, ୩୦ ।୧୦(ସମିସ):** ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତା ପଞ୍ଚାୟତର ଭୋଲାଗୋଡ଼ିଆ ଅଙ୍ଗନବାଡ଼ି କେନ୍ଦ୍ର ଏବେ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଛି । ୧୯୯୭ରେ ନିର୍ମିତ ଏହି କେନ୍ଦ୍ରଟି ଦୀର୍ଘଦିନ ଧରି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି । ଛାତରୁ ସିମେଣ୍ଟ କଂକ୍ରିଟ୍ ଟେଳା ଖସୁଥିବାବେଳେ ବାଧହୋଇ କୁନିକୁନି ଶିଶୁଙ୍କୁ ସେହି ବିପଦସଙ୍କୁଳ ଛାତ ତଳେ ବସାଇ ଶିକ୍ଷାଦାନ କରାଯାଉଛି । ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ଧରଣର ଦୁର୍ଘଟଣା



ଘଟିବା ଆଶଙ୍କା ଦେଖାଦେଇଛି । ଏ ସମ୍ପର୍କରେ କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ଗୁରୁବାରୀ ମାରାଣ୍ଡି କହିଛନ୍ତି, କୋଠା ମରାମତି ପାଇଁ ବାରମ୍ବାର ବିଡିଓଙ୍କୁ ଲିଖିତ ଭାବେ ଜଣାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ବାଧହୋଇ ଏଭଳି ଅବସ୍ଥାରେ ପିଲାଙ୍କୁ ପଢ଼ାଇବାକୁ ପଡୁଛି । ଏ ନେଇ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ପରମାନନ୍ଦ ଖଣ୍ଡେଇଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ । ବାଙ୍ଗିରିପୋଷି ବ୍ଲକରେ ଥିବା ୨୨୩ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୩୪ଟିର ନିଜସ୍ୱ ସରକାରୀ ଗୃହ ନାହିଁ । ଅନେକ କେନ୍ଦ୍ର ଭୋଲାଗୋଡ଼ିଆ ଭଳି ଭଙ୍ଗାରୁଜା ଅବସ୍ଥାରେ ଚାଲୁଥିବାବେଳେ ଅଭିଯୋଗ ପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ । ସମନ୍ୱିତ ଶିଶୁ ବିକାଶ ବିଭାଗ (ଆଇସିଡିଏସ)ର ନିୟମିତ ପରିଦର୍ଶନ ଓ ତଦାରଖ ଅଭାବରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି କେନ୍ଦ୍ରର ମରାମତି କିମ୍ବା ନୂତନ ଗୃହ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ବାଲିପୋଷିରେ ଦୁଇ ମନ୍ଦିରରୁ ଚୋରି

## ରୁପା ମୁକୁଟ ସହ ସୁନା ଅଳଙ୍କାର ଲୁଟ୍; ଅଞ୍ଚଳରେ ଉତ୍ତେଜନା

**କରଞ୍ଜିଆ, ୩୦।୧୦(ସମିସ):** ମନ୍ଦିରରୁ ଚୋରି କରିବାକୁ ବି ଛାଡ଼ିଲେନି ଦୁର୍ବୃତ୍ତ । ଦୁଇଟି ମନ୍ଦିରରେ କଳାକନା ବୁଲାଇଛନ୍ତି । ଠାକୁରଙ୍କ ମୂଲ୍ୟବାନ ଅଳଙ୍କାରଠାରୁ ଆରମ୍ଭ କରି ପୂଜା ସାମଗ୍ରୀ ପର୍ଯ୍ୟନ୍ତ କିଛି ବି ଛାଡ଼ିନାହାନ୍ତି ଦୁର୍ବୃତ୍ତ । ଏଭଳି ଏକ ଚୋରି ଘଟଣା



ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ସାନଦେଉଳି ପଞ୍ଚାୟତ ଅନ୍ତର୍ଗତ ବାଲିପୋଷି ଗ୍ରାମରେ ଘଟିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସହ ଅସନ୍ତୋଷ ପ୍ରକାଶ ପାଇଛି ।

ବାଲିପୋଷି ଗ୍ରାମରେ ଥିବା ଶ୍ରୀସର୍ବେଶ୍ୱର ଶିବ ମନ୍ଦିର ଓ ନିକଟରେ ଥିବା ମା' ସନ୍ତୋଷୀ ମନ୍ଦିରକୁ ଚୋରମାନେ ଟାର୍ଗେଟ୍ କରିଥିଲେ । ଶିବ ମନ୍ଦିରରୁ ରୂପା ନାଗ, ପୂଜା ବସାନକୁସନ ଓ ଧୂପଦାନୀ ଭଳି ମୂଲ୍ୟବାନ ପୂଜା ସାମଗ୍ରୀ ଚୋରି କରି ନେଇଥିବାବେଳେ ପାଖରେ ଥିବା ମା' ସନ୍ତୋଷୀ ମନ୍ଦିରରୁ ରୂପା ମୁକୁଟ ସହ ବିଭିନ୍ନ ସୁନା ଅଳଙ୍କାର ଲୁଟ୍ କରି ଫେରାର ହୋଇଯାଇଛନ୍ତି । ଦୁର୍ବୃତ୍ତମାନେ କେଉଁ ସମୟରେ ଏହି ଚୋରି ଘଟଣା ଘଟାଇଲେ, ତାହା ଜଣାପଡ଼ି ନ ଥିବାବେଳେ ସକାଳେ ମନ୍ଦିର ଖୋଲିବା ପରେ ଘଟଣାଟି ସାମ୍ନାକୁ ଆସିଥିଲା । ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ଓ ପୂଜା ସାମଗ୍ରୀ ଗାଏବ ହୋଇଥିବା ଦେଖି ସ୍ଥାନୀୟ ଲୋକେ ହତବାକ୍ ହୋଇପଡ଼ିଥିଲେ । ଗ୍ରାମରେ ଲୋକଙ୍କ ଭିଡ଼ ଜମିବା ସହ ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ଦେଖାଦେଇଥିଲା । ଖବର ପାଇ କରଞ୍ଜିଆ ପୁଲିସ ପହଞ୍ଚି ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ତଦନ୍ତ ଆରମ୍ଭ କରିଛି । ଏହି ଚୋରି ପଛରେ କାହାର ହାତ ରହିଛି, ଦୁର୍ବୃତ୍ତମାନେ କେଉଁ ଦିଗରୁ ଆସିଥିଲେ, ଲୁଟ୍ ହୋଇଥିବା ରୂପା ଓ ସୁନା ଅଳଙ୍କାର କେଉଁଠି ରହିଛି, ସେନେଇ ପୁଲିସ ଛାନଭିନ୍ ଜାରି ରଖିଛି । ଗ୍ରାମବାସୀଙ୍କ ଧାର୍ମିକ ଭାବନା ସହ ଜଡ଼ିତ ଦୁଇଟି ମନ୍ଦିରରୁ ଏଭଳି ଯୋଜନାବଦ୍ଧ ଚୋରି ଘଟଣା ଅଞ୍ଚଳବାସୀଙ୍କୁ ଗଭୀର ଆଘାତ ଦେଇଛି । ଏହି ଘଟଣାରେ ସମ୍ପୃକ୍ତ ଚୋରଙ୍କୁ ଶୀଘ୍ର ଚିହ୍ନଟ କରି ଲୁଟ୍ ସାମଗ୍ରୀ ଉଦ୍ଧାର କରିବା ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

● ନିର୍ବାଚନମଣ୍ଡଳୀସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ

## 'ଗଣତନ୍ତ୍ର ସୁରକ୍ଷା ପାଇଁ ବୁଦ୍ଧିଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବିଶୋଇ, ୩୦ ।୧୦(ସମିସ):** ସାରସକଣା ନିର୍ବାଚନମଣ୍ଡଳୀ ସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ସ୍ଥାନୀୟ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ସାରସକଣା ନିର୍ବାଚନମଣ୍ଡଳୀ ଅଧୀନ ବିଶୋଇ, ବିଜାତଳା ଓ ସାରସକଣା ବ୍ଲକର ଶତାଧିକ ବୁଦ୍ଧିଜୀବୀ, ବରିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଅଭିଯାନ ନେଇ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ଭାରତର ଗଣତନ୍ତ୍ରକୁ ଅସ୍ଥିରତା ସୃଷ୍ଟି କରୁଥିବା ବୈଦେଶିକ ଶକ୍ତିକୁ ସରକାର ଉଚିତ ଜବାବ ଦେବେ । ସରକାରଙ୍କ ଭୋଟର ତାଲିକା ସଂଶୋଧନ ଓ ଏସ୍‌ଆଇଆର୍ ହେଉ କିମ୍ବା ଅନ୍ୟ ଗଣତନ୍ତ୍ରର ସୁରକ୍ଷା ପାଇଁ ନେଉଥିବା ବିଭିନ୍ନ ଆଭିମୁଖ୍ୟରେ ବୁଦ୍ଧିଜୀବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ । ସେହିପରି ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ଉପସ୍ଥିତ ରହି ଦେଶର ଗଣତନ୍ତ୍ରକୁ ବଞ୍ଚାଇ ବିକଶିତ ଭାରତ ଗଠନରେ ବୁଦ୍ଧିଜୀବୀଙ୍କ ପରାମର୍ଶ ଆବଶ୍ୟକ ରହିଛି ବୋଲି କହିଥିଲେ । ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଗରିବ ସିଂ ମହାନ୍ତ, ସାରସକଣା ବ୍ଲକର ଅବସରପ୍ରାପ୍ତ ବିଇଓ ଜୟହରି ଘୋଷ, ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ର ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ । ତେଣୁ ଗଣତନ୍ତ୍ରକୁ ବଞ୍ଚାଇ ଦେଶରୁ ଅରାଜକତା, ଦୁର୍ନୀତି ହଟାଇବା ପାଇଁ ବୁଦ୍ଧିଜୀବୀଙ୍କୁ ଆଗକୁ ଆସିବାକୁ ପଡ଼ିବ ବୋଲି




ଆହ୍ୱାନ କରିଥିଲେ । ବିଶୋଇ ବ୍ଲକରେ ବରିଷ୍ଠ ନାଗରିକ ପାଇଁ ଉଦ୍ଦିଷ୍ଟ କମ୍ୟୁନିଟି ସେଣ୍ଟର ଗୃହ ନିର୍ମାଣ ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ ବନମାଳୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ବିଜେପି ଯୁବମୋର୍ଚ୍ଚା ସଭାପତି ଆନନ୍ଦ ରାମ ସଭା ପରିଚାଳନା କରିଥିବାବେଳେ ମଣ୍ଡଳ ସଭାପତି ବନମାଳୀ ଗିରି, ମଣ୍ଡଳ ସଭାପତି ପ୍ରଭାତ ରଞ୍ଜନ ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ସ୍ଥଗିତ

**ବାରିପଦା, ୩୦ ।୧୦(ସମିସ):** ରାଷ୍ଟ୍ରପତିଙ୍କ ଆଗାମୀ ନଭେମ୍ବର ୪ ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶିଳାନ୍ୟାସ ଉତ୍ସବକୁ ସ୍ଥଗିତ ରଖାଯାଇଛି । ଏ ନେଇ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସଚିବ ମୃତ୍ୟୁଞ୍ଜୟ ଶର୍ମା ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମନୋଜ କୁମାର ସାହୁଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ବୁଧବାର ନଭେମ୍ବର ୪ ତାରିଖ ଅପରାହ୍ନ ୩ଟା ୩୦ରୁ ୪ଟା ୩୦ ମଧ୍ୟରେ ରାଇରଙ୍ଗପୁର କଚେରୀ ପଡ଼ିଆରୁ ଭର୍ଚୁଆଲ ମାଧ୍ୟମରେ ରାଷ୍ଟ୍ରପତି ଦୁଇଟି ପ୍ରମୁଖ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର ଥିଲା । ଏଥିରେ ଖିଚିଂସ୍ଥ ପ୍ରସିଦ୍ଧ ମା' କିଚକେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ଓ ଉନ୍ନତୀକରଣ କାର୍ଯ୍ୟ ସହିତ ମୟୂରଭଞ୍ଜ ଜିଲ୍ଲାର ୩୭ଟି ସ୍ଥାନରେ ସାନ୍ତାଳ ସମ୍ପ୍ରଦାୟର ପବିତ୍ର ଉପାସନା ପୀଠ 'ଜାହିରା'ର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା । ତେବେ ଅପରିହାର୍ଯ୍ୟ କାରଣରୁ ରାଷ୍ଟ୍ରପତିଙ୍କ ଏହି ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଥିବା ସରକାରୀ ଭାବେ ସୂଚନା ଦିଆଯାଇଛି ।

## ଆର୍ମି ୱେଲଫେୟାର ପ୍ଲେସମେଣ୍ଟ ପକ୍ଷରୁ ନିଯୁକ୍ତି ମେଳା

**ରାଇରଙ୍ଗପୁର, ୩୦ ।୧୦(ସମିସ):** ସୈନିକ ମଙ୍ଗଳ ସଂଗଠନ (ଆର୍ମି ୱେଲଫେୟାର ପ୍ଲେସମେଣ୍ଟ ଅର୍ଗାନାଇଜେସନ) ପକ୍ଷରୁ ଶୁକ୍ରବାର ସ୍ଥାନୀୟ ମହତାବ ଭବନ ପରିସରରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୋଲକାତା ଆର୍ମି ୱେଲଫେୟାର ପ୍ଲେସମେଣ୍ଟ ଅର୍ଗାନାଇଜେସନର ଡାଇରେକ୍ଟର କଲୋନେଲ ଗୌତମ କୁମାର ଯୋଗଦେଇ



କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସୈନିକ ପରିବାରର ସଦସ୍ୟଙ୍କ କଲ୍ୟାଣ, ଆତ୍ମନିର୍ଭରଶୀଳତା, ସାମାଜିକ ସୁରକ୍ଷା ଓ ଥଇଥାନ ନିମନ୍ତେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଓ ଆଖପାଖ ଦୁର୍ଗମ ଅଞ୍ଚଳରେ ରହୁଥିବା ପୂର୍ବତନ ସୈନିକ ଓ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ଏହା ଏକ ଉତ୍ତମ ସୁଯୋଗ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏହି ମେଳାରେ ବ୍ୟାଙ୍କିଂ, ବୀମା, ଔଷଧ ନିର୍ମାତା, ଫାଇନାନ୍ସ ଓ ଶିଳ୍ପ କ୍ଷେତ୍ରର ପ୍ରାୟ ୧୩ଟି ବୃହତ କର୍ପୋରେଟ୍ ସଂସ୍ଥା ସାମିଲ ହୋଇଥିଲେ । ୧୧୩ ଜଣ ଅବସରପ୍ରାପ୍ତ ଯବାନ ଓ ସୈନିକ ପରିବାରର ଯୁବକ/ଯୁବତୀ ନିଯୁକ୍ତି ପାଇଁ ପଞ୍ଜୀକରଣ କରିଥିଲେ । ଆଗାମୀ ୨ରୁ ୩ ସପ୍ତାହ ମଧ୍ୟରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ସମ୍ପର୍କିତ ସୂଚନା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । କାର୍ଯ୍ୟକ୍ରମକୁ ରାଇରଙ୍ଗପୁର ଅବସରପ୍ରାପ୍ତ ସୈନିକ ସଂଘ ସଭାପତି କ୍ୟାପଟେନ୍ ଗୁରୁଚରଣ ହେମ୍ବ୍ରମ, ଅବସରପ୍ରାପ୍ତ ମେଜର ଦେବେନ୍ଦ୍ର ଦାସ ଓ ସହଯୋଗୀ ପରିଚାଳନା କରିଥିଲେ । ସୁବେଦାର ସୁଶୀଲ କୁମାର ସ୍ୱାଇଁ ମଞ୍ଚ ସଂଯୋଜନା କରିଥିଲେ । ସୈନିକ ପରିବାରର କଲ୍ୟାଣ ନିମନ୍ତେ କ୍ୟାପଟେନ୍ ହେମ୍ବ୍ରମଙ୍କ ନିରନ୍ତର ପ୍ରୟାସକୁ ଉପସ୍ଥିତ ସଦସ୍ୟ ପ୍ରଶଂସା କରିଥିଲେ ।

## ଶୁଳିଆପଦାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଶୁଳିଆପଦା, ୩୦ ।୧୦(ସମିସ):** ଶୁଳିଆପଦା ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ଲକ୍ଷ୍ମୀସାଗର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବ୍ଲକ ପ୍ରଶାସନର ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୨୧୮ ଜଣ ନାମ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ୬୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର, ୪୮ ଜଣଙ୍କୁ ଭିନ୍ନକ୍ଷମ ଉପକରଣ ଦେବା ନିମନ୍ତେ ବିଭିନ୍ନ ପ୍ରକାର ଉପକରଣ ପାଇଁ ଚୟନ କରାଯାଇଥିଲା । ଏହି ଶିବିରରେ ଆଖି ବିଶେଷଜ୍ଞ ଡା. ସୌଭାଗ୍ୟ




ରଞ୍ଜନ ପଣ୍ଡା, ମୁଖ୍ୟ ଚିକିତ୍ସାଳୟ ବାରିପଦାର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମୋହନ ଚରଣ ମୁର୍ମୁ, ମେଡିସିନ ସ୍ପେସିଆଲିଷ୍ଟ ଡଃ ବସନ୍ତ କୁମାର ପଢ଼ିଆରୀ, କର୍ଣ୍ଣ, ନାଶା, ଗଳା ବିଶେଷଜ୍ଞ ଡା. ସନ୍ତୋଷ କୁମାର ବାରିକ ଓ ଫିଜିଓଥୋରାପିଷ୍ଟ ଦେବବ୍ରତ ଆଚାର୍ଯ୍ୟ ଓ ଡଃ ରାମେଶ୍ୱର ପୋଥାଳ ପ୍ରମୁଖ ଯୋଗଦେଇ ପଞ୍ଜିକୃତ ବିଭିନ୍ନ ବିଭାଗର ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ । ଏହି ଶିବିରରେ ତହସିଲଦାର ନାରାୟଣ ହେମ୍ବ୍ରମ, ଯୋଗାଣ ବିଭାଗ ଅଧିକାରୀ ଅନମଲ ସାହୁ, ଭାରପ୍ରାପ୍ତ ବିଏସଏସଓ ଅମିତ କୁମାର ବସା ଓ ଆସିଷ୍ଟାଣ୍ଟ ବିଏସଏସଓ କମଲଲୋଚନ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବିରେ ଜନଆନ୍ଦୋଳନ

**ବେତନଟୀ, ୩୦ ।୧୦(ସମିସ)**

ମୁଣ୍ଡାରୀ ଭାଷାର ଅଧିକାର, ଅସ୍ମିତା ଓ ସମ୍ମାନର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ମୁଣ୍ଡାରୀ ଭାଷା ଉଲଗୁଲାନ୍ ଏବେ ଏକ ବ୍ୟାପକ ଜନଆନ୍ଦୋଳନର ରୂପ ନେଇଛି । ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଆହ୍ୱାନରେ ଶୁକ୍ରବାର ବେତନଟୀ ବ୍ଲକରେ ଆୟୋଜିତ ବିଶାଳ ଜନସମାବେଶ ଏହି ଆନ୍ଦୋଳନକୁ ନୂତନ ଦିଗ ଓ ଶକ୍ତି ପ୍ରଦାନ କରିଛି । ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ସହ ଓଡ଼ିଶାର ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ପ୍ରଦାନ ଦାବିରେ ହଜାର ହଜାର ମୁଣ୍ଡାରୀ ଭାଷାଭାଷୀ ଲୋକ ଲୋକ ଦେଇଥିଲେ ।




ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ହେଉଛି ମୁଣ୍ଡାରୀ ଭାଷାଭାଷୀ ସମାଜର ଭାଷାଗତ ଅଧିକାର, ସାଂସ୍କୃତିକ ପରିଚୟ ଓ ଆଗାମୀ ପିଢ଼ିର ସ୍ୱାଭିମାନର ସୁରକ୍ଷା ପାଇଁ ଗଠିତ ଏକ ସାମୂହିକ ମଞ୍ଚ । ମୁଣ୍ଡା ସମାଜର ୧୭ଟି ସାମାଜିକ ସଂଗଠନର ସହଯୋଗ ଓ ସମନ୍ୱୟରେ ଗଠିତ ଏହି କମିଟି ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ଗାଁରୁ ବ୍ଲକ, ବ୍ଲକରୁ ଜିଲ୍ଲା ଓ ଜିଲ୍ଲାରୁ ରାଜ୍ୟ ଓ ଜାତୀୟ ସ୍ତରକୁ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ କରୁଛି । ବ୍ଲକସ୍ତରୀୟ ଜନସମାବେଶ, ଶୋଭାଯାତ୍ରା, ସରକାରୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ ଓ ଗାଁ ଗାଁରେ ଜନସଚେତନତା ସୃଷ୍ଟି ମାଧ୍ୟମରେ କମିଟି ଏହି ଦାବିକୁ ଏକ ସୁସଂଗଠିତ ଜନଆନ୍ଦୋଳନରେ ପରିଣତ କରୁଛି । ଆନ୍ଦୋଳନର ଦୁଇଟି ପ୍ରମୁଖ ଦାବି ହେଉଛି ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଓ ଓଡ଼ିଶାର ଦ୍ୱିତୀୟ ରାଜଭାଷା ଭାବେ ସ୍ୱୀକୃତି ପ୍ରଦାନ କରିବା । ଏହି ଦାବିକୁ ନେଇ ବେତନଟୀ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମୁଣ୍ଡାରୀ ଭାଷା ଭାରତର ପ୍ରାଚୀନ ଆଦିବାସୀ ଭାଷା ମଧ୍ୟରୁ ଅନ୍ୟତମ । ଏହା କେବଳ ଭାବର ଆଦାନପ୍ରଦାନର ମାଧ୍ୟମ ନୁହେଁ; ବରଂ ମୁଣ୍ଡା ସମାଜର ଇତିହାସ, ପାରମ୍ପରିକ ଜ୍ଞାନ, ଲୋକସଂସ୍କୃତି, ପ୍ରକୃତି ସହିତ ଥିବା ଅନ୍ତରଙ୍ଗ ସମ୍ପର୍କ ଓ ପିଢ଼ି ପରେ ପିଢ଼ି ସଞ୍ଚିତ ସାମୂହିକ ସ୍ମୃତିର ଜୀବନ୍ତ ବାହକ । ତେଣୁ ଏହି ଭାଷାର ସୁରକ୍ଷା, ସଂରକ୍ଷଣ ଓ ସାମ୍ବିଧାନିକ ସ୍ୱୀକୃତି କେବଳ ଏକ ଭାଷାର ଦାବି ନୁହେଁ, ଏହା ଏକ ସମାଜର ଆ ।ପରିଚୟ ଓ ସ୍ୱାଭିମାନର ପ୍ରଶ୍ନ । ସେହିପରି ସମ୍ବିଧାନ ସଭାରେ ଆଦିବାସୀ ସମାଜର ଅଧିକାର ପାଇଁ ଦୃଢ଼ ସ୍ୱର ଉତ୍ତୋଳନ କରିଥିବା ମାରାଙ୍ଗ ଗୋମକେ ଜୟପାଲ ସିଂହ ମୁଣ୍ଡାଙ୍କ ଅବଦାନ ମଧ୍ୟ ଏହି ସମାଜର ଗୌରବମୟ ଇତିହାସର ଅବିଚ୍ଛେଦ୍ୟ ଅଂଶ । ଜନଗଣନା ୨୦୧୧ ତଥ୍ୟରେ ମୁଣ୍ଡାରୀ ଓ ମୁଣ୍ଡା ମାତୃଭାଷା ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପିତ ହୋଇଛି । ପ୍ରାଚୀନ ଇତିହାସ, ସମୃଦ୍ଧ ସଂସ୍କୃତି ଓ ବ୍ୟାପକ ଭାଷାଭାଷୀ ସମାଜ ଥିବା ସତ୍ତ୍ୱେ ମୁଣ୍ଡାରୀ ଭାଷା ଏଯାବତ୍ ଅଷ୍ଟମ ଅନୁସୂଚୀରେ ସ୍ଥାନ ପାଇନାହିଁ । ଏହି ଅବହେଳାକୁ ନେଇ ଭାଷାଭାଷୀ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ସ୍ୱୀକୃତି ଦାବିରେ ଆନ୍ଦୋଳନ ଦିନକୁ ଦିନ ଅଧିକ ସଂଗଠିତ ହେଉଛି ।

ସ୍ଥାନୀୟ ଧର୍ମଶାଳାଠାରୁ ବେତନଟୀ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ବେତନଟୀ ବ୍ଲକର ୧୫ଟି ପଞ୍ଚାୟତରୁ ଆସିଥିବା ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ । ପ୍ରବଳ ବର୍ଷା ସତ୍ତ୍ୱେ ଆନ୍ଦୋଳନକାରୀଙ୍କ ମନୋବଳ ଓ ଉତ୍ସାହରେ କୌଣସି ହ୍ରାସ ଦେଖିବାକୁ ମିଳି ନ ଥିଲା । ପାରମ୍ପରିକ ବେଶଭୂଷାରେ ସଜ୍ଜିତ ପୁରୁଷ ଓ ମହିଳାମାନେ ଶୃଙ୍ଖଳିତ ଭାବେ ଦୁଇ ଧାଡ଼ିରେ ପଦଯାତ୍ରା କରିଥିଲେ । ମୁଣ୍ଡାରୀ ସମାଜର ପାରମ୍ପରିକ ବାଦ୍ୟଯନ୍ତ୍ର, ନୃତ୍ୟ ଓ ସାଂସ୍କୃତିକ ପରିବେଷଣ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା । ଏହି ଜନଆନ୍ଦୋଳନରେ ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧୁଆ ସିଂ, ମୁଣ୍ଡାରୀ ଭାଷା ପରୀକ୍ଷା ନିୟନ୍ତ୍ରକ ଭଗବାନ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ବାଉଁଶବିଲା ପଞ୍ଚାୟତ ଆବାହକ ସୁନାରାମ ସିଂ, ଗୁଣ୍ଡିହୁଡ଼ି ପଞ୍ଚାୟତ ଆବାହକ ଉମେଶ ଚନ୍ଦ୍ର ସିଂ, ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, ବଡ଼ସାହି ବ୍ଲକର ୨୨ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଦଶରଥ ସିଂ, ଶ୍ୟାମାଖୁଣ୍ଟା ବ୍ଲକର ୪୯ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ଆଗ୍ରିଆ ପଞ୍ଚାୟତର ସରପଞ୍ଚ ମିନତି ସିଂ, ସଠିଲୋ ପଞ୍ଚାୟତର ସରପଞ୍ଚ ଦେବିମଣି ସିଂ, ନାଏବ ସରପଞ୍ଚ ସବ୍ୟସାଚୀ ସିଂ, ବେତନଟୀ ପଞ୍ଚାୟତର ସମିତି ସଭ୍ୟ ରଣଜିତ ସିଂ ପ୍ରମୁଖ ଯୋଗ ଦେଇଥିଲେ । ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବେତନଟୀ ବ୍ଲକ ଆବାହକ ତପନ ସିଂ, ବ୍ଲକ ସମ୍ପାଦକ ମହାଦେବ ସିଂ, ରୁହ୍ୟା ସିଂ, ପଦ୍ମାବତୀ ସିଂ, ବୈଷ୍ଣବ ଚରଣ ସିଂ, ତୁଫାନ ସିଂ, ଦଲୁ ସିଂ, ପୂଜକ ସନାତନ ସିଂଙ୍କ ସମେତ ବିଭିନ୍ନ ମୁଣ୍ଡାରୀ ଭାଷା ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ କମିଟିର ସହଯୋଗୀ ସଂଗଠନ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କିଚକେଶ୍ୱରୀ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**ଖିଚିଂ, ୩୦।୧୦(ସମିସ):** ଶୁକ୍ଳି ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ କୁମ୍ଭୀଦାର କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ୧୯୮୦ ବ୍ୟାଚ ଛାତ୍ରଛାତ୍ରୀଙ୍କ ଖିଚିଂସ୍ଥ ପ୍ରସିଦ୍ଧ ଐତିହ୍ୟ ସ୍ଥଳୀ ବିରାଟ ଗଡ଼ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ ବେହେରା ଓ ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଶିକ୍ଷକ କାଶୀନାଥ ମହାନ୍ତ, କଳା ଶିକ୍ଷକ ପଦ୍ମଲୋଚନ ବାରିକ, ଲାଲମୋହନ ମହାନ୍ତ, ଧନୁର୍ଜୟ ଦେଓ, ସଂସ୍କୃତ ଶିକ୍ଷକ ବସନ୍ତ ବୈଦ୍ୟ ଓ ଅଣଶିକ୍ଷା କର୍ମଚାରୀ ମିତ୍ରଭାନୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏ ଅବସରରେ ଦିବଂଗତ ପୂର୍ବତନ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଅତିଥିମାନେ ପୁରାତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜ ନିଜର ବକ୍ତବ୍ୟ ରଖିଥିବାବେଳେ ଛାତ୍ରଛାତ୍ରୀ ବିଗତ ଦିନର ରୋମନ୍ଥନ କରିଥିଲେ ।

# ଜବରଦଖଲରେ ଥିବା ୪୨ ଦୋକାନ ଉଚ୍ଛେଦ

ବସ୍ତା ବ୍ଲକ ୩୦।୧୦(ସମିସ):



ଦୀର୍ଘ ବର୍ଷର ଆଇନଗତ ଲଢ଼େଇ ପରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସିଂଲା ହାଟ ପଡ଼ିଆରୁ ଜବରଦଖଲକାରୀଙ୍କ ଦୋକାନ ଘର ଉପରେ ଚାଲିଛି ପ୍ରଶାସନର ବୁଲଡୋଜର। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସିଂଲା ହାଟ ପଡ଼ିଆ ଓ ସଂଲଗ୍ନ ସରକାରୀ ଜମିରେ ନିର୍ମିତ ୪୨ଟି ଦୋକାନ ଘରକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସିଂଲା ହାଟ ପଡ଼ିଆ ଓ ଏହାର ସଂଲଗ୍ନ ସରକାରୀ ଜମିକୁ ଦୀର୍ଘ ବର୍ଷ ଧରି କେତେକ ବ୍ୟବସାୟୀ ଜବରଦଖଲ କରି ରଖିଥିଲେ। ଏପରିକି ସରକାରୀ ଜମିରେ ବେଆଇନ ଭାବେ ଦୋକାନ ଘର ନିର୍ମାଣ କରି ବ୍ୟବସାୟ ଚଳାଇ ଆସୁଥିଲେ। ଏ ନେଇ ବସ୍ତା ତହସିଲ ପକ୍ଷରୁ ୪୨ ଟି ପୃଥକ୍ ମାମଲା ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ ଏହି ବେଆଇନ ନିର୍ମାଣକୁ ନେଇ ସିଂଲା ଅଞ୍ଚଳର କେତେକ ଜନସାଧାରଣ ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଆଇନଗତ ଲଢ଼େଇ ଜାରି ରଖିଥିଲେ। ସମସ୍ତ ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ ସରକାରୀ ଜମିରେ ହୋଇଥିବା ବେଆଇନ ଦୋକାନ ଗୃହ ଉଚ୍ଛେଦ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଓ ଜିଲ୍ଲାପାଳଙ୍କ ଆଦେଶକ୍ରମେ ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ବାରମ୍ବାର ନୋଟିସ୍ ଜାରି କରିଥିଲେ। ଏଥିସହ ଗତ ୨୭ ତାରିଖରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଘୋଷଣା କରାଯାଇଥିଲା। ବସ୍ତା ତହସିଲଦାର ନେତୃତ୍ୱରେ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଉପସ୍ଥିତ ରହିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମସ୍ତ ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା।

**ଜଳେଶ୍ୱର-ରାଜଘାଟ ଓଟି ରୋଡ୍ ନିର୍ମାଣ ପ୍ରସଙ୍ଗ**

# ଉଚ୍ଛେଦ ହେବ ୪୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀଙ୍କ ଘର

ଜଳେଶ୍ୱର ବ୍ଲକ,୩୦।୧୦(ସମିସ): ଜଳେଶ୍ୱର-ରାଜଘାଟ ଓଟି ରୋଡ୍ ନିର୍ମାଣ ପାଇଁ ପୂର୍ତ୍ତ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ କରାଯାଉଥିବା ଜମି ଚିହ୍ନଟ ପ୍ରକ୍ରିୟା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାପରେ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲରେ ଥିବା ପୂର୍ତ୍ତ ବିଭାଗର ଜମିରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି। ଏହି ଘୋଷଣା ଏବେ ଜଳେଶ୍ୱର ଶହଶହ ବ୍ୟବସାୟୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଉପରେ ଜଳେଶ୍ୱର ସହରର ଶହଶହ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ସେହିପରି ସରକାରୀ ଅନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ, ଯାତ୍ରୀ ବିଶ୍ରାମାଗର ଓ ବହୁ ସଂଖ୍ୟାରେ ବ୍ୟକ୍ତିଗତ ଘର ଇତ୍ୟାଦି ରହିଛି। ୪ କିମି ସ୍ଥାନରେ ରାସ୍ତାରେ ପ୍ରସ୍ଥ ପାଖାପାଖି ୨୦ ମିଟର ହେବାକୁ ଥିବାରୁ ସାଧାରଣତଃ ମାଛ ମାର୍କେଟଠାରୁ ରାଜପୁର ହିରୋ ସୋରୁମ ଯାଏଁ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲକୁ ଉଚ୍ଛେଦର ଆବଶ୍ୟକତା ରହିଛି। ଏହି ଜବରଦଖଲ ଅବକାରୀ ଥାନା, ବିଇଓ ଅଫିସ, ଝାଡ଼େଶ୍ୱରପୁର ସ୍କୁଲ ପାଇଁ ଚିନ୍ତା ଓ ବାସନ୍ତୀ ଓ କାଳୀ ମନ୍ଦିର ବି ହୋଇପାରେ ଉଚ୍ଛେଦ ଏହି ଉଚ୍ଛେଦ କାର୍ଯ୍ୟକାରୀ ହେଲେ ସହରର ଚିତ୍ର ସମ୍ପୂର୍ଣ୍ଣ ବଦଳିଯିବ। ସାଧାରଣତଃ ମାଛ ମାର୍କେଟଠାରୁ ହିରୋ ସୋରୁମ ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପୂର୍ତ୍ତ ଜମି ଉପରେ ସାଢ଼େ ୩ ଶହରୁ ଉର୍ଦ୍ଧ୍ୱ ଛୋଟବଡ଼ ବ୍ୟବସାୟ ପ୍ରତିଷ୍ଠାନ, ବହୁ ସଂଖ୍ୟାରେ ସ୍ଥାୟୀ ବାସଘର ରହିଥିବାରୁ ଏମାନଙ୍କୁ ଏବେ ଘାରିଛି ଉଚ୍ଛେଦ ଭୟ। ସବୁଠାରୁ ଅଧିକ ଚିନ୍ତାରେ ରହିଛନ୍ତି ଛୋଟ ଛୋଟ ବ୍ୟବସାୟୀ। ବ୍ୟବସାୟ ପ୍ରତିଷ୍ଠାନ ବ୍ୟତୀତ ଷ୍ଟେସନ ବଜାରର ଲୋକଙ୍କ ଭକ୍ତି ଓ ବିଶ୍ୱାସର ପ୍ରତୀକ କୁହାଯାଉଥିବା ଦୁଇଟି ମନ୍ଦିର ବାସନ୍ତୀ ମନ୍ଦିର ଓ କାଳୀ ମନ୍ଦିର, ସରକାରୀ ଅଫିସ ଯଥା ଅବକାରୀ ଥାନା, ଜଳେଶ୍ୱର ବିଇଓ ଅଫିସ, ୨ ନମ୍ବର ୱାର୍ଡରେ ମ୍ୟୁନିସିପାଲିଟି ଦ୍ୱାରା ପରିଚାଳିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ, ଷ୍ଟେସନ ବଜାର ବସ୍ ଷ୍ଟାଣ୍ଡ ବିଶ୍ରାମ ଘର, ଝାଡ଼େଶ୍ୱରପୁର ଓପନ ଏୟାର ଜିମ୍ ଓ ଝାଡେଶ୍ୱରପୁର ଉନ୍ନୀତ ଉପ୍ରା ବିଦ୍ୟାଳୟ ଆଦି ମଧ୍ୟ ଏହି ରାସ୍ତାର ୨୦ ମିଟର ପ୍ରସ୍ଥର ପରିଧି ଭିତରେ ଆସୁଥିବାରୁ ଏସବୁ ଉଚ୍ଛେଦ ଚିନ୍ତା ସହରରେ ଚହଳ ପକାଇଛି।



# ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋକ୍ସୋ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୩୦।୧୦(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଜି ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ "ସୁରକ୍ଷିତ ବଚପନ ଅଭିଯାନ' ଅନ୍ତର୍ଗତ ପୋକ୍ସୋ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ମମତା ରାଣୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ସଂସ୍ଥାର ପ୍ୟାନେଲ ଆଇନଜୀବୀ ଗଣେଶ୍ୱର ରାଉତ ମୁଖ୍ୟ ବକ୍ତା ତଥା ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ। ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୋକ୍ସୋ ଆଇନ କ'ଣ, ଗୁଡ୍ ଟଚ୍-ବ୍ୟାଡ୍ ଟଚ୍, ଅଭିଯୋଗ କାହାକୁ ଓ କେମିତି କରିବେ, ଅଭିଯୋଗର ଗୋପନୀୟତା, ବିଦ୍ୟାଳୟ ଆଭ୍ୟନ୍ତରୀଣ କମିଟି, ନିକଟସ୍ଥ ଥାନା, ଚାଇଲ୍ଡ ଲାଇନ ୧୦୯୮ / ୧୧୨, ଶିଶୁ ମଙ୍ଗଳ କମିଟି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସମ୍ପର୍କରେ ବୁଝାଇଥିଲେ। ଆଇନଜୀବୀ ବିରେଶ କୁମାର ଜେନା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଆଇନ ସେବା ସଂସ୍ଥାର ସଚିବ ବିଚାରପତି ସୁମନ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ସ୍ମିତା ମହାନ୍ତି, ମନ୍ଦାକିନୀ ରଥ ପ୍ରମୁଖ ପିଲାମାନଙ୍କୁ ପାଣି ଓ ବିସ୍କୁଟ ବଣ୍ଟନ କରିଥିଲେ।

# ଦେଭୋଗ ଶ୍ରୀହରି ଚରଣ ହାଇସ୍କୁଲରେ ଶିଶୁ ମହୋତ୍ସବ 'ସୁରଭି'



କାଳିପଦା,୩୦।୧୦(ସମିସ): ବାଲିଆପାଳ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ସାଢ଼େ ଦଶଟା ସମୟରେ ଦେଭୋଗ ଶ୍ରୀହରି ଚରଣ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଅଧୀନରେ ଥିବା ୧୭ଟି କ୍ଲଷ୍ଟରରୁ ମୋଟ ୪୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ସମ୍ମାନିତ ଅତିଥି ଭାବରେ ଦେଭୋଗ ସରପଞ୍ଚ ସବିତା ନାୟକ, ସମିତି ସଦସ୍ୟ କଲ୍ୟାଣୀ ନାୟକ, ଶ୍ରୀହରି ଚରଣ ହାଇସ୍କୁଲର ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୃତ୍ୟୁଞ୍ଜୟ ନାୟକ, ଏସ୍ଏମ୍‌ସି ସଭାପତି ଡମ୍ବରୁଧର ମାଣିକ, ବିଆର୍‌ସିସି ବଂଶୀଧର ନାୟକ ସିଆର୍‌ସିସି ପାର୍ଥସାରଥୀ ବେହେରା, ପ୍ରଧାନଶିକ୍ଷୟିତ୍ରୀ ଶ୍ୱେତାସ୍ନିଗ୍ଧା ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

**● ଜିଲ୍ଲାପାଳଙ୍କୁ ଏଓବିଇଓ-ଜେସିସିର ସ୍ମାରକପତ୍ର**

# ଦରମା ବୃଦ୍ଧି, ପଦୋନ୍ନତି, ସ୍ୱାସ୍ଥ୍ୟ ଓ ଆଇନଗତ ସୁରକ୍ଷା ଦାବି



ବାଲେଶ୍ୱର,୩୦।୧୦(ସମିସ) : ଦରମାରେ ଅସଙ୍ଗତି, ପଦୋନ୍ନତିରେ ଅବହେଳା, ଅତ୍ୟଧିକ କାର୍ଯ୍ୟଭାର ଏବଂ କ୍ଷେତ୍ର ପରିଦର୍ଶନଜନିତ ଆର୍ଥିକ ଓ ପ୍ରଶାସନିକ ସମସ୍ୟାକୁ ନେଇ ଅସନ୍ତୋଷ ତେଜିଛି ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କ ମଧ୍ୟରେ। ଦୀର୍ଘଦିନ ଧରି ଏହି ସମସ୍ୟାର ସମାଧାନ ହୋଇନଥିବାରୁ ନିଖିଳ ଓଡ଼ିଶା ବ୍ଲକ ସମ୍ପ୍ରସାରଣ ଅଧିକାରୀ ମିଳିତ ସମନ୍ୱୟ ପରିଷଦ (ଏଓବିଇଓ-ଜେସିସି)ର ଆହ୍ୱାନକ୍ରମେ ଶୁକ୍ରବାର ବାଲେଶ୍ୱର ଜିଲ୍ଲା ମିଳିତ ସମନ୍ୱୟ ପରିଷଦ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ପାଞ୍ଚଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚାରିଟି କ୍ୟାଡରର ଅଧିକାରୀମାନେ ସରକାରୀ ଯୋଜନାର ତୃଣମୂଳସ୍ତରୀୟ କାର୍ଯ୍ୟାନ୍ୱୟନ ଓ ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କିତ ଦାୟିତ୍ୱ ତୁଲାଉଥିବା ବେଳେ ସେମାନଙ୍କ ମୌଳିକ ସୁବିଧା ଓ ସେବା ସର୍ତ୍ତରେ ରହିଥିବା ଅସଙ୍ଗତି ଦୂର କରିବାକୁ ପରିଷଦ ଦାବି କରିଛି। ଦାବିଗୁଡ଼ିକ ମଧ୍ୟରେ ପ୍ରାରମ୍ଭିକ ବେତନ ହାରରେ ଗ୍ରେଡ୍ ପେ ୪,୬୦୦ ଟଙ୍କାକୁ ବୃଦ୍ଧି, ସରକାରୀ କାର୍ଯ୍ୟରେ କ୍ଷେତ୍ର ପରିଦର୍ଶନ ପାଇଁ ପର୍ଯ୍ୟାପ୍ତ ଯାତାୟାତ ଖର୍ଚ୍ଚ ପ୍ରଦାନ, ଅଭିଜ୍ଞ ସମ୍ପ୍ରସାରଣ ଅଧିକାରୀଙ୍କୁ ବିଡିଓ ପଦବିକୁ ପଦୋନ୍ନତିର ସୁଯୋଗ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ କର୍ମକ୍ଷେତ୍ରରେ ଆଇନଗତ ସୁରକ୍ଷା ସହ ଅତିରିକ୍ତ କିରାଣି କାର୍ଯ୍ୟଭାର ହ୍ରାସ ପାଇଁ ସ୍ୱତନ୍ତ୍ର ସହାୟକ କର୍ମଚାରୀ ନିଯୁକ୍ତି ଆଦି ଅନ୍ତର୍ଭୁକ୍ତ। ସଂଘର ମତରେ, ଅଧିକାରୀମାନଙ୍କ ଉପରେ କ୍ରମାଗତ ଭାବେ ବଢ଼ୁଥିବା ପ୍ରଶାସନିକ ଦାୟିତ୍ୱ ସହିତ ଅତିରିକ୍ତ କିରାଣି କାର୍ଯ୍ୟଭାର ଲଦି ଦିଆଯାଉଥିବାରୁ ମୂଳ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ବିଭିନ୍ନ ସରକାରୀ ଯୋଜନାର ତଦାରଖ ଓ କ୍ଷେତ୍ର ପରିଦର୍ଶନ ପାଇଁ ନିଜସ୍ୱ ଖର୍ଚ୍ଚରେ ଯାତାୟାତ କରିବାକୁ ପଡ଼ୁଥିବା ଅଭିଯୋଗ ମଧ୍ୟ ଉଠିଛି। ଏପରିସ୍ଥଳେ ଦାବିଗୁଡ଼ିକୁ ଆଉ ଅଣଦେଖା ନକରି ସରକାର ତୁରନ୍ତ ବିଚାର କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଏହି ଅବସରରେ ପରିଷଦର ବାଲେଶ୍ୱର ମୁଖ୍ୟ ଜିଲ୍ଲା ସଂଯୋଜକ ତଥା ସହ ଆବାହକ ରାଜକୁମାର ସିଂହ (ରେମୁଣା) ଙ୍କ ସମେତ ସହ ଆବାହକ ପ୍ରସନ୍ନ କୁମାର ବାରିକ (ସିମୁଳିଆ), ଜ୍ୟୋସ୍ନାରାଣୀ ମଲ୍ଲିକ (ସଦର), ମନୋରଞ୍ଜନ ନାୟକ (ବାହାନଗା) ପ୍ରମୁଖ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଦାବିଗୁଡ଼ିକର ସମାଧାନ ନେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ପରିଷଦର ନଜର ରହିଛି।

# ରଘୁନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ



ସୋର,୩୦।୧୦(ସମିସ): ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତ ସୋଲପଟା ରଘୁନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଏବଂ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ଆଜି ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ରାଉତଙ୍କ ସଭାପତିତ୍ୱରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ଯୁବନେତା ସୁବ୍ରତ ଧଡ଼ା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଉପେନ୍ଦ୍ରନାଥ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ପ୍ରଶାନ୍ତ ମହନ୍ତ, ସମ୍ମାନିତ ଅତିଥିଭାବେ ମହୁମୁହାଣ ପଞ୍ଚାୟତ ସରପଞ୍ଚ ଗଦାଧର ମହାପାତ୍ର, ମାଣତ୍ରୀ ସରପଞ୍ଚ ବାଞ୍ଛାନିଧି ମଲିକ, ପ୍ରାକ୍ତନ ସମିତି ସଭ୍ୟ ରାଜେଶ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ସୁରେନ୍ଦ୍ର କୁମାର ବିଶ୍ୱାଳ, ରୌପ୍ୟ ଜୟନ୍ତୀ କମିଟି ସଭାପତି କମଳାକାନ୍ତ ପଲେଇ, ଆଲୁମୁନି ସଭାପତି କମଳାକାନ୍ତ ମହାନ୍ତି, ବାଗୁଡ଼ି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା, ବିଶିଷ୍ଟ ଅତିଥିଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରିଣୀ ଡ଼. ସୁକିର୍ତ୍ତୀ କର, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଅତିଥି ମାନଙ୍କ ଦ୍ୱାରା ରୌପ୍ୟ ଜୟନ୍ତୀ ପତାକା ଉତ୍ତୋଳନ କରାଯାଇଥିଲା। ପରେ ବିଦ୍ୟାଳୟକୁ ଭୂମିଦାନ କରିଥିବା ସ୍ୱର୍ଗତ ରଘୁନାଥ ରାଉତଙ୍କ ପ୍ରତିମୂର୍ତ୍ତିକୁ ଅତିଥି ମାନେ ଲୋକାର୍ପଣ କରିଥିଲେ। କାଳନ୍ଦୀ ପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ବେହେରା ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ସହକାରୀ ଶିକ୍ଷକ ପଞ୍ଚାନନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା, ଶିକ୍ଷକ ପିତାମ୍ବର ମଲିକ, ରୌପ୍ୟ ଜୟନ୍ତୀ କମିଟି ସଦସ୍ୟ ଅଖିଳ ଜେନା, ବସନ୍ତ ରାଉତ, ପ୍ରଦୀପ ରାଉତ, ଶତ୍ରୁଘ୍ନ କବି, ସୁଶାନ୍ତ ରାଉତ, ପ୍ରଫୁଲ୍ଲ ରାଉତ, ସୁରେନ୍ଦ୍ର ରାଉତ, ମୃତ୍ୟୁଞ୍ଜୟ ମହନ୍ତ, କାଶୀନାଥ ରାଉତ, ପର୍ଶୁରାମ ରାଉତ, କମଳାକାନ୍ତ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ସାଂସଦ

ନୀଳଗିରି,୩୦।୧୦(ସମିସ): ନୀଳଗିରି ବ୍ଲକ୍‌ରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଉ ନ ଥିବା ନେଇ ସାଧାରଣ ଜନତା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କଠାରେ ଅଭିଯୋଗ କରିଥିଲେ। ଏ ନେଇ ଗୁରୁବାର ଦିନ ପ୍ରାୟ୧୨ଟା ସମୟରେ ଅଚାନକ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରି ବ୍ଲକ୍‌ରେ ପହଞ୍ଚି ୨୫ଟି ପଞ୍ଚାୟତରେ ଥିବା ଯନ୍ତ୍ରୀଙ୍କ ସହିତ ଉନ୍ନୟନ କାର୍ଯ୍ୟରେ ଯନ୍ତ୍ରୀମାନେ ସଠିକ ସମୟରେ ଲେ ଆଉଟ ନ ଦେବା, ବିଲ କରିବାରେ ସହଯୋଗ କରୁ ନଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ଠିକାଦାର ମାନେ ବିଲ ପାଇବାରେ ହଇରାଣ ହେଉଛନ୍ତି ବୋଲି ବିଡିଓ ବିକ୍ରମ କେଶରୀ ପରିଡ଼ାଙ୍କୁ ପଚାରିଥିଲେ। ଏ ନେଇ ବିଡିଓ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ଗୟାଧର ସିଂଙ୍କ ସମେତ ଅନ୍ୟ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହ ସାଂସଦଙ୍କ ଉପସ୍ଥିତରେ ଆଲୋଚନା କରିଥିଲେ। ଯେପରି ଆଗକୁ ସମସ୍ୟା ନ ହୁଏ ସେ ନେଇ ତାଗିଦ କରିବା ସହ ଠିକ୍ ସମୟରେ କାର୍ଯ୍ୟ ନ କଲେ ସମ୍ପୃକ୍ତ ଯନ୍ତ୍ରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଦେବାଶିଷ ଆଚାର୍ଯ୍ୟ, ରତିକାନ୍ତ ବେହେରା, ରମାକାନ୍ତ ବେହେରା ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପାଇଁ ଭୂମିପୂଜନ ସମ୍ପନ୍ନ




ବାଲେଶ୍ୱର(ଉତ୍ତର),୩୦।୧୦(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦା ସ୍ଥିତ ହେଲିପେଡ ପଡ଼ିଆ ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ସମାରୋହ ଅନୁଷ୍ଠିତ ହେବ।ଏଥିପାଇଁ ଆସନ୍ତା ୨୪ ନଭେମ୍ବର ଠାରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ ହୋଇଛି।ସେଥିପାଇଁ ଆଜି ଅପରାହ୍ନରେ ଭୂମି ପୂଜନ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମ ରେ ଆୟୋଜନ କମିଟିର ସଭାପତି ଅଂଶୁମାନ ମହାନ୍ତି, କାର୍ଯ୍ୟକାରୀ ସଭାପତି ନଟରଞ୍ଜନ ଘଡ଼ାଇ, ସାଧାରଣ ସମ୍ପାଦକ ଡାକ୍ତର ବିଧୁଭୂଷଣ ଦାସ, ସହକାରୀ ସମ୍ପାଦକ ଅଚ୍ୟୁତନନ୍ଦନ ଦାସ, କୋଷାଧ୍ୟକ୍ଷ ସୀତାରାମ ପ୍ରଧାନ, ପଣ୍ଡିତ ବ୍ରଜବିହାରୀ ପତିଙ୍କ ସହ ମଧୁସୂଦନ ପାତ୍ର, ଶଶିକାନ୍ତ ହାତୀ,ପ୍ରଦୀପ୍ତ ଜେନା, ଅଶୋକ କୁମାର ଦାସ, ରମାକାନ୍ତ କରଣ, ପରମାନନ୍ଦ ପରିଡା,ଅନିମା ପାଣିଗ୍ରାହୀ,ଅମର ବେହେରା, ସୁଜିତ୍ କୁମାର ଦାସ, ପୂର୍ଣ୍ଣେନ୍ଦୁ ପଣ୍ଡା, ବିମଳା କାନ୍ତ ବେହେରା,ବିମଳ କୁମାର ମହାନ୍ତି ପ୍ରମୁଖ କମିଟିର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲ ଫାଟକରେ ତାଲା

ଜଳେଶ୍ୱର,୩୦।୧୦(ସମିସ): ଶିକ୍ଷକ ବିନା ପ୍ରାଥମିକ ଶିକ୍ଷା ଭୁଶୁଡ଼ି ପଡ଼ିଥିବାବେଳେ ବଦଳିକୁ ନେଇ ବିଭିନ୍ନ ସ୍ଥାନରେ ଅପ୍ରୀତିକର ସ୍ଥିତ ଉପୁଜୁଛି। ଜଳେଶ୍ୱର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନ ଗୋପୀ ମୋହନ୍ ପୁର ପଞ୍ଚାୟତ ସରିସିଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି କୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଘଟଣା ଅନୁସାରେ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ଶ୍ରେଣୀ ରେ ୧୧୦ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଶିକ୍ଷା ଦାନ କରୁଛନ୍ତି। ଶିକ୍ଷକ ଅତୁଲ କୁମାର ବେହେରା ଙ୍କୁ ଡେପୁଟେସନରେ ମେଦିନୀପୁର ବିଦ୍ୟାଳୟ କୁ ପଠାଯାଇଥିବା ସୂଚନା ପ୍ରଘଟ ପରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।ଫଳ ସ୍ୱରୂପ ଶୁକ୍ରବାର ପୂର୍ବାହ୍ନରେ ପରିଚାଳନା କମିଟି ସଭାପତି ଙ୍କ ନେତୃତ୍ୱରେ,ଅଭିଭାବକ,ଗ୍ରାମାବାସୀ ମାନେ ୨ଘଣ୍ଟା ଧରି ସ୍କୁଲ ଫାଟକରେ ତାଲା ପକାଇ ଥିଲେ। ବର୍ଷା ହେଉଥିବାରୁ ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ମାନେ ନିକଟସ୍ଥ ମନ୍ଦିର ରେ ଆଶ୍ରୟ ନେଇଥିଲେ। ବିଧାୟକ ଅଶ୍ୱିନୀ କୁମାର ପାତ୍ର ଙ୍କ ସହିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବାର୍ତ୍ତାଳାପ ପରେ ତାଲା ଖୋଲା ଯାଇଥିଲା। ଘଟଣା ସମ୍ପର୍କରେ ପରିଚାଳନା କମିଟି ଏବଂ ଅଭିଭାବକ ଙ୍କ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ଭେଟି ଦାବି ପତ୍ର ଦିଆଯାଇଥିବା ଜଣାଯାଇଛି।

**● ଦୁଇଦିନିଆ ଯୁବ ଉତ୍ସବ ଉଦ୍‌ଘାଟିତ**

# ଆକର୍ଷଣୀୟ ଲୋକକଳା ଓ ପ୍ରତିଭା ପ୍ରଦର୍ଶନ




ବାଲେଶ୍ୱର,୩୦।୧୦(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଓ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କର ମିଳିତ ତତ୍ତ୍ୱାବଧାନରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ, ବାଲେଶ୍?ର ଅଧ୍ୟକ୍ଷ, ନାରାୟଣ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ଉତ୍ସାହିତ କରିଥିଲେ। ଏହି ଦୁଇଦିନିଆ ମହୋତ୍ସବରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ ପ୍ରତିଭାମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ: ଲୋକଗୀତ, ଲୋକନୃତ୍ୟ, ନୁକୁଡ ନାଟକ, କବିତା ଲିଖନ ଏବଂ ଚିତ୍ରକଳା ଭଳି ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମଗ୍ର କାର୍ଯ୍ୟକ୍ରମଟିକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସୁଚାରୁରୂପେ ପରିଚାଳନା କରିଥିଲେ।

# 'ମନୋଜ ଦାସ: ବ୍ୟକ୍ତି ଓ କୃତି' ଆଲୋଚନାଚକ୍ର

ବାଲେଶ୍ୱର,୩୦।୧୦(ସମିସ):




ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କ ଜୀବନ ଓ ସାହିତ୍ୟକୃତିକୁ ନେଇ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସାହିତ୍ୟ ଅକାଦେମି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। "ମନୋଜ ଦାସ : ବ୍ୟକ୍ତି ଓ କୃତି' ଶୀର୍ଷକ ଏହି ଆଲୋଚନାଚକ୍ରରେ ମନୋଜ ଦାସଙ୍କ ସାହିତ୍ୟ ସାଧନା, ଜୀବନଦର୍ଶନ ଓ ସୃଜନଶୀଳ ଅବଦାନର ବିଭିନ୍ନ ଦିଗ ଉପରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକମାନେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ସାହିତ୍ୟ ଅକାଦେମିର କୋଲକାତାସ୍ଥିତ ସହାୟକ ସମ୍ପାଦକ ଶେଷଦେବ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ବିଷୟ ସମ୍ବନ୍ଧିତ ବକ୍ତବ ପ୍ରଦାନ କରିଥିଲେ। ସାହିତ୍ୟ ଅକାଦେମିର ଓଡ଼ିଆ ପରାମର୍ଶଦାତା ମଣ୍ଡଳୀର ଆବାହକ ଗୌରହରି ଦାସ ଅଧିବେଶନରେ ଅଧ୍ୟକ୍ଷତା କରି ମନୋଜ ଦାସ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ଼କ୍ଟର ଜୟନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ ଓ ଡ଼କ୍ଟର ପ୍ରହଲ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ପ୍ରଭାସ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଅରବିନ୍ଦ ରାୟ, ଅରୁଣ କୁମାର ସାହୁ ଓ ମନୋଜ କୁମାର ପଣ୍ଡା ମନୋଜ ଦାସଙ୍କ ସାହିତ୍ୟକୃତିର ବିଭିନ୍ନ ଦିଗ ଉପରେ ନିଜସ୍ୱ ଗବେଷଣାମ୍ବକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ସୁଭାଷ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଓ ସୈରିନ୍ଧ୍ରୀ ସାହୁ ପ୍ରମୁଖ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ର ମାଧ୍ୟମରେ ମନୋଜ ଦାସଙ୍କ ବହୁମୁଖୀ ସାହିତ୍ୟ ପ୍ରତିଭା, ଚିନ୍ତାଧାରା ଓ ସାହିତ୍ୟିକ ଅବଦାନକୁ ପୁନର୍ବାର ଅନୁଧ୍ୟାନ କରିବା ସହ ଓଡ଼ିଆ ସାହିତ୍ୟର ଗୌରବମୟ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବାର ଏକ ସୁଯୋଗ ସୃଷ୍ଟି ହୋଇଥିଲା। ଏଥିରେ ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଓ ସାହିତ୍ୟପ୍ରେମୀମାନେ ଯୋଗ ଦେଇଥିଲେ।





## ଅପହରଣ ଓ ଯୌନ ଶୋଷଣ ମାମଲା

# ଆସାମ ଆଦିବାସୀ ନାବାଳିକାଙ୍କୁ ନ୍ୟାୟ

କଟକ,୩୦ ।୧୦(ସମିସ)

ଆସାମର ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ନାବାଳିକାଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ଅପହରଣ ଓ ଯୌନ ଶୋଷଣ ମାମଲାରେ କମିସନରେଟ୍ ପୁଲିସକୁ ସଫଳତା ମିଳିଛି। ଦୀର୍ଘ ତଦନ୍ତ ଓ ବୈଷୟିକ ପ୍ରମାଣ ଆଧାରରେ ଏକ ଜଟିଳ ମାମଲାର ପର୍ଦ୍ଦାଫାସ କରି ପୁଲିସ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଇବାରେ ସଫଳ ହୋଇଛି। ଏହି ମାମଲାରେ ଅଭିଯୁକ୍ତ ଜଡ଼ା ଓରଫ ପ୍ରମୋଦ କୁମାର ନାୟକ (୩୬)କୁ ୨୦ ବର୍ଷର କଠୋର କାରାଦଣ୍ଡାଦେଶ ହୋଇଛି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କଟକର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ପେସାଲ୍ କୋର୍ଟ-୨ ଏହି ରାୟ ଶୁଣାଇଛନ୍ତି।

ଭାରତୀୟ ନ୍ୟାୟ ସଂହିତା-୨୦୨୩, ପୋକ୍ସୋ ଆଇନ-୨୦୧୨ ଏବଂ ଅନୁସୂଚିତ ଜାତି ଓ ଜନଜାତି ଆଇନ-୧୯୮୯ର ବିଭିନ୍ନ ଧାରାରେ ଅଭିଯୁକ୍ତଙ୍କୁ ଦଣ୍ଡିତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଆସାମର ଏହି ନାବାଳିକା ଚେନ୍ନାଇ ରେଳଷ୍ଟେସନରେ ଜଣେ ଅଜଣା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଚାକିରି ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ଟ୍ରେନ୍‌ରେ ଓଡ଼ିଶା ଆଣିଥିଲା। ପରେ ତାଙ୍କୁ ଏକ ଲଜ୍ ଓ ଘରକୁ ନେଇ ଯୌନ ଶୋଷଣ କରିଥିଲା। ୨୦୨୫ ମେ ୮ ତାରିଖରେ ନିଶ୍ଚିନ୍ତକୋଇଲି ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ଚାଇଲ୍ଡ ୱେଲଫେୟାର କମିଟିର ନିର୍ଦ୍ଦେଶକ୍ରମେ ମେ ୯ ତାରିଖରେ ତାଙ୍କୁ ବିଡ଼ାନାସୀସ୍ଥିତ ବସୁନ୍ଧରାରେ ରଖାଯାଇଥିଲା। ତେବେ ଘଟଣାର କିଛି ମାସ ପରେ, ଡିସେମ୍ବର ୨୦୨୫ରେ ନାବାଳିକାଙ୍କ ପେଟରେ ଯନ୍ତ୍ରଣା ଦେଖାଦେଇଥିଲା। ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯିବା ପରେ ଗର୍ଭଧାରଣ ସମ୍ପର୍କରେ ଜଣାପଡ଼ିଥିଲା। ପରବର୍ତ୍ତୀ ଡାକ୍ତରୀ ପରୀକ୍ଷା ଓ ଅଲ୍ଟ୍ରାସୋନୋଗ୍ରାଫିରୁ ସେ ପ୍ରାୟ ୩୨ ସପ୍ତାହର ଗର୍ଭବତୀ ଥିବା ସ୍ପଷ୍ଟ ହୋଇଥିଲା। ଶିଶୁ ସୁରକ୍ଷା ଅଧିକାରୀଙ୍କ ପରାମର୍ଶ ସମୟରେ ନାବାଳିକା ଜଣକ ଚେନ୍ନାଇ ରେଳଷ୍ଟେସନରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଭେଟିବା ଏବଂ ଚାକିରି ଦେବାର ପ୍ରଲୋଭନରେ ତାଙ୍କ ସହ ଓଡ଼ିଶା ଆସିଥିବା କଥା କହିଥିଲେ। ଅଭିଯୁକ୍ତ ତାଙ୍କୁ ଲଜ୍ ଓ ଘରକୁ ନେଇ ଯୌନ ଶୋଷଣ କରିଥିବା ମଧ୍ୟ ସେ ପ୍ରକାଶ କରିଥିଲେ। ବସୁନ୍ଧରା ଓପନ୍ ସେଲ୍ଟର କର୍ତ୍ତୃପକ୍ଷଙ୍କ ରିପୋର୍ଟ ଆଧାରରେ ବିଡ଼ାନାସୀ ଥାନାରେ ୩୦ ଡିସେମ୍ବର ୨୦୨୫ରେ କେସ୍ ନମ୍ବର ୩୪୨ ରୁଜୁ ହୋଇଥିଲା।

### ଅଜଣା ଅଭିଯୁକ୍ତଙ୍କ ପରିଚୟ ଖୋଜିବା ଥିଲା ବଡ଼ ଆହ୍ୱାନ

ଏହି ମାମଲା ତଦନ୍ତରେ ପୁଲିସ ସମ୍ମୁଖରେ ବଡ଼ ଆହ୍ୱାନ ଥିଲା ଅଭିଯୁକ୍ତଙ୍କ ପ୍ରକୃତ ପରିଚୟ ଓ ଠିକଣା ଖୋଜିବା। ପୀଡ଼ିତା ତାଙ୍କୁ କେବଳ "ଜଡ଼ା" ନାମରେ ଜାଣିଥିବାରୁ ତାଙ୍କର ପୂର୍ଣ୍ଣ ନାମ କିମ୍ବା ଠିକଣା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇପାରି ନ ଥିଲେ। ଏହାସହ ଘଟଣାର ଅନେକ ମାସ ପରେ ମାମଲା ରୁଜୁ ହୋଇଥିବାରୁ ତଦନ୍ତ ଆହୁରି ଜଟିଳ ହୋଇଥିଲା। ପୁଲିସ ପୀଡ଼ିତାଙ୍କ ବୟାନ, ସାକ୍ଷୀଙ୍କ ତଥ୍ୟ, ବୈଷୟିକ ପ୍ରମାଣ ଓ ଅନ୍ୟାନ୍ୟ ସୂତ୍ରକୁ ଆଧାର କରି ତଦନ୍ତ ଆଗକୁ ବଢ଼ାଇଥିଲା। ଶେଷରେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରର ରସୁଲଗଡ଼ ଅଞ୍ଚଳରେ ଠାବ କରାଯାଇ ୬ ଜାନୁଆରୀ ୨୦୨୬ରେ ଗିରଫ କରାଯାଇଥିଲା। ଏହିପରି ଭାବେ ପ୍ରାରମ୍ଭରେ ପରିଚୟ ଅସ୍ପଷ୍ଟ ଥିବା ଅଭିଯୁକ୍ତଙ୍କୁ ପୀଡ଼ିତାଙ୍କ ବୟାନ, ବୈଷୟିକ ତଥ୍ୟ ଓ ଅନ୍ୟ ପ୍ରମାଣ ଆଧାରରେ ଚିହ୍ନଟ କରିବାରେ ପୁଲିସ ସଫଳ ହୋଇଥିଲା।

### ୨୪ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ

ତଦନ୍ତ ଶେଷ ହେବା ପରେ ୧୯ ଫେବୃଆରୀ ୨୦୨୬ରେ ସମ୍ପୃକ୍ତ ଅଦାଲତରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ବିଚାର ସମୟରେ ଅଭିଯୋଜନ ପକ୍ଷରୁ ୨୪ ଜଣ ସାକ୍ଷୀଙ୍କୁ ଉପସ୍ଥାପନ କରାଯିବା ସହ ବିଭିନ୍ନ ଦସ୍ତାବିଜ୍ ଓ ଅନ୍ୟାନ୍ୟ ପ୍ରମାଣ ଦାଖଲ କରାଯାଇଥିଲା। ପୀଡ଼ିତାଙ୍କ ବୟାନ, ଆଶ୍ରୟସ୍ଥଳର କର୍ମଚାରୀ, ଶିଶୁ ସୁରକ୍ଷା ଅଧିକାରୀ, ଡାକ୍ତରୀ କର୍ମଚାରୀ, ସ୍ୱାଧୀନ ସାକ୍ଷୀ, ପୁଲିସ କର୍ମଚାରୀ ଓ ତଦନ୍ତକାରୀ ଅଧିକାରୀଙ୍କ ସାକ୍ଷ୍ୟକୁ ଅଦାଲତ ବିଚାରକୁ ନେଇଥିଲେ। ଏହାସହ ପୀଡ଼ିତାଙ୍କ ବୟସ ସମ୍ପର୍କିତ ଦସ୍ତାବିଜ୍, ଜବତ ସାମଗ୍ରୀ, ବୈଷୟିକ ତଦନ୍ତ ଓ ଟେଷ୍ଟ ଆଇଡେଣ୍ଟିଫିକେସନ୍ ପରେଡ଼ର ପ୍ରମାଣକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ପ୍ରତିପକ୍ଷ ଓକିଲ ଅଭିଯୁକ୍ତଙ୍କ ପରିଚୟ ଓ ଅଭିଯୋଗ ପ୍ରକାଶ ପାଇବାର ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ତେବେ ସମସ୍ତ ପ୍ରମାଣର ବିଚାର କରି ଅଦାଲତ ଅଭିଯୋଜନ ପକ୍ଷର ଅଭିଯୋଗକୁ ସନ୍ଦେହାତୀତ ଭାବେ ପ୍ରମାଣିତ ବୋଲି ଗ୍ରହଣ କରିଥିଲେ।

### ୨୦ ବର୍ଷର ଜେଲ୍ ଏବଂ ୫ ଲକ୍ଷ ଜରିମାନା

ଅଦାଲତ ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୩୭(୨) ଅନୁଯାୟୀ ୫ ବର୍ଷ କଠୋର କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା, ଧାରା ୮୭ ଅନୁଯାୟୀ ୭ ବର୍ଷ କାରାଦଣ୍ଡ ଓ ୧୫ ହଜାର ଟଙ୍କା ଜରିମାନା, ଧାରା ୬୫(୧) ଅନୁଯାୟୀ ୨୦ ବର୍ଷ କଠୋର କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଏବଂ ଧାରା ୧୪୦(୩) ଅନୁଯାୟୀ ୫ ବର୍ଷ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦେଇଛନ୍ତି। ସେହିପରି ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ୨୦ ବର୍ଷ କଠୋର କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା, ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିବାରଣ) ଆଇନ ଅନୁଯାୟୀ ୩ ବର୍ଷ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା, ୨୦ ବର୍ଷ କଠୋର କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ସମସ୍ତ କାରାଦଣ୍ଡ ଏକକାଳୀନ ଚାଲିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ଅଭିଯୁକ୍ତଙ୍କୁ ସର୍ବାଧିକ ୨୦ ବର୍ଷ କଠୋର କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହ ମୋଟ ୧ ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଏବଂ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ଜମିଲାଣି ଦୀପ ଓ ମହମବତି ବେପାର







କଟକ,୩୦ ।୧୦(ସମିସ): ଆଲୋକର ପର୍ବ ଦୀପାବଳି, କାଳୀପୂଜା ଏବଂ ପ୍ରସିଦ୍ଧ କାର୍ତ୍ତିକେଶ୍ୱର ପୂଜା ପାଇଁ କଟକ ସହରରେ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୂଜାକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକମାନ ଅନୁଷ୍ଠିତ ହେଉଛି। ଅନ୍ୟପକ୍ଷରେ, ପୂଜା ପାଖେଇ ଆସୁଥିବାରୁ କଟକର ଚୌଧୁରୀବଜାର, ବକ୍ସିବଜାର, ମଙ୍ଗଳାବାଗ, ରାଣୀହାଟ, ପିଠାପୁର, ନିମଚଉଡ଼ି, ଜଗତପୁର, କଲେଜଛକ, ବାଦାମବାଡ଼ି, ମର୍କତନଗର, ମହାନଦୀବିହାର, ଓଏମପି ଏବଂ ନୂଆବଜାର ଭଳି ଏକାଧିକ ଅଞ୍ଚଳରେ ଦୀପ, ମହମବତି ଏବଂ ଦୀପାବଳୀର ପୂଜା ସାମଗ୍ରୀ ବେପାର କାରବାର ବେଶ୍ ଚଳଚଞ୍ଚଳ ହୋଇଉଠିଛି। ଦୀପାବଳି ଓ କାଳୀପୂଜା ଆସୁଥିବାରୁ ବଜାରରେ ଏବେଠାରୁ ଗ୍ରାହକଙ୍କ ଭିଡ଼ ଜମିଲାଣି। ତେବେ ବାଣ ଦୋକାନଗୁଡ଼ିକ ଏଯାଏଁ ସମ୍ପୂର୍ଣ୍ଣ ଭାବେ ଖୋଲାଯାଇ ନଥିଲେ ମଧ୍ୟ ଦୀପ ଏବଂ ମହମବତୀ(କ୍ୟାଣ୍ଡେଲ୍) ବେପାର ଜୋରସୋରରେ ଆରମ୍ଭ ହୋଇଯାଇଛି। ବାଦାମବାଡ଼ିର ମୁଖ୍ୟ ରାସ୍ତାରୁ ଆରମ୍ଭ କରି ବିଭିନ୍ନ ଗଳି କନ୍ଦିରେ ମାଟି ଦୀପ, ଆଧୁନିକ ରଙ୍ଗବେରଙ୍ଗୀ ମହମବତୀ, ଏବଂ ଘର ସଜ୍ଜା ସାମଗ୍ରୀର ପସରା ମେଲାଇଛନ୍ତି ବ୍ୟବସାୟୀମାନେ। ଗ୍ରାହକମାନେ ମଧ୍ୟ ଆଗୁଆ ନିଜ ପରିବାର ପାଇଁ ଦୀପ ଓ ମହମବତୀ କିଣିବାରେ ଲାଗିଛନ୍ତି। ପାରମ୍ପରିକ ମାଟି ଦୀପ ସହିତ ବଜାରରେ ବିଭିନ୍ନ ଆକାରର ଆକର୍ଷକ ସୁଗନ୍ଧିତ ମହମବତୀ ଏବଂ ଏଲଇଡି ଆଲୋକସଜ୍ଜା ସାମଗ୍ରୀର ଚାହିଦା ବେଶ୍ ଅଧିକ ରହିଛି। ବ୍ୟବସାୟୀମାନେ ଆଶା କରିଛନ୍ତି ଯେ, ଆଗାମୀ ଦିନରେ ବଜାର ଆହୁରି ସରଗରମ ହେବ ଏବଂ ବ୍ୟବସାୟ ଭଲ ହେବ। ସମସ୍ତ ପୂଜା କମିଟି ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ପ୍ରୟାସ ଏବଂ ପ୍ରଶାସନର ସହଯୋଗ କଟକର ଏହି ପାରମ୍ପରିକ ପର୍ବଗୁଡ଼ିକୁ ଶାନ୍ତିପୂର୍ଣ୍ଣ ଏବଂ ସଫଳ କରିବ ବୋଲି ଆଶା କରାଯାଉଛି।

## କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ପାଇଁ ପୂର୍ବାଞ୍ଚଳ ଶାନ୍ତି କମିଟିର ପ୍ରସ୍ତୁତି

# ନଭେମ୍ବର ୮ରେ କାଳୀପୂଜା, ୧୧ରେ ଭସାଣି



କଟକ,୩୦।୧୦(ସମିସ): ଆଗାମୀ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ସମେତ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଲକ୍ଷ୍ୟରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଚାଉଳିଆଗଞ୍ଜ ପୂଜା କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବାଞ୍ଚଳ ଅଧୀନସ୍ଥ ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକ ତଥା କର୍ମକର୍ତ୍ତାମାନେ ଯୋଗଦେଇ ଉତ୍ସବର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

### ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ

ଗତ ଦୁର୍ଗାପୂଜା ଭସାଣି ସମୟରେ କେତେକ ମେଢ଼ ଫେରିଆସିବା ଘଟଣାକୁ ନେଇ ବୈଠକରେ ଗଭୀର ଦୁଃଖ ପ୍ରକାଶ କରାଯାଇଥିଲା। ଆଗାମୀ ଦିନରେ ଏଭଳି ପରିସ୍ଥିତି ଯେପରି ନ ଉପୁଜେ ଏବଂ ଭସାଣି ଶାନ୍ତିପୂର୍ଣ୍ଣ ତଥା ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ, ସେଥିପ୍ରତି ସମସ୍ତ ପୂଜା କମିଟି ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ଗୃହୀତ ନିଷ୍ପତ୍ତି ଅନୁସାରେ, ଆସନ୍ତା ନଭେମ୍ବର ୮ ତାରିଖ ରବିବାର ଦିନ କାଳୀପୂଜା ଅନୁଷ୍ଠିତ ହେବ। ଏହାପରେ ୯ ଓ ୧୦ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୧୧ ତାରିଖ ବୁଧବାର ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବା ସ୍ଥିର ହୋଇଛି। ସେହିପରି ନଭେମ୍ବର ୨୧ ତାରିଖ ଶନିବାରଠାରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇ ୨୫ ଓ ୨୬ ତାରିଖ ଦୁଇଦିନ ଧରି ଭସାଣି ଯାତ୍ରା କରାଯିବ। ଭସାଣି ସମୟରେ ମେଢ଼ଗୁଡ଼ିକର ସୁବ୍ୟବସ୍ଥିତ ଚଳପ୍ରଚଳ ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ ଏବଂ ପୋଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଆଲୋଚନା କରିବା ପାଇଁ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି।

ଏହି ପ୍ରସ୍ତୁତି ବୈଠକରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ (ଶିବ), ସୁନୀଲ କୁମାର ପଣ୍ଡା, ଦିଲୀପ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ନାୟକ, ତପନ କୁମାର ପଶାୟତ, ଅନାଦି ଚରଣ ଷଡ଼ଙ୍ଗୀ, ରଞ୍ଜନ କୁମାର ବେଉରା, ଅଜିତ କୁମାର ରାୟ, ସୁବାସିଷ ପଟ୍ଟନାୟକ, ବେଣୁଧର ପଣ୍ଡା, ମନୋଜ କୁମାର ସେନାପତି, ଗୌତମ ପରିଡ଼ା, ନଗେଶ ସ୍ୱାଇଁ, ବିଷ୍ଣୁ ଚରଣ ନାୟକ, ଚନ୍ଦ୍ରମଣି ଦେବତା, ଶ୍ରୀମନ୍ତ ଦାସ, ଐଶ୍ୱର୍ଯ୍ୟ ଜେନା, ଧୀରେନ୍ଦ୍ର କୁମାର ସାହୁ, ଅଲେଖ ବେହେରା, ନିରଞ୍ଜନ ବେହେରା, ତେଜେଶ୍ୱର ପ୍ରଧାନ, ସ୍ୱରାଜ କେଶରୀ ସାହୁ, ନାରାୟଣ ଜେନା ଓ ବିଷ୍ଣୁ ରଞ୍ଜନ ଦାଶ ପ୍ରମୁଖ ନିଜର ମତାମତ ଉପସ୍ଥାପନ କରିଥିଲେ। ଶେଷରେ କମିଟିର କୋଷାଧ୍ୟକ୍ଷ ଉମେଶଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ 'ୱାନ୍ ହେଲ୍‌ଥ' ଟାସ୍କଫୋର୍ସ କମିଟି ବୈଠକ

କଟକ,୩୦ ।୧୦(ସମିସ): ଜିଲ୍ଲାସ୍ତରୀୟ "ୱାନ୍ ହେଲ୍‌ଥ" ଟାସ୍କଫୋର୍ସ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ "ୱାନ୍ ହେଲ୍‌ଥ" ଆଭିମୁଖ୍ୟର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରଯାଇଥିଲା। ବିଶେଷକରି ଦେଖା ଦେଉଥିବା ପଶୁପକ୍ଷୀମାନଙ୍କଠାରୁ ମଣିଷଙ୍କୁ ସଂକ୍ରମିତ ହେଉଥିବା ରୋଗଗୁଡ଼ିକର ନିୟନ୍ତ୍ରଣ କରିବା ସହ ଲୋକମାନଙ୍କୁ ସଚେତନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁ ମାନବ ସ୍ୱାସ୍ଥ୍ୟ, ପ୍ରାଣୀସ୍ୱାସ୍ଥ୍ୟ ଓ ସୁସ୍ଥ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ଜଳାତଙ୍କ, ସ୍କ୍ରବଟାଇଫସ, ହେପ୍ଟୋସାଇରୋସିସ, ଆନ୍ଥ୍ରାକ୍ସ, ବ୍ରୁସେଲୋସିସ, ଜାପାନୀ ମସ୍ତିଷ୍କ ଜ୍ୱର, ନିପାଭାଇରସ ରୋଗ, ଅଭିଯାନ ଇନଫ୍ଲୁଏଞ୍ଜା ରୋଗର ନିରାକରଣ, ଲକ୍ଷଣ ସଂକ୍ରମିତର କାରଣ ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ପୁଲିସ, ଶିକ୍ଷା, ବନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ସଂକ୍ରାମକ ରୋଗର ପ୍ରତିରୋଧ ଦିଗରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ସହ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା କରିଥିଲେ।

## ମାନବିକତାର ପରିଚୟ ଦେଲେ ସୁରକ୍ଷା କର୍ମଚାରୀ

# ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ସହଯୋଗର ହାତ



କଟକ,୩୦।୧୦(ସମିସ): ମାନବିକତା ଓ ସେବା ମନୋଭାବ କେବଳ ଭାଷଣରେ ନୁହେଁ, କାର୍ଯ୍ୟରେ ପ୍ରତିଫଳିତ ହେଲେ ତାହାର ପ୍ରକୃତ ମୂଲ୍ୟ ପ୍ରତିପାଦିତ ହୁଏ। ଏହାର ଏକ ନିଆରା ଉଦାହରଣ ଦେଖିବାକୁ ମିଳିଛି କଟକ ଏସ୍‌ସିବି ମେଡିକାଲ ପରିସରରେ। ନିରାକାର ସିକ୍ୟୁରିଟିର କର୍ମଚାରୀଙ୍କ ମାନବିକତା ଏବେ ପ୍ରଶଂସାର ବିଷୟ ପାଲଟିଛି। ମେଡିକାଲ ପରିସରରେ ଜଣେ ମାନସିକ ଭାବେ ଅସୁସ୍ଥ ବ୍ୟକ୍ତି ଫୁଙ୍ଗୁଳା ଦେହରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଅସହାୟ ଅବସ୍ଥାରେ ଥିବା ଏହି ବ୍ୟକ୍ତିଙ୍କୁ ଦେଖି ନିରାକାର ସିକ୍ୟୁରିଟିର କର୍ମଚାରୀମାନେ ନିଜ କର୍ତ୍ତବ୍ୟ ସୀମା ଅତିକ୍ରମ କରି ମାନବିକତାର ପରିଚୟ ଦେଇଥିଲେ। ତାଙ୍କ ପାଖକୁ ଯାଇ ଆବଶ୍ୟକ ସହଯୋଗ କରିବା ସହ ନିଜ ଉଦ୍ୟମରେ ତାଙ୍କୁ ପ୍ୟାଣ୍ଟ ପିନ୍ଧାଇଥିଲେ। କେବଳ ସେତିକି ନୁହେଁ, ତାଙ୍କୁ ସଫାସୁତରା କରିବା ସହ ଯତ୍ନ ନେଇଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ମେଡିକାଲରେ ଛାଡ଼ି ଚିକିତ୍ସାର ସୁଯୋଗ ଦେବା ଦିଗରେ ସହଯୋଗ କରିଥିଲେ। ଏଥିରେ ସୁରକ୍ଷା ସଂସ୍ଥାର ସୁପରଭାଇଜର କୈଳାଶ ସାହୁ, ସୁନାକାର ରଞ୍ଜନ, ଭାରତୀ, ପ୍ରମିଳା, ବିକନ, ସନ୍ତୋଷ ପ୍ରମୁଖ ସହଯୋଗ କରିଥିଲେ।

## ଏସ୍‌ସିବିରେ ଲାଗି ରହିଛି ଅବ୍ୟବସ୍ଥା

# ଟ୍ରମା କାଜୁଆଲଟିରେ ମିଳୁନି ଗଜ୍ କନା ଓ ପାରାସିଟାମଲ ଇଞ୍ଜେକସନ୍




କଟକ,୩୦ ।୧୦(ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ର ଟ୍ରମା କାଜୁଆଲଟିରେ ଅବ୍ୟବସ୍ଥା ଲାଗି ରହିଛି। ଏଠାରେ ଗୁରୁତର ରୋଗୀଙ୍କୁ ଗଜ୍ କନା ମିଳୁ ନାହିଁ। ଏହାସହ କାଜୁଆଲଟିରେ ପାରାସିଟାମଲ ଇଞ୍ଜେକସନ୍ ଉପଲବ୍ଧ ନାହିଁ, ଏପରିକି ଆଜିକୁ ଏକ ସପ୍ତାହ ହେବ ଏଭଳି ଅବ୍ୟବସ୍ଥା ଏଠାରେ ଲାଗି ରହିଛି। ଏଠାକୁ ଆସୁଥିବା ସମସ୍ତ ଗୁରୁତର ରୋଗୀଙ୍କ ସମ୍ପର୍କୀୟ ଗଜ୍ କନା ଓ ପାରାସିଟାମଲ ଇଞ୍ଜେକସନ ପାଇଁ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାସହ ଗୁରୁତର ରୋଗୀଙ୍କର ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅନ୍ୟ ବିଭାଗକୁ ସ୍ଥାନାନ୍ତର କରାଗଲେ ମେଡ଼ିକାଲ ଆଟେଣ୍ଡାଣ୍ଟ ସେମାନଙ୍କୁ ନେବାକୁ ମନା କରୁଛନ୍ତି। ଯାହାଦ୍ୱାରା ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ସୂଚନାଅନୁଯାୟୀ, ଏସ୍‌ସିବିର ଟ୍ରମା କାଜୁଆଲଟିକୁ ନିୟମିତ କରି ପାରାସିଟାମଲ ଇଞ୍ଜେକସନ ଓ ଗଜ୍ କନା ମେଡ଼ିକାଲ ପକ୍ଷରୁ ଯୋଗାଇ ଦିଆଯାଇଥାଏ। ଏଠାରେ ଷ୍ଟକ ସରିବା ପୂର୍ବରୁ ହିଁ କାଜୁଆଲଟି ଦାୟିତ୍ୱରେ ଥିବା କର୍ମଚାରୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥାନ୍ତି। କିନ୍ତୁ ଆଜିକୁ ଏକ ସପ୍ତାହ ହେବ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଉଥିଲେ ମଧ୍ୟ ପାରାସିଟାମଲ ଇଞ୍ଜେକସନ ଓ ଗଜ୍ କନା କାଜୁଆଲଟିକୁ ଯୋଗାଇ ଦିଆଯାଉ ନାହିଁ। ଫଳରେ ପାରାସିଟାମଲ ଇଞ୍ଜେକସନ ପାଇଁ ୧୫୦ ଟଙ୍କାରୁ ଅଧିକ ଓ ଗଜ୍ କନା ପାଇଁ ୬୦ରୁ ୮୦ ଟଙ୍କା ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିନାହିଁ।

## ବାଲିଯାତ୍ରାକୁ ଆଉ ୨୫ ଦିନ..

# ୨୦୨୫ରେ ୫ ମୃତକଙ୍କ ପରିବାରକୁ ମିଳିନି ସହାୟତା

କଟକ,୩୦ ।୧୦(ସମିସ)

ଆଉ ମାତ୍ର ୨୫ ଦିନ ପରେ ଐତିହାସିକ ବାଲିଯାତ୍ରା-୨୦୨୬ ଉଦ୍‌ଘାଟନ ହେବ। ଆସନ୍ତା ନଭେମ୍ବର ୨୪ ତାରିଖରୁ ୧ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଆୟୋଜିତ ହେବାକୁ ଯାଉଛି। ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସର ତ୍ରୁଟିପୂର୍ଣ୍ଣ ପରିଚାଳନା ନିମନ୍ତେ ଗତବର୍ଷ ବାଲିଯାତ୍ରାରେ ସାଧାରଣ ଲୋକ ନାହିଁ ନଥିବା ସମସ୍ୟା ଭୋଗିଥିଲେ। ଐତିହାସିକ ଯାତ୍ରା ବଦନାମ ମୁଣ୍ଡାଇଥିଲେ। ଅଧାରୁ ଫେରି ଯାଇଥିଲେ ଶହ ଶହ ବ୍ୟବସାୟୀ। ଉଠା ଦୋକାନୀଙ୍କୁ ମାଡ଼ ମାରି ପଡ଼ିଆରୁ ବାହାର କରାଯାଇଥିଲା। ଭିଆଇପି ଓ ଭିଭିଆଇପି ସେବାରେ ଜିଲ୍ଲା ପ୍ରଶାସନ ପୁରା ଦମ୍‌ରେ ଲାଗିଥିଲା। ଏକାଧିକ ଅବ୍ୟବସ୍ଥା ଭିତରେ ଗତବର୍ଷ ୯ମ ଦିନ ସନ୍ଧ୍ୟାରେ ଅଘଟଣ ଘଟିଥିଲା। ବଲିଉଡ୍ ସିଙ୍ଗର୍ ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମରେ ୨ଜଣ ଦର୍ଶକ ଦଳାଚକଟାରେ ବେହୋସ ହୋଇଯାଇଥିଲେ। ପୁଲିସ ଲାଠିଚାର୍ଜ କରିଥିଲା। ଉପର ପଡ଼ିଆକୁ ନେଇ ବିବାଦ ଲାଗି ରହିଥିବା ବେଳେ ଶେଷ ପର୍ଯ୍ୟାୟରେ ପ୍ରଶାସନ ନିଜ ଜିଦରେ ଅଟଳ ରହି କିଲ୍ଲାପଡ଼ିଆକୁ ଗାଡ଼ି ଷ୍ଟାଣ୍ଡରେ ପରିଣତ କରିଥିଲା। ଏଭଳି ମନମୁଖୀ କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଆଉ ଏକ ପ୍ରଶାସନିକ ଅବହେଳା ସାମ୍ନାକୁ ଆସିଥିଲା। ବାଲିଯାତ୍ରା-୨୦୨୩ରେ ଯାତ୍ରା ପଡ଼ିଆରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କୁ ଖୁବ୍‌ଶୀଘ୍ର ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ଗତବର୍ଷ ବାଲିଯାତ୍ରା ଶେଷ ହୋଇଥିବା ବେଳେ ମୃତକଙ୍କ ପରିବାର ସହାୟତା ରାଶି ପାଇ ପାରି ନଥିଲେ। ଜିଲ୍ଲା ପ୍ରଶାସନ ସହାୟତା ଘୋଷଣା କରି ବର୍ଷେ ନିରବ ହୋଇଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିଲା। ତେବେ ଚଳିତ ବର୍ଷ ବାଲିଯାତ୍ରା ପାଖେଇ ଆସୁଥିବା ବେଳେ ମୃତକଙ୍କୁ କ୍ଷତିପୂରଣ ପ୍ରଦାନରେ ପ୍ରଶ୍ନବାଚୀ ଛିଡ଼ା କରିଛି।

ସୂଚନା ଅନୁସାରେ, ଜଗତସିଂହପୁର ଜୟବଡର ପ୍ରଭାକର ମଲ୍ଲନଙ୍କ ପୁଅ ବିଶ୍ୱପ୍ରକାଶ ମଲ୍ଲନ କଟକର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇରେ ପଢ଼ୁଥିଲେ। ସେ ବାଲିଯାତ୍ରା ଦେଖିବା ପାଇଁ ଆସିଥିଲେ। ବିଶ୍ୱପ୍ରକାଶ ଅନ୍ୟ କିଛି ସାଙ୍ଗଙ୍କ ସହିତ ବାଲିଯାତ୍ରା ବୁଲିଥିଲେ। ବିଶ୍ୱପ୍ରକାଶ ଓ ତାଙ୍କର କିଛି ସାଙ୍ଗ ଙ୍ଗିବନ୍ଧର ଗୋଟିଏ ପଟ ରାସ୍ତାରୁ ଆରପଟକୁ ଯିବା ପାଇଁ ଦୁଇ ରାସ୍ତା ମଝିରେ ଥିବା ମିଡଭର୍ସକୁ ଡେଉଁଥିଲେ। ଏତିକିବେଳେ ଦୁଇ ରାସ୍ତା ମଝିରେ ଥିବା ବାଡରେ ସଜାଯାଇଥିବା ଲିଚୁ ଲାଇଟ ତାର ସଂସ୍ପର୍ଶରେ ଆସି ବିଶ୍ୱପ୍ରକାଶଙ୍କ ଗୁରୁତର ହୋଇଥିଲେ। ପୁଲିସ ଓ ପ୍ରଶାସନ ତାଙ୍କୁ ଏସ୍‌ସିବି ପଠାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତ ଛାତ୍ର ବିଶ୍ୱପ୍ରକାଶଙ୍କ ପରିବାରକୁ ସହାୟତା ରାଶି ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ମୃତକଙ୍କ ପରିବାର ସହାୟତା ରାଶି ପାଇ ପାରିନାହାନ୍ତି। ସେହିପରି ପ୍ରମୋଦ ନାଥ ନାମକ ଜଣେ ଯୁବକ ତାଙ୍କର ୪ ଜଣ ସାଙ୍ଗଙ୍କ ସହ ବାଲିଯାତ୍ରା ପଡିଆରେ ବୁଲୁଥିଲେ। ବୁଲାବୁଲି ଭିତରେ ଖାଇବା ସହ ଦୋଳି ଖେଳି ଥିଲେ। ପରେ ସାଙ୍ଗମାନେ ଏକାଠି ହୋଇ ବୋଇତ ଗେଟ୍ ସମ୍ମୁଖରେ ସେଲ୍‌ଫି ନେଉଥିଲେ। ଏତିକିବେଳେ ପ୍ରମୋଦ ହଠାତ ଅସୁସ୍ଥ ହୋଇ ତଳେ ଗଳିପଡିଲେ। ସାଙ୍ଗମାନେ ତାଙ୍କ ମୁହଁରେ ପାଣି ଆଣି ଛିଞ୍ଚିଥିଲେ ବି ସେ ଉଠିନଥିଲେ। ଏହା ଦେଖି ନିକଟସ୍ଥ ଏଡପୋଷ୍ଟରୁ ପୁଲିସ କର୍ମଚାରୀ ଓ ପ୍ରଶାସନିକ କର୍ମଚାରୀ ଆସି ତାଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଶାସନ ମୃତ ପ୍ରମୋଦଙ୍କୁ ସହାୟତା ରାଶି ଦେବ ବୋଲି ବାଲିଯାତ୍ରାରେ ଘୋଷଣା କରିଥିଲା। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଟଙ୍କାଟିଏ ବି ମିଳିନାହିଁ। ପୁରୀ ଗୋପ ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗାଁର ୭୬ ବର୍ଷୀୟ ଘନଶ୍ୟାମ ବାରିକ ଓରମାସର ଷ୍ଟଲ ନମ୍ବର ୨୦୬ରେ କାମ କରୁଥିଲେ। ସେ କାମ କରୁଥିଲା ବେଳେ ହଠାତ ତଳେ ପଡି ଯାଇଥିଲେ। ତାଙ୍କୁ ତୁରନ୍ତ ଥାନା ଗାଡିରେ ଏସସିବି ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ମଧ୍ୟ ପ୍ରଶାସନିକ ସହାୟତା ରାଶି ଦିଆଯାଇ ନାହିଁ। ଅନ୍ୟପଟେ ବାଲିଯାତ୍ରା ବୋଇତ ଗେଟ ନିକଟ ଙ୍ଗିବନ୍ଧ କଡରୁ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା। ପାଖରେ ଏକ ଟ୍ରାଇସାଇକଲ ରହିଥିଲା। ତାଙ୍କର ପରିଚୟ ଅସ୍ପଷ୍ଟ ରହିଥିଲା। ପ୍ରଶାସନ ଓ ପୁଲିସ ପରବର୍ତ୍ତି ପର୍ଯ୍ୟାୟରେ ତାଙ୍କ ପରିଚୟ ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରିନାହାନ୍ତି। ଗତବର୍ଷ ବାଲିଯାତ୍ରାରେ ଉଦାସ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ତଳ ପଡିଆରେ ଯଜ୍ଞାନୁଷ୍ଠାନ ଓ ମହାନଦୀ ମହାଆଳତି ସାରିବା ପରେ କିଛି ଆନୁଗତ୍ୟଙ୍କ ସହ ଓରମାସ ଷ୍ଟଲ ବୁଲିବାକୁ ଯାଇଥିଲେ। ସେଠାରେ କିଛି ଖାଦ୍ୟ ଓ ମାଟି ନିର୍ମିତ ସାମଗ୍ରୀ କିଣାକିଣି କରି ଶିଷ୍ୟଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ଏହାପରେ ଶିଶୁ ସୁରକ୍ଷା ଷ୍ଟଲରେ ବାଲ୍ୟ ବିବାହ ବନ୍ଦ ସହ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ସଚେତନ କରିଥିଲେ। ପରେ ସେ ଅସୁସ୍ଥ ହୋଇ ଯନ୍ତ୍ରଣା ଅନୁଭବ କରି ଯାତ୍ରା ପଡ଼ିଆରେ ଟଳି ପଡ଼ିଥିଲେ। ତାଙ୍କୁ ମର୍କତନଗରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ବେଳକୁ ତାଙ୍କ ମୃତ୍ୟୁ ଘଟିଥିଲା। ଏପରି ଭାବେ ବାଲିଯାତ୍ରା-୨୦୨୪ରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ପ୍ରଶାସନ ବାଲିଯାତ୍ରାରୁ ଲକ୍ଷାଧିକ ଟଙ୍କା ଲାଭ କରୁଥିବା ବେଳେ ସେଠାରେ ମୃତ୍ୟୁ ଘଟିଥିବା କୌଣସି ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରୁନାହିଁ। କେବଳ ଘୋଷଣାରେ ସୀମିତ ରହୁଛି ପ୍ରଶାସନିକ ସହାୟତା। ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷେପ କରି ମୃତକଙ୍କୁ ସହାୟତା ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

### ପ୍ରଶାସନିକ ନିଷ୍ପତ୍ତି ସତ୍ତ୍ୱେ କ୍ଷତିପୂରଣ ପ୍ରଦାନ ପାଇଁ ଭୁଲିଗଲେ ସରକାର

### ଗତବର୍ଷ ଭିଆଇପି ଓ ଭିଭିଆଇପି ସେବାରେ ଲାଗିଥିଲା ପ୍ରଶାସନ

## ପିଏମ୍ କିଷାନ ଯୋଜନାର ୨୪ତମ କିସ୍ତି ପ୍ରଦାନ

# କେନ୍ଦ୍ରାପଡ଼ାର ୧.୩୧ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା



**କେନ୍ଦ୍ରାପଡ଼ା,୩୦।୧୦(ସମିସ)**

ଚାଷୀଙ୍କ ଆର୍ଥିକ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲାର ୧ ଲକ୍ଷ ୩୧ ହଜାର ୧୩୬ ଜଣ ଯୋଗ୍ୟ ଚାଷୀଙ୍କୁ ରବିବରୁ ୨୦୨୬-୨୭ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ଚାଷୀଙ୍କ ବ୍ୟାଙ୍କ ଜମାଖାତାକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ପଠାଯାଇଥିବାବେଳେ ଜିଲ୍ଲାରେ ମୋଟ ୨୬ କୋଟି ୨୨ ଲକ୍ଷ ୭୨ ହଜାର ଟଙ୍କା ହସ୍ତାନ୍ତର ହୋଇଛି।

ଗୁଜରାଟର ବନାସକାଣ୍ଠାଠାରେ ଆୟୋଜିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ଯୋଗ୍ୟ ଚାଷୀଙ୍କ ଖାତାକୁ ଅର୍ଥରାଶି ହସ୍ତାନ୍ତର କରିଥିବାବେଳେ ଭୁବନେଶ୍ୱର ଓୟୁଏଟିର କୃଷି ଶିକ୍ଷା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଅର୍ଥ ହସ୍ତାନ୍ତର ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର୍. ଆୟର ଉପସ୍ଥିତ ରହି ଚାଷୀଙ୍କୁ ଯୋଜନାର ସହାୟତା ଓ ଏହାର ଉପଯୋଗ ସମ୍ପର୍କରେ ଅବଗତ କରାଇଥିଲେ। କୃଷି କାର୍ଯ୍ୟର ପ୍ରାରମ୍ଭିକ ପର୍ଯ୍ୟାୟରେ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କ୍ରୟ ପାଇଁ ଚାଷୀଙ୍କୁ ଆର୍ଥିକ ସମ୍ବଳର ଆବଶ୍ୟକତା ରହିଥାଏ। ଏଭଳି ସମୟରେ ମିଳୁଥିବା ଏହି ସହାୟତା ଚାଷୀଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣିବ ବୋଲି ଆଶା କରାଯାଉଛି। ପ୍ରତ୍ୟେକ ଯୋଗ୍ୟ ଚାଷୀ ପରିବାରକୁ ବର୍ଷକୁ ୬ ହଜାର ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଉଛି। ପ୍ରତି କିସ୍ତିରେ ୨ ହଜାର ଟଙ୍କା ହିସାବରେ ଏହି ଅର୍ଥ ସିଧାସଳଖ ବ୍ୟାଙ୍କ ଖାତାକୁ ପଠାଯାଉଛି। କେବଳ ଆର୍ଥିକ ସହାୟତା ନୁହେଁ, ଚାଷୀଙ୍କ ଆୟ ବୃଦ୍ଧି ଓ କୃଷି କ୍ଷେତ୍ରରେ ସ୍ଥିରତା ଆଣିବା ପାଇଁ ଫସଲ ବିବିଧକରଣ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ପାରମ୍ପରିକ ଧାନ ଚାଷ ସହିତ ବଜାର ଚାହିଦା ଥିବା ଅନ୍ୟାନ୍ୟ ଫସଲ ଚାଷ ପ୍ରତି ଆଗ୍ରହୀ ହେବାକୁ ସେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଚାଷୀଙ୍କ ଆୟର ଉତ୍ସ ବଢ଼ିବା ସହ ଗୋଟିଏ ଫସଲ ଉପରେ ନିର୍ଭରଶୀଳତା ମଧ୍ୟ ହ୍ରାସ ପାଇପାରିବ। ଏଥିସହ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଦିନ ସ୍ୱତନ୍ତ୍ର ସଚେତନତା ଶିବିର କରି ବିଭିନ୍ନ କୃଷି ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଉଥିବା ଜିଲ୍ଲାପାଳ କହିଥିଲେ। ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ତୃଣମୂଳ ସ୍ତରରେ ସଚେତନତା ଓ ଆବଶ୍ୟକ ସହଯୋଗ ବଢ଼ାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ ସାମଲ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାମିନି ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଚାଷୀ ଉପସ୍ଥିତ ଥିଲେ।

- ଚାଷୀଙ୍କ ଖାତାକୁ ଗଲା ୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା
- ଫସଲ ବିବିଧକରଣ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

## କଣ୍ଠିଆ ନଦୀରେ ଜୀବନକୁ ନେଇ ଖେଳ

# ବିନା ଲାଇଫ୍ ଜ୍ୟାକେଟରେ ନଦୀ ପାର ହେଉଛନ୍ତି ଲୋକ

**ପଟ୍ଟାମୁଣ୍ଡାଇ, ୩୦।୧୦(ସମିସ):** କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତାର କଣ୍ଠିଆ ନଦୀ ଉପରେ ନିର୍ମାଣାଧୀନ ସେତୁ କାର୍ଯ୍ୟ ଦୀର୍ଘଦିନ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଫଳରେ ହଜାର ହଜାର ଲୋକଙ୍କ ଯାତାୟାତ ଏବେ କେବଳ ଏକ ଅସୁରକ୍ଷିତ ଡଙ୍ଗା ଉପରେ ନିର୍ଭର କରୁଛି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସିଂହଗାଁ ନିକଟରେ ଏହି ସେତୁ ନିର୍ମାଣ କାର୍ଯ୍ୟ ବହୁ ଦିନ ପୂର୍ବରୁ ଆରମ୍ଭ ହୋଇଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ ଅବହେଳା ଯୋଗୁଁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ନଦୀ ପାର ହେଉଥିବା ଡଙ୍ଗାରେ ନା ଅଛି ପର୍ଯ୍ୟାପ୍ତ ଲାଇଫ୍ ଜ୍ୟାକେଟ୍, ନା ଅଛି ସୁରକ୍ଷା ବ୍ୟବସ୍ଥା। ଛୋଟ ଡଙ୍ଗାରେ କ୍ଷମତାଠାରୁ ଅଧିକ ଲୋକ, ବାଇକ୍ ଓ ମାଲ ପରିବହନ କରାଯାଉଛି। ଯେକୌଣସି ମୁହୂର୍ତ୍ତରେ ବଡ଼ ଅଘଟଣ ଘଟିବା ଆଶଙ୍କା ରହିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଘାଟରେ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହିଲେ ମଧ୍ୟ ନାବିକ ନିଜ ଇଚ୍ଛା ମୁତାବକ ଡଙ୍ଗା ଚଳାଉଛନ୍ତି। ପଚାରିବାରୁ "ମୁଁ ମୋ' ଇଚ୍ଛାରେ ଘାଟ ଚଳାଇବି' ବୋଲି ଉଦ୍ଧତ ଉତ୍ତର ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରତିଦିନ ଶହ ଶହ ସ୍କୁଲ ଛାତ୍ରଛାତ୍ରୀ, ରୋଗୀ ଓ ସାଧାରଣ ଲୋକ ଏହି ବିପଦପୂର୍ଣ୍ଣ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ପ୍ରଶାସନର ଦୃଷ୍ଟି ପଡୁନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଛି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଘାଟରେ ଲାଇଫ୍ ଜ୍ୟାକେଟ୍ ସହ ସୁରକ୍ଷିତ ଡଙ୍ଗା ଚଳାଚଳ ସୁନିଶ୍ଚିତ କରିବା ଓ ଅଧାପନ୍ତରିଆ ସେତୁ ନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



- ଅଧାପନ୍ତରିଆ ସେତୁ, ଭରସା ଅସୁରକ୍ଷିତ ଡଙ୍ଗା
- ନାବିକଙ୍କ ମନମାନିକୁ ନେଇ ତୀବ୍ର ଅସନ୍ତୋଷ

## ଜୁଏଲାରୀ ସଟର ତାଡ଼ି ଲୁଟ୍ ଉଦ୍ୟମ

**ରାଜକନିକା,୩୦।୧୦(ସମିସ):** କଣ୍ଟପଡ଼ା ବଜାରର ଗୋପୀନାଥ ଜୁଏଲାରୀ ୱାର୍କସପର ଲୁହା ଗ୍ରୀଲ ଭାଙ୍ଗି ସଟରକୁ ପିକଅପ ଗାଡ଼ିରେ ଟାଣି ଲୁଟ ଉଦ୍ୟମ ହୋଇଥିବା ଆଜି ସକାଳେ ଜଣାପଡିଛି। ଲୁଟେରା ଲୁହା ସଟର ଭାଙ୍ଗିବାକୁ ପିକଅପ ଭ୍ୟାନ୍ ବ୍ୟବହାର କରିବା ଭଳି ଅଭିନବ କୌଶଳ ଆପଣେଇ ଥିବା ଏହି ଲୁଟରେ ସ୍ପଷ୍ଟ ହୋଇଛି। ଆଜି ସକାଳୁ ୱାର୍କସପ ମାଲିକ ସୁଦର୍ଶନ ସାହୁ ଆସି ସଟରକୁ କେହି ପିକଅପ ଗାଡ଼ି ଲଗାଇ ଟାଣିବା କଥା ଚକା ଚିହ୍ନରୁ ସ୍ପଷ୍ଟ ହେବା ଜାଣି ଥାନାରେ ଏତଲା ଦେଇଛନ୍ତି। ପୁଲିସ ଘଟଣା ସ୍ଥଳ ଅନୁଧ୍ୟାନ କରି ଏଭଳି କୌଶଳ ଆପଣେଇ ଥିବା ଲୁଟେରାକୁ ଖୋଜିବା ଜାରି ରଖିଥିବାବେଳେ ପାଖ ଦୋକାନର ସିସିଟିଭି ଚିତ୍ରକୁ ଭରସା କରୁଛି। ଅତୀତରେ ଏହି ଦୋକାନ ତଡ଼ା ଯିବା, ଆଜବେଷ୍ଟସ ଖୋଲି ଲୁଟ କରିବା ପରେ ଆଜି ସାମ୍ନା ଗ୍ରୀଲ ଭାଙ୍ଗି ସଟର ତାଡ଼ିବା ଘଟଣା ସ୍ଥାନୀୟ ବ୍ୟବସାୟୀ ମହଲରେ ଚିନ୍ତା ବଢ଼ାଇଛି।

## ବଦଳିଲେ ଉପଜିଲ୍ଲାପାଳ ଅରୁଣ ନାୟକ

# ଜ୍ୟୋତିକାନ୍ତ ଭୁଜବଳ ହେଲେ ନୂଆ ଉପଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୩୦।୧୦(ସମିସ):** ଶେଷରେ ବଦଳିଲେ କେନ୍ଦ୍ରାପଡ଼ାର ଚର୍ଚ୍ଚିତ ଉପଜିଲ୍ଲାପାଳ ଅରୁଣ ନାୟକ। ତାଙ୍କ କାର୍ଯ୍ୟଶୈଳୀ ଓ ବ୍ୟବହାରକୁ ନେଇ ଦୀର୍ଘଦିନ ଧରି ଅସନ୍ତୋଷ ଓ ବିବାଦ ଲାଗି ରହିଥିବାବେଳେ ରାଜ୍ୟ ସରକାର ତାଙ୍କୁ କେନ୍ଦ୍ରାପଡ଼ାରୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ଶ୍ରୀମନ୍ଦିର ପ୍ରଶାସନର ଉପପ୍ରଶାସକ (ରାଜସ୍ୱ) ଭାବେ କାର୍ଯ୍ୟରତ ଜ୍ୟୋତିକାନ୍ତ ଭୁଜବଳଙ୍କୁ କେନ୍ଦ୍ରାପଡ଼ାର ନୂତନ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବଦଳି ବିଜ୍ଞପ୍ତି ଅନୁଯାୟୀ, ଅରୁଣ ନାୟକଙ୍କୁ ପୁରୀ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ଶ୍ରୀ ଭୁଜବଳଙ୍କୁ କେନ୍ଦ୍ରାପଡ଼ାର ଉପଜିଲ୍ଲାପାଳ ଦାୟିତ୍ୱ ଦିଆଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହେଉଛି ସାଧାରଣ ଲୋକଙ୍କ ରାଜସ୍ୱ ସମସ୍ୟା, ଜମିଜମା ବିବାଦ, ଜାତି ଓ ଆୟ ପ୍ରମାଣପତ୍ର ସମେତ ବିଭିନ୍ନ ଜନସ୍ୱାର୍ଥ ସମ୍ପର୍କିତ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ଏଭଳି ଏକ ଦାୟିତ୍ୱପୂର୍ଣ୍ଣ ପଦବୀରେ ଥିବା ଅଧିକାରୀଙ୍କଠାରୁ ଲୋକେ ସହାନୁଭୂତି, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଶା କରନ୍ତି। ନୂତନ ଉପଜିଲ୍ଲାପାଳଙ୍କ ନିଯୁକ୍ତି ପରେ ଏହି କାର୍ଯ୍ୟାଳୟର କାର୍ଯ୍ୟଶୈଳୀରେ କେତେ ପରିବର୍ତ୍ତନ ଆସୁଛି, ତାହା ଏବେ ଗୁରୁତ୍ୱ ବହନ କରୁଛି। ନୂତନ ଉପଜିଲ୍ଲାପାଳ ଜ୍ୟୋତିକାନ୍ତ ଭୁଜବଳଙ୍କ ନିକଟରେ ଏବେ ଅନେକ ଆହ୍ୱାନ ରହିଛି। ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା, ଆଇନଜୀବୀ ଓ ସାମ୍ବାଦିକଙ୍କ ସହ ସମନ୍ୱୟ ରକ୍ଷା କରିବା, ରାଜସ୍ୱ ସେବାକୁ ସରଳ ଓ ସ୍ୱଚ୍ଛ କରିବା ସହ ସାଧାରଣ ଲୋକଙ୍କ ଆସ୍ଥା ଫେରାଇ ଆଣିବା ତାଙ୍କ ପାଇଁ ପ୍ରମୁଖ ପ୍ରାଥମିକତା ହେବ। ଅଧିକାରୀ ବଦଳିବା ସହ ପ୍ରଶାସନିକ ଆଚରଣ ଓ ଜନସେବାର ମାନସିକତାରେ ମଧ୍ୟ ପରିବର୍ତ୍ତନ ଆସିବ ବୋଲି କେନ୍ଦ୍ରାପଡ଼ାବାସୀ ଆଶା ପ୍ରକାଶ କରିଛନ୍ତି।

## ଓଡ଼ିଶା ସେବା ଫାଷ୍ଟ ଇନୋଭେସନ୍ ଚାଲେଞ୍ଜ କାର୍ଯ୍ୟକ୍ରମ



**ଡେରାବିଶ, ୩୦।୧୦(ସମିସ):** ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ସଭାଗୃହରେ କେନ୍ଦ୍ରାପଡ଼ା ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ 'ଓଡ଼ିଶା ସେବା ଫାଷ୍ଟ ଇନୋଭେସନ୍ ଚାଲେଞ୍ଜ-୨୦୨୬' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅଶୋକ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ମହାବିଦ୍ୟାଳୟର କ୍ୟାରିୟର ପରାମର୍ଶଦାତା ଅଧ୍ୟାପକ ଗୁରୁଚରଣ ସେଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ପ୍ରଦୀପ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ରହିଥିବା ସୁଯୋଗ, ନିଜର ଦକ୍ଷତା ଓ ସୃଜନଶୀଳତାକୁ ଉପଯୋଗ କରି କିପରି ଆଗକୁ ବଢ଼ିହେବ, ଉଦ୍ୟୋଗ ପ୍ରତିଷ୍ଠାର ବିଭିନ୍ନ କୌଶଳ ଓ ଏହି କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସହକାରୀ ଶିଳ୍ପ ଅଧିକାରୀ କୁଳମଣି ବେହେରା, ଶିବପ୍ରସାଦ ଦାଶ ଓ ସାଗର ପୁହାଣ ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ, ନୂତନ ଚିନ୍ତାଧାରା ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. କିଶୋର ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷା ସଂଗଠକ ରତ୍ନାକର ନାୟକଙ୍କ ପରଲୋକ



**ଡେରାବିଶ, ୩୦।୧୦(ସମିସ):** ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଲୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷା ସଂଗଠକ ରତ୍ନାକର ନାୟକ (୮୫)ଙ୍କ ଆଜି ପୂର୍ବାହ୍ନରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ନାୟକ ଦୁମୁକାହାଟସ୍ଥ ଡେରାବିଶ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ସେହି ବିଦ୍ୟାଳୟରୁ ଅବସର ନେଇଥିଲେ। ସେ ଶିକ୍ଷକ ସମାଜରେ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ଏଥିସହ ଜଣେ ସମାଜସେବୀ ଓ ଶିକ୍ଷା ସଂଗଠକ ଭାବେ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ନିଜ ଉଦ୍ୟମରେ ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟ, ରାମଚଣ୍ଡୀ ସଂସ୍କୃତ ଟୋଲ, ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ, ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅମିନ ଟ୍ରେନିଂ ସ୍କୁଲ, ସିଲାଇ ଶିକ୍ଷା ଅନୁଷ୍ଠାନ ଭଳି ଅନେକ ବିଦ୍ୟାଳୟ ପ୍ରତିଷ୍ଠା କରାଇଥିଲେ। ଅର୍ତାମୂଳ ଗ୍ରାମର ଶ୍ରୀରାମ ମନ୍ଦିର ପରିଚାଳନା ଓ ରଘୁନାଥଜୀଉ ସାଂସ୍କୃତିକ ପରିଷଦର ସଭାପତି ଭାବେ କାର୍ଯ୍ୟ କରିଆସୁଥିଲେ। ନିଜ ଅଞ୍ଚଳକୁ ଗମନାଗମନ ପାଇଁ ଲୁଣାନଦୀରେ ଏକ ସେତୁ ଓ ହରିଅଙ୍କରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଇବାରେ ତାଙ୍କର ଅବଦାନ ଅତୁଳନୀୟ। ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପଡ଼ି ନିଜଘରେ ଚିକିତ୍ସିତ ହୋଇଆସୁଥିଲେ। ଆଜି ପୂର୍ବାହ୍ନରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ପରଲୋକ ଖବର ପାଇ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ପ୍ରଧାନ, ଅଧ୍ୟାପକ ରମେଶ ଶତପଥି, ସ୍ଥାନୀୟ ସରପଞ୍ଚ କନକଲତା ପ୍ରଧାନ, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ଯୁଗଳ ମହାନ୍ତି, ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ୧୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଇଦାଲୋ ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଅର୍ତାମୂଳ ରଘୁନାଥଜୀଉ ମନ୍ଦିର, ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସମସ୍ତ ଶିକ୍ଷାନୁଷ୍ଠାନ ଓ ହରିଅଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ନିଆଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ।

## ପଟ୍ଟାମୁଣ୍ଡାଇ ତହସିଲର ଆର.ସି କେସ୍ ପ୍ରତି ବୈମାତୃକ ଭାବ

# ମନ୍ତ୍ରୀଙ୍କ ଘୋଷଣାକୁ ୧୧ ମାସ, ଫାଇଲ୍ ଆସିଲାନି

**ପଟ୍ଟାମୁଣ୍ଡାଇ, ୩୦।୧୦(ସମିସ):** ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କ ଘୋଷଣାକୁ ୧୧ ମାସ ବିତିଗଲା ପରେ ମଧ୍ୟ ପଟ୍ଟାମୁଣ୍ଡାଇ ତହସିଲରେ ଆର.ସି କେସ୍‌ର ତ୍ୱରିତ ଫଇସଲା ହୋଇପାରୁନାହିଁ। ଫଳରେ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜିକୁ ୧୧ ମାସ ତଳେ ରାଜସ୍ୱ ମନ୍ତ୍ରୀ ଘୋଷଣା କରିଥିଲେ ଯେ, ଏଣିକି ଆର.ସି କେସ୍ ଚକବନ୍ଦୀ କମିଶନର କୋର୍ଟରେ ଫୈସଲା ନ ହୋଇ ପ୍ରତ୍ୟେକ ତହସିଲରେ ତ୍ୱରିତ ଫଇସଲା ହେବ। ଏହି ଘୋଷଣା ପରେ ରାଜ୍ୟର ଅନେକ ତହସିଲ ନିଜ ନିଜ ଅଞ୍ଚଳର ଆର.ସି କେସ୍‌ର ରେକର୍ଡ ଚକବନ୍ଦୀ କମିଶନର କୋର୍ଟରୁ ଆଣି ଫଇସଲା ଆରମ୍ଭ କରିଛନ୍ତି। ଦୁଃଖର ବିଷୟ, ପଟ୍ଟାମୁଣ୍ଡାଇ ତହସିଲ ଆଜି ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଚକବନ୍ଦୀ କମିଶନର କୋର୍ଟରୁ ଆର.ସି କେସ୍ ରେକର୍ଡ ଆଣୁନାହିଁ। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସାଧାରଣ ସରକାରଙ୍କ ଘୋଷଣା ମୁତାବକ ତ୍ୱରିତ ନ୍ୟାୟ ପାଇବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ଗରିବ ଚାଷୀ ଓ ଜମି ମାଲିକ ପ୍ରତିଦିନ ତହସିଲକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କେବଳ ପଟ୍ଟାମୁଣ୍ଡାଇ ତହସିଲର ଅବହେଳା ଓ ବୈମାତୃକ ମନୋଭାବ ଯୋଗୁଁ ଶହ ଶହ ପରିବାରର ଜମି ବିବାଦ ଅମୀମାଂସିତ ହୋଇ ପଡ଼ିରହିଛି। ଏହି ପ୍ରସଙ୍ଗରେ ପଟ୍ଟାମୁଣ୍ଡାଇର ବୁଦ୍ଧିଜୀବୀ ଓ ଜନସାଧାରଣ ତହସିଲଦାରଙ୍କ ତୁରନ୍ତ ଦୃଷ୍ଟି ଆକର୍ଷଣ କରିବା ସହ ଚକବନ୍ଦୀ କୋର୍ଟରୁ ରେକର୍ଡ ଆଣି ତୁରନ୍ତ ଫଇସଲା କରିବାକୁ ଦାବି କରିଛନ୍ତି।

## ଚୋରି ଉଦ୍ୟମ କରୁଥିବା ୩ ଯୁବକଙ୍କୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ

**ପଞ୍ଚୁପାଣ୍ଡବ,୩୦।୧୦(ସମିସ):** ନିକିରାଇ ଥାନା ଅଧୀନରେ ଥିବା ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବିରୂପା ନଦୀ ପଠାରୁ ଏକ ଟ୍ରାନ୍ସଫର୍ମରର ଯନ୍ତ୍ରପତି ଚାରି ଉଦ୍ୟମ କରୁଥିବା ୩ ଜଣ ଯୁବକଙ୍କୁ ଧରି ଗ୍ରାମବାସୀ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ବିରୂପା ନଦୀ ପଠାରେ ବିଭିନ୍ନ ପ୍ରକାରର ଚାଷ କରିବା ପାଇଁ ଏକ ଟ୍ରାନ୍ସଫର୍ମର ଲଗାଯାଇଥିଲା। କିଛିଦିନ ପୂର୍ବରୁ କେହି ଦୁର୍ବୃତ୍ତ ଏହି ଟ୍ରାନ୍ସଫର୍ମରରୁ ଚୋରି କରିଥିବା ଅଞ୍ଚଳବାସୀ କହିଛନ୍ତି। ଆଜି ବାଲିଚନ୍ଦ୍ରପୁର ଥାନା ଅଧୀନ ମୂଷାଡିଗ୍ରୀ ଗ୍ରାମର ରୁଦ୍ରପ୍ରତାପ ମଲ୍ଲିକ ଓ ବରୀ ଥାନା ଅନ୍ତର୍ଗତ ରାଜୁ ଜେନା, ଚନ୍ଦନ ଜେନା ମିଶି ଟ୍ରାନ୍ସଫର୍ମର ଖୁଣ୍ଟରେ ଚଢ଼ି ଟ୍ରାନ୍ସଫର୍ମରର ଅନ୍ୟ ଯନ୍ତ୍ରାଂଶ ଖୋଲି ନେଉଥିବାବେଳେ ଗ୍ରାମର କିଛି ଯୁବକ ତାଙ୍କୁ ଧରି ନିକିରାଇ ପୁଲିସକୁ ଡାକି ଜିମାଦେଇଥିବା ଅଞ୍ଚଳବାସୀ କହିଛନ୍ତି। ଏ ବିଷୟରେ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରି ନ ଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ତିନିଜଣ ଯୁବକ ଅଟକ ଥିବା ଜଣାପଡ଼ିଛି।

## କମ୍ରେଡ ବୈରାଗୀ ମହାରଣାଙ୍କ ସ୍ମୃତିସଭା



**ରାଜକନିକା,୩୦।୧୦(ସମିସ):** ଆରସା ଗ୍ରାମର ବାମପନ୍ଥୀ ନେତା ବୈରାଗୀ ମହାରଣାଙ୍କ ଆଜି ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବାମପନ୍ଥୀ ବିଚାରରେ ରହି ପାରିବାରିକ ଜଞ୍ଜାଳ ଭିତରେ ରହି ଟେଲରିଂ ଶିକ୍ଷା ପ୍ରଦାନ କରିବା ସହ କବିରାଜ ଭାବେ ସୁନାମ ଅର୍ଜନ କରିଥିଲେ। ଉଭୟ ରାଜକନିକା ଓ ଚାନ୍ଦବାଲି ଅଞ୍ଚଳରେ ପରିଚିତ ଥିବା ବୈରାଗୀ ମହାରଣାଙ୍କ ଏକଦଶାହରେ ବାମପନ୍ଥୀ ସଂଗଠନ ସିପିଏମ ପକ୍ଷରୁ ସ୍ମୃତିଚାରଣ କରାଯାଇଛି। ବାମନେତା କାଳୀପ୍ରସାଦ ନାୟକ, ନୃସିହ ତରାଇ, କିଶୋର ସାହୁ, ବୈରାଗୀ ସାହୁ, ଉମାକାନ୍ତ ମାଝୀ, ରମାକାନ୍ତ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିବାବେଳେ ପୁଅ ପ୍ରଶାନ୍ତ, ବୋହୂ ପ୍ରତିଭା, ନାତି ପ୍ରତୀକ ଓ ପ୍ରମୋଦଙ୍କ ସହ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇ ପାନ୍ତୁରୀରେ ଶିଳ୍ପାୟନର ନୂଆ ଅଧ୍ୟାୟ

**କେନ୍ଦ୍ରାପଡ଼ା,୩୦।୧୦(ସମିସ)**

ଶିଳ୍ପାୟନ କ୍ଷେତ୍ରରେ ଏବେ ନୂଆ ପରିଚୟ ପାଇବାକୁ ଯାଉଛି କେନ୍ଦ୍ରାପଡ଼ା ଜିଲ୍ଲା। ଦୀର୍ଘଦିନର ଶିଳ୍ପଭିତ୍ତିକ ବିକାଶ ଆଶାକୁ ସାକାର କରିବା ଦିଗରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ପାନ୍ତୁରୀଠାରେ ୩୮.୮୮୪ ଏକର ଜମିକୁ ଶିଳ୍ପାଞ୍ଚଳ ମାନ୍ୟତା ମିଳିଛି। ଗତ ୨୮ ଅକ୍ଟୋବରରେ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ଏହି ଜମିକୁ ଆନୁଷ୍ଠାନିକ ଭାବେ ଶିଳ୍ପାଞ୍ଚଳ ଘୋଷଣା କରିଛି। ଏଥିସହିତ ଏଠାରେ ୧୪ଟି କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଥିବାବେଳେ ପ୍ରାୟ ୯୯.୨୦୪ କୋଟି ଟଙ୍କାର ପୁଞ୍ଜିନିବେଶ ଓ ପ୍ରାୟ ଏକ ହଜାର ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି।

ପାନ୍ତୁରୀରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ଏହି ପଦକ୍ଷେପ କେବଳ ଏକ ସରକାରୀ ଘୋଷଣା ନୁହେଁ, ବରଂ ଜିଲ୍ଲାରେ ଶିଳ୍ପଭିତ୍ତିକ ଅର୍ଥନୀତି ଗଠନର ଏକ ନୂଆ ସମ୍ଭାବନା। ଏହାଦ୍ୱାରା ଚାକିରି ପାଇଁ ଅନ୍ୟ ଜିଲ୍ଲା ଓ ରାଜ୍ୟକୁ ଯାଉଥିବା ସ୍ଥାନୀୟ ଯୁବକ/ଯୁବତୀଙ୍କୁ ନିଜ ଅଞ୍ଚଳରେ ନିଯୁକ୍ତି ସୁଯୋଗ ମିଳିବା ଆଶା ବଢ଼ିଛି। ସେହିପରି ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ମଧ୍ୟ ନୂଆ ବ୍ୟବସାୟିକ ସମ୍ଭାବନା ଖୋଲିବ। ଏହି ପ୍ରକଳ୍ପର ସଫଳତା ପଛରେ ଜିଲ୍ଲା ପ୍ରଶାସନ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ), ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ସଂସ୍ଥାର ସମନ୍ୱିତ ଉଦ୍ୟମ ରହିଛି। ଚଳିତ ବର୍ଷ ମାର୍ଚ୍ଚ ୧୯ରେ ଏମ୍ଏସ୍ଏମ୍ଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ପ୍ରସ୍ତାବିତ ଶିଳ୍ପାଞ୍ଚଳ ପରିଦର୍ଶନ କରିଥିଲେ। ତାଙ୍କ ସହ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ, ଜିଲ୍ଲା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ସଂସ୍ଥାର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ପରେ ଏପ୍ରିଲ ୨ରେ ଇଡ୍‌କୋ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ମଧ୍ୟରେ ଜମି ସମ୍ପର୍କିତ ଲିଜ୍ ଦଲିଲ ସ୍ୱାକ୍ଷରିତ ହୋଇଥିଲା। ପ୍ରକଳ୍ପର ଅଗ୍ରଗତି ଓ ଭିତ୍ତିଭୂମି ବିକାଶର ସମୀକ୍ଷା ପାଇଁ ଏପ୍ରିଲ ୨୨ରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀ ମିଳିତ ଭାବେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିଲେ।

ଅନ୍ୟପକ୍ଷରେ ଏହି ଶିଳ୍ପାଞ୍ଚଳରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଏକକ ଝରକା ମଞ୍ଜୁରି କର୍ତ୍ତୃପକ୍ଷଙ୍କ ବୈଠକରେ ୧୪ଟି ଏମ୍ଏସ୍ଏମ୍ଇ ୟୁନିଟ୍‌କୁ ଅନୁମୋଦନ ମିଳିଛି। ଏହି ୟୁନିଟ୍‌ରେ ପ୍ରାୟ ୯୯.୨୦୪ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ଏକ ହଜାର ଲୋକଙ୍କୁ ନିଯୁକ୍ତି ମିଳିବା ଆକଳନ କରାଯାଇଛି। ପ୍ରକଳ୍ପ ଅଧୀନରେ ବର୍ତ୍ତମାନ ସୁଦ୍ଧା ୨୧.୬୧୭ ଏକର ଜମିକୁ ମଧ୍ୟ ଅନୁମୋଦନ ମିଳିଛି। ତେବେ ଶିଳ୍ପାଞ୍ଚଳ ଘୋଷଣା ଓ ପୁଞ୍ଜିନିବେଶ ପ୍ରସ୍ତାବ ଯେତିକି ଉତ୍ସାହଜନକ, ଏହାର ବାସ୍ତବ ରୂପାୟନ ସେତିକି ଗୁରୁତ୍ୱପୂର୍ଣ୍ଣ। ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ରାସ୍ତା, ବିଦ୍ୟୁତ୍, ଜଳଯୋଗାଣ, ନିଷ୍କାସନ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ବିକାଶ ସହ ଅନୁମୋଦିତ ଉଦ୍ୟୋଗ କେବେଠାରୁ କାର୍ଯ୍ୟକ୍ଷମ ହେବ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ପୁଞ୍ଜିନିବେଶ ପ୍ରସ୍ତାବ ବାସ୍ତବ ଶିଳ୍ପରେ ପରିଣତ ହେଲେ ହିଁ ଏହି ଅଞ୍ଚଳର ଅର୍ଥନୈତିକ ଚିତ୍ର ବଦଳିବ। ସାମଗ୍ରିକ ଭାବେ ପାନ୍ତୁରୀ ଶିଳ୍ପାଞ୍ଚଳ କେନ୍ଦ୍ରାପଡ଼ାର ଶିଳ୍ପ ମାନଚିତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଏହାର ସଫଳ କାର୍ଯ୍ୟକାରିତା ହେଲେ ପଟ୍ଟାମୁଣ୍ଡାଇ ସମେତ ସମଗ୍ର ଜିଲ୍ଲାରେ ରୋଜଗାର, ବ୍ୟବସାୟ ଓ ଆର୍ଥିକ ପ୍ରଗତିର ନୂଆ ପଥ ଉନ୍ମୁକ୍ତ ହେବ।



- ୩୮.୮୮୪ ଏକର ଜମିକୁ ମିଳିଲା ଶିଳ୍ପାଞ୍ଚଳ ମାନ୍ୟତା
- ୯୯.୨୦୪ କୋଟିର ପୁଞ୍ଜିନିବେଶ ସମ୍ଭାବନା
- ୧୪ଟି ଉଦ୍ୟୋଗକୁ ଅନୁମୋଦନ
- ହଜାରେ ଲୋକଙ୍କୁ ନିଯୁକ୍ତି ଆଶା

ସକାଳ
THE SAKALA



# ପୁଣି ବିପଦସଂକେତ ଉପରେ ଜଳକା; ଚାଷୀ ମୁଣ୍ଡରେ ଚଡ଼କ




ବସ୍ତା ବ୍ଲକ,୩୦।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଅର୍ଣ୍ଣବ' ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍‌ରେ କୌଣସି ପ୍ରଭାବ ପକାଇ ନଥିବା ବେଳେ ଦୁଇଦିନ ଧରି ବର୍ଷା ଯୋଗୁଁ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ପୁଣି ବନ୍ୟା ଆସିଛି। ମଥାନୀ ଠାରେ ଜଳକା ନଦୀର ବିପଦ ସଂକେତ ୬. ୫୦ ମିଟର ଥିବା ବେଳେ ଶୁକ୍ରବାର ଅପରାହ୍ଣ ୪ ଟାରେ ଜଳକା ବିପଦ ସଂକେତ ଟପି ୬.୫୨ରେ ପ୍ରବାହିତ ହେଉଛି। ନଦୀର ଉପର ମୁଣ୍ଡ ମୟୂରଭଞ୍ଜ ଜିଲ୍ଲା ହୋଇଥିବା ବେଳେ ସେଠାରେ ପ୍ରବଳ ବର୍ଷା ଫଳରେ ଜଳସ୍ତର ବଢ଼ିବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ଗତ ଦୁଇଦିନ ଧରି ବସ୍ତା ବ୍ଲକ୍‌ରେ ୧୪୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ପୁଣି ବର୍ଷା ଲାଗି ରହିଛି। ଜଳକା ଜଳସ୍ତର ବୃଦ୍ଧି ଫଳରେ ବସ୍ତା ବ୍ଲକ୍‌ର ୭ଟି ପଞ୍ଚାୟତର ଶହ ଶହ ହେକ୍ଟର ଧାନ ଚାଷ ଜମି ଜଳମଗ୍ନ ହୋଇ ରହିଛି। ଚଳିତ ବନ୍ୟା ଚାଷୀ ମୁଣ୍ଡରେ ଚଡ଼କ ପକାଇ ଦେଇଛି। ଗୋଟିଏ ବର୍ଷରେ ଜଳକାରେ ୭ ଥର ବନ୍ୟା ଆସିବା ଫଳରେ ବସ୍ତା ଅଞ୍ଚଳର ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୂର୍ବ ବନ୍ୟାରୁ ଟିକେ ଅଣ୍ଟା ସଳଖିଥିବା ବେଳେ ଯାହା ଟିକେ ଥିଲା ଚଳିତ ବନ୍ୟା ସବୁ ଧୋଇ ନେବ ବୋଲି ଆଶଙ୍କା କରିଛି ଚାଷୀକୁଳ।

# କୁଳଡିହା ବନ ବିଭାଗ କାର୍ଯ୍ୟାଳୟ ମାଲଖାନାରେ ଅଗ୍ନିକାଣ୍ଡ

ନୀଳଗିରି,୩୦।୧୦(ସମିସ): ନୀଳଗିରିସ୍ଥ କୁଳଡ଼ିହା ବନବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ମାଲଖାନା(ଗୋଦାମ ଗୃହ)ରେ ଶୁକ୍ରବାର ପୂର୍ବାହ୍ନରେ ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗକୁ ଖବର ଦେବାପରେ ନୀଳଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିଶମ ବିଭାଗର ପ୍ରାଥମିକ ତଦନ୍ତ ଅନୁଯାୟୀ ଗୋଦାମଗୃହରେ ଏକ ମଟରସାଇକଲର ବ୍ୟାଟେରୀର ସର୍ଟସର୍କିଟ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଇଛି। ଏହି ଅଗ୍ନିକାଣ୍ଡରେ ୨ଟି ଜବତ ମଟରସାଇକଲ, ଗୋଟିଏ ତାର୍ପଲିନ୍ ଏବଂ ଗୋଟିଏ ପୁରୁଣା ଟାୟାର ଜଳିଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ମାଲଖାନାରେ ଶିକାରୀଙ୍କଠାରୁ ଜବତ ବିସ୍ଫୋରକ ଠାରୁ ଆରମ୍ଭକରି ବନ୍ଧୁକ, ମଟରସାଇକଲ, ଅନ୍ୟାନ୍ୟ ବହୁ ଶିକାର ସରଞ୍ଜାମ ରହିଥିବା ବେଳେ ଅଳ୍ପକେ ବଡ଼ଧରଣର ଅଘଟଣରୁ ବର୍ତ୍ତିଯାଇଛି। ତେବେ ବିଭାଗୀୟ ସୂଚନାଠାରୁ ଅଧିକ କ୍ଷୟକ୍ଷତି ଘଟିଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ଅଧିକ ତଦନ୍ତ ଜାରିରହିଥିବା ଏସିଏଫ୍‌ଓ ମାଣିକେଶ୍ୱରୀ ହାଂସଦା ପ୍ରକାଶ କରିଛନ୍ତି।



# 'ସୁନ୍ଦର ସକାଳ' ଓ 'ସ୍ନେହ ପରିଧି'ର ପାଠକାର୍ପଣ ଉତ୍ସବ



ବାଲେଶ୍ୱର,୩୦।୧୦(ସମିସ): କବିତୀର୍ଥ ଶାନ୍ତି କାନନରେ ଡ. ମନୋରଞ୍ଜନ ନାୟକଙ୍କ ଦୁଇ ଖଣ୍ଡ କବିତା ଗ୍ରନ୍ଥ 'ସୁନ୍ଦର ସକାଳ' ଓ 'ସ୍ନେହ ପରିଧି' ମୁଖ୍ୟ ଅତିଥି ଭାବେ ଚିତ୍ତରଞ୍ଜନ ଚିରଞ୍ଜିତ ଯୋଗଦେଇ ପାଠକାର୍ପଣ କରିଛନ୍ତି। ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର। ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟିକ ଭାଷା ବିକାଶ ଆନ୍ଦୋଳନର ସମ୍ପାଦକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ 'ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସ ସମୀକ୍ଷକ ରୂପେ ଯୋଗଦେଇ ପୁସ୍ତକ ଦୁଇଟିର ଭାବଗତ ଓ ସାରସ୍ୱତ ଦିଗ ଉପରେ ମତ ରଖିଥିଲେ। ସାରସ୍ୱତ ଜୀବନରେ ପ୍ରାପ୍ତିର ଆଶା ନଥାଏ। ଏହା ଏକ ପ୍ରକ୍ରିୟା ବୋଲି ଚିତ୍ତରଞ୍ଜନ ଚିରଞ୍ଜିତ ମତ ଦେଇଥିଲେ। ନୂତନ ଜୀବନ, ନୂତନ ସକାଳ, ନୂଆ ଆରମ୍ଭ, ନବ ଚେତନା, ପୂର୍ଣ୍ଣ ବିଶ୍ୱାସ, ନୂତନ ଆଶା ଓ ନବ ସମ୍ଭାବନା ଡ. ନାୟକଙ୍କ ପୁସ୍ତକର ସାରମର୍ମ ବୋଲି ଡ. ତ୍ରିପାଠୀ ମତ ଦେଇଥିଲେ। କବି ପ୍ରଶାନ୍ତ ଦାସ ଡ. ନାୟକଙ୍କ ପୁସ୍ତକ ଉପରେ ମତ ରଖି କହିଲେ ଯେ ତାଙ୍କର ରଚନାରେ ସ୍ନେହର ପରିଧି ଜମାଟ ବାନ୍ଧି ରହିଛି ଏବଂ ସେହିଠାରୁ ଯେପରି ନୂଆ ସକାଳ ଉଦିତ ହେଉଛି ସେଇ ସମ୍ଭାବନା ସେ ଦେଖୁଛନ୍ତି। ଡ. ରତ୍ନାକର ସିଂହ ପ୍ରାକ ଭାଷ ଉପସ୍ଥାପନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଭାଗବତ ପ୍ରସାଦ ଦାସ, ଦୀନବନ୍ଧୁ ଲେଙ୍କା, ସାରଂଗଧର ତ୍ରିପାଠୀ, ବିଜୟ ଦେ, ଅରୁଣା ରାୟ ଜ୍ୟୋତ୍ସ୍ନା ରାୟ, ସୁବ୍ରତା ମହାନ୍ତି ଶାନ୍ତି ବିଶି, ତୃପ୍ତି ଲତା ଦାସ, ଶାନ୍ତି ବିଶି, କୃଷ୍ଣା ପ୍ରଧାନ, ଝୁମର ନାଥ ପାତ୍ର, ପର୍ଶୁରାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜନଗଣନା ପାଇଁ ବାଲେଶ୍ୱରରେ ପ୍ରସ୍ତୁତି ଜୋରଦାର

# ଜାନୁଆରୀ ୧୦ରୁ ୨୪ ପର୍ଯ୍ୟନ୍ତ ସ୍ୱୟଂଗଣନା



ବାଲେଶ୍ୱର,୩୦।୧୦(ସମିସ): ଆଗାମୀ ଜନଗଣନା-୨୦୨୭କୁ ସୁବ୍ୟବସ୍ଥିତ, ନିର୍ଭୁଲ ଓ ସଫଳତାର ସହ ସମ୍ପାଦନ କରିବା ଲକ୍ଷ୍ୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜନଗଣନା କାର୍ଯ୍ୟର ବିଭିନ୍ନ ଦିଗ, ତଥ୍ୟ ସଂଗ୍ରହ ପ୍ରକ୍ରିୟା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା ସହ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ ଡେପୁଟି ଜିଲ୍ଲାପାଳ ପ୍ରବୋଧ କୁମାର ମଲିକ, ସହାୟକ ଜିଲ୍ଲାପାଳ ସୁବ୍ରତ କୁମାର ଘୋଷ, ଜନଗଣନା ସହାୟକ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ଦାୟିତ୍ୱପ୍ରାପ୍ତ ଅଧିକାରୀ ମହେନ୍ଦ୍ର ମହାଳିକ ଓ ଜନଗଣନା ପରାମର୍ଶଦାତା ଦୟାନିଧି ନାୟକ ଉପସ୍ଥିତ ରହିଥିଲେ। ଏଥିସହ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ସୂଚୀ ଅନୁଯାୟୀ, ୨୦୨୭ ଜାନୁଆରୀ ୧୦ରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ୱୟଂ ଗଣନା ପ୍ରକ୍ରିୟା ଚାଲିବ। ଏହାପରେ ଜାନୁଆରୀ ୨୫ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ହେବ। ଏହି ସମୟରେ ନିଯୁକ୍ତ ଜନଗଣନାକାରୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ପରିବାରଠାରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରିବେ। ଏଥିପାଇଁ ଜିଲ୍ଲାର ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଜନଗଣନାରେ ପ୍ରତ୍ୟେକ ପରିବାର ଓ ସେଥିରେ ରହୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ନିର୍ଦ୍ଧାରିତ ପ୍ରଶ୍ନାବଳୀ ଅନୁଯାୟୀ ତଥ୍ୟ ହାସଲ କରାଯିବ। ମୋଟ ୪୦ଟି ପ୍ରଶ୍ନ ମାଧ୍ୟମରେ ଜନସଂଖ୍ୟା, ପରିବାରର ଗଠନ, ବୟସ, ଲିଙ୍ଗ, ଶିକ୍ଷାଗତ ଯୋଗ୍ୟତା, ବୃତ୍ତି ଓ ଅନ୍ୟାନ୍ୟ ଜନସାଂଖ୍ୟିକ ତଥ୍ୟ ସଂଗ୍ରହ ହେବ। ଏହି ତଥ୍ୟ ଦେଶର ପ୍ରକୃତ ଜନସଂଖ୍ୟାଗତ ଚିତ୍ର ସାମ୍ନାକୁ ଆଣିବା ସହ ସରକାରଙ୍କ ଭବିଷ୍ୟତ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ଗୃହ ଓ ଭିତ୍ତିଭୂମି ବିକାଶ ପାଇଁ ନୀତି ନିର୍ଦ୍ଧାରଣରେ ସହାୟକ ହେବ। ଜନଗଣନା କେବଳ ଜନସଂଖ୍ୟା ଗଣନାରେ ସୀମିତ ନୁହେଁ; ଏହା ଦେଶର ସାମାଜିକ ଓ ଆର୍ଥିକ ସ୍ଥିତିର ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ। ତେଣୁ ଏହି ଜାତୀୟ କାର୍ଯ୍ୟରେ ପ୍ରତ୍ୟେକ ପରିବାରର ସଠିକ୍ ଓ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ଅତ୍ୟନ୍ତ ଜରୁରୀ। ବାଲେଶ୍ୱର ଜିଲ୍ଲାରେ ଜନଗଣନା କାର୍ଯ୍ୟକୁ ନିର୍ଭୁଲ ଓ ସଫଳ କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଓ ସମନ୍ୱୟ ଉପରେ ଏହି ପ୍ରଶିକ୍ଷଣ ଶିବିରରେ ଗୁରୁତ୍ୱ ଦିଆଯାଇଥିଲା।

# ମଦ ବୋଝେଇ ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର



ଜଳେଶ୍ୱର,୩୦।୧୦(ସମିସ): ଜଳେଶ୍ୱର ଅଞ୍ଚଳରେ ଚୋରା ମଦ ଚାଲାଣବେଳେ ପୁଣି ଏକ ଗୁରୁତର ସଡ଼କ ଦୁର୍ଘଟଣା ଘଟିଛି। ରାଇବଣିଆ ଅଞ୍ଚଳରୁ ଚୋରା ମଦ ବୋଝେଇ କରି ଦ୍ରୁତ ଗତିରେ ଯାଉଥିବା ଏକ ନମ୍ବର ବିହୀନ ମୋଟର ସାଇକଲ ଧକ୍କାରେ ଜଣେ ୩୫ବର୍ଷୀୟ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଉଛନ୍ତି ଜଳେଶ୍ୱର ଥାନା ଅନ୍ତର୍ଗତ ଛମୌଜ ଗ୍ରାମର କାଙ୍ଗାଳି ଚରଣ ଜେନାଙ୍କ ପୁଅ ଉମାକାନ୍ତ ଜେନା। ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପ୍ରଥମେ ଜଳେଶ୍ୱର ଭଞ୍ଜର ହସପିଟାଲ ଓ ପରେ ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ ଆଜି ସକାଳେ ଜଳେଶ୍ୱର ପଶ୍ଚିମବାଡ଼ ରାସ୍ତାର ଛମୌଜ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିଲା। ଉମାକାନ୍ତ ଜେନା ଜଳେଶ୍ୱର ଅଭିମୁଖେ ଯାଉଥିବା ବେଳେ ମନ୍ଦିର ସମ୍ମୁଖରେ ପ୍ରଣାମ କରୁଥିବା ସମୟରେ ହଠାତ୍ ଦ୍ରୁତଗାମୀ ମୋଟର ସାଇକଲ ତାଙ୍କୁ ଧକ୍କା ଦେଇଥିଲା। ଉକ୍ତ ମୋଟର ସାଇକଲରେ ଚୋରା ଦେଶୀମଦ ଚାଲାଣ କରାଯାଉଥିବା ଏବଂ ଏହା ଭୋଗରାଇ ବ୍ଲକ୍ ନିମାତପୁର ଅଞ୍ଚଳକୁ ଯାଉଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାପରେ ସ୍ଥାନୀୟ ଲୋକେ ଉମାକାନ୍ତଙ୍କୁ ଉଦ୍ଧାର କରି ଜଳେଶ୍ୱର ଜି.କେ. ଭଞ୍ଜର ହସ୍ପିଟାଲକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଉମାକାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ପଠାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ମୋଟର ସାଇକଲ ଜବତ କରିଛି। ଘଟଣାର ପ୍ରକୃତ କାରଣ, ମଦ ଚାଲାଣ ପଛରେ କୌଣସୀ ବଡ ଚାଲାଣକାରୀ ଗୋଷ୍ଠୀର ହାତ ରହିଛି କି ନାହିଁ ପୁଲିସ ତଦନ୍ତ କରୁଛି। ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବା ପରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଳେଶ୍ୱର ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ର କହିଛନ୍ତି।

# ଜଳେଶ୍ୱର ନାବାଳିକା ହତ୍ୟା ଘଟଣାକୁ ନିନ୍ଦା କଲା ସିପିଆଇଏମ୍



ବାଲେଶ୍ୱର,୩୦।୧୦(ସମିସ): ବାଲେଶ୍ୱରସ୍ଥ ସିପିଆଇଏମ୍ ଜିଲ୍ଲା ପାର୍ଟି ଅଫିସରେ ସୀତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଳେଶ୍ୱରର ନାବାଳିକା ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ଜଘନ୍ୟ ଓ ବର୍ବର ବୋଲି ତୀବ୍ର ନିନ୍ଦା କରାଯାଇଛି। ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଭାଙ୍ଗି ପଡ଼ିଛି ବୋଲି ଅଭିଯୋଗ କରାଯାଇଛି। ଏହି ବର୍ବର କାଣ୍ଡ ବିରୁଦ୍ଧରେ ଅକ୍ଟୋବର ୨୭ ତାରିଖ ବନ୍ଦକୁ ସଫଳ କରିଥିବାରୁ ଜଳେଶ୍ୱରବାସୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ ଯୋଗ ଦେଇ କହିଥିଲେ, ରାଜ୍ୟର ଡବଲ ଇଞ୍ଜିନ ବିଜେପି ସରକାର ଆଇନଶୃଙ୍ଖଳା ରକ୍ଷାରେ ବିଫଳ ହୋଇଛି। ଏମ୍ ଏମ୍ ଡି ଆର୍ ସଂଶୋଧିତ ଆଇନ ୨୦୨୬ ବାତିଲ, ଏସ୍ ଆଇ ଆର୍ ପ୍ରକ୍ରିୟା ବାତିଲ, ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ବଦଳ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ହୋଇଥିବା ଓଡ଼ିଶା ବନ୍ଦ ବାଲେଶ୍ୱର ଜିଲ୍ଲାରେ ସଫଳ ହୋଇଛି। ଜିଲ୍ଲା ସମ୍ପାଦକ ଶିଶିର ହୁଇ ଆନ୍ଦୋଳନର ସମୀକ୍ଷା ରିପୋର୍ଟ ଉପସ୍ଥାପନ କରି ନଭେମ୍ବର ୭ ତାରିଖରେ ରୁଷର ସମାଜବାଦୀ ବିପ୍ଳବ ସ୍ମୃତିରେ ଲାଲ ପତାକା ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ନଭେମ୍ବର ମାସରେ ସମସ୍ତ ବ୍ଲକରେ ଜନ ଆକ୍ରୋଶ ସମାବେଶ ଓ ଡିସେମ୍ବରରେ ପଦଯାତ୍ରା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ବରିଷ୍ଠ ନେତା ନିର୍ମଳ ନାୟକ, ବିଜୟ କୁମାର ପାତ୍ର, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ସତ୍ୟଜିତ ଦାସ, ଗୋବିନ୍ଦ ବାରିକ, ରାଜକିଶୋର ଲେଙ୍କା, ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରେମ ରଞ୍ଜନ ପାତ୍ର ଧନ୍ୟବାଦ ଦେଇଥିଲେ।

# ପତଞ୍ଜଳି ଯୋଗ ସମିତି ପକ୍ଷରୁ ରକ୍ତଦାନ ଶିବିର; ୪୦ ୟୁନିଟ୍ ରକ୍ତ ସଂଗ୍ରହ



ଜଳେଶ୍ୱର ବ୍ଲକ,୩୦।୧୦(ସମିସ): ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କବି ଦୀନକୃଷ୍ଣ ସ୍ମୃତି ପୀଠ ମୁଣ୍ଡତୁଣିଆରେ ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ଗୁରୁବାର ପତଞ୍ଜଳି ଯୋଗ ସମିତି ଜଳେଶ୍ୱର ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରା ଯାଇଥିଲା। ପତଞ୍ଜଳି ଯୋଗ ସମିତି ଜଳେଶ୍ୱର ତହସିଲ ପ୍ରଭାରୀ ତପନ ସାହୁଙ୍କ ଆହ୍ୱାନରେ ଆୟୋଜିତ ରକ୍ତ ଦାନ ଶିବିରରେ ପତଞ୍ଜଳି ସ୍ୱାଭିମାନ ଭାରତର ଜିଲ୍ଲା ସଭାପତି କରୁଣାକର ଶିଓଳ, ବାଲେଶ୍ୱର ଜିଲ୍ଲା ପତଞ୍ଜଳି ଯୁବଭାରତର ସଭାପତି ମନୋଜ କୁମାର ଦେ, ଯଶୋମତି ଶିଓଳ, ପ୍ରଦୀପ ମିଶ୍ର, ବିପ୍ଳବ ପ୍ରଧାନ, ସୁଜିତ ସାହୁ, ଦୀପକ ସାହୁ, ସନ୍ତୋଷ ସାହୁ, ଗୋପାଳ ଚନ୍ଦ୍ର ପ୍ରଧାନ, ନନ୍ଦିନୀ ସାହୁ, ହେମାଙ୍ଗିନୀ ସାହୁ, ଶୁଭଶ୍ରୀ ସାହୁ, ସୁଶାନ୍ତ ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରୁ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାରର ରାଜେଶ ମିଶ୍ର ଏବଂ ତାଙ୍କ ସହକର୍ମୀ ରକ୍ତ ଦାନ ଶିବିର ପରିଚାଳନା କରିଥିଲେ।


## ● ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ନୈତିକତା ଓ ସାଧୁତା ଉପରେ ଗୁରୁତ୍ୱ, ଶପଥପାଠ



ବାଲେଶ୍ୱର,୩୦।୧୦(ସମିସ): ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ କେବଳ ଆଇନ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ, ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ସାଧୁତା, ସଚ୍ଚୋଟତା ଓ ନୈତିକ ଦାୟିତ୍ୱବୋଧ ରହିବା ଆବଶ୍ୟକ। ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି ଓ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା ପ୍ରତିଷ୍ଠାର ଆହ୍ୱାନ ସହ ବାଲେଶ୍ୱରରେ ପାଳିତ ହୋଇଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଭିଜିଲାନ୍ସ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା ସପ୍ତାହ ପାଳନ କରାଯାଉଛି। ସଭାରେ ବାଲେଶ୍ୱର ଜିଲ୍ଲା ଓ ଦୌରା ଜଜ୍ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଅଧିକାରୀ, କର୍ମଚାରୀ ଓ ପ୍ରତିନିଧିମାନଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। ଦୁର୍ନୀତିକୁ ରୋକିବା ପାଇଁ ପ୍ରତ୍ୟେକ ନାଗରିକ ସଚେତନ ହେବା ସହ ନିଜ ନିଜ କ୍ଷେତ୍ରରେ ସାଧୁତା ଓ ନୈତିକତା ବଜାୟ ରଖିବା ଉପରେ ସଭାରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜୈବପ୍ରଯୁକ୍ତି ବିଜ୍ଞାନ ବିଭାଗ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ଦୁର୍ନୀତି ବିରୋଧୀ ମନୋଭାବର ଆରମ୍ଭ ନିଜ ପରିବାରରୁ ହେବା ଆବଶ୍ୟକ ବୋଲି କହିଥିଲେ। ନିଜ ଆଚରଣ ଓ କାର୍ଯ୍ୟରେ ସ୍ୱଚ୍ଛତା ରଖିବା ସହ ସମାଜର ହିତ ପାଇଁ ପ୍ରତ୍ୟେକେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ ବିଭାଗର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ ଓ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲିକ ସଭା ପରିଚାଳନା କରିଥିବାବେଳେ ଭିଜିଲାନ୍ସ ଇନ୍ସପେକ୍ଟର ଶ୍ରୀବଲ୍ଲଭ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାର ଶେଷରେ ଦୁର୍ନୀତି ନିବାରଣ ସମ୍ପର୍କିତ ବିତର୍କ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# କଟର୍ ମେସିନ ଚୋରି କରି ବନ୍ଧା ହେଲେ ଯୁବକ



ନୀଳଗିରି, ୩୦।୧୦(ସମିସ): ଜେଲ୍ ରାସ୍ତାରେ ନୂତନ ଚାଲିଥିବା ବେଳେ ମିସ୍ତ୍ରି ମେସିନକୁ ତଳେ ରଖି ରଡ୍ ନେଇ ଯାଇଥିଲେ। ଯୁବକ ତଳେ ଥିବା କଟର ଦିନ ଦ୍ୱିପ୍ରହରରେ ନୀଳଗିରି କଲ୍ୟାଣ ମଣ୍ଡପ କାମ ତଳେ ରଡ୍ କାଟି କଟର ଦୁଇ ମହଲା ଉପରକୁ ଏହି ସମୟରେ ଜଣେ ମେସିନକୁ ଚୋରି କରି ନେଇ ଯାଇଥିଲା। ପରେ ବହୁ ଖୋଜା ଖୋଜି କରିବା ପରେ ଯୁବକକୁ କାବୁ କରାଯାଇଥିଲା। ଏ ନେଇ ନୀଳଗିରି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ୪ ମାସ ନିଖୋଜ ଥିବା ନାବାଳିକା ଉଦ୍ଧାର



ଜଳେଶ୍ୱର,୩୦।୧୦(ସମିସ): ଜଳେଶ୍ୱର ଥାନା ଅଞ୍ଚଳରେ ବାରମ୍ବାର ନାବାଳିକା ଅପହରଣ ଘଟଣା ଘଟୁଥିବାବେଳେ ୪ ମାସ ହେଲା ନିଖୋଜ ଥିବା ଜଣେ ନାବାଳିକାକୁ ଉଦ୍ଧାର କରିଛନ୍ତି ପରିବାର ଲୋକେ। କୋଟ ପଞ୍ଚାୟତ ଗୋବର୍ଦ୍ଧନପୁର ଗାଁର ଏହି ନାବାଳିକା ସମ୍ପର୍କରେ ଜୁଲାଇ ୧୭ ତାରିଖରେ ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକା ଜଣଙ୍କ ଜଳେଶ୍ୱ ସ୍ଥିତ ମହାଳା ମହାବିଦ୍ୟାଳୟକୁ ଲକ୍ଷ୍ମୀ ବସ୍ ଯୋଗେ ଯାଇ ଆଉ ଫେରି ନ ଥିଲେ। ଏଣେ ତେଣେ ଖୋଜା ଖୋଜି ପରେ ସେହି ଗାଁର ସାଗର ବଡ଼େଇ ନାବାଳିକାକୁ ଅପହରଣ କରିଥିବା ଭାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜଳେଶ୍ୱର ଅଞ୍ଚଳରେ ନାବାଳିକା ଅପହରଣ, ଦୁଷ୍କର୍ମ, ହତ୍ୟା ଘଟଣା ଫାଇଲ୍ ଖୋଲୁଥିବା ବେଳେ ଅପହରଣକାରୀ ଚିନ୍ତାରେ ଥିଲେ। ଇତି ମଧ୍ୟରେ ନାବାଳିକା ଜଣଙ୍କ ସାବାଳିକା ହୋଇସାରିଥିବାରୁ ପରାମର୍ଶକ୍ରମେ ଜଳେଶ୍ୱର ଥାନାକୁ ଆସୁଥିଲେ। କିନ୍ତୁ ଷ୍ଟେସନ ବଜାରସ୍ଥିତ ଜୈନିକ ନେତାଙ୍କ ଘର ସମ୍ମୁଖରୁ ଅପହୃତା ଛାତ୍ରୀ ଜଣଙ୍କୁ ତାଙ୍କ ଭାଇ ଠାବ କରି ପୁଲିସ ସହାୟତାରେ ଉଦ୍ଧାର କରିଥିଲେ। ଜଳେଶ୍ୱର ଏସ୍‌ଡିପିଓ ସୁରେଶ୍ ତ୍ରିପାଠୀ, ନବ ନିଯୁକ୍ତ ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ରଙ୍କ ତତ୍ତ୍ୱାବଧାନରେ ମାଜିଷ୍ଟ୍ରେଟ ସମ୍ମୁଖରେ ୧୮୩ ଧାରା ମୂଳେ ବୟାନ ରେକର୍ଡ଼୍ କରାଯାଇଛି। ୪୧୮/୨୬ ମୂଳେ ମାମଲା ରୁଜୁ କରି ଉଦ୍ଧାର ଛାତ୍ରୀକୁ ନାରୀ ସୁଧାର ଗୃହକୁ ପଠାଇଥିବା ଜଣାଯାଇଛି। ନାବାଳିକାଙ୍କୁ ମେଡିକାଲ ପରୀକ୍ଷା ପରେ ଶିଶୁ କଲ୍ୟାଣ ସମିତିରେ କାଉନସେଲିଂ କରି ହସ୍ତାନ୍ତର ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଚକ୍ଷୁ ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ଦାସରଥ

# ୭୩ ବର୍ଷ ବୟସରେ ବି ମିଳୁନି ବାର୍ଦ୍ଧକ୍ୟ ଭତ୍ତା



ଜଳେଶ୍ୱର ବ୍ଲକ,୩୦।୧୦(ସମିସ): ଭାଗ୍ୟର ବିଡ଼ମ୍ବନା କହିଲେ ନ ସରେ। ଯୁବାବସ୍ଥାରୁ ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇଥିବା ୭୩ ବର୍ଷୀୟ ବୃଦ୍ଧ ଦାସରଥ ମୁର୍ମୁ ଏବେ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ। ଅନ୍ୟପକ୍ଷରେ ତାଙ୍କୁ ଏଯାଏଁ ବାର୍ଦ୍ଧକ୍ୟ ଭତ୍ତାଟିଏ ବି ମିଳିପାରିନାହିଁ। ଫଳରେ ଅଭାବ ଅନଟନରେ ଦିନ କାଟୁଛନ୍ତି ରାଇବଣିଆ ପଞ୍ଚାୟତ ତାଳଡିହାପଡ଼ା ଗ୍ରାମର ଆଦିବାସୀ ବୃଦ୍ଧ ଓ ତାଙ୍କ ପତ୍ନୀ। ଦାସରଥ ଗ୍ରାମର ମାଝୀ ବାବା ଭାବେ ପରିଚିତ। ତାଙ୍କ ପତ୍ନୀ ଦୁଲିଙ୍କ ବୟସ ୬୨। ତିନି ପୁଅଙ୍କ ମଧ୍ୟରୁ ଦୁଇଜଣ ବିବାହ ପରେ ଅଲଗା ରହୁଥିବାବେଳେ ସାନପୁଅ ରୁହିଆ (୧୮) ଘରର ଆର୍ଥିକ ଅଭାବ ଯୋଗୁଁ ରୋଜଗାର ଆଶାରେ ବାହାର ରାଜ୍ୟକୁ ଚାଲିଯାଇଛନ୍ତି। ପୂର୍ବରୁ ଦାସରଥ ଛେଳି ପାଳନ ଓ ଛୋଟ ମୋଟ କାମ କରି ପରିବାର ଚଳାଉଥିଲେ। ଯୁବା ଯୁବାବସ୍ଥାରେ ଚାଷଜମିରେ ଔଷଧ ପ୍ରୟୋଗ କରୁଥିବାବେଳେ ତାଙ୍କ ଡାହାଣ ଆଖିରେ ଅସାବଧାନତା ଯୋଗୁଁ ଔଷଧ ପଡ଼ିଯିବାରୁ ସେହି ଆଖିର ଦୃଷ୍ଟିଶକ୍ତି ନଷ୍ଟ ହୋଇଯାଇଥିଲା। ବୟସ ବଢ଼ିବା ସହ ବାମ ଆଖିର ଦୃଷ୍ଟିଶକ୍ତି ମଧ୍ୟ କମିବାରୁ ସେ ଦୈନନ୍ଦିନ ଜୀବନରେ ଅସୁବିଧା ଭୋଗୁଥିଲେ। ସେ ମୟୂରଭଞ୍ଜ ଜିଲ୍ଲାର ଏକ ଚକ୍ଷୁ ଚିକିତ୍ସାଳୟକୁ ଯାଇ ଅପରେସନ କରାଇଥିଲେ। ଅପରେସନ ପରେ ଘରେ ଥିବା ସମୟରେ ଯତ୍ନ ଓ ଅଭାବ ଅବହେଳା ଯୋଗୁଁ ଆଖିରେ ସଂକ୍ରମଣ ହେବା ସହ ପ୍ରବଳ ଯନ୍ତ୍ରଣା ହୋଇଥିଲା। ଏହା ଦେଖି ଗ୍ରାମର ଜଣେ ବ୍ୟକ୍ତି ସମ୍ପୃକ୍ତ ହସ୍ପିଟାଲ ସହ ଯୋଗାଯୋଗ କରିଥିଲେ। ପରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଭୁବନେଶ୍ୱରର ପଟିଆସ୍ଥିତ ଏକ ଚକ୍ଷୁ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। କିନ୍ତୁ ଚିକିତ୍ସା ସଫଳ ନ ହେବାରୁ ଶେଷରେ ତାଙ୍କ ବାମ ଆଖିକୁ ବାହାର କରି ବାକୁ ପଡ଼ିଥିଲା। ଫଳରେ ଦାସରଥ ଏବେ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ହୋଇପଡ଼ିଛନ୍ତି। ଏପରି ଦୁର୍ଦ୍ଦଶା ମଧ୍ୟରେ ବି ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କିଗ୍ରା ଚାଉଳ ମିଳୁଥିବା ବେଳେ ଅନ୍ୟ କୌଣସି ନିୟମିତ ଆର୍ଥିକ ସହାୟତା ନାହିଁ। ଏବେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତ କରି ଭତ୍ତା ପାଇଁ ଆବେଦନ କରିବା ଆଶାରେ ଅଛନ୍ତି ଦମ୍ପତି। ଜୀବନର ସାୟାହ୍ନରେ ଦୃଷ୍ଟିଶକ୍ତି ହରାଇ ଅନ୍ୟ ଉପରେ ନିର୍ଭରଶୀଳ ହୋଇପଡ଼ିଥିବା ଦାସରଥଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ଯେ ଯୋଗାଇଦେବା ସହ ତାଙ୍କୁ ତାଙ୍କ ଯୋଗ୍ୟତା ଅନୁଯାୟୀ ଭତ୍ତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଲୋକଙ୍କ ସରକାରରେ ବ୍ଲକ ପ୍ରଶାସନ କେବେ ତାଙ୍କ ପାଖରେ ପହଞ୍ଚି ତାଙ୍କର ଦୁଃଖ ଲାଘବ କରିବାରେ ସହାୟକ ହେଉଛନ୍ତି।

# ପ୍ରସ୍ତାବିତ ମଦ ବାର୍‌କୁ ବିରୋଧ



**ତିହିଡ଼ି, ୩୦।୧୦(ସମିସ):** ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପାଚେରି ନିକଟରେ ପ୍ରସ୍ତାବିତ ଠିପିଖୋଲା ବିଦେଶୀ ମଦ ବାର୍‌କୁ ବିରୋଧ କରିଛି ଉତ୍କଳମଣି ସେବା ସଂଘ। ଏହି ବାର୍ ଖୋଲିବାକୁ ଅନୁମତି ନଦେବା ଦାବିରେ ସଂଘ ପକ୍ଷରୁ ୨ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଓ ରବିନାରାୟଣ ସାହୁଙ୍କ ସମେତ ତିହିଡ଼ି ବିଡିଓ, ତହସିଲଦାର ଏବଂ ତିହିଡ଼ି ଥାନାଧିକାରୀଙ୍କୁ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ତିହିଡ଼ି ଏନ୍‌ଏସିର ୮ ନମ୍ବର ୱାର୍ଡ ଅନ୍ତର୍ଗତ ମଙ୍ଗରାଜପୁର ମୌଜାରେ ବ୍ଲକ କାର୍ଯ୍ୟାଳୟ ପାଚେରିକୁ ଲାଗି ଏକ ହୋଟେଲ ଓ ରେଷ୍ଟୋରାଁ ସହ ଠିପିଖୋଲା ମଦ ବାର୍ ଖୋଲିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ଅକ୍ଟୋବର ୩୧ସୁଦ୍ଧା ଅଭିଯୋଗ ଦାଖଲ କରିବାକୁ ସମୟ ଦିଆଯାଇଛି। ତିହିଡ଼ିରେ ମଦ ବାର୍ ଖୋଲିବା ନେଇ ପୂର୍ବରୁ ମଧ୍ୟ ଏକାଧିକ ଥର ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଏହା ବାତିଲ ହୋଇଥିବା ଜଣାପଡ଼ିଛି। ପୁନର୍ବାର ବାର୍ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବ୍ଲକ କାର୍ଯ୍ୟାଳୟ ନିକଟରେ ମଦ ବାର୍ ଖୋଲିବା ଦ୍ୱାରା ସାମାଜିକ ପରିବେଶ ଓ ଜନସାଧାରଣଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ଆଶଙ୍କା କରି ସଂଘ ଏହାକୁ ବିରୋଧ କରିଛି। ତିହିଡ଼ିର ସାମାଜିକ ପରିବେଶ, ଜନସାଧାରଣଙ୍କ ସୁରକ୍ଷା ଓ ଅଂଚଳର ସ୍ୱାଭିମାନକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ମଦ ବାର୍ କୁ ଅନୁମତି ନଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଅବକାରୀ ବିଭାଗ ଓ ପ୍ରଶାସନ ଜନସାଧାରଣଙ୍କ ଆପତିକୁ ଗୁରୁତ୍ୱ ଦେଇ ଉଚିତ ପଦକ୍ଷେପ ନେବାକୁ ଦାବି ହୋଇଛି।

**୨ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ବିଭିନ୍ନ ଅଧିକାରୀଙ୍କୁ ଦାବିପତ୍ର**

# ୩ ବର୍ଷହେଲା ନିର୍ମାଣ ସରିଲାଣି; ହସ୍ତାନ୍ତର ହେଉନି ସ୍ୱାସ୍ଥ୍ୟ ଉପକେନ୍ଦ୍ର




**ଅସୁରାଳି, ୩୦।୧୦(ସମିସ):** ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୧୮-୧୯ ଓ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଜରିଆରେ ଧାମନଗର ବ୍ଲକ ଅଞ୍ଚଳରେ ୨୬ଟି ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କରାଯାଇଥିଲା। ଏହି ସମସ୍ତ ପ୍ରକଳ୍ପ ପାଇଁ ପ୍ରାୟ ୧୨୯.୩୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ବିଭାଗ ପକ୍ଷରୁ କାର୍ଯ୍ୟ ସମ୍ପାଦନ ପାଇଁ ଠିକାଦାରମାନଙ୍କୁ ଦିଆଯାଇଥିବା ଚୁକ୍ତିନାମାର ସମୟସୀମା ଅତିକ୍ରମ କରି ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏଁ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। କଟସାହି, ବାମକୁରା, ଗୋବିନ୍ଦପୁର, ଅସୁରାଳି, ଖାରଡିଆ ବେଦପୁର, ଦୋବାଲ ଓ ଭଟସାହି ଆଦି ୧୫ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର କୋଠା ନିର୍ମାଣ ହୋଇ ହସ୍ତାନ୍ତର ହୋଇଥିଲେ ହେଁ, ସେଥିରେ ବିଦ୍ୟୁତ୍ ସଂଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ନ ରହିବାରୁ ସେଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଭଗବାନପୁର ଓ ବେଦପୁର ଦୁଇଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନିର୍ମାଣ ସରିଥିଲେ ମଧ୍ୟ ସେଠାକୁ ଯିବା ପାଇଁ ରାସ୍ତା ନ ଥିବାରୁ ବିଭାଗୀୟ କର୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇପାରୁନାହିଁ। ଏହାବ୍ୟତୀତ, ଖପରପଦା, ନଦୀଗାଁ, ବେଦପୁର, ସହିଦନଗର, ଦରଖଣ୍ଡିଆ, ରହୀପୁର, ଚୁଡାକୁଟି, ଆନନ୍ଦପୁର, ସୋହୋଡ଼ା, ଫତେପୁର, ପଳପୁର ଏବଂ ପଧାନା ଆଦି ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ବିଶେଷକରି ଖପରପଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନିର୍ମାଣ ଅଧାରେ ପଡ଼ିଥିବାବେଳେ ବହୁ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ହସ୍ତାନ୍ତର ପୂର୍ବରୁ ଭାଙ୍ଗିଗଲାଣି। ବିଶେଷକରି ସାହସପୁର ପଞ୍ଚାୟତରେ ପୁଖରିଆରେ ହୋଇଥିବା ଉପକେନ୍ଦ୍ର ଚାରିଆଡେ ଫାଟ ପଡ଼ିଥିବା ଜଣାପଡ଼ିଛି। ବ୍ଲକ ପକ୍ଷରୁ ସରିନଥିବା ଏହି ଉପକେନ୍ଦ୍ର ଗୁଡ଼ିକର ଦ୍ରୁତ ନିର୍ମାଣ ପାଇଁ ଠିକାଦାରଙ୍କୁ ତାଗିଦ୍ କରାଯାଇ କୋଠାଗୁଡ଼ିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, କେବଳ କୋଠା ଠିଆ କରି ଦେଇ ସରକାରୀ କାଗଜପତ୍ରରେ କାମ ସମାପ୍ତ ହୋଇଥିବା ଦର୍ଶାଯାଉଛି। ପ୍ରକୃତରେ ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅତ୍ୟାବଶ୍ୟକ ରାସ୍ତା, ପାଚେରି ଓ ଅନ୍ୟାନ୍ୟ ସୁବିଧା ପ୍ରତି ପ୍ରଶାସନର କୌଣସି ଦୃଷ୍ଟି ପଡୁନାହିଁ। ଫଳରେ, କୋଟି କୋଟି ଟଙ୍କାର ଏହି ଜନକଲ୍ୟାଣକାରୀ ସରକାରୀ ପ୍ରକଳ୍ପଗୁଡ଼ିକ ଆଜି ଅଦରକାରୀ ହୋଇପଡ଼ିଥିବାବେଳେ ଅଞ୍ଚଳର ହଜାର ହଜାର ଗ୍ରାମାଞ୍ଚଳ ରୋଗୀ ସହଜ ଓ ତ୍ୱରିତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପରି ପ୍ରତିକୂଳ ସ୍ଥିତିର ଅନ୍ତଘଟାଇ ଶୀଘ୍ର ରାସ୍ତା, ପାଚେରି ଓ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ କରି ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛିଏ ବାବଦରେ ବିଡିଓ କହିଲେ ୨୦ଟି ହସ୍ତାନ୍ତର ହୋଇଛି, ବାକି ଖୁବଶୀଘ୍ର ହୋଇଯିବ।

**କାର୍ଯ୍ୟକ୍ଷମ କେବେ ?**

## କଳାକାର ଦୋଳଗୋବିନ୍ଦଙ୍କ ୨ କିଡ୍‌ନୀ ନଷ୍ଟ

# ଚିକିତ୍ସା ପାଇଁ ଅର୍ଥାଭାବ ବାଧକ

**ଭଦ୍ରକ,୩୦।୧୦(ସମିସ):** ଜଣେ ତବଲା ବାଦକ ଭାବେ ଜୀବନର ୪୦ ବର୍ଷ ଅତିକ୍ରାନ୍ତ କରି ଭଦ୍ରକ ବ୍ଲକ୍ ଅଧୀନସ୍ଥ କଲେଇ ଗାଁର ଦୋଳଗୋବିନ୍ଦ ଜେନା (୬୩) ଏବେ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥାଇ ଅନ୍ୟର ହାତଟେକା ସହାୟତାରେ ଜିଇଁଚାଲିଛନ୍ତି। ଦୋଳଗୋବିନ୍ଦଙ୍କର ଏବେ କେବଳ କଳାକାର ଭତ୍ତା ବାବଦକୁ ମାତ୍ର ୨ହଜାର ଟଙ୍କା ସାହା ଭରସା। ଦୀର୍ଘ ୨ବର୍ଷ ହେବ ସେ ମଧୁମେହ, ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥାଇ ତାଙ୍କର ୨ଟି କିଡ୍‌ନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜମିବାଡ଼ି ଶୂନ୍ୟ ଦୋଳଗୋବିନ୍ଦଙ୍କ ଚିକିତ୍ସା ବାବଦକୁ କଟକ ଯାଇ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଲାଣି। ସେ ଦୁଇବର୍ଷ ହେବ ଡାଏଲିସିସ୍ ହୋଇଆସୁଥିବା ବେଳେ ତାଙ୍କର ପତ୍ନୀ ବିମଳା ମଧ୍ୟ ରୋଗାଗ୍ରସ୍ତ। ତେଣୁ ଅନ୍ୟର ହାତଟେକା ଅର୍ଥକୁ ସେ ଭରସା କରି ରହିଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳର କଳାକାର ତଥା ସମାଜସେବୀ ମହେଶ୍ୱର ଲେଙ୍କା ଓ କୃଷ୍ଣ ବେହେରାଙ୍କ ଭଳି ବହୁ ବଦାନ୍ୟ ବ୍ୟକ୍ତି ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ତାଙ୍କର ଦୁଇପୁତ୍ର ଯଦିଓ ବିବାହିତ, ତେବେ ସେମାନେ ନିଜ ପରିବାର ପ୍ରତିପୋଷଣ କରି ପିତାଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିପାରୁନାହାନ୍ତି। ଏଣୁ ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ କଳାକାରମାନଙ୍କୁ ପ୍ରାଧାନ୍ୟ ଦେଇଆସୁଥିବା ବେଳେ ଜୀବନର ସାୟାହ୍ନରେ ମୃତ୍ୟୁକୁ ଖୁବ୍ ନିକଟରୁ ଦେଖିଆସୁଥିବା ଦୋଳଗୋବିନ୍ଦଙ୍କ ଚିକିତ୍ସା ପାଇଁ ସରକାର ଉପଯୁକ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ବିପଦପୂର୍ଣ୍ଣ ବିଷ୍ଣୁପୁର ଓଭରବ୍ରିଜ୍



**ବାରିକପୁର,୩୦।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନ ବିପଦସଙ୍କୁଳ ଭାବେ ରହିଛି। ତନ୍ମଧ୍ୟରୁ ବିଷ୍ଣୁପୁର ଓଭରବ୍ରିଜ୍ ଅନ୍ୟତମ ଅଟେ। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟଠାରୁ ଆଜି ଯାଏଁ ଏଠାରେ ପ୍ରାୟ ୨୦ରୁ ଅଧିକ ମୁଣ୍ଡ ଗଡ଼ିଲାଣି। ତଥାପି ବିଭାଗ ପକ୍ଷରୁ ଏହି ସ୍ଥାନକୁ ସୁଚାରୁ ରୂପେ ଅତ୍ୟାଧୁନିକ ଜ୍ଞାନକୌଶଳ ଅନୁଯାୟୀ, ବିପଦମୁକ୍ତ ଭାବେ ନିର୍ମାଣ କରାଯାଉନାହିଁ। ପୂର୍ବରୁ କ୍ଷୁଦ୍ର ପୋଲ ଥିବାବେଳେ ଯେଉଁ ଅବସ୍ଥା ରହିଥିଲା ଆଜି ସୁଦ୍ଧା ବୃହତ୍ ଉଡ଼ନ୍ତା ପୋଲ ନିର୍ମାଣ ପରେ ସ୍ଥାନଟି ବିପଦମୁକ୍ତ ହୋଇନାହିଁ। ଓଭରବ୍ରିଜ୍ ନିର୍ମାଣ ପରେ ପରେ ସଂଲଗ୍ନ ରାସ୍ତା ଦବି ଯାଇଥିଲା। ଫଳରେ ଅନେକ ଦୁର୍ଘଟଣା ଘଟି ଜୀବନ ହାନୀ ହୋଇଛି। କିଛି ଦିନ ପରେ ଏହାର ମରାମତି କାର୍ଯ୍ୟ ହୋଇଥିଲା। ପରିତାପର ବିଷୟ ମରାମତି କାର୍ଯ୍ୟ ଏଭଳି ହୋଇଛି ଯେ ୨ମାସ ମଧ୍ୟରେ ପୁଣି ପୋଲ ମୁଣ୍ଡରେ ଫାଟ ସୃଷ୍ଟି ହେଉଛି। ଏପରିକି ପୋଲ ସଂଲଗ୍ନ ଗମନାଗମନ ପଥ ଉପରୁ ପିଚୁ ମଧ୍ୟ ଉଠିଯାଇଛି। ପୋଲକୁ ଓ ରାସ୍ତା ମଧ୍ୟବର୍ତ୍ତୀ ସ୍ଥାନରେ ଫାଟ ହେବା ଯୋଗୁଁ ଯାନବାହନ ଚଳାଚଳରେ ବ୍ୟାଘାତ ଦେଖାଦେଇଛି। ବାଇକ୍ ଆରୋହୀ ଓ ଛୋଟମୋଟ ଯାନବାହନ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବାଇକ୍ ଚାଳକମାନଙ୍କ ପାଇଁ ଦୁର୍ଘଟଣା ଆଶଙ୍କା ରହିଛି। ପୋଲକୁ ଲାଗି ପାଖାପାଖି ୨୦୦ ମିଟର ରାସ୍ତା ନିର୍ମାଣରେ ବ୍ୟାପକ ତ୍ରୁଟି ଯୋଗୁଁ ଏବେ ବିଷ୍ଣୁପୁର ଛକ ହଜାର ହଜାର ଜନସାଧାରଣଙ୍କ ପାଇଁ ବିପଦସଙ୍କୁଳ ସ୍ଥାନ ଭାବେ ପରିଗଣିତ ହୋଇଛି। ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ୪ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ

**ତିହିଡି, ୩୦।୧୦(ସମିସ):** ତିହିଡି ବ୍ଲକ୍ ମହରମପୁର ପଞ୍ଚାୟତର କନ୍ଦପୁର ଗାଁରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳି ଭସ୍ମୀଭୂତ ହୋଇଯାଇଛି। ବାବୁରାମ ବେହେରାଙ୍କ ଘରେ ଗତକାଲି ରାତିରେ ହଠାତ୍ ଅଗ୍ନିକାଣ୍ଡ ଘଟି ନିଆଁର ପ୍ରକୋପ ଶୀଘ୍ର ବ୍ୟାପିଯାଇଥିଲା। ସ୍ଥାନୀୟ ଲୋକେ ପ୍ରଥମେ ନିଆଁ ଲିଭାଇବାକୁ ଆପ୍ରାଣ ଚେଷ୍ଟା କରିଥିଲେ। ଖବର ପାଇ ନିଆଁ ଲିଭାଇବା ପାଇଁ ଦମକଳ ବାହିନୀର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ୪ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ସୁନା, ରୁପା, ଚାଉଳ କଂସା ବାସନ ଆସବାବପତ୍ର ଉଦ୍ଧାର ହୋଇପାରି ନଥିଲା। ପାଖାପାଖି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଘଟଣାର ସଠିକ୍ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ସମସ୍ତଙ୍କୁ ସହଯୋଗ କରିବା ପାଇଁ ପରିବାରବର୍ଗ ଏବଂ ମହରମପୁର ସରପଞ୍ଚ ତାପସ ବେହେରା ନିବେଦନ କରିଛନ୍ତି।



# ଦବିଗଲା ଶିବଗୁରୁ ପକ୍କା ରାସ୍ତା



**ବାରିକପୁର, ୩୦।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ଜଗନ୍ନାଥ ପ୍ରସାଦ ଗାଁର ଶିବଗୁରୁଠାରୁ କୃଷ୍ଣ ମିଶ୍ର ଘର ଯାଏଁ ନିର୍ମିତ ହୋଇଥିବା ପକ୍କା ରାସ୍ତାଟି ଏବେ ଦବି ଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ ଏଠାରେ ପାଖାପାଖି ଶହେ ମିଟର କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ରାସ୍ତାଟି ମାତ୍ର ୬ମାସ ହେବ ନିର୍ମିତ ହୋଇଛି। ମାସ କେତଟା ଭିତରେ ରାସ୍ତାର ବୃହତ ଅଂଶ ଦବି ଯାଇଛି। ଏପରିକି ରାସ୍ତା ଖଣ୍ଡ ଖଣ୍ଡ ହୋଇ ଯାଇଛି। ଫଳରେ ଛୋଟ ମୋଟ ଯାନବାହାନ ଚଳାଚଳ କରିପାରୁ ନାହିଁ। ନିକଟସ୍ଥ ଆଦିବାସୀ ସାହିର ବାସିନ୍ଦାମାନେ ମଧ୍ୟ ଯାତାୟାତ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଦାରଖ ବିହୀନ ରାସ୍ତା ନିର୍ମାଣ କାର୍ଯ୍ୟ ଓ ପରବର୍ତ୍ତୀ ସମୟରେ ଏହା ଉପରେ ଭାରି ଯାନ ଚଳାଚଳ କରିବା କାରଣରୁ ଗ୍ରାମ୍ୟ ପଥଟି ଅତ୍ୟନ୍ତ ଜରାଜୀର୍ଣ୍ଣ ପାଲଟିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## କାମରେ ଲାଗୁନି ଆବର୍ଜନା ପୃଥକୀକରଣ କେନ୍ଦ୍ର

# ଫେଲ୍ ମାରିଛି ସ୍ୱଚ୍ଛ ଭାରତ ଯୋଜନା



**ଅସୁରାଳି,୩୦।୧୦(ସମିସ):** ଧାମନଗର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନା ଫେଲ୍ ମାରିଛି। ଫଳରେ ନିର୍ମିତ ଆବର୍ଜନା ପୃଥକୀକରଣ କେନ୍ଦ୍ର କୌଣସି କାମରେ ଲାଗୁନାହିଁ। ବ୍ଲକ୍‌ର କଲ୍ୟାଣୀ, ଗଡ଼ିଆଳି, ଗୋବିନ୍ଦପୁର, କଟସାହି, ଖପରପଦା, ଧୂଷୁରୀ, ହସନାବାଦ, ଅର୍ଜୁନପୁର, କୋଠାର, ରହୀପୁର ପାଳସାହି ଓ ନଦୀଗାଁ ଆଦି ବିଭିନ୍ନ ପଞ୍ଚାୟତରେ ନୂତନ ଆବର୍ଜନା ପୃଥକୀକରଣ କୁଣ୍ଡ ନିର୍ମାଣ ହୋଇଥିଲେ ବି ସଚେତନତା ଅଭାବରୁ ବ୍ୟବହାର ହେଉନାହିଁ। ଫଳରେ ଆବର୍ଜନାମୁକ୍ତ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ବି ଫେଲ୍ ମାରିଛି।

୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ପ୍ରତ୍ୟେକ ଗ୍ରାମକୁ ୧ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ବ୍ଲକ୍‌ର ଏହିସବୁ ପଞ୍ଚାୟତରେ ଆବର୍ଜନା ପୃଥକୀକରଣ କେନ୍ଦ୍ରମାନ ନିର୍ମାଣ କରାଯାଇଥିଲା। ନିର୍ମାଣକୁ ୩ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ବିଭିନ୍ନ ପଞ୍ଚାୟତରେ ଏହା କାମରେ ଲାଗି ନ ପାରି କେବଳ ଶୋଭା ବଢ଼ାଉଛି। ସୁନ୍ଦର ରଙ୍ଗ କରି ତିନୋଟି ଅଲଗା ଅଲଗା କୋଠରି ନିର୍ମାଣ କରାଯାଇଥିବା ବେଳେ କେନ୍ଦ୍ରର ଚାରିପାଟେ ଏହାର ଉପକାରିତା ଉପରେ ବ୍ୟଙ୍ଗ ଚିତ୍ର ମଧ୍ୟ ଅଙ୍କାଯାଇଛି। କିନ୍ତୁ ନିର୍ମାଣର ବହୁ ଦିନ ପରେ ବି ଏହା କାମରେ ଲାଗିପାରୁ ନ ଥିବାରୁ ଯୋଜନା ସଫଳ ହୋଇପାରିନି। ବଜାର ଅଞ୍ଚଳରେ ରହିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଆବର୍ଜନା ଗୃହ ଫାଙ୍କା ପଡ଼ିଛି। କିନ୍ତୁ ବାହାରେ ଗଦା ଗଦା ଅଳିଆ ପଡ଼ି ରହି ପରିବେଶକୁ ପ୍ରଦୂଷିତ କରୁଛି। ପ୍ରକଳ୍ପ ନିର୍ମାଣ ହେଉଛି କିନ୍ତୁ ଏହାର ବ୍ୟବହାର ଓ କାର୍ଯ୍ୟକାରିତା ଉପରେ ବିଭାଗ ପକ୍ଷରୁ କୌଣସି ସଚେତନତା କିମ୍ବା ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରକଳ୍ପର ସଫଳ ରୂପାୟଣ ହୋଇପାରୁନି। ତେଣୁ ନିର୍ମିତ ଆବର୍ଜନା କୁଣ୍ଡକୁ ବ୍ୟବହାର କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ଜଳସେଚନ ଜମିକୁ ବୋର୍‌ୱେଲ୍ ଭରସା



**ବାରିକପୁର,୩୦।୧୦(ସମିସ):** ବର୍ତ୍ତମାନ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଜଳସେଚନ ଜମିକୁ କେନାଲ ପାଣି ପହଞ୍ଚିବା ସମ୍ଭବ ହେଉନାହିଁ। ଚାଷୀମାନେ ଜମି ପାଇଁ ବର୍ଷକୁ ବର୍ଷ ଜଳକର ଦେଉଥିବାବେଳେ କ୍ଷେତକୁ ପାଣି କିନ୍ତୁ ମାଡୁନାହିଁ। ଫଳରେ ଅନେକ ଚାଷ ଜମିରେ ଶସ୍ୟ ଉତ୍ପାଦନ କ୍ଷମତା ହ୍ରାସ ପାଉଛି। ଏପରିକି ମରୁଡ଼ି ଆଶଙ୍କା ଦେଖାଯାଉଛି। କେବଳ ଯେଉଁ କେତୋଟି ସ୍ଥାନରେ ବୋର୍‌ୱେଲ୍ ଖୋଳାଯାଇଛି ସେଠାରେ ବିଦ୍ୟୁତ୍ ଦେୟ ପୈଠ କରି ଜମିକୁ ପାଣି ମଡ଼ାଯାଉଛି।

ଏବେ ଖରିଫ ଧାନ ଚାଷର ଥୋଡ଼ ସମୟ ହୋଇଥିବାବେଳେ ଅନେକ ଜମିରେ ପାଣି ନାହିଁ। ଯାହାକୁ ନେଇ ଚାଷୀମାନେ ଘୋର୍ ଚିନ୍ତା ପ୍ରକଟ କରିଛନ୍ତି। ବ୍ଲକ୍‌ର ବିରୋଳି, ତିଖିଲିଆ, ମାଳଦା, ଚତୁର୍ଭୁଜପୁର, ରାଢୋ, ଦେଉଳପଦୀ, ରହଣିଆ, ଝୁଟଣା, ଦୋଳଗୋବିନ୍ଦପୁର, ନାଉରିଗଡ଼ିଆ, କୁମ୍ଭାରିଆ, କୋରକରା, ରଘୁନାଥପୁର ପ୍ରମୁଖ ସ୍ଥାନରେ କେନାଲ ପାଣି ପହଞ୍ଚିବା ବିଳମ୍ବିତ ହେଉଛି। ଏପରିକି କିଛି କିଛି ଜାଗାକୁ ବିଲକୁଲ ପାଣି ଯାଉନାହିଁ। ଉକ୍ତ ଅଞ୍ଚଳ ମଧ୍ୟରୁ ସ୍ୱଳ୍ପ ସ୍ଥାନରେ ଉଠା ଜଳସେଚନ ପ୍ରକଳ୍ପର ଅଗଭୀର ନଳକୂଅ ଚାଷୀଙ୍କ ଭରସା ପାଲଟିଛି। ଯେଉଁଠି କେନାଲ ଜଳ ଓ ଉଠାଜଳସେଚନ ପ୍ରକଳ୍ପ ନାହିଁ ସେଠାରେ କ୍ଷେତ ଏବେ ମରୁଡ଼ି ଆଶଙ୍କାରେ ରହିଛି। କେନାଲ ଜଳ ପରିଚାଳନା ତ୍ରୁଟି ଯୋଗୁଁ ମଧ୍ୟ ଅନେକ ଜମିରେ ଡମଣା ଡେଉଁଛି। ଅସରାଏ ଦୁଇ ଅସଲା ବର୍ଷା ହେଲେ ଧାନ ଫସଲରେ ସଠିକ ଭାବେ ଥୋଡ଼ ଆସିବ ବୋଲି ଚାଷୀମାନେ ଜଣାଇଛନ୍ତି।

# ଗଡ଼ିଲା ‘ଶିଶୁ ଶ୍ରମିକ ଉଚ୍ଛେଦ’ ସଚେତନତା ରଥ

**ବାସୁଦେବପୁର,୩୦।୧୦(ସମିସ):** ଶିଶୁ ଶ୍ରମିକ ମୁକ୍ତ ହେବ ବାସୁଦେବପୁର ବ୍ଲକ୍। ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଶିଶୁ ଶ୍ରମିକ ଉଚ୍ଛେଦ ଅଭିଯାନ। ବାସୁଦେବପୁର ବ୍ଲକ୍‌ର ସହକାରୀ ଶ୍ରମ ଅଧିକାରୀ କ୍ୟାପ୍‌ଟେନ ମନୋରଞ୍ଜନ ନାୟକ ବ୍ଲକ୍‌ରେ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ୧୪ ବର୍ଷ ପୂରଣ ହୋଇ ନ ଥିବା ଶିଶୁମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କଲେ ସରକାରୀ ନିୟମ ଅନୁଯାୟୀ ଦଣ୍ଡିତ ହେବେ। ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଘୋଷିତ ହେବା ଲକ୍ଷ୍ୟରେ ବାସୁଦେବପୁର ବ୍ଲକ୍‌ର ୩୬ଟି ପଞ୍ଚାୟତ ରଥ ବୁଲି ସଚେତନତା ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥପ୍ରସାଦ ସରପଞ୍ଚ ବାସୁଦେବ କାଣ୍ଡି, ବରଣୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ, ବାସୁଦେବପୁର ପୌରପାଳିକାର କାଉନ୍‌ସିଲର ଜଗବନ୍ଧୁ ଦାସ ଯୋଗଦେଇଥିଲେ।




# ସାଇକଲରେ ଘାସ ସଂଗ୍ରହ, ଗୋ-ପାଳନରେ ଆତ୍ମତୃପ୍ତି



**ଭଦ୍ରକ, ୩୦।୧୦(ସମିସ)**

ସମୟ ବଦଳିଛି, ଜୀବନଶୈଳୀ ବଦଳିଛି, ବଦଳିଛି ମଣିଷର ଚାଲିଚଳନ; ହେଲେ ଆଜି ବି ଗାଁ ମାଟିର ମହକ ଓ ପାରମ୍ପରିକ ଜୀବନଧାରା ହରାଇନାହିଁ ତା’ର ସ୍ୱତନ୍ତ୍ର ପରିଚୟ। ଆଧୁନିକତାର ଚାକଚକ୍ୟଠାରୁ ଦୂରରେ ରହି ପରିଶ୍ରମ, ପ୍ରକୃତି ଓ ପଶୁପାଳନକୁ ଆଧାର କରି ଜୀବନ ବିତାଉଥିବା ଗ୍ରାମବାସୀଙ୍କ ଜୀବନଶୈଳୀ ଆଜି ବି ଅନେକଙ୍କ ପାଇଁ ପ୍ରେରଣା। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦଲାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଅଞ୍ଚଳରେ ଏହାର ଏକ ନିଆରା ଚିତ୍ର ଦେଖିବାକୁ ମିଳୁଛି। ପ୍ରତିଦିନ ସାଇକଲ ଧରି ବିଲ, କିଆରି ଓ ହୁଡ଼ାରୁ ସବୁଜ ଘାସ ସଂଗ୍ରହ କରି ଘରକୁ ଫେରୁଛନ୍ତି ଗ୍ରାମବାସୀ। ଗାଈଗୋରୁଙ୍କ ଆହାର ଯୋଗାଡ଼ କରିବାର ଏହି ଦୃଶ୍ୟ କେବଳ ଗ୍ରାମୀଣ ଜୀବନର ଏକ ସାଧାରଣ ଘଟଣା ନୁହେଁ, ବରଂ କୃଷି ଓ ପଶୁପାଳନ ସହ ମଣିଷର ଗଭୀର ସମ୍ପର୍କର ଜ୍ୱଳନ୍ତ ଉଦାହରଣ। ଗୋପାଳନ ଗ୍ରାମୀଣ ଜୀବନର ଏକ ପ୍ରମୁଖ ଆଧାର। ଗାଈଠାରୁ ମିଳୁଥିବା କ୍ଷୀର ପରିବାରକୁ ପୁଷ୍ଟି ଯୋଗାଉଥିବା ବେଳେ ପଶୁପାଳନ ଅନେକ ପରିବାରର ଜୀବିକା ସହ ଜଡ଼ିତ। ପରିଶ୍ରମକୁ ପାଥେୟ କରି ନିଜ ଗୋରୁଗାଈଙ୍କ ଯତ୍ନ ନେଉଥିବା ଏହି ଲୋକମାନେ ଆଜି ବି ଗ୍ରାମୀଣ ପରମ୍ପରାକୁ ଜୀବନ୍ତ ରଖିଛନ୍ତି। ଅନ୍ୟପକ୍ଷରେ, ସହରୀ ଜୀବନରେ ଆଧୁନିକ ସୁବିଧା ଓ ବ୍ୟସ୍ତତା ବଢୁଥିବା ବେଳେ ଗାଁରେ ପ୍ରକୃତି ସହ ଜଡ଼ିତ ଜୀବନଧାରା ଆଜି ବି ନିଜର ମହତ୍ତ୍ୱ ବଜାୟ ରଖିଛି।

**ଗ୍ରାମ୍ୟଜୀବନରେ ଭରି ରହିଛି ସୁଖ, ଶାନ୍ତି ଓ ସମ୍ମାନ**

# ନିର୍ମମ ଆକ୍ରମଣର ଶିକାରହେଲା ବୁଲା ଷଣ୍ଢ

**ବନ୍ତ/ଆଗରପଡ଼ା, ୩୦।୧୦(ସମିସ):** ବନ୍ତ ବ୍ଲକ ଟିଲୋ ଅଞ୍ଚଳର ଦେବତାଗଡିଆଠାରେ ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଏକ ନିରୀହ ବୁଲା ଷଣ୍ଢକୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ହାଣି ଗୁରୁତର ଭାବେ ଆହତ କରିଥିବା ଅଭିଯୋଗ ହୋଇଛି। ଏଭଳି ଅମାନବୀୟ କାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆହତ ଷଣ୍ଢଟିର ଦୟନୀୟ ଅବସ୍ଥା ଦେଖି ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ଯୁବ ଅନୁଷ୍ଠାନ ମା’ ଥାନପତି ଯୁବକସଂଘ ସଦସ୍ୟମାନେ ତୁରନ୍ତ ତତ୍ପରତା ପ୍ରକାଶ କରିଥିଲେ। ସେମାନେ ଘଟଣାସ୍ଥଳରେ ମୂକ ଜୀବ ପ୍ରତି ସମବେଦନା ଜଣାଇବା ସହ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଯୁବକମାନେ ପଶୁ ହେଲ୍‌ପଲାଇନ୍ ସହିତ ଯୋଗାଯୋଗ କରିଥିଲେ। ଖବର ପାଇବା ପରେ ପଶୁ ଚିକିତ୍ସା ଦଳ ଘଟଣାସ୍ଥଳରେ ପହଞ୍ଚି ଆହତ ଷଣ୍ଢଟିର ପ୍ରାଥମିକ ଚିକିତ୍ସା ଏବଂ ଡ୍ରେସିଂ କରିଥିଲେ। ବର୍ତ୍ତମାନ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ସେହି ଷଣ୍ଢଟିର ସ୍ୱାସ୍ଥ୍ୟବସ୍ଥା ଉପରେ କ୍ରମାଗତ ନଜର ରଖିଛନ୍ତି। ମୂକ ଷଣ୍ଢମାନଙ୍କ ପ୍ରତି ଏପରି କ୍ରୂରତା ଓ ହିଂସାତ୍ମକ ଆଚରଣ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ମା’ ଥାନପତି ଯୁବକସଂଘର ସଦସ୍ୟମାନେ ଦାବି କରିଛନ୍ତି।

**ମା’ ଥାନପତି ଯୁବକସଂଘ ଓ ପଶୁ ହେଲ୍‌ପଲାଇନ୍ ପକ୍ଷରୁ ଚିକିତ୍ସା**



# ସିଟି ଭୁବନେଶ୍ୱର





## ଖଣ୍ଡାରେ ଆକ୍ରମଣ; ଯୁବକ ଗିରଫ

ଭୁବନେଶ୍ୱର,୩୦ ।୧୦(ସମିସ): ରାକ୍ଷୀ ଦୋକାନ ନିକଟରେ ଦୁଇ ପକ୍ଷଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳର ସମାଧାନ କରିବାରୁ ପ୍ରତିଶୋଧ ପରାୟଣ ହୋଇ ଜଣେ ଯୁବକଙ୍କୁ ଖଣ୍ଡାରେ ମାରଣାନ୍ତକ ଆକ୍ରମଣ କରିଥିବା ଘଟଣାରେ ଭରତପୁର ଥାନା ପୁଲିସ ଅନ୍ୟତମ ଫେରାର୍ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଖଣ୍ଡଗିରି ଥାନା ବରବାରୀ ଅଞ୍ଚଳର କୁଟେଶ୍ୱର ଦାସ । ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୧ ତାରିଖ ରାତିରେ ଅଭିଯୋଗକାରୀଙ୍କ ପୁତୁରା ସୌଭାଗ୍ୟ ରଞ୍ଜନ ଭୋଇ ଆଇଗିଣିଆ ଛକ ନିକଟରେ ଏକ ଅସ୍ଥାୟୀ ରାକ୍ଷୀ ଦୋକାନରେ ଥିଲେ । ରାତି ପ୍ରାୟ ୧୦.୩୦ ମିନିଟରେ ସେଠାରେ ଚନ୍ଦନ ଭୋଇ ନାମକ ଜଣେ ବ୍ୟକ୍ତି ଏବଂ କାବୁଲି ସେଠୀ ଓ ତାଙ୍କ ନାବାଳକ ପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା । ଏହା ଦେଖି ସୌଭାଗ୍ୟ ଉଭୟ ପକ୍ଷଙ୍କ ମଧ୍ୟରେ ହସ୍ତକ୍ଷେପ କରି ମାମଲାକୁ ବୁଝାସୁଝା କରି ଶାନ୍ତ କରାଇଥିଲେ । ସମସ୍ତେ ଘରକୁ ଫେରିଯାଇଥିଲେ । ମାତ୍ର ଏହି ଘଟଣାକୁ ସହଜରେ ଗ୍ରହଣ ନକରି ନାବାଳକ ଜଣକ ନିଜର ସହଯୋଗୀଙ୍କୁ ଡକାଇଥିଲା । କିଛି ସମୟ ପରେ ନାବାଳକଙ୍କ ସହଯୋଗୀ ନିଜର ଅନ୍ୟ ଦୁଇ ସହଯୋଗୀଙ୍କ ସହ ଏକ ବାଇକ୍‌ରେ ଖଣ୍ଡା ଧରି ଆଇଗିଣିଆ ଛକରେ ପହଞ୍ଚିଥିଲେ । ସେମାନେ ସୌଭାଗ୍ୟଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ସୌଭାଗ୍ୟଙ୍କ ମୁଣ୍ଡକୁ ଖଣ୍ଡାରେ ଚୋଟ ମାରିବାକୁ ଉଦ୍ୟମ କରିବା ବେଳେ ସୌଭାଗ୍ୟ ପଛକୁ ଘୁଞ୍ଚିଯିବାରୁ ଖଣ୍ଡାଟି ତାଙ୍କ ଡାହାଣ ହାତରେ ବାଜି ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ସେ ରକ୍ତାକ୍ତ ହୋଇପଡ଼ିଥିଲେ । ସ୍ଥାନୀୟ ଲୋକେ ରୁଣ୍ଡ ହେବାରୁ ସେମାନେ ସେଠାରୁ ଫେରାର୍ ହୋଇଯାଇଥିଲେ । ଗୁରୁତର ଆହତ ସୌଭାଗ୍ୟଙ୍କୁ ତୁରନ୍ତ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ଘଟଣା ପରଠାରୁ ଫେରାର୍ ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଚଳାଇଥିଲା । ପୁଲିସ ଟିମ୍ ତପୋବନ ହାଇସ୍କୁଲ ନିକଟରେ ଚଢ଼ାଉ କରି ଅଭିଯୁକ୍ତ କୁଟେଶ୍ୱର ଦାଶ ଓରଫ୍ ରିଙ୍କୁକୁ କାବୁ କରିଥିଲା ।

## ମୋବାଇଲ ଦୋକାନ ତାଲା ଭାଙ୍ଗି ଚୋରି; ଜଣେ ଗିରଫ

ଭୁବନେଶ୍ୱର,୩୦ ।୧୦(ସମିସ): ଖଣ୍ଡଗିରିବାରି ସ୍ଥିତ "ଫୋନ୍‌ୱାଲା" ମୋବାଇଲ୍ ଦୋକାନର ତାଲା ଭାଙ୍ଗି ପ୍ରାୟ ୨୦ ଲକ୍ଷ ଟଙ୍କାର ଆଇଫୋନ୍ ଓ ଅନ୍ୟାନ୍ୟ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତର ଜଣଙ୍କ ହେଲା ଧଉଳୀ ଥାନା ଦୟାର ବିହାର ଅଞ୍ଚଳର ଜଗବନ୍ଧୁ ଜେନା । ତାର ଭଡ଼ା ଘରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକୁ ପୁଲିସ ଜବତ କରିଛି ।



ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ଜୀବନଜ୍ୟୋତି ବେହେରା ଖଣ୍ଡଗିରିବାରିରେ ରିଫର୍ବିସ୍‌ଡ୍ ମୋବାଇଲ୍ ବିକ୍ରି ପାଇଁ "ଫୋନ୍‌ୱାଲା' ନାମରେ ଏକ ଦୋକାନ ଚଳାଉଥିଲେ । ଗତ ୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୧.୩୦ ମିନିଟରେ ଦୋକାନର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କାର ପ୍ରାୟ ୪୦ଟି ଦାମୀ ଆଇଫୋନ୍ ସମେତ ଅନ୍ୟାନ୍ୟ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲା । ଏନେଇ ୨୭ ତାରିଖ ରାତିରେ ଭରତପୁର ଥାନାରେ ଏତଲା ଦିଆଯାଇଥିଲା । ପୁଲିସ ଏବଂ ଫୋରେନ୍ସିକ୍ ସାଇଣ୍ଟିଫିକ୍ ଟିମ୍ ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରି ଆଙ୍ଗୁଠି ଛାପ ଓ ଅନ୍ୟାନ୍ୟ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରିଥିଲେ । ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଅଭିଯୋଗକାରୀଙ୍କର ପୂର୍ବ ପରିଚିତ ତଥା ବଢ଼େଇ କାମ କରୁଥିବା ଜଗବନ୍ଧୁ ଓଝା ଓରଫ୍ ଜଗା ନିୟମିତ ଏହି ଦୋକାନକୁ ଆସୁଥିଲା । ମାତ୍ର ଚୋରି ପରଠାରୁ ସେ ଅଭିଯୋଗକାରୀଙ୍କ ଫୋନ୍ କଲ୍ ଉଠାଇବା ବନ୍ଦ କରିଦେଇଥିଲା । ବିଭିନ୍ନ ବାହାନା କରୁଥିଲା । ସନ୍ଦେହ ହେବାରୁ କୋଠାରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବାରୁ ଅଭିଯୁକ୍ତ ଜଗା ସିସିଟିଭି କ୍ୟାମେରା ତାର ନିକଟରେ ଛିଡ଼ା ହୋଇଥିବା ଦେଖାଯାଇଥିଲା । ପରେ ସେହି ତାରଟି କଟା ଯାଇଥିବା ସ୍ପଷ୍ଟ ହୋଇଥିଲା । ପୂର୍ବର ଅନ୍ୟ ଏକ ସିସିଟିଭି ଫୁଟେଜ୍ ଯାଞ୍ଚରୁ ମଧ୍ୟ ସେ ଦୋକାନରୁ ମୋବାଇଲ୍ ଚୋରି କରି ପ୍ୟାଣ୍ଟ ପକେଟରେ ରଖୁଥିବା ଦେଖିବାକୁ ମିଳିଥିଲା । ଏହାପରେ ପୁଲିସ ଧଉଳି ଥାନା ଅନ୍ତର୍ଗତ ଦୟା ବିହାର ଲେନ୍ ନଂ-୨ ସ୍ଥିତ ଅଭିଯୁକ୍ତର ଭଡ଼ା ଘରେ ଅତର୍କିତ ଚଢ଼ାଉ କରି ଚୋରି ହୋଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକୁ ଜବତ କରିଥିଲା ।

## ୭୫ ଲକ୍ଷ ଜମି ଠକେଇ; ୨ ଗିରଫ

ଭୁବନେଶ୍ୱର, ୩୦ ।୧୦(ସମିସ): ବାଲିଅନ୍ତା ଅଞ୍ଚଳରେ ଜମି ବିକ୍ରି ଓ ରାସ୍ତା ସୁବିଧା କରାଇଦେବା ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୭୫ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇ ଜଣ ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ଗଗନ ବିହାରୀ ମହାନ୍ତି ଅଭ୍ୟାସଗତ ଜମି ଠକ ଏବଂ ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ଠକେଇ ମାମଲା ରହିଛି । ତଦନ୍ତରୁ ଜଣାପଡ଼ିଛି ଯେ, ୨୦୨୨-୨୩ ମସିହାରେ ଅଭିଯୁକ୍ତ ଗଗନ ବିହାରୀ ମହାନ୍ତି ଅଭିଯୋଗକାରୀ ପ୍ରଦୀପ କୁମାର ବିଶ୍ୱାଳଙ୍କୁ ବାଲିଅନ୍ତାରେ ଥିବା ତାଙ୍କ ପତ୍ନୀଙ୍କ ନାମରେ ଥିବା ଏକ ଜମି କୌଣସି ବିବାଦ ନଥିବା ଦର୍ଶାଇ ବିକ୍ରି କରିବାକୁ ପ୍ରଲୋଭନ ଦେଖାଇଥିଲା । ଏଥିସହ ଉକ୍ତ ଜମି ନିକଟକୁ ରାସ୍ତା ସୁବିଧା କରାଇଦେବା ପାଇଁ ଅନ୍ୟତମ ଅଭିଯୁକ୍ତ ରାକେଶ କୁମାର ମଲ୍ଲିକଙ୍କୁ ଟଙ୍କା ଦେବାକୁ କହିଥିଲା । ଅଭିଯୋଗକାରୀ ସେମାନଙ୍କ କଥାରେ ବିଶ୍ୱାସ କରି ପର୍ଯ୍ୟାୟକ୍ରମେ ଗଗନ ବିହାରୀ ମହାନ୍ତିଙ୍କୁ ୧୦ ଲକ୍ଷ ନଗଦ ଏବଂ ବ୍ୟାଙ୍କ୍ ଟ୍ରାନ୍ସଫର ମାଧ୍ୟମରେ ୫୦ଲକ୍ଷ ଟଙ୍କା ଏବଂ ରାକେଶ କୁମାର ମଲ୍ଲିକଙ୍କୁ ୨୫ଲକ୍ଷ ଟଙ୍କା ବ୍ୟାଙ୍କ୍ ଜରିଆରେ, ସର୍ବମୋଟ ୭୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ମାତ୍ର ସମସ୍ତ ଟଙ୍କା ନେବା ପରେ ମଧ୍ୟ ଅଭିଯୁକ୍ତମାନେ ଜମି ରେଜିଷ୍ଟ୍ରି କରି ନଥିଲେ କିମ୍ବା ଟଙ୍କା ଫେରସ୍ତ କରି ନଥିଲେ । ବାରମ୍ବାର ଟଙ୍କା ମାଗିବାରୁ ସେମାନେ ଟଙ୍କା ଫେରାଇବେ ନାହିଁ କି ଜମି ଦେବେ ନାହିଁ ବୋଲି ସଫା ମନା କରିଦେଇଥିଲେ । ଏନେଇ ଭରତପୁର ଥାନାରେ ଏତଲା ହେବା ପରେ ପୋଲିସ ମାମଲା ରୁଜୁ କରି ବ୍ୟାଙ୍କ୍ କାରବାର ଯାଞ୍ଚ କରିବା ସହ ୩୦ ଲକ୍ଷ ଟଙ୍କାର ଟଙ୍କା ରସିଦ୍ ଓ ଘୋଷଣାନାମା ଜବତ କରିଥିଲା । ଶୁକ୍ରବାର ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।



# ଗ୍ୟାସ୍ ସିଲିଣ୍ଡର ଚୋର ଗ୍ୟାଙ୍ଗ ଠାବ

### ୭୦ ସିଲିଣ୍ଡର ଜବତ; ମାଷ୍ଟରମାଇଣ୍ଡ ସହ ୩ ଦୋକାନୀ ଗିରଫ

ଭୁବନେଶ୍ୱର,୨୯ ।୧୦(ସମିସ)

ରାଜଧାନୀ ତଥା ଉପକଣ୍ଠରେ ଲୋକଙ୍କ ଘରେ ପଶି ଲଗାତାର ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିବା ଏକ ବଡ଼ ରାକେଟ୍‌ର ପର୍ଦ୍ଦାଫାସ କରିଛି ତମାଣ୍ଡୋ ଥାନା ପୁଲିସ । ଏହି ଘଟଣାରେ ପୁଲିସ ମାଷ୍ଟରମାଇଣ୍ଡ ସମେତ ଚୋରା ସିଲିଣ୍ଡର କିଣୁଥିବା ୩ ଗ୍ୟାସ୍ ମରାମତି ଦୋକାନୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ୭୦ଗ୍ୟାସ୍ ସିଲିଣ୍ଡର, ଚୋରିରେ ବ୍ୟବହୃତ ମୋଟରସାଇକେଲ, ଲାପଟପ୍ ଏବଂ ଗାଡ଼ିର ନକଲି ନମ୍ବର ପ୍ଲେଟ୍ ଜବତ ହୋଇଛି । ମାଷ୍ଟରମାଇଣ୍ଡ ତୁଷାର ରଞ୍ଜନ ବାରିକ ଜଣେ କୁଖ୍ୟାତ ଆନ୍ତଃଜିଲ୍ଲା ଅଭ୍ୟାସଗତ ଚୋର । ତା' ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୦ଟି ଚୋରି ମାମଲା ରହିଛି ।



ପୁଲିସ ସୂଚନା ମୁତାବକ, ଗତ ୧୭ତାରିଖ ସନ୍ଧ୍ୟା ପ୍ରାୟ ୦୭.୦୦ ଟାରେ କଳିଙ୍ଗ ବିହାର ସ୍ଥିତ ୬୯ ବର୍ଷୀୟ ଅଭିଯୋଗକାରୀ ଜାନକୀ ବଲ୍ଲଭ ମହାପାତ୍ରଙ୍କ ଘରେ ଜଣେ ଅଜଣା ବ୍ୟକ୍ତି ଦୁଇଟି ଏଚ୍‌ପି ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଇଥିଲା । ଏନେଇ ୧୯ ତାରିଖରେ ଥାନାରେ ଏତଲା ଦାୟର ହେବା ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ ଅଭ୍ୟାସଗତ ଚୋର ତୁଷାର ରଞ୍ଜନ ବାରିକ ହେଲମେଟ୍ ଓ ଫେସ୍ ମାସ୍କ ପିନ୍ଧି, ଗାଡ଼ିରେ ନକଲି ନମ୍ବର ପ୍ଲେଟ୍ ଲଗାଇ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଘରୁ ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିଲା । ଏହି ଚୋରା ସିଲିଣ୍ଡରଗୁଡ଼ିକୁ ସେ ତମାଣ୍ଡୋ ଏବଂ ଜଟଣୀ ଅଞ୍ଚଳରେ ଥିବା ବିଭିନ୍ନ ଗ୍ୟାସ୍ ରିପେୟାରିଂ ଦୋକାନୀଙ୍କୁ ଶସ୍ତାରେ ବିକ୍ରି କରୁଥିଲା । ପୁଲିସ ତୁରନ୍ତ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ତୁଷାର ରଞ୍ଜନ ବାରିକ ସମେତ ଚୋରା ସିଲିଣ୍ଡର କିଣୁଥିବା ସୋମନାଥ ପୃଷ୍ଟି, ପଲ୍ଲବ ବେହେରା ଏବଂ ପ୍ରମୋଦ କୁମାର ଦାସଙ୍କୁ କାବୁ କରିଥିଲା । ଅଭିଯୁକ୍ତମାନଙ୍କ ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିଭିନ୍ନ କମ୍ପାନୀର ମୋଟ ୭୦ଚୋରା ଗ୍ୟାସ୍ ସିଲିଣ୍ଡର, ଅପରାଧରେ ବ୍ୟବହୃତ ଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି ।



## ନାବାଳିକାଙ୍କୁ ବ୍ଲାକମେଲିଂ କରି ସୁନାଗହଣା ଲୁଟ୍; ନାବାଳକ ଗିରଫ

ଭୁବନେଶ୍ୱର,୩୦।୧୦(ସମିସ): ନାବାଳିକାଙ୍କୁ ବ୍ଲାକମେଲିଂ କରି ଘର ସୁନାଗହଣା ଲୁଟିନେଇଥିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି । ଏନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ୧୬ ବର୍ଷର ଜଣେ ନାବାଳକଙ୍କୁ କାବୁ କରି ସୁଧାର ଗୃହକୁ ପଠାଇ ଦେଇଛି । ସୁଧାରଗୃହ ଯାଇଥିବା ନାବାଳକ ଘର ନିଆଳୀ ଅଞ୍ଚଳର ବୋଲି ଜଣାପଡ଼ିଛି ।

ଅଭିଯୋଗ ଅନୁସାରେ, ନାବାଳିକା ଭୀମଟାଙ୍ଗୀରେ ଥିବା ଏକ ଶିଶୁ ମନ୍ଦିରରେ ନବମ ଶ୍ରେଣୀରେ ପାଠ ପଢନ୍ତି । ନାବାଳିକାଙ୍କୁ ଜଣେ ଝିଅଙ୍କ ଜରିଆରେ ନାବାଳକ ପରିଚିତ ହୋଇଥିଲେ । ନାବାଳିକା ପାଠ ପଢିବାକୁ ଯିବା ଏବଂ ଆସିବା ସମୟରେ ବିଭିନ୍ନ ପ୍ରକାର ହଇରାଣ କରେ ନାବାଳକ । କାହାରିକୁ ଏ ବିଷୟରେ କହିଲେ ରାସ୍ତାରୁ ଉଠାଇ ନେବାକୁ ଧମକ ଦେଉଥିଲେ । ଯେଉଁଥି ପାଇଁ ନାବାଳିକା ଭୟରେ କିଛି କହୁନଥିଲେ । ଏହାର ସୁଯୋଗ ନେଇ ନାବାଳକ ଘରୁ କଳାକନା ବୁଲାଇବାର ଯୋଜନା କରିଥିଲେ । ତେଣୁ ସେ ନାବାଳିକାଙ୍କ କିଛି ଅଶ୍ଳୀଳ ଫଟୋ ଉଠାଇ ନେଇଥିଲା । ଏହାକୁ ଦେଖାଇ ବ୍ଲାକ୍?ମେଲିଂ କରି ଘରୁ ସୁନାଗହଣା ଆଣିବାକୁ କହିଥିଲେ । ସୁନା ଗହଣା ନଆଣିଲେ ଫଟୋ ଛାଡ଼ିବା ସମୟ ରାସ୍ତାରୁ ଉଠାଇ ନେଇ ମାରିଦେବାକୁ ଧମକ ଦେଇଥିଲେ । ନାବାଳିକାଙ୍କ ବାପା,ମା' ରୋଗୀଣା ଥିବାରୁ ଅଧିକାଂଶ ସମୟ ମେଡ଼ିକାଲରେ ଥାନ୍ତି । ତେଣୁ ଏହାର ସୁଯୋଗରେ ନାବାଳିକା ଘର ଆଲମାରି ଖୋଲି ୪ଟି ସୁନାମୁଦୀ ଏବଂ ଦୁଇ ହଳ କାନ ଫୁଲ ନେଇଯାଇଥିଲେ । ନାବାଳକ ସବୁ କିଛି ନେବା ପରେ ପୁଣି ମା'ଙ୍କୁ ସୁନାଚେନ୍ ଆଣିବାକୁ ଧମକାଇବାରୁ ନାବାଳିକା ଆଉ ଭୟରେ ପାଠ ପଢିବାକୁ ଯାଇନଥିଲେ । ଏହି ସମୟରେ ନାବାଳିକାଙ୍କ ବାପା ଆଲମାରୀ ଖୋଲି ସୁନା ଚେକ୍ କରିବାରୁ ଆଲମାରୀରେ ସୁନାନଥିବା ଦେଖି ଚକିତ ହୋଇଯାଇଥିଲେ । ସେ ଏନେଇ ନାବାଳିତକା ଝିଅକୁ ପଚାରିଥିଲେ ମଧ୍ୟ ସେ ଜାଣିନଥିବା କହିଥିଲେ । ନାବାଳିକାଙ୍କ ସାଙ୍ଗ ଫୋନ୍ କରି ନାବାଳିକାଙ୍କ ବାପାଙ୍କୁ ସବୁ କଥା କହିବା ପରେ ଘଟଣା ପଦାକୁ ଆସିବା ପରେ ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ମାମଲା କରି ଉକ୍ତ ନାବାଳକଙ୍କୁ ଉଠାଇଥିଲା । ସେ ଏକ କଲେଜରେ ଡପ୍ଲୋମା କରିବା ସହ ପୁରୁଣାଭୁବନେଶ୍ୱରରେ ରହୁଥିଲେ ।

## ଜାତୀୟ ବିଜ୍ଞାନ ସେମିନାରରେ ଓଡ଼ିଶାର ସୌମ୍ୟଶ୍ରୀ ଶ୍ରେଷ୍ଠ




ଭୁବନେଶ୍ୱର, ୩୦।୧୦(ସମିସ): ଜାତୀୟ ବିଜ୍ଞାନ ସେମିନାର-୨୦୨୬ରେ ଓଡ଼ିଶାର ଛାତ୍ରୀ ସୌମ୍ୟଶ୍ରୀ ଥାନାପତି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି । ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ (ଏନ୍‌ସିଏସ୍‌ଏମ୍) ପକ୍ଷରୁ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଜାତୀୟ ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ଏହି ପ୍ରତିଯୋଗିତାରେ ସେ ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି । ସୌମ୍ୟଶ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡାର ଛାତ୍ରୀ । ଚଳିତ ବର୍ଷ ସେମିନାରର ବିଷୟବସ୍ତୁ ଥିଲା '୨୦୪୭ ସୁଦ୍ଧା ଭାରତର ଶକ୍ତି ଭଣ୍ଡାର: ସମ୍ଭାବନା ଓ ଆହ୍ୱାନ' । ଏହି ପ୍ରସଙ୍ଗରେ ଛାତ୍ରଛାତ୍ରୀମାନେ ଭାରତର ଭବିଷ୍ୟତର ଶକ୍ତି ଆବଶ୍ୟକତା, ଶକ୍ତିର ବିଭିନ୍ନ ସମ୍ଭାବ୍ୟ ଉତ୍ସ ଏବଂ ସ୍ଥାୟୀ ଶକ୍ତି ସୁରକ୍ଷା ନିଶ୍ଚିତ କରିବାର ଆହ୍ୱାନ ଉପରେ ନିଜ ମତ ରଖିଥିଲେ । ବିଶେଷଜ୍ଞଙ୍କ ଏକ ପାଞ୍ଚଜଣିଆ ବିଚାରକ ମଣ୍ଡଳୀ ପ୍ରତିଯୋଗୀଙ୍କ ଉପସ୍ଥାପନାର ମୂଲ୍ୟାୟନ କରି ବିଜେତା ଓ ଉପବିଜେତାଙ୍କୁ ଚୟନ କରିଥିଲେ । ବିଜେତା ସୌମ୍ୟଶ୍ରୀଙ୍କୁ ଟ୍ରଫି, ପ୍ରମାଣପତ୍ର ସହ ୪୮ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ । ଅନ୍ୟ ୯ ଜଣ ଉପବିଜେତାଙ୍କୁ ପ୍ରତ୍ୟେକ ୨୪ ହଜାର ଟଙ୍କାର ଛାତ୍ରବୃତ୍ତି, ଟ୍ରଫି ଓ ପ୍ରମାଣପତ୍ର ମିଳିବ । ଏହିପରି ମୋଟ ୨ ଲକ୍ଷ ୬୪ ହଜାର ଟଙ୍କା ଛାତ୍ରବୃତ୍ତି ଆକାରରେ ପ୍ରଦାନ କରାଯାଇଛି । ଉପବିଜେତାଙ୍କ ମଧ୍ୟରେ ଦାଦ୍ରା ଓ ନଗର ହାବେଳି ତଥା ଦାମନ ଓ ଡିଉ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ, ତ୍ରିପୁରା, ଚଣ୍ଡିଗଡ଼, ଗୁଜରାଟ, ଅରୁଣାଚଳ ପ୍ରଦେଶ ଓ ହରିୟାଣାର ପ୍ରତିଯୋଗୀ ରହିଛନ୍ତି ।

**୩୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଯୋଗୀଙ୍କୁ ପଛରେ ପକାଇଲେ**
**ମିଳିବ ୪୮ ହଜାର ଟଙ୍କାର ଛାତ୍ରବୃତ୍ତି**

### ବିଡିଓଙ୍କ ବିରୋଧରେ ଜନପ୍ରତିନିଧିଙ୍କ ଅସନ୍ତୋଷ

## ବାଲିଅନ୍ତା ବ୍ଲକ୍‌ରେ ବିପିଡିପି ବୈଠକକୁ ନେଇ ବିବାଦ

ଧଉଳି,୩୦।୧୦(ସମିସ): ବାଲିଅନ୍ତା ପଞ୍ଚାୟତ ସମିତି ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ବିପିଡିପି ପ୍ରସ୍ତୁତି ନିମନ୍ତେ ଆଜି ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା । ମାତ୍ର ବୈଠକ ପାଇଁ ବ୍ଲକ୍ କନଫରେନ୍ସ ହଲ୍‌ରେ ଜନପ୍ରତିନିଧିମାନେ ପ୍ରାୟ ଏକ ଘଣ୍ଟା ଅପେକ୍ଷା କରିଥିଲେ ମଧ୍ୟ କୌଣସି ଅଧିକାରୀ ଉପସ୍ଥିତ ନ ହେବାରୁ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଫେରିଯାଇଥିଲେ ।




ଏନେଇ ସମିତି ସଭ୍ୟ ଭାବଗ୍ରାହୀ ଗୋଛାୟତ କହିଛନ୍ତି ଯେ, ପୂର୍ବରୁ କାର୍ଯ୍ୟରତ ବିଡିଓମାନେ ସମିତି ସଭ୍ୟମାନଙ୍କ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦେବା ପାଇଁ ସୁଯୋଗ ଦେଉଥିଲେ । କିନ୍ତୁ ବର୍ତ୍ତମାନର ବିଡିଓ ସମିତି ସଭ୍ୟମାନଙ୍କୁ ପ୍ରକଳ୍ପ ପ୍ରସ୍ତାବ ଦେବାର ସୁଯୋଗ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏପରିକି ବିଡିଓ ବାଲିଅନ୍ତାରେ ପ୍ରଶାସନିକ କାର୍ଯ୍ୟ ପରିବର୍ତ୍ତେ ରାଜନୀତି କରିବାକୁ ଆସିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସେହିପରି ସରପଞ୍ଚ ରଶ୍ମିତା ଭୋଇ ମଧ୍ୟ ବିଡିଓଙ୍କ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଜନପ୍ରତିନିଧିମାନଙ୍କଠାରୁ ପ୍ରକଳ୍ପ ପ୍ରସ୍ତାବ ନ ନେଇ ପୂର୍ବରୁ ପ୍ରସ୍ତୁତ ଏକ ପ୍ରକଳ୍ପ ତାଲିକାକୁ ବୈଠକରେ ପାଠ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଥିଲେ । ବାଲିଅନ୍ତା ବ୍ଲକ୍‌ରେ ବିଡିଓ ହିଟଲରୀ ଶାସନ ଚଳାଇଥିବା ଭଳି ମନେ ହେଉଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ଦୀର୍ଘଦିନ ଧରି ଯଶୁଆପୁର ହାଇସ୍କୁଲର ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଥିବା ପ୍ରସଙ୍ଗ ଉଠାଇଥିଲେ । ଏଥିସହ ବେସରକାରୀ ଜମିରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ହୋଇଥିବା ନେଇ ମଧ୍ୟ ସେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ବାଲିଅନ୍ତା ବ୍ଲକ୍‌ରେ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିବା ଦେଖାଯାଇଛି । ଏହି ଅବସରରେ ସରପଞ୍ଚ ରମାଲତା ନାୟକ, ରଶ୍ମିତା ସ୍ୱାଇଁ, ମିଲିଲତା ବେହେରାଙ୍କ ସମେତ ଅନ୍ୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

**ପ୍ରକଳ୍ପ ତାଲିକାରେ ସମିତି ସଭ୍ୟଙ୍କୁ ଅଣଦେଖା ଅଭିଯୋଗ**

# ବର୍ଷା ପାଇଁ ବେହାଲ ରାଜଧାନୀ ରାସ୍ତା

### ଜମିରହୁଛି ବର୍ଷା ପାଣି, ଜଣାପଡୁନି ଖାଲଖମା ରାସ୍ତା


ଭୁବନେଶ୍ୱର,୩୦।୧୦(ସମିସ)

ବାତ୍ୟା ଅର୍ଣ୍ଣବର ପ୍ରଭାବରେ ରାଜଧାନୀରେ ଲଗାଣ ବର୍ଷା ପ୍ରଭାବରେ ଅଧିକାଂଶ ସ୍ଥାନ ଏବେ ଜଳମଗ୍ନ ହୋଇପଡିଛି । ବର୍ଷା ଛାଡିଲା ପରେ ମଧ୍ୟ ପାଣି ଜମି ରହିଥିବାରୁ ଲୋକଙ୍କୁ ସମସ୍ୟା ଭୋଗିବାକୁ ପଡୁଛି । ସହରର କେତେକ ମୁଖ୍ୟ ରାସ୍ତା ସମେତ ଗଳି ରାସ୍ତାରେ ବର୍ଷା ପାଣି ଜମିରହିଛି । କେବଳ ସେତିକି ନୁହଁ କିଛି ରାସ୍ତା ଖଣ୍ଡିଆଖାବରା ଥିବାରୁ, ସେଠି ପାଣି ଜମିଲେ ମଧ୍ୟ ଜଣାପଡୁନି । ଯାହାଫଳରେ ଯାତାୟତ କରୁଥିବା ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ବର୍ତ୍ତମାନ ସମୟରେ ରାଜଧାନୀରେ ତୁହାକୁ ତୁହା ପ୍ରବଳ ବର୍ଷା ଯୋଗୁ କେଉଁଠି ବର୍ଷା ପାଣି ଜମିରହିଲାଣି ତ କେଉଁଠି ଡ୍ରେନ ପାଣି ଉଚ୍ଛୁଳି ରାସ୍ତାରେ ଭାସୁଛି । ଡ୍ରେନ ଜାମ ହେତୁ ବର୍ଷା ଜଳ ନିଷ୍କାସିତ ହୋଇପାରୁ ନାହିଁ । ଫଳରେ ଲୋକଙ୍କୁ ନାହିଁ ନଥିବା ସମସ୍ୟା ଭୋଗିବାକୁ ପଡିଛି । ଏଥିସହିତ ସହରର ଗଳିକନ୍ଦିରୁ ଆରମ୍ଭକରି ମୁଖ୍ୟ ରାସ୍ତାରେ ବର୍ଷା ଓ ଡ୍ରେନ ପାଣି ମାଡି ରହିଥିବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି । ଯେପରି - ଶ୍ୟାମପୁର ରାସ୍ତା, ସମ ହସ୍ପିଟାଲ ରାସ୍ତା, ଏସଓଏସ ଭିଲେଜ ରାସ୍ତା, ଡୁମ୍‌ଡୁମା ରାସ୍ତା, ଭଗବାନପୁର ଭିତର ରାସ୍ତା ଇତ୍ୟାଦି ରାସ୍ତାରେ ବର୍ଷା ପାଣି ଲହଡି ଭାଙ୍ଗୁଛି । ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଯାତାୟତ କରୁଛନ୍ତି । ନିକଟରେ ସ୍କୁଲ, କଲେଜ ଏବଂ ହସ୍ପିଟାଲ ମଧ୍ୟ ରହିଛି । ତେଣୁ ସକାଳୁ ରାତି ଯାଏଁ ଲୋକଙ୍କ ଯାତାୟତ ଲାଗି ରହିଥାଏ । ଏପରି ବର୍ଷା ସହିତ ପାଣି ଜମିରହୁଥିବାରୁ ଅଧିକ ସମସ୍ୟା ଭୋଗିବାକୁ ପଡୁଛି । ଏନେଇ ସେହି ଅଞ୍ଚଳର ଜଣେ ବାସିନ୍ଦା କୁହନ୍ତି, ଏହି ସମସ୍ୟା କିଛି ନୂଆ ନୁହଁ । ଟିକିଏ ବର୍ଷା ହେଲେ ବି ଏଠି ରାସ୍ତା ଉପରେ ପାଣି ଲହଡି ଭାଙ୍ଗେ । ହେଲେ ସମସ୍ୟା ହେଲା ଏହା ଅନେକ ଦିନ ଯାଏଁ ଜମି ରହିବା । ତା ସହିତ ରାସ୍ତାର ଖାଲଖମା ଜଣାନପଡିବା । ଯାହା ଦୁର୍ଘଟଣା ହେବାର ଭୟ ବଢାଉଛି । କେବଳ ଏହିସବୁ ରାସ୍ତା ନୁହଁ ବରଂ ରାଜଧାନୀର ଅନେକ ସ୍ଥାନରେ ଏପରି ସ୍ଥିତି ପରିଲକ୍ଷିତ ହେଉଛି । ଫଳରେ ଅଞ୍ଚଳବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ପ୍ରଶାସନ ଅଧିକ ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ ।





# ବନ୍ୟା ମୁକାବିଲାରେ ସରକାରୀ ବିଫଳତାକୁ ସିପିଆଇର ନିନ୍ଦା

ଭୁବନେଶ୍ୱର, ୩୦ ।୧୦(ସମିସ)

■ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ରିଲିଫ ଦାବି

■ ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା ସହ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ଦାବି

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବନ୍ୟାରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ହୋଇଥିବାରୁ ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି । ଏଥିସହ ବନ୍ୟା ନିୟନ୍ତ୍ରଣ, ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସରକାରୀ ବିଫଳତାକୁ ନିନ୍ଦା କରାଯାଇଛି । ସରକାରୀ ପ୍ରସ୍ତୁତିର ଅଭାବ ଯୋଗୁଁ ଘରଦ୍ୱାର, ଫସଲ, ବନ୍ଧବାଡ଼ ଓ ରାସ୍ତାଘାଟ ଜଳମଗ୍ନ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସିପିଆଇ ପକ୍ଷରୁ କୁହାଯାଇଛି । ଗଞ୍ଜାମର ଋଷିକୁଲ୍ୟା ଓ ବାହୁଦା ନଦୀରେ ବିପଦ ସଂକେତଠାରୁ ୨ ମିଟରରୁ ଅଧିକ ଜଳ ପ୍ରବାହିତ ହେବା ସହ ଗଜପତିର ବଂଶଧାରା ଓ ମହେନ୍ଦ୍ରତନୟା ନଦୀର ଜଳପ୍ରବାହ ନିୟନ୍ତ୍ରଣ ବାହାରେ ରହିଥିଲା । ଏହା ସତ୍ତ୍ୱେ ବିଭିନ୍ନ ଅଞ୍ଚଳରେ ଲୋକେ ଜଳବନ୍ଦୀ ହୋଇଥିବାବେଳେ ସରକାର ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ବିଫଳ ହୋଇଥିବା ଦଳ ଅଭିଯୋଗ କରିଛି । ଗଞ୍ଜାମ ଜିଲ୍ଲାର ସୋରଡ଼ା, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ସାନଖେମୁଣ୍ଡି, ଆସ୍କା, ଧରାକୋଟ ଓ ଭଞ୍ଜନଗର ସମେତ ରାୟଗଡ଼ା, ଆର୍. ଉଦୟଗିରି, ବିଷମ କଟକ, ମୋହନା, ଗୁଣୁପୁର, ଗୋଷାଣୀ, କାଶୀନଗର, ମୁନିଗୁଡ଼ା, ନୂଆଗଡ଼, ଚନ୍ଦ୍ରଗିରି, ଜି. ଉଦୟଗିରି, ରାଇକିଆ ଓ ଜୁନାଗଡ଼ ଆଦି ଅଞ୍ଚଳରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଥିବା ଦଳ ଉଲ୍ଲେଖ କରିଛି । ଡବଲ ଇଞ୍ଜିନ ବିଜେପି ସରକାର ରାଜ୍ୟର ବିପନ୍ନ ଲୋକଙ୍କୁ ଦୁଇଗୁଣ ଧୋକା ଦେଇଥିବା ସିପିଆଇ ଅଭିଯୋଗ କରିଛି ।

ଦଳ ପକ୍ଷରୁ ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ସହ ପୁନର୍ଗଠନ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ଦାବି କରାଯାଇଛି । ଏଥିସହ ବିପନ୍ନ ପରିବାରଙ୍କୁ ଏକ ମାସର ଖାଦ୍ୟ ସାମଗ୍ରୀ, ଧ୍ୱଂସପ୍ରାପ୍ତ ଘର ପାଇଁ ନୂଆ ଘର, କ୍ଷତିଗ୍ରସ୍ତ ଘରର ମରାମତି, ଧାନ ଓ ପନିପରିବା ଫସଲର କ୍ଷତିପୂରଣ, ନୂଆ ଫସଲ ପାଇଁ ସହାୟତା ଏବଂ ନଷ୍ଟ ହୋଇଥିବା ବନ୍ଧବାଡ଼, ରାସ୍ତାଘାଟ ଓ ସର୍ବସାଧାରଣ ଅନୁଷ୍ଠାନର ପୁନଃନିର୍ମାଣ ପାଇଁ ଦାବି ହୋଇଛି । ସିପିଆଇ ପକ୍ଷରୁ ବିଭିନ୍ନ ତହସିଲ ସହ ଯୋଗାଯୋଗ ରଖି ଉଦ୍ଧାର, ରିଲିଫ ଓ କ୍ଷୟକ୍ଷତି ଆକଳନରେ ସହଯୋଗ କରିବାକୁ ସ୍ଥିର ହୋଇଛି । ଏହି ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା ଓ କେନ୍ଦ୍ରୀୟ ସହାୟତା ଦାବିରେ ଆସନ୍ତା ୭ ତାରିଖ ମଧ୍ୟରେ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସମ୍ପାଦକମଣ୍ଡଳୀ ସଦସ୍ୟ ତଥା ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡି, ସହସମ୍ପାଦକ ଜୟନ୍ତ ଦାସ, ପ୍ରକାଶ ପାତ୍ର, ଗଞ୍ଜାମ ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ, ସହସମ୍ପାଦକ ନୀଳକଣ୍ଠ ଦାଶ ଓ ପ୍ରଦୀପ ସେଠୀ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ।

## 'ବନ୍ୟା ନିୟନ୍ତ୍ରଣରେ ସରକାର ବିଫଳ'

ଭୁବନେଶ୍ୱର, ୩୦ ।୧୦(ସମିସ): ଅର୍ଣ୍ଣବ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଥଇଥାନ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବାକୁ ଅଖିଳ ଭାରତ କୃଷକ ସଭା, ଓଡ଼ିଶା ରାଜ୍ୟ ପରିଷଦ ଦାବି କରିଛି । ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ କ୍ଷୀରୋଦ ସିଂହଦେଓ କହିଛନ୍ତି ଯେ, ଦକ୍ଷିଣ ଓଡ଼ିଶାର ଗଞ୍ଜାମ ସମେତ ବିଭିନ୍ନ ଜିଲ୍ଲାରେ

**ରିଲିଫ୍ ଏବଂ ଥଇଥାନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କଲା କୃଷକ ସଭା**

ଜଳବନ୍ଦୀଙ୍କୁ ଉଦ୍ଧାର କରିବା ସହ କ୍ଷତିଗ୍ରସ୍ତ କୃଷିକ୍ଷେତ୍ର, ଫସଲ, ଘରଦ୍ୱାର ଓ ଜୀବିକାର ଯୁଦ୍ଧକାଳୀନ ଭିତ୍ତିରେ ସର୍ଭେ କରାଯାଉ ।

ଏଥିସହ କୃଷକଙ୍କୁ କ୍ଷତିପୂରଣ ଓ ବିକଳ୍ପ କୃଷି ବ୍ୟବସ୍ଥା ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉ । ବାତ୍ୟା ଓ ବନ୍ୟା ସମ୍ପର୍କରେ ଆଗୁଆ ସୂଚନା ଥିବା ସତ୍ତ୍ୱେ ସରକାରଙ୍କ ପ୍ରସ୍ତୁତିର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେ ଅଭିଯୋଗ କରିଛନ୍ତି । ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବିପର୍ଯ୍ୟୟର ଭୟାବହ ଦୃଶ୍ୟ ପ୍ରଚାରିତ ହେବା ସତ୍ତ୍ୱେ ରାଜ୍ୟର ବିଜେପି ନେତୃତ୍ୱାଧୀନ ଡବଲ୍ ଇଞ୍ଜିନ ସରକାର ତ୍ୱରିତ ପଦକ୍ଷେପ ନେବାରେ ବିଫଳ ହୋଇଥିବାରୁ କୃଷକଙ୍କ ସମେତ ସାଧାରଣ ଲୋକଙ୍କ ଧନଜୀବନ ସୁରକ୍ଷାରେ ସରକାରଙ୍କୁ ସେ ଦାୟୀ କରିଛନ୍ତି ।

## 'ଉତ୍କଳ'ରେ ହୋମି ଜାହାଙ୍ଗୀର ଭାଭାଙ୍କ ଜୟନ୍ତୀ




ଭୁବନେଶ୍ୱର, ୩୦ ।୧୦(ସମିସ): ଭାରତର ପରମାଣୁ କାର୍ଯ୍ୟକ୍ରମର ଜନକ ଡ. ହୋମି ଜାହାଙ୍ଗୀର ଭାଭାଙ୍କ ୧୧୭ ତମ ଜୟନ୍ତୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଛି । ଭାରତୀୟ ପଦାର୍ଥ ବିଜ୍ଞାନ ସଂଘର ଓଡିଶା ଶାଖାର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ସ୍ୱାଗତ ଭାଷଣ ରଖି ଡ. ଭାଭାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ବେଦାଙ୍ଗ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶ୍ୱବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଲମ୍ବୋଦର ପ୍ରସାଦ ସିଂହ ଯୋଗଦେଇ ଜଣେ ଯୁଗଦ୍ରଷ୍ଟା ବୈଜ୍ଞାନିକ ଭାବେ ତାଙ୍କର ସମସ୍ତ ଆବିଷ୍କାର ସମ୍ପର୍କରେ ଉଲ୍ଲେଖ କରିଥିଲେ । ଭାରତୀୟ ପଦାର୍ଥ ବିଜ୍ଞାନ ସଂଘର ସଭାପତି ପ୍ରଫେସର ରୀତା ପାଇକରାୟ, ଡ. ଶ୍ରୀରୂପ ଗୋସ୍ୱାମୀ, ଡ. ଗୌରୀଶଙ୍କର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଭାରତୀୟ ପଦାର୍ଥ ବିଜ୍ଞାନ ସଂଘ ଓଡିଶା ଶାଖାର କୋଷାଧ୍ୟକ୍ଷ ଡ. ସଞ୍ଜୟ କୁମାର ସୁଆର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ପଦଯାତ୍ରାରେ ୧୨୦୦ ଛାତ୍ରଛାତ୍ରୀ




ଭୁବନେଶ୍ୱର,୩୦।୧୦(ସମିସ): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ପାୱାର ହାଉସ୍ ଛକରୁ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରାକୁ ଓଡ଼ିଶା ଭିଜିଲାନ୍ସ ସଂଜୟ କୁମାର କୌଶଲ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ଏଥିରେ ବିଦ୍ୟାଳୟ, ମହାବିଦ୍ୟାଳୟ ସମେତ ଘରୋଇ ଶିକ୍ଷାନୁଷ୍ଠାନର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସମେତ ବିଭିନ୍ନ ସଂଗଠନର ପ୍ରାୟ ୧୨୦୦ ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ଏହି ଅବସରରେ ଭିଜିଲାନ୍ସ ଏଆଇଜି ସି.ଏମ୍. ପାତ୍ର, ଭୁବନେଶ୍ୱର ଦୁର୍ନୀତି ନିବାରଣ ଶାଖାର ଆରକ୍ଷୀ ଅଧୀକ୍ଷକ ସରୋଜ ସାମଲ, କଟକ ଦୁର୍ନୀତି ନିବାରଣ ଶାଖାର ଆରକ୍ଷୀ ଅଧୀକ୍ଷକ କେ. ବି. ଆଚାର୍ଯ୍ୟ, ସେଲ୍ ଡିଭିଜନ୍‌ର ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ ବିଶ୍ୱାଳ, ଭୁବନେଶ୍ୱର ଡିସିପି ଡ. ଶ୍ରବଣା ବିବେକ, ଆଇନ ପରାମର୍ଶଦାତା ଆର୍.ଏନ୍. ଦାସଙ୍କ ସମେତ ରାଜ୍ୟ ଦୁର୍ନୀତି ନିବାରଣ ଏକାଡେମୀ ଓ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଏଲ୍.କେ. ମହାପାତ୍ରଙ୍କ ଜୟନ୍ତୀ

ଭୁବନେଶ୍ୱର,୩୦।୧୦(ସମିସ): ଓଡ଼ିଶାର ବିଶ୍ୱବିଖ୍ୟାତ ନୃତତ୍ତ୍ୱବିତ୍ ଓ ଶିକ୍ଷାବିତ୍ ପ୍ରଫେସର ଏଲ୍. କେ. ମହାପାତ୍ରଙ୍କ ୯୭ତମ ଜୟନ୍ତୀ ପାଳିତ ହୋଇଯାଇଛି । ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟର ନିର୍ଦ୍ଦେଶକ ପ୍ରଫେସର ଅମିତାଭ ପାଣ୍ଡେ ଷଷ୍ଠ ଏଲ୍. କେ. ମହାପାତ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ । ଏହି ସ୍ମାରକୀ ବକ୍ତୃତାର ଆୟୋଜନ ଏଲ୍. କେ. ମହାପାତ୍ର ସ୍ମାରକୀ ଟ୍ରଷ୍ଟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ କରାଯାଇଥିଲା । ସ୍ମାରକୀ ବକ୍ତୃତାରେ ପ୍ରଫେସର ପାଣ୍ଡେ ନୃତତ୍ତ୍ୱ ଗବେଷଣା କ୍ଷେତ୍ରରେ ପ୍ରଫେସର ମହାପାତ୍ରଙ୍କ ସମୃଦ୍ଧ ଐତିହ୍ୟ ଏବଂ ତାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଥିବା ଗବେଷଣା ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଜଣେ ମହାନ୍ ଗବେଷକଙ୍କ ଅବଦାନ ବିଷୟରେ କହିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନେଶ୍ୱର ଦଣ୍ଡପାଟ, ନୃତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ସୁରେଶ ମୁର୍ମୁ, ଡ. ଆର୍.କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।




## ବସ୍ତିବାସିନ୍ଦାଙ୍କ ଜମି ଅଧିକାର ଦାବି

ଭୁବନେଶ୍ୱର, ୩୦।୧୦: ବହୁତଳ କୋଠା ନୁହେଁ, ବଳପୂର୍ବକ ଉଚ୍ଛେଦ ବନ୍ଦ ଓ ଥଇଥାନ ଦାବିରେ ବସ୍ତି ସୁରକ୍ଷା ମଞ୍ଚ, ଓଡ଼ିଶା ପକ୍ଷରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମଞ୍ଚର ସଭାପତି ହେନା ଓ ସାଧାରଣ ସମ୍ପାଦକ ପ୍ରମିଳାଙ୍କ ନେତୃତ୍ୱରେ ସାତଜଣିଆ ପ୍ରତିନିଧି ଦଳ ପ୍ରମୁଖ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ।

ମଞ୍ଚ ପକ୍ଷରୁ ଓଡ଼ିଶା ଜମି ଅଧିକାର ଆଇନ-୨୦୧୭ ଓ ଓଡ଼ିଶା ମହାନଗର ନିଗମ ଆଇନର ପରିଚ୍ଛେଦ-୨୧ ଅନୁଯାୟୀ ବସ୍ତିବାସିନ୍ଦାଙ୍କ ଜମି ଅଧିକାର ସୁରକ୍ଷା ଓ ଆଇନର କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ଦାବି କରାଯାଇଛି । ଆଇନସମ୍ମତ ପ୍ରକ୍ରିୟା, ଅଧିକାର ନିର୍ଦ୍ଧାରଣ ଓ ଥଇଥାନ ବିନା ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ନ କରିବା ସହ ଏପର୍ଯ୍ୟନ୍ତ ସର୍ଭେ ହୋଇନଥିବା ବସ୍ତିଗୁଡ଼ିକର ତୁରନ୍ତ ସର୍ଭେ କରିବାକୁ ମଞ୍ଚ ଦାବି କରିଛି । ବିସ୍ଥାପନ ପୂର୍ବରୁ ପ୍ରଭାବିତ ପରିବାରଙ୍କୁ ଉପଯୁକ୍ତ ଜମି ଓ ଆବଶ୍ୟକ ସ୍ଥଳେ ଘର ଯୋଗାଇବା ସହ କର୍ମସ୍ଥଳୀ ନିକଟରେ ଥଇଥାନ କରିବାକୁ ମଧ୍ୟ ଦାବି ହୋଇଛି । ସେହିପରି ସହଯୋଗ ପ୍ଲସ୍ ଭଳି ସରକାରୀ ଯୋଜନାକୁ ବସ୍ତିବାସିନ୍ଦାଙ୍କ ଆଇନଗତ ଜମି ଅଧିକାରର ବିକଳ୍ପ ଭାବେ ପ୍ରଚଳନ ନ କରିବା, ଭୁବନେଶ୍ୱରର ୮ ନମ୍ବରସ୍ଥିତ ନାରାୟଣୀ ବସ୍ତିର ବ୍ୟାଚେଲର ବ୍ୟାରାକ୍ ଅଞ୍ଚଳରେ ପ୍ରମୋଦ ଉଦ୍ୟାନ ନିର୍ମାଣ ନାମରେ ଦଳିତଙ୍କ ଜମି ଅଧିକାର ଉଲ୍ଲଂଘନ ନ କରିବା ଏବଂ ଦୟା ପଶ୍ଚିମ କେନାଲ ପ୍ରକଳ୍ପ ଯୋଗୁଁ ସମ୍ଭାବ୍ୟ ବିସ୍ଥାପନ ପୂର୍ବରୁ ପ୍ରଭାବିତ ପରିବାରଙ୍କ ସ୍ୱଚ୍ଛ ସର୍ଭେ, ଅଧିକାର ନିର୍ଦ୍ଧାରଣ ଓ ଥଇଥାନ ସୁନିଶ୍ଚିତ କରିବାକୁ ଦାବି କରାଯାଇଛି । ବସ୍ତି ଅଞ୍ଚଳରେ ପାନୀୟ ଜଳ, ରାସ୍ତା, ଡ୍ରେନେଜ୍, ବିଦ୍ୟୁତ୍ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସହ ଜୀବିକାର ସୁରକ୍ଷା ଯୋଗାଇବା, ବସ୍ତିବାସିନ୍ଦାଙ୍କୁ ପ୍ରଭାବିତ କରୁଥିବା ନୀତି ଓ ପ୍ରକଳ୍ପ ପୂର୍ବରୁ ସେମାନଙ୍କ ସଂଗଠନ ସହ ଆଲୋଚନା କରିବା ଏବଂ ଓଡିଏ ଆଇନ ଅନୁଯାୟୀ ସହରରେ ସାମିଲ ହେଉଥିବା ଅଞ୍ଚଳରେ ସାମାଜିକ, ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ପାଇଁ ୧୦ ପ୍ରତିଶତ ଜମି ସଂରକ୍ଷଣ ରଖିବାକୁ ମଞ୍ଚ ଦାବି କରିଛି । ଏହି ସମସ୍ତ ଦାବି ଉପରେ ଉଚ୍ଚସ୍ତରୀୟ ବୈଠକ କରି ସରକାର ସ୍ପଷ୍ଟ କାର୍ଯ୍ୟଯୋଜନା ଘୋଷଣା କରନ୍ତୁ ବୋଲି ମଞ୍ଚ ଆହ୍ୱାନ ଦେଇଛି ।

**ନଗର ଉନ୍ନୟନ ମନ୍ତ୍ରୀଙ୍କୁ ବସ୍ତି ସୁରକ୍ଷା ମଞ୍ଚର ସ୍ମାରକପତ୍ର**

ବସ୍ତି ସୁରକ୍ଷା ମଞ୍ଚ କହିଛି ଯେ ଏହା ବିକାଶର ବିରୋଧୀ ନୁହେଁ, କିନ୍ତୁ ବିକାଶ ନାମରେ ଗରିବ, ଦଳିତ ଓ ଅସଂଗଠିତ ଶ୍ରମଜୀବୀ ପରିବାରଙ୍କୁ ବୁଲଡୋଜର ସାହାଯ୍ୟରେ ବାସହୀନ କରିବାକୁ ବିରୋଧ କରାଯାଉଛି । ସହରର ବିକାଶ କେବଳ ପ୍ରଶସ୍ତ ରାସ୍ତା, ବଡ଼ ମଇଦାନ, ବହୁତଳ ପ୍ରାସାଦ ଓ ଓଭରବ୍ରିଜ୍ ନିର୍ମାଣରେ ସୀମିତ ନ ରହି ସମସ୍ତ ନାଗରିକଙ୍କ କଲ୍ୟାଣ ଏବଂ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ସର୍ବନିମ୍ନ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେବା ଉଚିତ ।

## ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା 'ଓଡ଼ିଶୀ ଆସର'



ଭୁବନେଶ୍ୱର,୩୦।୧୦(ସମିସ): ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ 'ଓଡ଼ିଶୀ ଆସର' ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି ଭାବରେ ସଙ୍ଗୀତଜ୍ଞ ତଥା ଗବେଷକ ଗୁରୁ ରାମହରି ଦାସ, ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ନେହଲତା ସାମନ୍ତରାୟ ଏବଂ ବରିଷ୍ଠ ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ - ସୁନିତାରାଣୀ ବିଶ୍ୱାଳ, ନୀଳିମା ପ୍ରଧାନ ଏବଂ ମଧୁଲିତା ପରିଡ଼ା । ପ୍ରଥମେ ଶିଳ୍ପୀମାନେ ଭୈରବ ପଲ୍ଲବୀ, ରାଗ-ଭୈରବୀ, ତାଳ-ଆଦିତାଳ, ପରେ ପରେ ଭାବାଙ୍ଗ-ମୁଁ ବିକି ଦେଇଛି ପରାଣ ଶ୍ୟାମ ବନ୍ଧୁଙ୍କୁ ଆଦି ପରିବେଷଣ କରିଥିଲେ । ପ୍ରଥମେ ଅତିଥି କଳାକାର ଗୁରୁ ସିକତା ଦାସ ଏକକ ଅଭିନୟ କରିଥିଲେ । ପରେ ପରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀ ଜ୍ୟୋତିରାଣୀ ନାୟକ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱୈତ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଦ୍ୱୈତ ମର୍ଦ୍ଦଳ ବାଦନ ପରିବେଷଣ କରିଥିଲେ ପି. ଗୁସନ୍ କୁମାର ଓ ଜୟଗୁରୁ ପ୍ରଧାନ । କାର୍ଯ୍ୟକ୍ରମକୁ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପୌରହିତ୍ୟ କରିଥିଲେ ।

## ଆଜିଠୁ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'

■ ଭାଗନେବେ ୨୭ ଜିଲ୍ଲାର ୩ ଶହରୁ ଊର୍ଦ୍ଧ୍ୱ କାରିଗର

ଭୁବନେଶ୍ୱର,୩୦।୧୦(ସମିସ): ଆସନ୍ତା କାଲି ଠାରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ ସ୍ୱତନ୍ତ୍ର ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୬' । ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ପ୍ରଦର୍ଶନୀ ଆରମ୍ଭ ହେବ । ଏହି ପ୍ରଦର୍ଶନୀରେ ରାଜ୍ୟର ୨୭ଟି ଜିଲ୍ଲାରୁ କାରିଗରମାନେ ପ୍ରାୟ ୨୦୦ରୁ ଉଦ୍ଧ୍ୱର୍ ଷ୍ଟଲରେ ନିଜର ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ କରିବେ । ଆଲୋକର ପର୍ବ ଦୀପାବଳିକୁ ନଜରରେ ରଖି ବିଭିନ୍ନ ପ୍ରକାରର ଦୀପ, ଦୀପଷ୍ଟାଣ୍ଡ, ହ୍ୟାଙ୍ଗିଙ୍ଗ ଦୀପ ଓ ବିଭିନ୍ନ ଆକାରର ଦୀପ ଉପଲବ୍ଧ ରହିବ । ଏପରିକି ଷ୍ଟୋନ୍, ମାଳି, ଜିଙ୍କ୍ ଦୀପ ମଧ୍ୟ ପ୍ରଦର୍ଶନୀରେ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ପାଲଟିବ । ଏହାସହିତ ଟେରାକୋଟାର ଆକର୍ଷୀୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ବିକ୍ରି କରାଯିବ । ରାଜ୍ୟର ବିଭିନ୍ନ ଜିଲ୍ଲାର ୩୦୦ରୁ ଉଦ୍ଧ୍ୱର୍ କାରିଗରମାନେ ମାଟିରେ ନିଜର କାରିଗରୀ କୌଶଳକୁ ପ୍ରଦର୍ଶିତ କରିବେ । ଏହାସହିତ ମେଳା ପରିସରରେ କାରିଗରମାନେ ଟେରାକୋଟା ହସ୍ତଶିଳ୍ପର କାରିଗରୀ କୌଶଳର ପ୍ରତ୍ୟକ୍ଷ ପ୍ରଦର୍ଶନ ବା ଲାଇଭ୍ ଡେମୋନଷ୍ଟ୍ରେସନ୍ ପ୍ରଦର୍ଶନ କରିବେ । ହସ୍ତଶିଳ୍ପ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏହି ମେଳାର ଆୟୋଜନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ନଭେମ୍ବର ୧୪ରୁ ପିକକ୍ ଶିଶୁମେଳା

ଭୁବନେଶ୍ୱର,୩୦।୧୦(ସମିସ): ଚଳିତ ନଭେମ୍ବର ୧୪ରୁ ୩୭ତମ ଶିଶୁ ମେଳା ଏକାମ୍ର ହାଟ ମୁକ୍ତ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ଦ୍ୱାରା ୨୦ତାରିଖ ଯାଏ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ପିଲା ଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ନଭେମ୍ବର ୧୫ ତାରିଖ ଦିନ ଏକାମ୍ର ହାଟଠାରେ ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ହେବାକୁ ଥିବା ବେଳେ ଅପରାହ୍ନ ୪ଟାରେ ୩ ବର୍ଷରୁ କମ୍ ବୟସର ଶିଶୁଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟ, ସନ୍ଧ୍ୟା ୬ଟାରେ ଓଡିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ସାହିତ୍ୟର ବିକାଶରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୩୦।୧୦(ସମିସ): ସାହିତ୍ୟର ବିକାଶ ପାଇଁ ସମ୍ବାଦପତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ ହେଉଛି ସମ୍ବାଦପତ୍ର । ବହୁ ପୁରାତନ ସମୟରୁ ସମ୍ବାଦପତ୍ର ପ୍ରକାଶ ପାଇ ଖବର ସହିତ ସାହିତ୍ୟକୁ ପ୍ରାଧାନ୍ୟ ଦେଇ ଆସିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୨୨୧ତମ ଆଲୋଚନାଚକ୍ର

**ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର**

ସାହିତ୍ୟିକ, ସଂଗଠକ ଓ ସମ୍ପାଦକ ସାତକଡ଼ି ହୋତାଙ୍କ ପୁଣ୍ୟ ଜନ୍ମତିଥିରେ 'ସାହିତ୍ୟର ବିକାଶ ପଥେ ସମ୍ବାଦପତ୍ର' ଶୀର୍ଷକରେ ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ମନୋଜ ମହାପାତ୍ର ଉପସ୍ଥିତରହି ବକ୍ତବ୍ୟ ଦେଇଥିଲେ । ଏହି ସଭାରେ ଲେଖକ ଓ ସ୍ତମ୍ଭକାର ଦାଶ ବେନହୁରଙ୍କୁ ସାତକଡ଼ି ହୋତାଙ୍କ ସ୍ମୃତିରେ ମର୍ଯ୍ୟାଦାଜନକ 'ସାତକଡ଼ି ହୋତ ସାହିତ୍ୟ ଓ ସାମ୍ବାଦିକତା ସମ୍ମାନ' ପ୍ରଦାନ କରାଯାଇଥିଲା । ସାତକଡ଼ି ହୋତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଅମୃତାୟନ' ପତ୍ରିକା ତରଫରୁ ତାଙ୍କ କନ୍ୟା ତଥା ସମ୍ପାଦିକା ସୌମ୍ୟା ରଥ ଓ ବୈଜ୍ଞାନିକ ଅଶୋକ କୁମାର ରଥ ମଞ୍ଚରେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ । ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଜନଗଣନାରେ ସ୍ୱତନ୍ତ୍ର ଓବିସି ସ୍ତମ୍ଭ ପାଇଁ ଦାବି

ଭୁବନେଶ୍ୱର,୩୦।୧୦(ସମିସ):ଆସନ୍ତା ଜାନୁଆରୀ ୨୫ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ଜନଗଣନା କରାଯିବା ପାଇଁ ଆଜି ତାରିଖ ପ୍ରକାଶ ପାଇଛି । ୧୦ଜାନୁଆରୀରୁ ୨୪ ଜାନୁଆରୀ ପର୍ଯ୍ୟନ୍ତ ସ୍ୱଗଣନା ହେବ ବୋଲି ଘୋଷଣା ହୋଇଛି । କିନ୍ତୁ ଏହି ଜନଗଣନାରେ ଓବିସି ଜନଗଣନା ପାଇଁ ସ୍ୱତନ୍ତ୍ର ସ୍ତମ୍ଭ ରଖା ଯାଇନାହିଁ । ସରକାର ସ୍ୱତନ୍ତ୍ର ଓବିସି ସ୍ତମ୍ଭ ରଖି ଜନଗଣନା କରିବାକୁ ଓବିସି ଫୋରମ ଓଡିଶା ରାଜ୍ୟ କମିଟି ଦାବି କରିଛି । ତାହା ନ ହେଲେ ଆଗାମୀ ଦିନରେ ସ୍ୱତନ୍ତ୍ର ଓବିସି ସ୍ତମ୍ଭ କରି ଓବିସି ଜନଗଣନା କରିବାକୁ ଓବିସି ଫୋରମର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଦାବି କରିଛନ୍ତି ।

**ନୀଳକଣ୍ଠେଶ୍ୱରଙ୍କ ନୀତିକାନ୍ତିକୁ ନେଇ ବିବାଦ, ଗ୍ରାମବାସୀଙ୍କ ଉପରେ ଆକ୍ରମଣ ଅଭିଯୋଗ**

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲେ ବଡ଼ରଘୁନାଥପୁର ଗ୍ରାମବାସୀ

ବଡ଼ରଘୁନାଥପୁର,୩୦।୧୦(ସମିସ)



ରାଜଧାନୀ ଉପକଣ୍ଠ ବଡ଼ରଘୁନାଥପୁର ଗ୍ରାମ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପରିଚାଳନା ଓ ଧାର୍ମିକ ନୀତିକାନ୍ତିକୁ କେନ୍ଦ୍ର କରି ଦୁଇ ଗ୍ରାମ ମଧ୍ୟରେ ବିବାଦ ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ସାଫ୍ୟଲମଣ୍ଡିତ ପ୍ରଧାନଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି ବଡ଼ରଘୁନାଥପୁର ଗ୍ରାମବାସୀ । ବଡ଼ରଘୁନାଥପୁର ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୧୯୯୨ ମସିହାରେ ଦେବୋତ୍ତର ବିଭାଗ ପକ୍ଷରୁ ନୀଳକଣ୍ଠେଶ୍ୱର ମହାପ୍ରଭୁଙ୍କ ସମ୍ପର୍କରେ ସ୍ୱୀକୃତି ମିଳିଥିଲା । ଗ୍ରାମର ମାଳି ପୂଜାରୀ ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ମନ୍ଦିରର ପୂଜାନୀତି, ପର୍ବପର୍ବାଣୀ ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ ଦୀର୍ଘବର୍ଷ ଧରି ସମ୍ପନ୍ନ ହୋଇଆସୁଛି ।

ତେବେ ମଦନପୁର ଗ୍ରାମର କିଛି ବ୍ୟକ୍ତି ମନ୍ଦିରର ବିଭିନ୍ନ କାର୍ଯ୍ୟରେ ବାରମ୍ବାର ବାଧା ସୃଷ୍ଟି କରୁଥିବା ଏବଂ ଗ୍ରାମବାସୀଙ୍କ ଉପରେ ଚାପ ପକାଉଥିବା ବଡ଼ରଘୁନାଥପୁରବାସୀ ଅଭିଯୋଗ କରିଛନ୍ତି । ମଦନପୁର ପକ୍ଷରୁ ମନ୍ଦିର ଉପରେ ଅଧିକାର ଦାବି କରାଯାଉଥିବା ବେଳେ, ଏହା ସମ୍ପର୍କରେ କୌଣସି ବୈଧ ଆଇନଗତ ଆଦେଶ କିମ୍ବା ଦଲିଲ ଥିବା ସମ୍ପର୍କରେ ବଡ଼ରଘୁନାଥପୁର ଗ୍ରାମବାସୀ ଅବଗତ ନଥିବା କହିଛନ୍ତି । ତେଣୁ ଉକ୍ତ ବିବାଦର ନିରପେକ୍ଷ ତଦନ୍ତ କରି ସମସ୍ତ ଆଇନଗତ ଦଲିଲ ଓ ପ୍ରମାଣ ଯାଞ୍ଚ କରିବାକୁ ସେମାନେ ଦାବି କରିଛନ୍ତି । ପ୍ରକାଶ ଥାଉ କି ଗତ ୨୬ ତାରିଖ ପ୍ରଥମ କାର୍ତ୍ତିକ ସୋମବାରରେ ମନ୍ଦିରର ବେଢ଼ା ପରିକ୍ରମା ଓ ନୀତିକାନ୍ତି ସମୟରେ ବିବାଦ ଉପୁଜିଥିଲା ।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ମଦନପୁର ଗ୍ରାମର ପ୍ରାୟ ୨୦ରୁ ୩୦ ଜଣ ବ୍ୟକ୍ତି ହାତରେ ଠେଙ୍ଗା ଧରି ସେଠାରେ ପହଞ୍ଚିଥିଲେ ଏବଂ ଗ୍ରାମର ମହିଳାମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ଏପରିକି ମନ୍ଦିର ଭିତରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମୁଣ୍ଡିଆ ମାରୁଥିବା ସମୟରେ ଆକ୍ରମଣକାରୀମାନେ ଠେଙ୍ଗାରେ ଆକ୍ରମଣ କରିଥିବା ବଡ଼ରଘୁନାଥପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପ୍ରାୟ ୧୦ରୁ ୧୨ ଜଣ ଗ୍ରାମବାସୀ ଗୁରୁତର ଆହତ ହୋଇ ରକ୍ତାକ୍ତ ହୋଇଥିବା କୁହାଯାଇଛି । ଘଟଣାସ୍ଥଳରେ ଇନ୍‌ଫୋଭ୍ୟାଲି ଥାନା ପକ୍ଷରୁ ତିନି ପ୍ଲାଟୁନ୍ ପୁଲିସ ମୁତୟନ କରାଯାଇ ପରିସ୍ଥିତିକୁ ନିୟନ୍ତ୍ରଣକୁ ଅଣାଯାଇଥିବା ଗ୍ରାମବାସୀ କହିଛନ୍ତି । ଏହି ଘଟଣାରେ ୧୦ରୁ ୧୫ ଜଣଙ୍କ ନାମ ଉଲ୍ଲେଖ କରି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ଦାଖଲ କରାଯାଇଥିବା ଜଣାପଡ଼ିଛି । ଘଟଣା ପରେ ବଡ଼ରଘୁନାଥପୁର ଗ୍ରାମବାସୀ ନ୍ୟାୟ ଓ ମନ୍ଦିରର ଧାର୍ମିକ ପରମ୍ପରାର ସୁରକ୍ଷା ଦାବିରେ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍)ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏଡିଏମ୍ ମହାଶୟ ସେମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦଲିଲପତ୍ର ଦେଖି ଘଟଣାର ସମାଧାନ ପାଇଁ ତୁରନ୍ତ ଦେବୋତ୍ତର ବିଭାଗକୁ ଚିଠି ଲେଖିଛନ୍ତି । ନ୍ୟାୟ ନମିଳିଲେ ରାତ୍ରି ଧାରଣା ଚେତାବନୀ ଦେଇଛନ୍ତି ବଡ଼ରଘୁନାଥପୁର ଗ୍ରାମବାସୀ ।

## ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

# ୫୫ ଗ୍ରାମର ହେରୋଇନ ସହ ୯୪୦ ଗ୍ରାମର ଗଞ୍ଜେଇ ଜବତ

**ଜଗତସିଂହପୁର/ବାଲିକୁଦା,୩୦।୧୦(ସମିସ):**

ଆଜି ସକାଳ ସମୟରେ ବାଲିକୁଦା ଥାନା ଅଞ୍ଚଳର ଆମ୍ବଶାଳ ଚାରି ଛକରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ। ଆମ୍ବଶାଳ ବଜାରରେ ଦୀର୍ଘ ଦିନ ହେବ ବ୍ରାଉନସୁଗର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର କ୍ଷିତିଶ ଦାସଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍‌ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଲାଇ ଏବଂ କର୍ମଚାରୀମାନଙ୍କ ସହଯୋଗରେ ଏକ ଟିମ ଚଢ଼ଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ଆମ୍ବଶାଳ ବଜାର ସ୍ଥିତ ଚାରିଛକ ନିକଟରୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୫୫ ଗ୍ରାମର ବେଆଇନ ହେରୋଇନ, ଏକ ବଜାଜ ପଲସର ମୋଟରସାଇକଲ (ନଂ.





ଓଡି୨୧କ୍ୟୁ୦୦୮୩) ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ଆମ୍ବଶାଳ ଗ୍ରାମର ହେମନ୍ତ ସାହୁଙ୍କଙ୍କ ପୁଅ ଶିବାନୀ ସାହୁ (୩୮)। ଜବତ ହେରୋଇନ ସହ ମୋଟରସାଇକଲର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବା ବୋଲି ପ୍ରକାଶ କରିଛନ୍ତି ଜଗତସିଂହପୁର ରେଞ୍ଜ ଇନ୍ସପେକ୍ଟର କ୍ଷିତିଶ ଦାସ। ଅଭିଯୁକ୍ତଙ୍କୁ ଜଗତସିଂହପୁର ଅବକାରୀ ରେଞ୍ଜ କେସ୍ ନଂ ୫୫/୨୦୨୬-୨୭ରେ ଗିରଫ କରାଯାଇ ଜିଲ୍ଲା ଦୌରାଜଜଙ୍କ ଅଦାଲତକୁ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାକ୍ରମେ ତିର୍ତ୍ତୋଲ ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରାଙ୍କ ନେତୃତ୍ୱରେ ଅଉ ଗୋଟିଏ ଟିମ୍ ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେନ୍ତୁଲିପଦା ଗ୍ରାମର ଗାଦି ମହାପୁରୁଷ ମନ୍ଦିର ପାଖରେ ଚଢ଼ଉ କରି ୯୪୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ସେହି ଗ୍ରାମର ନରେନ୍ଦ୍ର କୁମାର ସାହୁଙ୍କୁ ତିର୍ତ୍ତୋଲ ଅବକାରୀ ଥାନାର କେସ୍ ନଂ ୮୭/୨୦୨୬-୨୭ରେ ଗିରଫ କରି ଜିଲ୍ଲା ଦୌରାଜଜଙ୍କ ଅଦାଲତକୁ ଚାଲାଣ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଆଜିର ଏହି ଚଢ଼ଉରେ ଜଗତସିଂହପୁର ଅବକାରୀ ରେଞ୍ଜର କନଷ୍ଟେବଲ ଅନୁରାଗ ସୂର୍ଯ୍ୟବଂଶୀ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କନଷ୍ଟେବଲ ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ।

## ଦେଶୀ ମଦ ଜବତ; ୩ ଗିରଫ



**ବାଲିକୁଦା,୩୦।୧୦(ସମିସ):** ଜଗତସିଂହପୁର ଜିଲ୍ଲାର ବାଲିକୁଦା ଅବକାରୀ ବିଭାଗ ହାତରେ ଧରାପଡ଼ିଛନ୍ତି ତିନି ଜଣ ଚୋରା ଦେଶୀ ମଦ ବ୍ୟବସାୟୀ। ଏମାନଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ ଓ ଜଣେ ମହିଳା ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମାଛଗାଁର ସନ୍ତୋଷ ନାୟକଙ୍କଠାରୁ ୪ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ରାହାଣର ପ୍ରଶାନ୍ତ ସାହୁଙ୍କଠାରୁ ୩ ଲିଟର ୪୦୦ ଗ୍ରାମ ଦେଶୀ ମଦ ଜବତ ହୋଇଛି। ସେହିପରି ଜଣେ ମହିଳାଙ୍କଠାରୁ ୩ ଲିଟର ୬୦୦ ଗ୍ରାମ ଦେଶୀ ମଦ ଜବତ କରାଯାଇଛି। ଏମାନେ ଅବକାରୀ ବିଭାଗର ଆଖିରେ ଧୂଳି ଦେଇ ଦୀର୍ଘଦିନ ଧରି ଚୋରା ଦେଶୀ ମଦ ବ୍ୟବସାୟ କରି ଆସୁଥିଲେ। ତେବେ ଆଜି ମଦ ନେଇ ଯାଉଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗର ଅଧିକାରୀମାନେ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ବାଲିକୁଦା ଅବକାରୀ ବିଭାଗର ଓଆଇସି ନରେଶ କୁମାର ପଣ୍ଡା, ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କନଷ୍ଟେବଲ ନବଘନ ମାରାଣ୍ଡି ଓ ମହିଳା କନଷ୍ଟେବଲ କଲ୍ୟାଣୀ ସେଠୀ ସାମିଲ ହୋଇଥିଲେ। ଅବକାରୀ ଟିମ୍ ତିନି ଜଣଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ମଦ ଜବତ କରିଥିଲା। ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ୧୦ ଓ ୧୧ରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

**ଜଗତସିଂହପୁର,୩୦।୧୦(ସମିସ):** ଆସନ୍ତା ନଭେମ୍ବର ୧୦ ଓ ୧୧ ତାରିଖରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ। ୧୫ରୁ ୨୯ ବର୍ଷର ପ୍ରତିଯୋଗୀଙ୍କ ମଧ୍ୟରେ ପଦ୍ୟ ଲିଖନ, ଚିତ୍ରାଙ୍କନ, ଲୋକ ନୃତ୍ୟ, ଲୋକ ସଙ୍ଗୀତ, ପଥପ୍ରାନ୍ତ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ ଏହି ଯୁବ ଉତ୍ସବରେ ଅଂଶ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଲୋକକଳା ଓ ଲୋକ ନୃତ୍ୟ ପାଇଁ କେବଳ ଲାଇଭ ମ୍ୟୁଜିକ ଗୃହିତ ହେବ। ପୂର୍ବରୁ ରେକର୍ଡ କରାଯାଇଥିବା ଅଡିଓ ପ୍ରତିଯୋଗିତା ପାଇଁ ଗ୍ରହଣୀୟ ହେବନାହିଁ ଏବଂ ପୂର୍ବବର୍ଷ ଯୁବ ଉତ୍ସବରେ ଜିଲ୍ଲା ସ୍ତରରେ ବିଜେତା ହୋଇଥିବା ଗ୍ରୁପ୍/ଏକକ ପ୍ରତିଯୋଗୀ ଚଳିତ ବର୍ଷ ଯୁବ ଉତ୍ସବରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ସୂଚନା ଦିଆଯାଇଛି। ଏହି ଉତ୍ସବରେ ଉନ୍ନିତ କୃତୀ ପ୍ରତିଯୋଗୀ ମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଜଗତସିଂହପୁର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଏଥି ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ପର୍କିତ ତଥ୍ୟ ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ, ଜଗତସିଂହପୁର ପକ୍ଷରୁ ସୂଚନା ଦିଆଯାଇଛି। ଅଧିକ ତଥ୍ୟ ନିମନ୍ତେ ଜିଲ୍ଲା କ୍ରୀଡା ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଛି।

● ସଂସ୍କୃତି ଭବନରେ ପିଏମ୍ କିସାନ ସମ୍ମାନ ସମାରୋହ

## ଜିଲ୍ଲାର ମୋଟ ୧,୨୨,୧୫୯ ଚାଷୀ ହେଲେ ଉପକୃତ

**ଜଗତସିଂହପୁର,୩୦।୧୦(ସମିସ):** ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟ ରାଜ୍ୟର ବାନାସକାଣ୍ଠାଠାରେ ଆୟୋଜିତ ପିଏମ କିସାନ ସମ୍ମାନନିଧିର ୨୪ତମ କିସ୍ତି ପ୍ରଦାନ ସମାରୋହରେ ଦେଶର ଚାଷୀଙ୍କୁ ୭୦୦ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ସହର ସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ପିଏମ କିସାନ ସମ୍ମାନନିଧିର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଏବଂ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇଥିଲେ। ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ମୋଟ ୧,୨୨,୧୫୯ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, କୃଷି ଜିଲ୍ଲା ଅଧିକାରୀ, ଜଗତସିଂହପୁର ଏବଂ ବ୍ଲକ୍ କୃଷି ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଲୁଟେରାଙ୍କୁ କାବୁ କରି ପୁଲିସକୁ ଦେଲେ ଯୁବ ଗୋଷ୍ଠୀ

**ଡେରାବିଶ, ୩୦।୧୦(ସମିସ):** ଡେରାବିଶ ଥାନାଞ୍ଚଳରେ ଗତ କିଛିଦିନ ହେଲା କେତେକ ବାଇକ୍‌ଧାରୀ ଦୁର୍ବୃତ୍ତ କଲେଜ ଛାତ୍ରଛାତ୍ରୀଙ୍କଠାରୁ ଲୁଟତରାଜ କରୁଥିବା ଘଟଣା ସାମ୍ନାକୁ ଆସିଥିବା ଜଣାପଡିଛି। ଶୁକ୍ରବାର ଏକ ବୁଲେଟ ଯୋଗେ ରାହାଜାନି ଉଦ୍ଦେଶ୍ୟରେ ଆସିଥିବା ଦୁଇଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣଙ୍କୁ କେତେକ ସାହସୀ ଯୁବକ କାବୁ କରି ଡେରାବିଶ ଥାନା ପୁଲିସକୁ ଜିମା ଦେଇଛନ୍ତି। ଆଜି ଦିନ ୧ଟା ୨୦ମିନିଟ୍ ସମୟରେ ଚାଷଖଣ୍ଡ ଗ୍ରାମର ଚିନ୍ମୟୀ ଦୁମୁକାହାଟସ୍ଥ ଡେରାବିଶ କଲେଜରୁ ଘରକୁ ଫେରୁଥିବା ସମୟରେ ଏକ ବାଇକରେ ଆସି ତାଙ୍କ ସାଇକଲ ଆଗରେ ଥିବା ବାସ୍କେଟରୁ ବ୍ୟାଗକୁ ନେଇଯାଇଥିଲେ। ତାଙ୍କ ବ୍ୟାଗରେ ଚିନ୍ମୟୀଙ୍କ ବହିଖାତା ସମେତ ୨ ହଜାର ଟଙ୍କା ଓ ମୋବାଇଲ ଥିଲା। ଏହାର କିଛି ସମୟ ପରେ ଦୁର୍ବୃତ୍ତ ଦୁଇଜଣ ଆଉଜଣେ କଲେଜ ଛାତ୍ରୀ ଓଲଡ଼ି ଗ୍ରାମର ଅଶୋକ ଦାସଙ୍କ ଝିଅ ଭାରତୀଙ୍କୁ ଛତା-ଗୋଲରାହାଟ ରାସ୍ତାରେ ଅଟକାଇ ତାଙ୍କଠାରୁ ମୋବାଇଲ ଓ ବ୍ୟାଗ ଛଡାଇ ନେଇଥିଲେ। ଉଭୟ ଛାତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଚିନ୍ମୟୀଙ୍କ ଚୋରି ଘଟଣା ସିସି ଟିଭିରେ ରେକର୍ଡ ହୋଇଥିବା କେତେକ ଯୁବକ ଦେଖିଥିବାବେଳେ ଦୁର୍ବୃତ୍ତଙ୍କୁ ଅପରାହ୍ନରେ ଉକ୍ତ ରାସ୍ତାରେ ବୁଲୁଥିବା ଦେଖି କେତେକ ଯୁବକ ଗୋଡ଼େଇବାରୁ ଜଣେ ଦୁର୍ବୃତ୍ତକୁ ଧରି ପୁଲିସକୁ ଜିମା ଦେଇଥିଲେ। ଅନ୍ୟ ଦୁର୍ବୃତ୍ତ ଖସିଯାଇଥିବା ଜଣାପଡିଛି। ଉଭୟ ଛାତ୍ରୀଙ୍କ ଏତଲାକୁ ଆଧାର କରି ପୁଲିସ ୨୪୬/୨୬ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଜଗତସିଂହପୁର ଜିଲ୍ଲା କଂଗ୍ରେସର ସମୀକ୍ଷା ବୈଠକ



**ଜଗତସିଂହପୁର,୩୦।୧୦(ସମିସ):** ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତୀୟ କଂଗ୍ରେସ କମିଟି ତରଫରୁ ନିଲାଂଶୁ ଚତୁର୍ବେଦି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଜିଲ୍ଲା କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମକୁ ସମୀକ୍ଷା କରିଥିଲେ। ଓପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ବିଶ୍ୱଜିତ ଦାସ, ଓପିସିସି ସମ୍ପାଦକ ତଥା ଜିଲ୍ଲା ସହ ପ୍ରଭାରୀ ମାନସ କର, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ଓପିସିସି ସମ୍ପାଦକ ବିରେନ କୁମାର ଦଳାଇ, ଜିଲ୍ଲା କଂଗ୍ରେସ ମୁଖପାତ୍ର ହେମନ୍ତ ରଥ, ଉପସଭାପତି ଅମ୍ବିକା ପ୍ରସାଦ ଦାସ, ପ୍ରଶାନ୍ତ ଦାସ, ଅକ୍ଷୟ କୁମାର ମହାନ୍ତି, ସୁବ୍ରତ ରାୟ, ମହମ୍ମଦ ଅବଦୁଲ ୱାହିଦ, ସାଧାରଣ ସମ୍ପାଦକ ଧନଞ୍ଜୟ ସୂତାର, ବିଦ୍ୟାଧର ବାରିକ, ଅବନିକାନ୍ତ ମହାରଣା, ଆର୍ତ୍ତବନ୍ଧୁ ବିଶ୍ୱାଳ, ସମ୍ପାଦକ ପ୍ରହ୍ଲାଦ ବିଶ୍ୱାଳ, ବିମଳ କୁମାର ସେଠୀ, ଅଞ୍ଜନ ଜେନା, ଦିଲ୍ଲୀପ କୁମାର ମାହାର, ବୃନ୍ଦାବନ ପ୍ରଧାନ, ରୂପଶ୍ରୀ ରାଗିଣୀ ଦାସ, ସୌଭାଗ୍ୟ ବିଶ୍ୱାଳ, ମନମୋହନ ଗୋଚ୍ଛାୟତ, ସରୋଜିନୀ ପରିଜା, ବସନ୍ତ ନାୟକ, ପବିତ୍ର କୁମାର ମନ୍ତ୍ରୀ, ଜିତୁ ନାରାୟଣ ସାହୁ, ଗଙ୍ଗାଧର ନାୟକ, କିଷାନ ସେଲ ସଭାପତି ବିଭୂତି ଭୂଷଣ ଲେଙ୍କା, ନଗର ସଭାପତି ପ୍ରଶାନ୍ତ ମହାପାତ୍ର, ନାଉଗାଁ ବ୍ଲକ ବିଚିତ୍ରା ନନ୍ଦ ଲେଙ୍କା, ବାଲିକୁଦା ସଭାପତି ମହନି ଚରଣ ରାଉତ, କୁଜଙ୍ଗ ବ୍ଲକ ସଭାପତି ଶ୍ରୀକାନ୍ତ ଦାସ, ପାରାଦୀପ ନଗର ସଭାପତି କେଦାର ନାଥ ବିଶ୍ୱାଳ, ବିରିଡ଼ି ବ୍ଲକ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ବ୍ଲକ ସଭାପତି ସଫି ଆଜମ୍, ଜଗତସିଂହପୁର ବ୍ଲକ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ଡ. ଜଗଦାନନ୍ଦ, ଦେବ ବ୍ରତ ତ୍ରିପାଠୀ, ସ୍ମୃତି ରଞ୍ଜନ ମହାନ୍ତି, ପ୍ରତ୍ୟୁଷ ନାୟକ, ସୁଶୀଲ କୁମାର ଦାଶ, ରିଙ୍କୁ ପାଳ, ସୁଭାଶିଷ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଆଇନଜୀବୀଙ୍କୁ ଆକ୍ରମଣ; ଫାଟିଲା ମୁଣ୍ଡ



**ବାଲିକୁଦା,୩୦।୧୦(ସମିସ):** ବାଲିକୁଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଆଇନଜୀବୀଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିବା ଅଭିଯୋଗ ହୋଇଛି। ଆହତ ଆଇନଜୀବୀ ଜଣକ ହେଉଛନ୍ତି ବାଲିକୁଦା ଥାନା ଅନ୍ତର୍ଗତ ବରମୁଣ୍ଡଳୀ ପଞ୍ଚାୟତ ତାଳଗାଁ ଗ୍ରାମର ମାନସ ପରିଡ଼ା। ସୂଚନା ଅନୁଯାୟୀ, ମାନସ ବାଲିକୁଦା ତହସିଲ କାର୍ଯ୍ୟାଳୟ ନିକଟରେ ଓକିଲାତି କରୁଥିବା ବେଳେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଟାଇପ୍ କରିବା ପାଇଁ ସେଠାରେ ଟାଇପ୍ କାମ କରୁଥିବା ଜଣେ ଯୁବକଙ୍କୁ ଦେଇଥିଲେ। ମାତ୍ର ଯୁବକ ଜଣକ ତାଙ୍କ କାମ କରିବାକୁ ମନା କରିଦେଇଥିଲେ। ଏହାର କାରଣ ପଚାରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ଯୁବକ ଜଣକ ନିକଟରେ ଥିବା ଏକ ପ୍ଲାସ୍ ସାହାଯ୍ୟରେ ମାନସଙ୍କ ମୁଣ୍ଡକୁ ଆଘାତ କରିଥିବା ଅଭିଯୋଗ ହୋଇଛି। ଫଳରେ ମାନସଙ୍କ ମୁଣ୍ଡ ଫାଟିଯିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ତଳେ ପଡ଼ିଯିବା ପରେ ତାଙ୍କ ସହଯୋଗୀମାନେ ଉଦ୍ଧାର କରି ବାଲିକୁଦା ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ମାନସ ଏନେଇ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ପ୍ରାଥମିକ ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ଏହି ଘଟଣାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ତହସିଲ କାର୍ଯ୍ୟାଳୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ଆକ୍ରମଣ ଘଟଣା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। ତେବେ ଘଟଣାର ପ୍ରକୃତ କାରଣ ଓ ଅନ୍ୟାନ୍ୟ ଦିଗ ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ।

## ଚୋରା ମଦ ବେପାରୀ ଗିରଫ

**ପାରାଦୀପ,୩୦।୧୦(ସମିସ):** ପାରାଦୀପ ଆଦର୍ଶ ଥାନା ଅଧୀନ ବାଉରିଆ ପାଳନ୍ଦା ଅଞ୍ଚଳରୁ ଜଣେ ପେଷାଦାର ଚୋରା ମଦ ବେପାରୀଙ୍କୁ ଗିରଫ କରିଛି ଆଦର୍ଶ ଥାନା ପୁଲିସ। ଅଭିଯୁକ୍ତ ବେପାରୀର ନାମ କବିର ବିଶ୍ୱାଳ (୫୫)। ସେ ବାଉରିଆ ପାଳନ୍ଦା ଅଞ୍ଚଳରେ ରହୁଥିବା ବେଳେ ତା' ନିକଟରୁ ୭ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ ନାମରେ ୧୮ଟି ମାମଲା ବିଭିନ୍ନ ଥାନାରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଭିଯୁକ୍ତ ଗୋଟିଏ ମାସରେ ଅବକାରୀ ଥାନା ଓ ଆଦର୍ଶ ଥାନା ପୁଲିସ ଦ୍ୱାରା ଚୋରା ମଦ ବେପାରକୁ ନେଇ ୩ ଥର ଗିରଫ ହୋଇ ଜେଲ୍ ଯାଇଛି। ଜେଲ୍‌ରୁ ଜାମିନରେ ଆସି ପୁଣି ଚୋରା ମଦ ବେପାର କରୁଥିବା ନେଇ ଥାନା ଅଧିକାରୀ ବବିତା ଦେହୁରୀ ସୂଚନା ଦେଇଛନ୍ତି। ତେବେ ପୁଲିସ ଦ୍ୱାରା ଗିରଫ ହେବା ପରେ ଅଭିଯୁକ୍ତ ଏଭଳି ପୁଣି ଚୋରା ନିଶାଦ୍ରବ୍ୟ କାରବାରରେ ଲାଗିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଅଗ୍ନିକାଣ୍ଡ ପୀଡ଼ିତଙ୍କୁ ସହାୟତା



**ଜଗତସିଂହପୁର,୩୦।୧୦(ସମିସ):** ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସମଙ୍ଗ ପଞ୍ଚାୟତର ଜେନା ସାହିରେ ଟୁନିଆ ସ୍ୱାଇଁଙ୍କ ଗୁହାଳରେ କୌଣସି କାରଣ ବଶତଃ ଗୁରୁବାର ଅଗ୍ନିକାଣ୍ଡ ଘଟି ଟୁନିଆ ସ୍ୱାଇଁଙ୍କ ୨ ଗାଈ, ଗୋଟିଏ ବାଛୁରି ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଗୁହାଳଟି ସମ୍ପୂର୍ଣ୍ଣ ପୋଡି ଯାଇଛି। ଏହି ଖବର ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପାଇ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରି ଉକ୍ତ ପରିବାରକୁ ପଲିଥିନ ଜରି ପ୍ରଦାନ କରିବା ସହିତ କିଛି ସହାୟତା ରାଶି ପ୍ରଦାନ କରିଛନ୍ତି। ଏହା ସହ କିଭଳି ଭାବେ ଉକ୍ତ ପଶୁ ଆରୋଗ୍ୟ ଲାଭ କରିବେ ଉକ୍ତ ସେ ପ୍ରସଙ୍ଗରେ ପ୍ରାଣୀସମ୍ପଦ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଲିଘର ପୂଜା ସଂଖ୍ୟା ଉନ୍ମୋଚିତ



**ତିର୍ତ୍ତୋଲ,୩୦।୧୦(ସମିସ):** ଜିଲ୍ଲାର ସର୍ବପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ତଥା ବାଲିଘର ଫାଉଣ୍ଡେସନର ମୁଖପତ୍ର ବାଲିଘରର ପୂଜା ସଂଖ୍ୟା ୨୦୨୬ ଉନ୍ମୋଚିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ଶାଗବାରିଆ ସ୍ଥିତ ଦେବୀପୀଠ ମା' ତାରିଣୀଙ୍କର ମନ୍ଦିର ପରିସରରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ସଭାପତି ଆଇନଜୀବୀ ସୁଧୀର ଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟଅତିଥି ବିଶିଷ୍ଟ ଗବେଷକ ତଥା ଅଧ୍ୟାପକ ଜଗନ୍ ମୋହନ ସାହୁ, ସମ୍ମାନିତ ଅତିଥି ଆଇନଜୀବୀ ସୁବୋଧ ଚନ୍ଦ୍ର ଖୁଣ୍ଟିଆ, ଶିକ୍ଷାବିତ୍ ଲୋକନାଥ ବଡ଼ପଣ୍ଡା, ପଣ୍ଡିତ ନାଗମଣି କର ସମାଜସେବୀ କିଶୋର ଦାସ, କବି ଶ୍ୟାମ ସୁନ୍ଦର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ଚନ୍ଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବକ୍ତ୍ରାରପୁର ହାଇସ୍କୁଲରେ ଶିଶୁ ସୁରକ୍ଷା ଅଭିଯାନ




**ପଟ୍ଟାମୁଣ୍ଡାଇ,୩୦।୧୦(ସମିସ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଶିଶୁ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ସଭାପତି ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ନିର୍ଦ୍ଦେଶରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ବକ୍ତ୍ରାରପୁର ଉଚ୍ଚବିଦ୍ୟାଳୟରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ସବଜଜ ଅପୂର୍ବା ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର, ବରିଷ୍ଠ ଆଇନଜୀବୀ ହୃଦାନନ୍ଦ ମହାନ୍ତି, ହାଇସ୍କୁଲ ପ୍ରଧାନଶିକ୍ଷକ ସର୍ବେଶ୍ୱର ପତି ଯୋଗଦେଇ ଶିଶୁଙ୍କ ସ୍ୱାଧୀନତାର ସୁରକ୍ଷା ଓ ଅତ୍ୟାଚାର ରୋକିବା ଦିଗରେ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପ୍ରତି ସାମାଜିକ ଅବକ୍ଷୟ ଯୋଗୁଁ ଶିଶୁଙ୍କ ସୁରକ୍ଷା ବିପନ୍ନ ଓ ଶିଶୁ ଅତ୍ୟାଚାର ଓ ଯୌନ ଶୋଷଣ ଆଦି ସଚେତନତା ମାଧ୍ୟମରେ ରୋକାଯାଇ ପାରିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ସରକାରୀ ଓକିଲ ଧିରେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇନଜୀବୀ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ। ଏହି ସଚେତନତା ସଭାରେ ହାଇସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଲିଗାଲ ଏଡ୍ କର୍ମକର୍ତ୍ତା ଅପର୍ଣ୍ଣା ସାମଲ ଓ ସଭ୍ୟସଭ୍ୟା ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା

**ଜଗତସିଂହପୁର,୩୦।୧୦(ସମିସ):**




ଓଡିଶା ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୬ରୁ ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। 'ସାଧୁତାରୁ ସମୃଦ୍ଧି' ଶୀର୍ଷକରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ ସୋନାଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀ ମାନେ ଦୁର୍ନୀତି ନିବାରଣ ଦିଗରେ ନିଜ ବକ୍ତବ୍ୟ ସୁନ୍ଦର ଭାବରେ ରଖିଥିଲେ। ଶେଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ସଭାରେ ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ ଅନୁପମା ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ସଭା ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ସ୍କୁଲ କଲେଜର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ,ସହରର ବରିଷ୍ଠ ନାଗରିକ ଏବଂ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହା ସହିତ ଆଜି ଏକ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଏହି ଶୋଭାଯାତ୍ରା ଏବଂ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜନ ସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନେ ଯୋଗଦେଇ ଦୁର୍ନୀତି ନିବାରଣ ସମ୍ପର୍କୀୟ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନେ ଦୁର୍ନୀତି ବିରୋଧୀ ରଙ୍ଗୋଲି କରିଥିଲେ। ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନତା ରଥ ସହରରେ ବୁଲି ଦୁର୍ନୀତି ବିରୋଧରେ ନାରା ଓ ସଚେତନତା ବାର୍ତ୍ତା ପ୍ରଚାର କରିଥିଲା। ଏହି ଶୋଭାଯାତ୍ରା ରେ ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୁର୍ନୀତି ନିବାରଣ ବିଭାଗର ଇନ୍ସପେକ୍ଟର ସିଦ୍ଧାର୍ଥ କୁମାର ରାଉତ, ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାରେ ଭାଗ ନେଇଥିଲେ।

**ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ପ୍ରତିବାଦ ସଭା**

# ବ୍ଲକ୍‌ରେ ଅଫିସର ସଙ୍କଟ ନେଇ ବର୍ଷିଲେ କର୍ମୀ



ଶୁକୃଳି,୩୦।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ ବିଜେଡି ପକ୍ଷରୁ ଆଜି ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗୋଲକ ବିହାରୀ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ ନେତା, କର୍ମୀ ତଥା ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ଡାହାଣୀଗଡ଼ିଆରୁ ପଦଯାତ୍ରା ବାହାରି ଶୁକୃଳି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ତୀବ୍ର ନାରାବାଜି କରିବା ସହ ଏକ ପ୍ରତିବାଦ ସଭା କରାଯାଇଥିଲା। ବ୍ଲକରେ ଅଫିସର ସଙ୍କଟ ଯୋଗୁଁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଏଠାରେ ସ୍ଥାୟୀ ବିଡିଓ ନ ଥିବାବେଳେ ଯଶୀପୁର ବିଡିଓ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଏଥିସହ ସିଡିପିଓ, ବିଇଓ, ଯୋଗାଣ ଅଧିକାରୀ, ସିପି ଓ ପଶୁ ଚିକିତ୍ସା ଅଧିକାରୀ ପରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତୁରନ୍ତ ସ୍ଥାୟୀ ଅଧିକାରୀ ନିଯୁକ୍ତି ଦାବି କରି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରତିବାଦ ସଭାରେ ୫୧ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ପରମେଶ୍ୱର ନାଏକ, ପୂର୍ବତନ ସମିତି ସଭ୍ୟ ନନ୍ଦକିଶୋର ଖଟୁଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭାବଗ୍ରାହୀ ପାତ୍ର, ବୀଣାପାଣି ଘଣା, ହର୍ଷମଣି ମହାନ୍ତଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।

**ବାଙ୍ଗିରିପୋଷି-ରୂପସା ଶତାୟୁ ରେଳପଥ ପ୍ରତି ରେଳବାଇର ଉଦାସୀନତା**

# ଭିତ୍ତିଭୂମି ଅବହେଳା ଯୋଗୁଁ ଅଟକି ରହିଛି ବିକାଶ




ବାରିପଦା, ୩୦।୧୦(ସମିସ): ସ୍ୱାଧୀନତା ପୂର୍ବରୁ ୧୯୦୫ରେ ମୟୂରଭଞ୍ଜର ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଦୂରଦୃଷ୍ଟି ଯୋଗୁଁ ରୂପସାରୁ ବାରିପଦା ମଧ୍ୟରେ ପ୍ରଥମେ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ବାଙ୍ଗିରିପୋଷି ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଥିବା ଐତିହାସିକ ବାଙ୍ଗିରିପୋଷି-ରୂପସା ରେଳପଥ ଆଜି ରେଳବାଇର ଚରମ ଅବହେଳାର ଶିକାର ହୋଇଛି।

ଶହେ ବର୍ଷରୁ ଅଧିକ ପୁରୁଣା ଏହି ଐତିହ୍ୟ ସମ୍ପନ୍ନ ରେଳପଥ କାଳକ୍ରମେ ନେରୋଗେଜ୍‌ରୁ ବ୍ରଡ୍‌ଗେଜ୍‌ରେ ପରିଣତ ହୋଇଥିଲେ ମଧ୍ୟ ଏହା ଦେଶର ଅନ୍ୟତମ ପୁରାତନ ସିଙ୍ଗଲ୍ ଲାଇନ୍ ରୁଟ୍ ଭାବେ ରହିଯାଇଛି। ଆଜି ପର୍ଯ୍ୟନ୍ତ ଏହାର ଦୋହରୀକରଣ (ଡବଲିଂ) କାର୍ଯ୍ୟ ହୋଇପାରିନାହିଁ। ଗତ ଦୁଇ ଦଶନ୍ଧି ମଧ୍ୟରେ ଏହି ରୁଟ୍‌ରେ ୨୦୦୭ ଜାନୁଆରୀ ୧୯ରେ ରୂପସା-ବାରିପଦା ଡିଏମ୍ୟୁ, ୨୦୦୮ରେ ବାରିପଦାରୁ ଭୁବନେଶ୍ୱର ସୁପରଫାଷ୍ଟ (ଯାହା ୨୦୨୦ ଜାନୁଆରୀ ୨୨ରେ ବାଙ୍ଗିରିପୋଷି ଯାଏଁ ସମ୍ପ୍ରସାରିତ ହୋଇଥିଲା), ୨୦୧୦ରେ ବାଙ୍ଗିରିପୋଷି ଫାଷ୍ଟ ଡିଏମ୍ୟୁ, ୨୦୧୨ରେ ଭଞ୍ଜପୁରପୁରୀ ଏକ୍ସପ୍ରେସ୍ ଓ ବାଙ୍ଗିରିପୋଷିରୁ ଶାଲିମାର୍ ପର୍ଯ୍ୟନ୍ତ ଶିମିଳିପାଳ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ ହୋଇଥିଲା। ଦୁର୍ଭାଗ୍ୟର ବିଷୟ ଯେ ବିଗତ ୧୦ ବର୍ଷ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଗୋଟିଏ ହେଲେ ନୂଆ ଟ୍ରେନ୍ ଚଳାଚଳ ପାଇଁ ରେଳ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ମୁଖ୍ୟତଃ ଭିତ୍ତିଭୂମିର ଘୋର ଅଭାବ ଯୋଗୁଁ ଏହି ଅଞ୍ଚଳରେ ରେଳ ସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଟ୍ରାକ୍ ଦୋହରୀକରଣ ନ ହେବା ସାଙ୍ଗକୁ ବାରିପଦା, ବୁଡାମରା, କୃଷ୍ଣଚନ୍ଦ୍ରପୁର ଓ ଯୁଗପୁରା ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ଲୁପ୍ ଲାଇନ୍ ନଥିବାରୁ ଟ୍ରେନ୍ କ୍ରସିଂ ଓ ଯାତାୟାତ ସମୟ ପରିଚାଳନାରେ ଘୋର ସମସ୍ୟା ଉପୁଜୁଛି।

ଅନ୍ୟପକ୍ଷରେ ବାଙ୍ଗିରିପୋଷି ଷ୍ଟେସନରେ କୋଚ୍ ରକ୍ଷଣାବେକ୍ଷଣ (ମେଣ୍ଟେନାନ୍ସ) ସୁବିଧା ନଥିବାରୁ ଏଠାରୁ ନୂଆ ଟ୍ରେନ୍ ସେବା ଆରମ୍ଭ କରିବା ସମ୍ଭବ ହୋଇପାରୁନାହିଁ। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାଙ୍ଗିରିପୋଷିରୁ ଭୁବନେଶ୍ୱର, ହାୱଡ଼ା, ଟାଟା ଓ ରାଉରକେଲା ପର୍ଯ୍ୟନ୍ତ ନୂତନ ଟ୍ରେନ୍ ଚଳାଚଳ କରାଇବା, ଭୁବନେଶ୍ୱରରୁ ସକାଳେ ବାଙ୍ଗିରିପୋଷି ଆସି ସନ୍ଧ୍ୟାରେ ଫେରିବା ଭଳି ଏକ ନିର୍ଭରଯୋଗ୍ୟ ସୁପରଫାଷ୍ଟ ଟ୍ରେନ୍ ସେବା ଯୋଗାଇବା, ବାଙ୍ଗିରିପୋଷିରେ ତୁରନ୍ତ କୋଚ୍ ମେଣ୍ଟେନାନ୍ସ ୟୁନିଟ୍ ନିର୍ମାଣ କରିବା, ବିଭିନ୍ନ ଷ୍ଟେସନରେ ଲୁପ୍ ଲାଇନ୍ ବସାଇବା ଓ ୧୨୮୦୧/୧୨୮୦୨ ଏକ୍ସପ୍ରେସ୍‌ରେ ଅତିରିକ୍ତ କୋଚ୍ ସଂଯୋଗ କରିବା ପାଇଁ ସ୍ଥାନୀୟ ବାସିନ୍ଦା ସହିତ ମୟୂରଭଞ୍ଜ ରେଳଯାତ୍ରୀ ଫୋରମ ଦାବି କରିଛି। ଯଦି ରେଳ ମନ୍ତ୍ରଣାଳୟ ଏହି ଶତାୟୁ ରେଳପଥର ବିକାଶ ଓ ଦୋହରୀକରଣ ଦିଗରେ ତୁରନ୍ତ ଦୃଷ୍ଟି ନ ଦିଏ, ତେବେ ଆଗାମୀ ଦିନରେ ଏକ ବ୍ୟାପକ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦିଆଯାଇଛି।

**ଡବଲିଂ, ଲୁପ୍ ଲାଇନ୍ ଓ ନୂଆ ଟ୍ରେନ୍ ପାଇଁ ବଢୁଛି ଜନଅସନ୍ତୋଷ**

# କୁଲଡିହା ଓ ବହଳଦା ରୋଡ୍‌ରେ ପୁରୀ-ବାଦାମପାହାଡ଼ ଏକ୍ସପ୍ରେସ୍ ରହଣି ଦାବି



ରାଇରଙ୍ଗପୁର, ୩୦।୧୦ (ସମିସ): ଆସନ୍ତା ନଭେମ୍ବର ୪ ତାରିଖରୁ ଆରମ୍ଭ ହେବାକୁ ଥିବା ନୂତନ ପୁରୀ-ବାଦାମପାହାଡ଼-ପୁରୀ ଦୈନିକ ଏକ୍ସପ୍ରେସ୍ ଟ୍ରେନ୍‌କୁ କୁଲଡିହା ଓ ବହଳଦା ରୋଡ୍ ରେଳ ଷ୍ଟେସନରେ ରହଣି ପ୍ରଦାନ କରିବାକୁ ଜୋରଦାର ଦାବି ହୋଇଛି। ଏ ପରିପ୍ରେକ୍ଷୀରେ ବହଳଦା ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ନେତୃତ୍ୱରେ ଶୁକ୍ରବାର କୁଲଡିହା ଷ୍ଟେସନ୍ ମାଷ୍ଟର ସୌରଭ ସିହ୍ନାଙ୍କ ଜରିଆରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ପୂର୍ବତଟ ରେଳପଥ ଓ ଦକ୍ଷିଣ- ପୂର୍ବ ରେଳପଥର ମହାପ୍ରବନ୍ଧକ ତଥା ଚକ୍ରଧରପୁର ଡିଆରଏମ୍‌ଙ୍କୁ ମଧ୍ୟ ଇ-ମେଲ୍ ଯୋଗେ ଅବଗତ କରାଯାଇଛି। ନୂତନ ଟ୍ରେନ୍ ଚଳାଚଳ ଘୋଷଣାକୁ ନେଇ ଅଞ୍ଚଳବାସୀ ଓ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଥିବାବେଳେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି ନ ଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ଉଭୟ ଅପ୍ ଓ ଡାଉନ୍ ଲାଇନ୍‌ରେ ଅନ୍ତତଃ ଦୁଇ ମିନିଟ୍ ଲେଖାଏଁ ରହଣି ବ୍ୟବସ୍ଥା କରାଗଲେ ବହୁ ସଂଖ୍ୟକ ଗ୍ରାମାଞ୍ଚଳ ଓ ଆଦିବାସୀ ଯାତ୍ରୀ, ଶ୍ରଦ୍ଧାଳୁ ଉପକୃତ ହୋଇପାରିବେ। ସେମାନଙ୍କର ସମୟ ଓ ଅତିରିକ୍ତ ଯାତ୍ରା ଖର୍ଚ୍ଚ ବଞ୍ଚିପାରିବ ବୋଲି ଶ୍ରୀ ପୂର୍ତ୍ତି ଦର୍ଶାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବନେତା ସୁନାରାମ ମାଝୀ, ଭଞ୍ଜକିଶୋର ମହାନ୍ତି, ରାଜକିଶୋର ମହାନ୍ତି, ସଞ୍ଜୀବ ଗିରି, ସାକିଲା ହେମ୍ବ୍ରମ, ସୁମିତ୍ରା ବାରିକ, ବିମଳ ହେମ୍ବ୍ରମ, ସୁମତି ବାନରା ଓ ଦୀପକ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ରାଇରଙ୍ଗପୁର, ୩୦।୧୦(ସମିସ): ସ୍ଥାନୀୟ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଆସନ୍ତାକାଲିଠୁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବାକୁ ଯାଉଛି। ସାଧାରଣ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ଏହି ଶିବିରରେ ସେନାବାହିନୀର ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀସେବା ପ୍ରଦାନ କରିବେ। ଶିବିରରେ ଚକ୍ଷୁ, ହୃଦ୍‌ରୋଗ, କିଡ୍‌ନୀ, ଚର୍ମ ଓ ଦନ୍ତ ରୋଗ ଭଳି ବିଭିନ୍ନ ଜଟିଳ ସମସ୍ୟାରେ ପୀଡ଼ିତ ରୋଗୀଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ ସହ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଦିଆଯିବ। ଏଥିସହିତ ଆସନ୍ତା ନଭେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଅସ୍ତ୍ରୋପଚାର ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଉପଖଣ୍ଡ ଓ ଆଖପାଖ ଅଞ୍ଚଳର ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ରହି ଏହି ସ୍ୱତନ୍ତ୍ର ଶିବିରର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି।

# ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




ବାରିପଦା,୩୦।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ 'ସାଧୁତାରୁ ସମୃଦ୍ଧି' ଶୀର୍ଷକ ଏହି ସଚେତନତା ସପ୍ତାହ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। କୁଳପତି ପ୍ରଫେସର ମହାନ୍ତି କର୍ମଚାରୀଙ୍କ ମଧ୍ୟରେ ସଚ୍ଚୋଟତା, ନିଷ୍ଠା ଓ ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିବା ସହ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖି ତଥା ସରକାରଙ୍କ ନିର୍ଦ୍ଧାରିତ ନୀତି ନିୟମ ମାନି ଓ ସର୍ବୋପରି ଛାତ୍ରଛାତ୍ରୀଙ୍କ ବୃହତ ହିତକୁ ଆଗରେ ରଖି ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସମ୍ପାଦନରେ ସମସ୍ତଙ୍କୁ ବ୍ରତୀ ହେବାକୁ ଅନୁପ୍ରାଣିତ କରିଥିଲେ। ବାରିପଦା ପୁଲିସ୍‌ର ଉପଆରକ୍ଷୀ ଅଧୀକ୍ଷକ ବିକାଶ ରଞ୍ଜନ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ସବୁ ସମୟରେ ସତର୍କତା ସହିତ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି କାର୍ଯ୍ୟ କରିବା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ କରିବା, ଉତ୍କୋଚ ନ ନେବା ଓ ନ ଦେବା, ସମସ୍ତ ଦାୟିତ୍ୱକୁ ସାଧୁତା, ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବାକୁ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହ, ବିତ୍ତ ନିୟନ୍ତ୍ରକ ଭରତ ଚନ୍ଦ୍ର ଦେହୁରୀ, ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ପ୍ରିୟରଞ୍ଜନ ଦେବତା, ସାମାଜିକ କାର୍ଯ୍ୟର ସହକାରୀ ପ୍ରଫେସର ଡ. ଶୁଭେନ୍ଦୁ କୁମାର ଶତପଥି ମଞ୍ଚାସୀନ ଥିଲେ। ଏନ୍‌ଏସ୍‌ଏସ୍‌ର ପିଜି ପ୍ରୋଗ୍ରାମ ଅଧିକାରୀ ଡ. ଯତୀନ୍ଦ୍ର ନାଥ ଓ ଡ. ପ୍ରିୟଙ୍କା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ।

# ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗରେ ଆନ୍ତର୍ଜାତିକ ସଞ୍ଚୟ ଦିବସ



ବାରିପଦା,୩୦।୧୦(ସମିସ): ଆନ୍ତର୍ଜାତିକ ସଞ୍ଚୟ ଦିବସ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ 'ସମୃଦ୍ଧି ପାଇଁ ସଞ୍ଚୟ: ପ୍ରଭାବଶାଳୀ ନିବେଶ ଓ ସମାବେଶୀ ଅଭିବୃଦ୍ଧିର ମାର୍ଗ' ଶୀର୍ଷକରେ ଏକ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର ମହାନ୍ତିଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଧରଣୀଧର ବିଶ୍ୱବିଦ୍ୟାଳୟର ପୂର୍ବତନ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା ଅର୍ଥନୀତି ପ୍ରଫେସର ସତ୍ୟବ୍ରତ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ବିଶ୍ଳେଷଣାତ୍ମକ ଓ ପ୍ରୟୋଗମୂଳକ ଅର୍ଥନୀତି ବିଭାଗର ଆରବିଆଇ ଚେୟାର ପ୍ରଫେସର ସୁଧାକର ପାତ୍ର ଓ ଆୟୋଜକ ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଡ ସୀତାରାମ ଦାସ ପ୍ରମୁଖ ବିଷୟ ବିଶେଷଜ୍ଞ ରୂପେ ଯୋଗଦେଇ ସଞ୍ଚୟ ଓ ନିବେଶର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଓ ବିଷୟଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ନିମନ୍ତ୍ରିତ ବକ୍ତାମାନେ ତାଙ୍କ ଅଭିଭାଷଣରେ ସଞ୍ଚୟକୁ ଆର୍ଥିକ ସୁରକ୍ଷା ଓ ସମୃଦ୍ଧିର ଏକ ମୁଖ୍ୟ ଆଧାର ଭାବେ ଅଭିହିତ କରିବା ସହ ଏହାର ସଠିକ୍ ଉପଯୋଗ ଦ୍ୱାରା ନିବେଶ, ସ୍ଥାୟୀ ଅଭିବୃଦ୍ଧି ଓ ସମାବେଶୀ ବିକାଶକୁ କିପରି ଗତିଶୀଳ କରାଯାଇପାରିବ, ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ବ୍ୟକ୍ତିଗତ ସଞ୍ଚୟ ନିଷ୍ପତ୍ତିଠାରୁ ଆରମ୍ଭ କରି ଦେଶର ଅର୍ଥନୈତିକ ପ୍ରଗତି ପର୍ଯ୍ୟନ୍ତ ସଞ୍ଚୟର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏକ ପ୍ରଶ୍ନୋତ୍ତର ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ବିଶେଷଜ୍ଞଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବା ସହିତ ସଞ୍ଚୟ, ନିବେଶ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ପର୍କିତ ବିଷୟ ଉପରେ ଆଲୋଚନା କରିଥିଲେ। ଶେଷରେ ଡ ମଳୟ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**● ପରିବାର ଶ୍ରୀକ୍ଷେତ୍ରରେ, ଏପଟେ ଘରେ ଲୁଟ୍**

# ୩ ଲକ୍ଷ ଟଙ୍କା ସହ ସୁନାରୂପା ଅଳଙ୍କାର ଚୋରି

ବୈଶିଙ୍ଗା, ୩୦।୧୦ (ସମିସ): ଘରେ ତାଲା ପକାଇ ପରିବାର ଜଗା ଦର୍ଶନ ପାଇଁ ପୁରୀ ଯାଇଥିଲେ। ଏହି ସୁଯୋଗର ଫାଇଦା ଉଠାଇ ଘରେ ପଶି ଲୁଟ୍‌ପାଟ୍ କରିଛନ୍ତି ଦୁର୍ବୃତ୍ତ। ତାଲା ଭାଙ୍ଗି ଆଲମାରିରୁ ନଗଦ ୩ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ଲୁଟି ନେଇଛନ୍ତି। ବୈଶିଙ୍ଗା-ରୂପ୍‌ସା ରାସ୍ତାର ପ୍ରିୟଂଶି ରାଧେ କଲେଜ ନିକଟରେ ଘଟିଥିବା ଏହି ଚୋରି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଉତ୍ତରପ୍ରଦେଶର ଫିରୋଜାବାଦ ଅଞ୍ଚଳର ରାଜକୁମାର ଜୈନ ନିଜ ପତ୍ନୀ ଭାରତୀ ବେହେରା ଓ ୧୦ ବର୍ଷର ପୁଅଙ୍କ ସହ ସୁଶୀଲ ସାହୁଙ୍କ ଘରେ ଭଡ଼ାରେ ରହୁଥିଲେ। ଦୀର୍ଘ ୩ ବର୍ଷ ଧରି ସେଠାରେ ରହି ଆସୁଥିବା ପରିବାର ଗତ ସୋମବାର ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଯାଇଥିଲେ। ଆଜି ସକାଳେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗାଯାଇଥିବା ଦେଖି ସେମାନେ ହତବାକ୍ ହୋଇଯାଇଥିଲେ। ଶୋଇବା ଘରର ଗଡ଼ରେଜ୍ ଓ ଆଲମାରି ଭଙ୍ଗାଯାଇଥିବାବେଳେ ସମସ୍ତ ସାମଗ୍ରୀ ଅସଜଡ଼ା ଅବସ୍ଥାରେ ପଡ଼ିଥିଲା। ଯାଞ୍ଚ କରିବାରୁ ଜମି କିଣିବା ଉଦ୍ଦେଶ୍ୟରେ ଗଡ଼ରେଜ୍‌ରେ ରଖିଥିବା ୩ ଲକ୍ଷ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାରୂପା ଗହଣା ଚୋରି ହୋଇଥିବା ଜଣାପଡ଼ିଥିଲା। ରାଜକୁମାରଙ୍କ ନିଜସ୍ୱ ଜମି କିମ୍ବା ଘର ନାହିଁ। ସେ ବିଭିନ୍ନ ହାଟ ବୁଲି କ୍ଷେତ୍ସନାରୀ ସାମଗ୍ରୀ ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ନିଜର ଏକ ଜମି କିଣି ଘର ତିଆରି କରିବା ସ୍ୱପ୍ନ ନେଇ କଷ୍ଟ ଉପାର୍ଜିତ ଅର୍ଥରୁ ଅଳ୍ପ ଅଳ୍ପ କରି ୩ ଲକ୍ଷ ଟଙ୍କା ସଞ୍ଚୟ କରିଥିଲେ। ଏହି ଲୁଟ୍ ତାଙ୍କର ବହୁଦିନର ସ୍ୱପ୍ନକୁ ଚୁରମାର କରିଦେଇଛି। ଏ ନେଇ ରାଜକୁମାର ଲିଖିତ ଅଭିଯୋଗ କରିବା ପରେ ବୈଶିଙ୍ଗା ପୁଲିସ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ନେଇ ପୁଲିସ ଘଟଣାସ୍ଥଳରେ ବିଭିନ୍ନ ଦିଗରୁ ଯାଞ୍ଚ କରିଛି। ଲୁଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଠାବ କରିବାକୁ ପୁଲିସର ତଦନ୍ତ ଜାରି ରହିଛି।


# ମୟୂରଭଞ୍ଜକୁ ଶିଶୁ ଶ୍ରମିକ ମୁକ୍ତ ପାଇଁ ଗଡ଼ିଲା ସଚେତନତା ରଥ



ବାରିପଦା, ୩୦।୧୦(ସମିସ): ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଅନୁଯାୟୀ ୨୦୨୮ ସୁଦ୍ଧା ସମସ୍ତ ପଞ୍ଚାୟତକୁ ଶିଶୁ ଶ୍ରମିକ ମୁକ୍ତ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏହି ୪୪ ଦିନିଆ କ୍ୟାମ୍ପେନ୍ ଆସନ୍ତା ଶିଶୁ ଦିବସ ପର୍ଯ୍ୟନ୍ତ ଚାଲିବ। ଏହି କ୍ରମରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଶ୍ରମ ମଣ୍ଡଳ ଆୟୁକ୍ତ ନରେନ୍ଦ୍ର ଗାଇପାଇ ରଥକୁ ପତାକା ଦେଖାଇ ଉଦଘାଟନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର ମୁଦୁୟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଓ ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ ପରିକ୍ରମା କରି ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ କୌଣସି ବିପଦପୂର୍ଣ୍ଣ କିମ୍ବା ଅଣଅନୁମୋଦିତ କାର୍ଯ୍ୟରେ ନିୟୋଜିତ ନ କରି ବିଦ୍ୟାଳୟକୁ ପଠାଇବା ପାଇଁ ବାର୍ତ୍ତା ବାଣ୍ଟିବ। ତାଙ୍କ ସହିତ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଶେଷକରି ହୋଟେଲ, ଗ୍ୟାରେଜ୍ ଓ ବିଭିନ୍ନ କଳ କାରଖାନାରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବ। ଏଥିସହିତ ୨୦୨୫-୨୬ ଓ ୨୦୨୬-୨୭ ଶିକ୍ଷାବର୍ଷରେ ଡ୍ରପ୍‌ଆଉଟ୍ ହୋଇଥିବା ପିଲାଙ୍କୁ ଚିହ୍ନଟ କରାଯାଇ ଶିକ୍ଷା ବିଭାଗ ସହାୟତାରେ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି।

**ମୟୂରଭଞ୍ଜରେ ସଡ଼କ ଦୁର୍ଘଟଣା ମୃତ୍ୟୁହାର ସର୍ବାଧିକ**

# ବାରିପଦାକୁ 'ରୋଡ୍ ସେଫ୍ଟି ମଡେଲ ଟାଉନ୍' ଘୋଷଣା ଦାବି



ବାରିପଦା, ୩୦।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ଉପରେ ରୋକ୍ ଲଗାଇବା ସହ ବାରିପଦା ସହରକୁ ଏକ "ରୋଡ୍ ସେଫ୍ଟି ମଡେଲ ଟାଉନ୍' ଭାବେ ଗଢ଼ିତୋଳିବା ପାଇଁ "ସୋସିଆଲ ୱେଲଫେୟାର ଫୋରମ୍' ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସଂସ୍ଥାର ସମ୍ପାଦକ ବିଶ୍ୱଜିତ ନାୟକ ସୂଚନା ଦେଇଛନ୍ତି।

ସିଏଜି ରିପୋର୍ଟର ତଥ୍ୟ ଉପସ୍ଥାପନ କରି ଫୋରମ୍ ଦର୍ଶାଇଛି ଯେ, ୨୦୧୯ରୁ ୨୦୨୪ ମଧ୍ୟରେ ଜିଲ୍ଲାରେ ୨୭୦୮ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୫୯୮ ଜଣଙ୍କର ମୃତ୍ୟୁ ଘଟିଛି ଓ ୨୫୩୧ ଜଣ ଗୁରୁତର ଆହତ ହୋଇଛନ୍ତି। ସମଗ୍ର ରାଜ୍ୟରେ ମୟୂରଭଞ୍ଜର ଦୁର୍ଘଟଣାଜନିତ ମୃତ୍ୟୁହାର ସର୍ବାଧିକ ୫୯.୦୧ ପ୍ରତିଶତ ରହିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ। ଅର୍ଥାତ୍ ପ୍ରତି ୧୦୦ଟି ଦୁର୍ଘଟଣାରେ ୫୯ ଜଣଙ୍କ ଜୀବନ ଯାଉଛି। ବିଶେଷକରି ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ମରଣଯନ୍ତା ପାଲଟିଛି। ଏଥିସହ ଉଦଳା-ବାରିପଦା, ବାରିପଦା-ବାଙ୍ଗିରିପୋଷି ଓ ବାରିପଦା-ବାଲେଶ୍ୱର ରାସ୍ତାରେ ଥିବା ବ୍ଲାକ୍ ସ୍ପଟ୍, ସହର ମଧ୍ୟରେ ରେଳ ଓଭରବ୍ରିଜ୍ ନ ଥିବାରୁ ଷ୍ଟେସନ ବଜାର ଓ ବାଘଡ଼ା ରୋଡ୍‌ରେ ଟ୍ରାଫିକ୍ ସମସ୍ୟା ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଏଥିପାଇଁ ଦାୟୀ କରାଯାଇଛି। ଦୁର୍ଘଟଣା ରୋକିବା ପାଇଁ ଦ୍ୱାରଶୁଣି ଘାଟିରେ କ୍ରାସ୍ ବ୍ୟାରିୟର, ସାଇନେଜ ଓ ଆଲୋକୀକରଣ ବ୍ୟବସ୍ଥା, ବ୍ଲାକ୍ ସ୍ପଟ୍‌ର ବୈଜ୍ଞାନିକ ସଂଶୋଧନ, ପିଆର୍‌ଏମ୍ ମେଡିକାଲ କଲେଜରେ ୨୪ ଘଣ୍ଟିଆ ନ୍ୟୁରୋସର୍ଜନ ଓ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ମଡେଲ ଟ୍ରମାକେୟାର ସେଣ୍ଟର ସ୍ଥାପନ, ସହରରେ ଆରଓବି ନିର୍ମାଣ ଓ ୧୮, ୪୯ ଓ ୨୨୦ ନମ୍ବର ଜାତୀୟ ରାଜପଥରେ ସିସିଟିଭି ଓ ସ୍ପିଡ୍ ରାଡାର ଗନ୍ ଖଞ୍ଜିବା ପାଇଁ ଫୋରମ୍ ଦାବି କରିଛି। ଏସବୁ ପଦକ୍ଷେପ ଗ୍ରହଣ କରାଗଲେ ବାର୍ଷିକ ଅତିକମରେ ୩୦୦ରୁ ଅଧିକ ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରିବ ବୋଲି ସଂସ୍ଥା ପ୍ରକାଶ କରିଛି।

**ନିଷ୍ଫଳ ବିଜେପିର ଗୋଟିଚାଳନା**

# ମୟୂରଭଞ୍ଜରେ ଅଟକିଛି ଜିଲ୍ଲା ଯୋଜନା ବୋର୍ଡ କମିଟି ଗଠନ

**● ଅଧ୍ୟକ୍ଷ ନିଯୁକ୍ତିକୁ ବିତିଲାଣି ୭ ମାସ**
**● ପଞ୍ଚାୟତ ନିର୍ବାଚନ ପରକୁ ଅପେକ୍ଷା**

ବାରିପଦା, ୩୦।୧୦(ସମିସ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଜିଲ୍ଲା ଯୋଜନା ବୋର୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲେ ମଧ୍ୟ ଏହା ଏବେ ଫାଇଲ ତଳେ ଚାପି ହୋଇରହିଛି। ଗତ ଏପ୍ରିଲରେ ଶାସକ ବିଜେପି ଦଳର ଉଦଳା ବିଧାୟକ ଭାସ୍କର ମଢ଼େଇ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇବାର ୭ ମାସ ବିତିଯାଇଥିଲେ ବି ଆଜି ପର୍ଯ୍ୟନ୍ତ କମିଟି ଗଠନ ହୋଇପାରିନାହିଁ କି ଗୋଟିଏ ହେଲେ ବୈଠକ ବସିନାହିଁ।

ନିୟମ ଅନୁସାରେ ଏହି କମିଟିରେ ୮ ମହିଳା ଓ ୭ ପୁରୁଷଙ୍କୁ ମିଶାଇ ମୋଟ ୧୫ ଜଣ ଜିଲ୍ଲା ପରିଷଦ ସଦସ୍ୟ ରହିବା ବାଧ୍ୟତାମୂଳକ। କିନ୍ତୁ ଜିଲ୍ଲାରେ ବିଜେପିର ଜଣେ ବି ଜିଲ୍ଲା ପରିଷଦ ସଦସ୍ୟ ନ ଥିବାବେଳେ ବିଜେଡିର ୫୩ ଜଣ ଓ ଜେଏମଏମର ସଦସ୍ୟ ରହିଛନ୍ତି। ନିର୍ବାଚନ ହେଲେ ବିଜେଡି ସଦସ୍ୟ ହିଁ କମିଟିକୁ ନିର୍ବାଚିତ ହେବା ସମ୍ଭାବନା ଥିବାରୁ କମିଟି ଗଠନ ପାଇଁ ବିଜେପି ପକ୍ଷରୁ ବିଜେଡି ସଦସ୍ୟଙ୍କୁ ନିଜ ଆଡ଼କୁ ଆଣିବାକୁ ଗୋଟିଚାଳନା କରାଯାଇଥିଲା, ଯାହାକି ସମ୍ପୂର୍ଣ୍ଣ ବିଫଳ ହୋଇଛି। ସାଂସଦ ଓ ୨ ମନ୍ତ୍ରୀଙ୍କୁ ମିଶାଇ ସମସ୍ତ ୯ ବିଧାୟକ ବିଜେପିର ଥାଇ ମଧ୍ୟ ଦଳ ଜଣେ ହେଲେ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଆପଣାର କରିପାରିନାହିଁ। ଏ ସମ୍ପର୍କରେ ଅଧ୍ୟକ୍ଷ ଶ୍ରୀ ମଢ଼େଇ କହିଛନ୍ତି, ନିର୍ବାଚନ ହେଲେ ବିଜେଡି ଜିତିବ, ତେଣୁ ୨୦୨୭ ପଞ୍ଚାୟତ ନିର୍ବାଚନ ପରେ ହିଁ କମିଟି ଗଠନ କଥା ଚିନ୍ତା କରାଯିବ। ତେବେ କମିଟି ଗଠନ ନ ହେଲେ ମଧ୍ୟ ସରକାର ବିକାଶ କାମକୁ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ଅଧ୍ୟକ୍ଷ ନିଯୁକ୍ତିର ୭ ମାସ ପରେ ମଧ୍ୟ କମିଟି ଗଠନ ନ ହେବା ବିଡ଼ମ୍ବନା ବୋଲି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ମତ ପ୍ରକାଶ କରିବା ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଦଳମତ ନିର୍ବିଶେଷରେ ବିକାଶ କାମ ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଛନ୍ତି। ଜିଲ୍ଲା ଯୋଜନା ଅଧିକାରୀ ଏଲ୍‌ଏମ୍ ମାରାଣ୍ଡିଙ୍କ ସୂଚନା ଅନୁଯାୟୀ, କେତେକ କାରଣରୁ କମିଟି ସଦସ୍ୟ ନିର୍ବାଚନ ହୋଇପାରିନାହିଁ। ପ୍ରସ୍ତୁତି ଚାଲିଥିଲେ ବି ଏହା କେବେ ହେବ ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇପାରିବନାହିଁ।

## ମାତିଛନ୍ତି ଜମି ମାଫିଆ

# ଦକ୍ଷିଣ ରାଉରକେଲାରେ ସରକାରୀ ଜମି ଜବରଦଖଲ ଉଦ୍ୟମ

**ରାଉରକେଲା, ୩୦।୧୦(ସମିସ)**

ଗୋଟିଏ ପଟେ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ସରକାରୀ ଜମିର ପ୍ରତିଟି ଇଞ୍ଚ ସୁରକ୍ଷିତ ରଖିବାକୁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ଅନ୍ୟପଟେ ଜମି ମାଫିଆମାନେ ସରକାରଙ୍କ ଏହି ଦାବିକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି। ରଘୁନାଥପାଲୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଦକ୍ଷିଣ ରାଉରକେଲାର ଫର୍ଟିଲାଇଜର ଓ ଆଖପାଖ ଅଞ୍ଚଳରେ ମୂଲ୍ୟବାନ ସରକାରୀ ଜମିକୁ ଖୋଲାଖୋଲି ଜମି ମାଫିଆମାନେ ଅକ୍ତିଆର କରି ବିକ୍ରି କରୁଛନ୍ତି। ପ୍ରଶାସନର ନାକ ତଳେ ସରକାରୀ ଜମିକୁ ବେଧଡ଼କ ଭାବେ ଜବରଦଖଲ ପରେ ବେଆଇନ ଭାବେ ବିକ୍ରି କରାଯାଉଛି।

ଦକ୍ଷିଣ ରାଉରକେଲାରେ ଭୂ-ମାଫିଆମାନେ ସକ୍ରିୟ ହୋଇ ଏକର ଏକର ସରକାରୀ ଜମିକୁ ଟାର୍ଗେଟ୍ କରୁଛନ୍ତି ଏବଂ ଜାଲ୍ ଦଲିଲ ବଳରେ ସେଗୁଡ଼ିକୁ ବିକ୍ରି କରୁଛନ୍ତି। ରଙ୍ଗିଲା ଛକ ନିକଟସ୍ଥ ଶିବ ମନ୍ଦିରକୁ ଲାଗି ରହିଥିବା ମୂଲ୍ୟବାନ ସରକାରୀ ଜମିକୁ ଜମି ମାଫିଆମାନେ ୨୦ ଡିସିମିଲ୍‌ରୁ ଅଧିକ ସରକାରୀ ଜମି ଉପରେ ଜେସିବି ଲଗାଇ ସମତୁଲ କରିବା ସହ ଚାରିପାଖେ ପାଚେରି କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି। ଦଲାଲମାନଙ୍କ ଏହି ସକ୍ରିୟତା ସ୍ଥାନୀୟ ପ୍ରଶାସନର ଶିଥିଳ ମନୋଭାବକୁ ଦର୍ଶାଉଛି।

**ରଙ୍ଗିଲା ଛକରେ ସରକାରୀ ଜମି କବ୍‌ଜା ପ୍ରୟାସ**

**ଆର୍‌ଆଇଙ୍କ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ: ତହସିଲଦାର**

ଏହା ପୂର୍ବରୁ ମଧ୍ୟ ଏହି ମାଫିଆମାନେ ନିଜର କଳା କାରନାମା ଚଳାଇବାକୁ ଚେଷ୍ଟା କରିଥିଲେ। କିଛି ଦିନ ପୂର୍ବେ ଜଲଦା କବରସ୍ଥାନ ଅଞ୍ଚଳରେ ଥିବା ଏକର ଏକର ସରକାରୀ ଜମିକୁ ନିଜ କବ୍‌ଜାକୁ ନେବା ପାଇଁ ଏହି ଜମି-ମାଫିଆମାନେ ଉଦ୍ୟମ କରିଥିଲେ। ତେବେ ସେହି ସମୟରେ ଜଲଦା ଜାଗରଣ ମଞ୍ଚର ସଦସ୍ୟ ତଥା ସ୍ଥାନୀୟ ଗ୍ରାମବାସୀ ଏକଜୁଟ ହୋଇ ତୀବ୍ର ବିରୋଧ କରିବାରୁ ସରକାରୀ ଜମି ରକ୍ଷା ପାଇଯାଇଥିଲା।

ଏହି ସମ୍ପୂର୍ଣ୍ଣ ଘଟଣାକୁ ନେଇ ରାଉରକେଲା ତହସିଲଦାର ସଲମା ମାଝୀ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଗୌତମ ଓରାମଙ୍କୁ ଘଟଣାସ୍ଥଳକୁ ପଠାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଆର୍‌ଆଇ ତଦନ୍ତ ପରେ ଉକ୍ତ ବିବାଦୀୟ ଜମି ସରକାରୀ ବୋଲି ସ୍ପଷ୍ଟ କରିଛନ୍ତି। ତହସିଲଦାର କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଯେଉଁମାନେ ବି ଏହି ସରକାରୀ ଜମି ହଡ଼ପ କରିବେ କିମ୍ବା ଜବରଦଖଲ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପାଣିରେ ବୁଡ଼ିଲା ପାଚିଲା ଧାନ; ଚିନ୍ତାରେ ଚାଷୀ

**କୋଇଡ଼ା, ୩୦।୧୦(ସମିସ):** ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ କୋଇଡ଼ା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସଣୁଆ, ରାଣୀସାଲ ଓ ପାଟମୁଣ୍ଡା ଅଞ୍ଚଳରେ ଶହ ଶହ ଏକର ଚାଷ ଜମିରେ ପାଣି ଜମି ରହିଛି। ଫଳରେ ପାଚିଲା ଧାନ ଫସଲ ପାଣିରେ ବୁଡ଼ି ରହିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଧାନ ଅମଳର ସମୟ ହୋଇଥିବା ବେଳେ ଅଦିନିଆ ଲଗାଣ ବର୍ଷା ଚାଷୀଙ୍କ ଆଶା ଓ ଭରସା ଉପରେ ପାଣି ଢାଳିଦେଇଛି। ଏଭଳି ସ୍ଥିତି ଜାରି ରହିଲେ



ଧାନ ଫସଲ ନଷ୍ଟ ହେବା ସହ ଅମଳ ହ୍ରାସ ପାଇବାର ଆଶଙ୍କା ରହିଛି। ଫଳରେ ଚାଷୀଙ୍କ ଆର୍ଥିକ ସ୍ଥିତି ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ। ଏପରି ସ୍ଥିତିରେ କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଧାନ ଫସଲର କ୍ଷୟକ୍ଷତି ଆକଳନ କରିବା ସହ ଚାଷୀଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

**କ୍ଷୟକ୍ଷତି ଆକଳନ କରି ସହାୟତା ଦାବି**

# ଚୋରି ସୁନା ଓ ହୀରା ଅଳଙ୍କାର ଉଦ୍ଧାର; ୨ ମହିଳା ଗିରଫ



**ରାଉରକେଲା, ୩୦।୧୦ (ସମିସ):** ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଏକ ଚୋରି ମାମଲାର ପର୍ଦ୍ଦାଫାସ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ୨ ମହିଳାଙ୍କୁ ଗିରଫ କରିଛି। ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ମୁଦି, ଦୁଇଟି ସୁନା କାନଫୁଲ ଏବଂ ଦୁଇଟି ହୀରାଖଚିତ ବଳା ଜବତ କରିଛି। ସେମାନଙ୍କ ନିକଟରୁ ଚୋରି ସୁନା ଓ ହୀରା ଅଳଙ୍କାର ମଧ୍ୟ ଉଦ୍ଧାର କରାଯାଇଛି। ଗିରଫ ମହିଳା ଦ୍ୱୟ ହେଲେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ରେଳବାଇ କ୍ୟାବିନ୍ ନିକଟରେ ରହୁଥିବା କାଜଲ କୁମାରୀ ସାହୁ (୨୦) ଓ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ପଟଣା ବସ୍ତିର ଟିମ୍ବର କଲୋନୀର ବିଜୟ କୁମାର ସାହୁଙ୍କ ପତ୍ନୀ ପ୍ରୀତି ଦେବୀ (୨୬)।

# ୩ରୁ 'ସଂକଳ୍ପ' ଆୟୋଜିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

**ରାଉରକେଲା, ୩୦।୧୦(ସମିସ):** ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଏବଂ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସାଂସ୍କୃତିକ କଳା ପରିଷଦ 'ସଂକଳ୍ପ' ରାଉରକେଲା ଦ୍ୱାରା ୧୮ତମ ରାଜ୍ୟସ୍ତରୀୟ ଓଡ଼ିଆ ନାଟକ ମହୋତ୍ସବ ଆସନ୍ତା ନଭେମ୍ବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫ଟି ନାଟ୍ୟାନୁଷ୍ଠାନ ସେମାନଙ୍କର ନାଟକ ପ୍ରଦର୍ଶନ କରିବେ। ଉଦ୍‌ଘାଟନୀ ସଂଧ୍ୟାରେ ବାଲେଶ୍ୱରର ନାୟିକା ପକ୍ଷରୁ ନାଟକ 'ତା'ରି ଲାଗି', ଦ୍ୱିତୀୟ ସଂଧ୍ୟାରେ ଯାଜପୁରର ଅନ୍ୱେଷଣ ଥିଏଟର ଗ୍ରୁପ୍ ଦ୍ୱାରା ନାଟକ 'ବାଲ୍ମୀକି', ତୃତୀୟ ସଂଧ୍ୟାରେ ସମ୍ବଲପୁରର ଶ୍ରୀ କଲଚରାଲ ଆସୋସିଏସନ୍ ଦ୍ୱାରା ନାଟକ 'ସାଧନା', ଚତୁର୍ଥ ସନ୍ଧ୍ୟାରେ ସୁନାବେଡାର ଗୋଲଡେନ୍ ମିଗ୍ କଳା ପରିଷଦ ଦ୍ୱାରା ନାଟକ 'ଅନୁପମା' ଏବଂ ପଞ୍ଚମ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ରାଉରକେଲାର ପଞ୍ଚତତ୍ୱ ପକ୍ଷରୁ ନାଟକ 'ଲୁହା ଶିକୁଳି' ମଞ୍ଚସ୍ଥ କରାଯିବ।

ଉଦ୍‌ଘାଟନୀ ସଂଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଏବଂ ଉଦ୍‌ଯାପନୀ ସଂଧ୍ୟାରେ ରଘୁନାଥପାଲି ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବରେ ସହରର କଳା, ସାହିତ୍ୟ, ନାଟକ ପ୍ରତି ରୁଚି ଥିବା ବ୍ୟକ୍ତିବିଶେଷମାନେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ 'ସଂକଳ୍ପ' ପକ୍ଷରୁ ସଭାପତି ଡଃ କିଶୋରୀ ଦାଶ ଏବଂ ସାଧାରଣ ସମ୍ପାଦକ ପ୍ରକାଶ ସାହାଣୀ ନିବେଦନ କରିଛନ୍ତି।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ସାରସ୍ୱତ ସମାବେଶ



**ରାଉରକେଲା, ୩୦।୧୦(ସମିସ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ମହାନଗର ଅନ୍ତର୍ଗତ ମାଧବ ନଗର ଶାଖା ଓ ରାଉରକେଲା ମହାବିଦ୍ୟାଳୟ, ରାଉରକେଲାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନଗର ଶାଖାର ସଭାପତି ବ୍ରଜେନ୍ଦ୍ର କୁମାର ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହର୍ଷି ବାଲ୍ମିକୀ ଓ ମହାକାବ୍ୟ ରାମାୟଣର ଦୁଇଟି ଶୀର୍ଷକ ଯଥା 'ରତ୍ନାକରରୁ ବାଲ୍ମିକୀ-ମାନବରୁ ମହର୍ଷି' ଓ 'ରାମାୟଣରେ ସମ୍ପର୍କ-ପାରିବାରିକ ଓ ମିତ୍ରତା' ବିଷୟ ଉପରେ ଆଲୋଚନା ହୋଇଥିଲା। ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ବାସନ୍ତୀ ପାଠାଗାରର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଗାଳ୍ପିକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଏବଂ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍, କବି ଓ ଗାଳ୍ପିକା ବିଜୟିନୀ ଜେନା ଓ କବି କୁଞ୍ଜ ବିହାରୀ ରାଉତ।

ଦ୍ୱିତୀୟ ପର୍ଯ୍ୟାୟରେ 'ତମସୋ ମା ଜ୍ୟୋତିର୍ଗମୟ' ଶୀର୍ଷକରେ କବିତା ଆବୃତ୍ତି ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ କବି ନିରୁପମା ପତି ଓ ସଂଯୋଜକ ଭାବେ ଥିଲେ ଅଧ୍ୟାପକ ପ୍ରୀତମ ସାମଲ ଓ କବି କ୍ଷୀରେଶ୍ୱରୀ କିଷାନ। ଏହି ଅଧିବେଶନରେ ସୁସ୍ମିତା ମହାପାତ୍ର, ସୁମନ୍ତ ଉପାଧ୍ୟାୟ, ବିଜୟିନୀ ଜେନା, ଗଙ୍ଗାଧର ପଣ୍ଡା, କୁଞ୍ଜବିହାରୀ ରାଉତ ସମେତ ରାଉରକେଲାର ବହୁ କବି କବିତା ଆବୃତ୍ତି କରିଥିଲେ। ଏହି ସଭାରେ ସାହିତ୍ୟ ପରିଷଦର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଅଧ୍ୟାପକ କରୁଣାକର ପାଟ୍ଟଶାଣୀ, ସଂଗଠକ ଜଗନ୍ନାଥ ରାଉତ, କଣ୍ଠଶିଳ୍ପୀ ପ୍ରଦୀପ୍ତ ପଣ୍ଡା, ଆଶୁତୋଷ ଜ୍ୟୋତିଷୀଙ୍କ ସମେତ ରାଜଶ୍ରୀ ରାଉତିଆ, ବବି ଏକ୍କା, ଦୁର୍ଗେଶ୍ୱରୀ ନାଗ, ଆମିଶା ବାର୍ଲା, ବିନ୍ଦିଆ ସିଂ, ପିଙ୍କି ବାର୍ଲା, ବିନୀତା ବାର୍ଲା ପ୍ରମୁଖ ବହୁ ଛାତ୍ର-ଛାତ୍ରୀ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଆର୍‌ଏସ୍‌ପି ଦ୍ୱାରା ଏସ୍‌ଏପି ଚାଳିତ ଡିଜିଟାଲ୍ ପଦକ୍ଷେପର ଶୁଭାରମ୍ଭ

**ରାଉରକେଲା, ୩୦।୧୦ (ସମିସ):** ରାଉରକେଲା ଇସ୍ପାତ କାରଖାନା ସାମଗ୍ରୀ ପରିଚାଳନାରେ ଏସ.ଏ.ପି ଚାଳିତ ଡିଜିଟାଲ୍ ପଦକ୍ଷେପଗୁଡ଼ିକର ଶୁଭାରମ୍ଭ ସହିତ ଡିଜିଟାଲ୍ ରୂପାନ୍ତରଣ ଦିଗରେ ଆଉ ଏକ ପଦକ୍ଷେପ ଗ୍ରହଣ କରିଛି। ଏହି ପଦକ୍ଷେପଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ରୟ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା, ଅଧିକ ସ୍ୱଚ୍ଛତା ସୁନିଶ୍ଚିତ କରିବା, ପ୍ରକ୍ରିୟାଗୁଡ଼ିକୁ ସ୍ୱୟଂଚାଳିତ କରିବା ଏବଂ ଦୈନନ୍ଦିନ କାର୍ଯ୍ୟାବଳୀକୁ ସହଜ କରିବା।



ଏହି ଡିଜିଟାଲ୍ ପଦକ୍ଷେପଗୁଡ଼ିକୁ ଅକ୍ଟୋବର ୨୮ ତାରିଖରେ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନିଲ କୁମାର ଦମୁଖ୍ୟ ମହାପ୍ରବନ୍ଧକ ଉଦଘାଟନ କରିଥିଲେ। ଏହି ଅବସରରେ (ସାମଗ୍ରୀ ପରିଚାଳନା -କ୍ରୟ) ଟି. ବିନୋଦ, ଭାରପ୍ରାପ୍ତ ମହାପ୍ରବନ୍ଧକ (ଷ୍ଟୋର୍ସ) ଆଶିଷ ରଞ୍ଜନ ଏବଂ ସି ଆଣ୍ଡ ଆଇ.ଟି ଓ ସାମଗ୍ରୀ ପରିଚାଳନା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଡିଜିଟାଲ୍ ପଦକ୍ଷେପଗୁଡ଼ିକ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନିଲ କୁମାରଙ୍କ ମାର୍ଗଦର୍ଶନରେ ସି ଆଣ୍ଡ ଆଇ.ଟି ଏବଂ ସାମଗ୍ରୀ ପରିଚାଳନା ବିଭାଗ ମଧ୍ୟରେ ନିବିଡ଼ ସହଯୋଗ ମାଧ୍ୟମରେ ବିକଶିତ କରାଯାଇଛି। ସମଗ୍ର ସମାଧାନର ନକ୍ସା ଏବଂ କାର୍ଯ୍ୟକାରିତାର ନେତୃତ୍ୱ ଭାରପ୍ରାପ୍ତ ମହାପ୍ରବନ୍ଧକ (ଷ୍ଟୋର୍ସ) ଆଶିଷ ରଞ୍ଜନ ଏବଂ ସି ଆଣ୍ଡ ଆଇ.ଟି ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ସୁମିତା ଭଟ୍ଟାଚାର୍ଯ୍ୟ, ସହାୟକ ମହାପ୍ରବନ୍ଧକ (ସି ଆଣ୍ଡ ଆଇ.ଟି ଇଆରପି) ଡି. ସି. ଯାଦବ ଏବଂ ଉପ ମହାପ୍ରବନ୍ଧକ (ସି ଆଣ୍ଡ ଆଇ.ଟି ଇଆର.ପି) ନଚିକେତା ମିଶ୍ର ବହନ କରିଥିଲେ। ସହାୟକ ମହାପ୍ରବନ୍ଧକ (ସାମଗ୍ରୀ ପରିଚାଳନା -ଷ୍ଟୋର୍ସ) ବିପିନ ନାରାୟଣ ଏବଂ ସହକାରୀ ପ୍ରବନ୍ଧକ (ସାମଗ୍ରୀ ପରିଚାଳନା -କ୍ରୟ) ସୌଭାଗ୍ୟ ବିଶ୍ୱାଳ ପ୍ରମୁଖ ପ୍ରକ୍ରିୟା-ଉନ୍ନତିକରଣ ଧାରଣା ପ୍ରଦାନ କରିଥିଲେ ଏବଂ କାର୍ଯ୍ୟ ଆବଶ୍ୟକତା ସହିତ ସାମଞ୍ଜସ୍ୟ ରଖି ଉନ୍ନତିକରଣର ବିକାଶରେ ସହାୟତା କରିଥିଲେ। ଏସ.ଏ.ପି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ ଏସ.ଏ.ପି ଲାବସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଅଭିଷେକ କୁମାରଙ୍କୁ ଏବଂ ଚୟନୀତ ପଦକ୍ଷେପଗୁଡ଼ିକରେ ରାକେଶ ଧର।

# ୧ରୁ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ

**ରାଉରକେଲା, ୩୦।୧୦(ସମିସ):** ଓଡ଼ିଶାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ନଭେମ୍ବର ୧ରେ ରାଉରକେଲାର ଭଞ୍ଜଭବନ ବିଶାଳ ମୁକ୍ତାକାଶ ମଞ୍ଚରେ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ ଓ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ସଙ୍ଗୀତ ଉତ୍ସବର ମାନ୍ୟତା ପ୍ରାପ୍ତ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୬ ଆରମ୍ଭ ହେବାକୁ ଯାଉଛି। ଏହି ଜାତୀୟ ମହୋତ୍ସବର ୨୯ତମ ସଂସ୍କରଣ ପଦ୍ମ ବିଭୂଷଣ ଗୁରୁ କେଳୁ ଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉଦ୍ଦେଶ୍ୟରେ ଉତ୍ସର୍ଗିତ କରାଯାଇଛି।

**୨୯ତମ ସଂସ୍କରଣ ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉଦ୍ଦେଶ୍ୟରେ ଉତ୍ସର୍ଗିତ**

**ଶାସ୍ତ୍ରୀୟ ଓ ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ କରିବେ ୩୦୦ରୁ ଊର୍ଦ୍ଧ୍ୱ କଳାକାର**

ଆଜି ଭଞ୍ଜକଳା କେନ୍ଦ୍ର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭଞ୍ଜ କଳା କେନ୍ଦ୍ରର ସଭାପତି ଶୁଭ ଶଙ୍କର ରାୟଚୌଧୁରୀ, ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସୂଚନା ଦେଇ କହିଲେ ଚଳିତ ବର୍ଷ ଉତ୍ସବର ୨୯ତମ ଜୟନ୍ତୀ ମହୋତ୍ସବରେ ବହୁ ପ୍ରତିଷ୍ଠିତ କଳାକାର ସେମାନଙ୍କର ନୃତ୍ୟ ସଙ୍ଗୀତ ପ୍ରତିଭା ପରିବେଷଣ ନିମନ୍ତେ ଇସ୍ପାତ ସହରରେ ପଦାର୍ପଣ କରିବେ। ବହୁ ସମ୍ମାନଜନକ ପୁରସ୍କାରରେ ବିଭୂଷିତ ମହାନ କଳାକାର ତଥା ସର୍ବମୋଟ ୩୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ କଳାକାରଙ୍କ ସମାବେଶ ଚଳିତ ବର୍ଷର ଏହି ମହୋତ୍ସବରେ ଦେଖିବାକୁ ମିଳିବ।

ଏହି ମହୋତ୍ସବକୁ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ନଭେମ୍ବର ୧ ତାରିଖରେ ଉଦଘାଟନ କରିବେ। ଉତ୍ସବର ବିଭିନ୍ନ ସନ୍ଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତି, ପୂର୍ବତନ ମନ୍ତ୍ରୀ ସୁବ୍ରତ ତରାଇ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ଆରଏମସି କମିଶନର ସୁଶ୍ରୀ ଦିନା ଦସ୍ତିଗାର, ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ, ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ଗଜ ଇଞ୍ଜିନିୟରିଂ ହାଇଦ୍ରାବାଦର ବିଜିନେସ ହେଡ ନିକୁଞ୍ଜ କିଶୋର ସ୍ୱାଇଁ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ପ୍ରସନ୍ନଜିତ ହୋତା, ଅତିଥି ରୂପେ ଯୋଗଦେବା ନିମନ୍ତେ ସଦୟ ସମ୍ମତି ପ୍ରଦାନ କରିଛନ୍ତି।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ବିବେକାନନ୍ଦ ପରିଡ଼ା, ସୁବ୍ରତ ଶତପଥୀ, ଶଶାଙ୍କ ପଟ୍ଟନାୟକ, ବସନ୍ତ ସାହୁ, ରସାନନ୍ଦ ମହାନ୍ତ, ପଞ୍ଚାନନ ସାହୁ, ଗଜେନ୍ଦ୍ର ମୁର୍ମୁ, ପ୍ରବୀଣ ରଥ, ଜ୍ୟୋତିର୍ମୟ ଆଚାର୍ଯ୍ୟ, କୋଏନା ଦସ୍ତିଦାର, ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ପୋକ୍‌ସୋ ଆଇନ ସମ୍ପର୍କରେ ସଚେତନତା

**ବଣାଇଁଗଡ଼, ୩୦।୧୦ (ସମିସ):** ବଣାଇଁଗଡ଼ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। 'ସୁରକ୍ଷିତ ବାଲ୍ୟକାଳ ଅଭିଯାନ' ଅନ୍ତର୍ଗତ ଆୟୋଜିତ ଏହି ଶିବିରରେ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ, ୨୦୧୨ (ପୋକ୍ସୋ ଆଇନ) ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏସ୍‌ଡିଜେଏମ୍ ଅଭିନନ୍ଦନ ନନ୍ଦ ଯୋଗଦେଇଥିବା ବେଳେ କୋଇଡ଼ା ଜେଏମ୍‌ଏଫ୍‌ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ସାହୁ ଏବଂ ରିଟେନର ମହେଶ୍ୱର ନନ୍ଦୀ ଉପସ୍ଥିତ ଥିଲେ। ସମିତିର ଲକି ରାଉତଙ୍କ ସମେତ ବ୍ରିଜେଶ କୁମାର ସାହୁ ଓ ଅନ୍ତର୍ଯ୍ୟାମୀ ପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଶିବିରରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଆଇନ ସମ୍ପର୍କିତ ଆଲୋଚନାରେ ଭାଗ ନେଇଥିଲେ।

# ମା' କୁମାରୀ ମନ୍ଦିର ପ୍ରବେଶ ଦ୍ୱାରରେ ପାଣି, କାଦୁଅ

## ନାକ ଟେକୁଛନ୍ତି ଶ୍ରଦ୍ଧାଳୁ, ମରାମତି ଦାବି



**ବଣାଇଁ, ୩୦।୧୦(ସମିସ):** ବଣାଇଁଗଡ଼ର ଇଷ୍ଟଦେବୀ ମା' କୁମାରୀଙ୍କ ମନ୍ଦିର ପ୍ରବେଶ ଦ୍ୱାରକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ରାସ୍ତାରେ ପାଣିକାଦୁଅ ଜମି ଯାତାୟାତରେ ସମସ୍ୟା ହେଉଛି। ବଣାଇଁଗଡ଼ର ଆରାଧ୍ୟା ଦେବୀ ମା' କୁମାରୀ କେଉଁ କାଳରୁ ଭକ୍ତଙ୍କ ଦ୍ୱାରା ପୂଜା ପାଇ ଆସୁଛନ୍ତି। ମା'ଙ୍କ ଦର୍ଶନ ପାଇଁ ପ୍ରତି ଗୁରୁବାର ଦିନ ଦୂରଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଆସିଥାନ୍ତି। କିନ୍ତୁ ମନ୍ଦିରର ପ୍ରବେଶ ଦ୍ୱାର ସମ୍ମୁଖରେ କାଦୁଅ ଓ ପାଣି ଜମି ରହୁଥିବାରୁ ବିଶେଷ କରି ବର୍ଷାଦିନେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏକ ପ୍ରମୁଖ ଧାର୍ମିକ ସ୍ଥଳର ପ୍ରବେଶ ପଥର ଏଭଳି ଅବ୍ୟବସ୍ଥାକୁ ନେଇ ଭକ୍ତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି। ପ୍ରଶାସନ ଓ ଦାୟିତ୍ୱରେ ଥିବା ବିଭାଗ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ସ୍ଥାୟୀ ମରାମତି ସହିତ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଡାଲ୍‌ମିଆ ମହାବିଦ୍ୟାଳୟରେ କଲେଜ ମଞ୍ଚ ଉଦ୍‌ଘାଟନ



**କୁତ୍ରା, ୩୦।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ଶୌଚାଳୟ ଏବଂ ମହାବିଦ୍ୟାଳୟର ନବ ନିର୍ମିତ ମଞ୍ଚ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ଜିତେନ୍ଦ୍ର କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜଗାଙ୍ଗପୁର ବିଧାୟକ ଡ. ସି.ଏସ୍ ରାଜନ ଏକ୍କା, ସମ୍ମାନୀତ ଅତିଥି ଭାବେ ଜେଏସଡବ୍ଲୁ ୟୁନିଟ ପ୍ରମୁଖ ଅନୀଲ କୁମାର ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶୌଚାଳୟ ଉଦଘାଟନ କରିବା ସହ ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଅନେକ ପ୍ରକଳ୍ପ ନିର୍ମାଣ ପାଇଁ ଜେଏସ୍‌ଡବ୍ଲୁ କ୍ଲଷ୍ଟର ହେଡ୍ ଶ୍ରୀଯୁକ୍ତ ମିଶ୍ରଙ୍କ ସହିତ ମିଶି ପ୍ରତିଶ୍ରୁତି ଦେଇଥିଲେ।

ଉଦଘାଟନୀ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଅରୁଣ କୁମାର ସାମଲ, ରାଜଗାଙ୍ଗପୁର ସହରର କଂଗ୍ରେସ ସଭାପତି ଦେବ ରଞ୍ଜନ ବିନୋଦ, ଛାତ୍ର କଂଗ୍ରେସ ପ୍ରତିନିଧି ଏସ୍ ଡି ଆସିଫ, ଶ୍ରୀଯୁକ୍ତ ଗଡ଼ଦିଆ, ଜେଏସ ଡବ୍ଲୁ ସିଏସ୍‌ଆର ସଂଗ୍ରାମ କେଶରୀ ରାଉତ ଏବଂ ଜେଏସ୍‌ଡବ୍ଲୁ ସିଏସ୍‌ଆର ମ୍ୟାନେଜର ଅଲେଖ ଦଳାଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଲାଲଟୁ ମିତ୍ରା ଯୋଗ ଦେଇଥିବାବେଳେ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଶ୍ରୀ ସଚିନ୍ ରୋହିତ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

**ଆର୍‌ଏସ୍‌ପିର 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ'**

# ଟିମଜୋର୍ ଚାମ୍ପିଅନ୍, ଝାରତରଙ୍ଗ ରନର୍ସଅପ୍

**ରାଉରକେଲା, ୩୦।୧୦(ସମିସ)**

ରାଉରକେଲା ଇସ୍ପାତ କାରଖାନାର 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ' ଲାଠିକଟା ବ୍ଲକର ଟଇଁସର ଗ୍ରାମ ପଞ୍ଚାୟତର ଝାଣ୍ଡି ଗ୍ରାମରେ ଅକ୍ଟୋବର ୨୭ରେ ଶେଷ ହୋଇଛି। ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ (କଣ୍ଟ୍ରାକ୍ଟ ସେଲ୍‌ଫ) ଅଲୋକ କୁମାର ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ସି.ଏସ୍.ଆର୍) ବି. ମଲ୍ଲିକ, ଉପ-ମହାପ୍ରବନ୍ଧକ (ସିଏସ୍‌ଆର୍) ଆର ଏସ୍ ବାରା, ସହାୟକ ମହାପ୍ରବନ୍ଧକ (ସିଏସ୍‌ଆର୍) ବି. ଜେନା, ଉପପ୍ରବନ୍ଧକ (ସିଏସ୍‌ଆର୍) ଏସ୍. କେ. ଶୁକ୍ଳା, ଲାଠିକଟା ଟଇଁସର ପଞ୍ଚାୟତର ନାଏବ ସରପଞ୍ଚ



କର୍ମା ଓରାମ, ଟଇଁସର ସମିତି ସଭ୍ୟା କୁମାରୀ ଫୁଲମଣି ଓରାମ, ସିଏସ୍‌ଆର୍‌ର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀବୃନ୍ଦ, ୱାର୍ଡସଭ୍ୟ, ସମିତିସଭ୍ୟ ଏବଂ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

ଚାମ୍ପିଅନ୍ ଟିମଜୋର୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ସହ ରନର୍ସଅପ୍ ଝାରତରଙ୍ଗ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଟଇଁସର ଏବଂ ଜଲଦା ଦଳ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରି ୬ହଜାର ଟଙ୍କା ଏବଂ ୪ହଜାର ଟଙ୍କାର ନଗଦ ପୁରସ୍କାର ପାଇଥିଲେ।

ଟଇଁସରର ଅଜୟ ବାରୁଆଙ୍କୁ ଶ୍ରେଷ୍ଠ ଖେଳାଳି, ଜଲଦାର ଅନୀଶ ବାର୍ଲାଙ୍କୁ ଶ୍ରେଷ୍ଠ ସ୍କୋରର, ଜଲଦାର କିଶୋର ମିଞ୍ଜଙ୍କୁ ଶ୍ରେଷ୍ଠ ଗୋଲ୍ କିପର ଏବଂ ଝାରତରଙ୍ଗର ସାଗର ସାହାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଭାବେ ବିବେଚିତ କରାଯାଇ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଏବଂ ଏକ ଟ୍ରଫି ପ୍ରଦାନ କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନା ସହାୟତାରେ ଏହି ଟୁର୍ଣ୍ଣାମେଣ୍ଟଟି ପୂଜା ସେଲ୍‌ଫ ହେଲ୍ପ ଗ୍ରୁପ୍ ଦ୍ୱାରା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ବି ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଆର. ଏସ୍. ବାରା ଧନ୍ୟବାଦ ଅର୍ପଣ କରିଥିଲେ। ସି.ଏସ୍.ଆର୍.ର ସେକ୍ସନ ଅଫିସର୍ ବି. ଏକ୍କା ଏବଂ ଏସ.ଓ ଜି. ଆର. ନାୟକ ମିଳିତ ଭାବେ ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

# ସୁଇପରଙ୍କ ଆକ୍ରମଣରେ ଏସ୍‌ୟୁ ପ୍ରଫେସର ଗୁରୁତର

**ସମ୍ବଲପୁର, ୩୦।୧୦(ସମିସ)**



ସମ୍ବଲପୁର ବିଶ୍ୱବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟଙ୍କ ଉପରେ ଆଜି ସକାଳେ ମରଣାନ୍ତକ ଆକ୍ରମଣ ହୋଇଛି। ଏହା କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶ୍ୱବିଦ୍ୟାଳୟର ରସାୟନ ବିଭାଗ ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁଙ୍କ ଉପରେ ପୂର୍ବରୁ ଠିକାସଂସ୍ଥା ଜରିଆରେ କାମ କରୁଥିବା ସ୍ୱିପର କୃପାସିନ୍ଧୁ ବାଗ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଏହି ଘଟଣା ପରେ ପ୍ରଫେସରଙ୍କୁ ତୁରନ୍ତ ଭିମ୍ସାର ହସପିଟାଲକୁ ନିଆଯାଇଥିଲା। ସମ୍ପ୍ରତି ପ୍ରଫେସର ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ବିଶ୍ୱବିଦ୍ୟାଳୟ କୁଳସଚିବ ବୁର୍ଲା ଥାନାରେ ଅଭିଯୋଗ କରିଛନ୍ତି। ବୁର୍ଲା ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଆଜି ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ରସାୟନ ବିଭାଗ ମୁଖ୍ୟ ପ୍ରଫେସର ସତ୍ୟନାରାୟଣ ସାହୁ କାର୍ଯ୍ୟାଳୟକୁ ଯାଉଥିବାବେଳେ ପୂର୍ବରୁ ଏଠାରେ ଠିକା ସଂସ୍ଥା ଜରିଆରେ ସ୍ୱିପର ଭାବେ କାମ କରୁଥିବା ତଥା କିଛିମାସ ତଳେ ବାହାର କରିଦିଆଯାଇଥିବା କୃପାସିନ୍ଧୁ ବାଗ ଏକ ଧାରୁଆ ଛୁରୀରେ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ପ୍ରଫେସର ତଳେ ପଡ଼ିଯିବାପରେ ସେ ପୁଣିଥରେ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲା। ଏହି ଘଟଣା ପରେ ତୁରନ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି। ଏନେଇ କୁଳସଚିବ ଡ. ପ୍ରଦୀପ ନାଏକ ବୁର୍ଲା ଥାନାରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ଆକ୍ରମଣକାରୀକୁ ଧରିବା ପାଇଁ ତନାଘନା ଚଳାଇଛି। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଶିଥିଳ ରହିଥିବା ଅଭିଯୋଗ ହୋଇଛି। କ୍ୟାମ୍ପସରେ ସୁରକ୍ଷା ନାମକୁ ମାତ୍ର ରହିଥିବା ଏବଂ ବାହାର ଲୋକମାନଙ୍କର ଅବାଧ ପ୍ରବେଶକୁ ନେଇ କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଯଦି ଶିକ୍ଷକ ମାନଙ୍କୁ ଏଭଳି ଆକ୍ରମଣ ହେଉଛି, ତେବେ ଛାତ୍ରଛାତ୍ରୀମାନେ କେତେ ସୁରକ୍ଷିତ ବୋଲି ଅଭିଭାବକ ମହଲରେ ଉଦବେଗ ପ୍ରକାଶ ପାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ ମିଶ୍ର ଏବଂ ବୁର୍ଲା ଥାନାଧିକାରୀ ବଳିଆର ସିଂହଙ୍କ ସୂଚନା ଅନୁଯାୟୀ, ଫେରାର ଆକ୍ରମଣକାରୀ କୃପାସିନ୍ଧୁକୁ ଧରିବା ପାଇଁ ପୁଲିସର ବିଭିନ୍ନ ସ୍ଥାନରେ ଚଢ଼ଉ ଓ ଛାନଭିନ ଜାରି ରହିଛି।

# ସମ୍ବଲପୁର ଜିଲ୍ଲାରେ ୬୧,୮୩୪ କୃଷକ ପାଇଲେ ପିଏମ୍ କିସାନ ସହାୟତା

**ସମ୍ବଲପୁର, ୩୦।୧୦ (ସମିସ):** କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' (ପିଏମ୍ କିସାନ) ଯୋଜନାର କିସ୍ତି ରାଶି ପ୍ରଦାନ କାର୍ଯ୍ୟକ୍ରମ ସମ୍ବଲପୁର ବରେଇପାଲିସ୍ଥିତ ଆର୍‌ଏମ୍‌ସିଠାରେ ଆୟୋଜିତ ହୋଇଯାଇଛି। ବନସକଣ୍ଠା, ଗୁଜରାଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିସାନ୍‌ର ୨୪ତମ କିସ୍ତି ଛାଡ଼ିବା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। କୃଷକମାନଙ୍କ ସାମଗ୍ରିକ ବିକାଶ, ଦାରିଦ୍ର୍ୟ ହ୍ରାସ ତଥା ସେମାନଙ୍କୁ ଆର୍ଥିକ ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ଫେବୃଆରୀ ୨୦୧୯ରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଯୋଗ୍ୟ ଚାଷୀମାନଙ୍କୁ ବାର୍ଷିକ ସମାନ ତିନୋଟି କିସ୍ତିରେ ମୋଟ ୬, ୦୦୦ ଟଙ୍କାର ସହାୟତା ସିଧାସଳଖ ପ୍ରଦାନ କରାଯାଉଛି। ଚାଷୀମାନେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି କ୍ରୟ ଆଦି ଆବଶ୍ୟକତା ପୂରଣ କରିପାରୁଛନ୍ତି। ଚଳିତ ପର୍ଯ୍ୟାୟରେ ସମ୍ବଲପୁର ଜିଲ୍ଲାରେ ଇ-କେୱାଇସି, ଜମିଜମାର ବିବରଣୀ ଦାଖଲ, ଆଧାର-ବ୍ୟାଙ୍କ ଖାତା ସଂଯୋଗ ତଥା ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି ନିୟମାବଳୀ ସମ୍ପୂର୍ଣ୍ଣ କରିଥିବା ୬୧, ୮୩୪ ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ କିସ୍ତି ପିଛା ୨, ୦୦୦ ଟଙ୍କା ହିସାବରେ ସର୍ବମୋଟ ୧୨.୩୬ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ପ୍ରଦାନ କରାଯାଇଛି। ଡିବିଟି ଜରିଆରେ ଏହି ଅର୍ଥ ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କରାଯାଇଛି। ସମ୍ବଲପୁରଠାରେ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସାଂସଦଙ୍କ ପ୍ରତିନିଧି ମିତ୍ରଭାନୁ ପ୍ରଧାନ ସମ୍ମାନିତ ଅତିଥି ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ) ସତ୍ୟବାନ ସୋରେନ୍, ଉପ-ନିର୍ଦ୍ଦେଶକ ଉଦ୍ୟାନ କୃଷି (ଡିଡିଏଚ୍) ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡିଏଫଓ ପୁଲିନ୍ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ (ୱାଟରସେଡ୍) ରବୀନ୍ଦ୍ର କୁମାର ପଣ୍ଡା ଏବଂ କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ସମ୍ବଲପୁରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଓ ଅନ୍ୟ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ବହୁସଂଖ୍ୟକ ଚାଷୀ ଉପସ୍ଥିତ ରହିଥିଲେ।

# ହୀରାକୁଦ ଜଳସ୍ତର ୬୨୭.୩୭ ଫୁଟ୍

**ସମ୍ବଲପୁର, ୩୦।୧୦(ସମିସ):** ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଛତିଶଗଡ଼ରେ ବର୍ଷା ଯୋଗୁଁ ପ୍ରବେଶଜଳ ପରିମାଣ ବୃଦ୍ଧି ସହ ଜଳସ୍ତର ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏନେଇ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସଜାଗ ରହିଛନ୍ତି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ ରହିଛି। ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୫୨ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୫, ୭୯୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ, ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୪, ୦୩୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନାଲ ଦେଇ ୩୦, ୩୫୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୭ କ୍ୟୁସେକ୍, କେନାଲ ପାଇଁ ୩, ୪୪୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ହୀରାକୁଦ ଉପରମୁଣ୍ଡରେ ୩୪.୩୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୨.୨୪ ମିମି ବର୍ଷା ରେକର୍ଡ କରାଯାଇଛି।

# ପାଗଳ କୁକୁର ଆକ୍ରମଣରେ ୪ ଆହତ

**ଜଣେ ଶିଶୁ ଗୁରୁତର**


**ରେଢ଼ାଖୋଲ ୩୦।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଅଧୀନ ହେମାମୁରା ଓ ନବଘନପୁର ଗ୍ରାମରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। ଗତ ୩ ଦିନ ମଧ୍ୟରେ କୁକୁର ଆକ୍ରମଣରେ ୪ ଜଣ ଆହତ ହୋଇଥିବା ବେଳେ ଜଣେ ଶିଶୁ ଗୁରୁତର ଆହତ ହୋଇଛନ୍ତି। ଆଜି ଭୋରରେ ନବଘନପୁର ଗ୍ରାମର ମନୋଜ ମୁଦୟା ଓ ଗୀତାଞ୍ଜଳି ମୁଦୟାଙ୍କ ଏକମାତ୍ର ଝିଅ ଘର ପାଖରେ ଖେଳୁଥିବା ସମୟରେ ଏକ ପାଗଳ କୁକୁର ହଠାତ୍ ଆକ୍ରମଣ କରିଥିଲା। କୁକୁରଟି ଶିଶୁଟିର ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ କାମୁଡ଼ି ଗଭୀର ଆଘାତ ପହଞ୍ଚାଇଥିଲା। ଶିଶୁର ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି କୁକୁର କବଳରୁ ତାକୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ଘଟଣା ପରେ ହେମାମୁରା ଓ ନବଘନପୁର ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ପାଗଳ କୁକୁରକୁ ଧରିବା ସହ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଭ୍ରଷ୍ଟାଚାର ନିବାରଣ ଓ ସଚେତନତା ଶୋଭାଯାତ୍ରା

**ସମ୍ବଲପୁର, ୩୦।୧୦(ସମିସ):** ପୁରୁଣା ମ୍ୟୁନିସିପାଲିଟି କାର୍ଯ୍ୟାଳୟଠାରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ଆଜି ଭ୍ରଷ୍ଟାଚାର ନିବାରଣ ତଥା ସତର୍କତା ସଚେତନତାକୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ବିଭିନ୍ନ ରାସ୍ତା ଦେଇ ଯାଇ ଜିଲ୍ଲା ପରିଷଦ ଠାରେ ପହଞ୍ଚିଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର ଏହି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ସମାଜରୁ ଦୁର୍ନୀତି ଦୂରକରିବା ପାଇଁ ଶପଥ ନେଇଥିଲେ। ଶୋଭାଯାତ୍ରା ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧ ସହ କାର୍ଯ୍ୟକରିବାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଜାତୀୟ ବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା ପାଇଁ ବୈଷ୍ଣବୀ ମନୋନୀତ

**ସମ୍ବଲପୁର, ୩୦।୧୦ (ସମିସ) :** ସମ୍ବଲପୁରର ଉଦୀୟମାନ ମହିଳା କୁସ୍ତି ଖେଳାଳି ବୈଷ୍ଣବୀ ପଟ୍ଟନାୟକ ୭୦ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା କୁସ୍ତି ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ଅଂଶଗ୍ରହଣ କରିବେ। ଏହି ଜାତୀୟ ପ୍ରତିଯୋଗିତା ଆସନ୍ତା ୩୧ ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ତ୍ୟାଗରାଜ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ସେ ଅଣ୍ଡର-୧୭ ବାଳିକା ବିଭାଗର ୪୩ରୁ ୪୬ କିଲୋଗ୍ରାମ ଓଜନ ବର୍ଗରେ ଭାଗ ନେବେ। ସଞ୍ଜୀବ ପଟ୍ଟନାୟକ ଓ ସନ୍ଧ୍ୟା ପଟ୍ଟନାୟକଙ୍କ ଝିଅ ବୈଷ୍ଣବୀ ଶ୍ରୀ ଅରବିନ୍ଦ ସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ। ସେ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିବାସହ ନିକଟରେ ଅନୁଷ୍ଠିତ ରାଜ୍ୟ କୁସ୍ତି ଚାମ୍ପିୟନସିପ୍-୨୦୨୬ରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।



# ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଶୋକସଭା

**ସମ୍ବଲପୁର, ୩୦।୧୦ (ସମିସ) :** ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ପରିଷଦର ଉପଦେଷ୍ଟା ପ୍ରଭାସ ବାନାର୍ଜୀଙ୍କ ବିୟୋଗରେ ଆଜି ସନ୍ଧ୍ୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା, ଭବାନୀ ଶଙ୍କର ଦାଶ, ଅଶୋକ ମିଶ୍ର, ପ୍ରଶାନ୍ତ ମହାରଣା, ଅପର୍ଣ୍ଣା ପାଢ଼ୀ, ଶିରୀଷ ଚନ୍ଦ୍ର ପୂଜାରୀ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ, ଗୋରେଖଲାଲ ଦାସ, ସହସମ୍ପାଦକ ବିରୂପାକ୍ଷ ପ୍ରଧାନ, ସୁବାସ ନନ୍ଦ, ଅକ୍ଷୟ ବେହେରା, ରଞ୍ଜନା ପୃଷ୍ଟି, ଯୋଗେଶ ଚନ୍ଦ୍ର ନନ୍ଦ, ସନ୍ତୋଷ ବହିଦାର, ସଞ୍ଜିବ କୁମାର ପଣ୍ଡା ପ୍ରମୁଖ ବହୁ ସଦସ୍ୟ ଯୋଗଦେଇ ସ୍ୱର୍ଗତ ବାନାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ।

# ସମ୍ବଲପୁର ରେଳ ମଣ୍ଡଳ ବୈଠକରେ ଯୋଗଦେଲେ ଓଡ଼ିଶା ଓ ଛତିଶଗଡ଼ର ସାଂସଦ

**ସମ୍ବଲପୁର, ୩୦।୧୦(ସମିସ):** ପୂର୍ବତଟ ରେଳପଥର ସମ୍ବଲପୁର ରେଳମଣ୍ଡଳ ଅଧୀନ ସାଂସଦମାନଙ୍କୁ ନେଇ ଡିଭିଜନାଲ କମିଟି ବୈଠକ ଆଜି ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ଓ ଛତିଶଗଡ଼ର ସାଂସଦମାନେ ଏହି ବୈଠକରେ ଯୋଗଦେଇ ଅଞ୍ଚଳର ରେଳବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ସାଂସଦମାନେ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ଡିଭିଜନାଲ କମିଟିର ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରିଥିଲେ। ଏହି ବୈଠକରେ ମହାସମୁନ୍ଦର ଲୋକସଭା ସାଂସଦ ରୂପକୁମାରୀ ଚୌଧୁରୀ ଏବଂ କନ୍ଧମାଳର ଲୋକସଭା ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିସହିତ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିର ସାଂସଦମାନଙ୍କ ପ୍ରତିନିଧିମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ସାଂସଦମାନେ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପର ପ୍ରଶଂସା କରିବା ସହ ରେଳ ଭିତ୍ତିଭୂମିର ଅଧିକ ସୁଦୃଢ଼ୀକରଣ ପାଇଁ ପରାମର୍ଶ ଦେଇଥିଲେ। ଯାତ୍ରୀ ସୁବିଧାର ଉନ୍ନତି, ଟ୍ରେନ୍ ଓ ରେଳ ଷ୍ଟେସନଗୁଡ଼ିକର ପରିଚ୍ଛନ୍ନତା, ଟ୍ରେନ୍ ଚଳାଚଳର ବୃଦ୍ଧି, ନୂତନ ରେଳପଥ ନିର୍ମାଣ, ଦୁର୍ଗମ ଅଞ୍ଚଳକୁ ଉନ୍ନତ ରେଳ ସଂଯୋଗ, ରେଳ ଓଭରବ୍ରିଜ୍ ଏବଂ ଅଣ୍ଡରବ୍ରିଜ୍ ନିର୍ମାଣ, ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ସମୟୋଚିତ ସମାପ୍ତି, ବିଭିନ୍ନ ଷ୍ଟେସନରେ ଟ୍ରେନ ରହଣି ଏବଂ ଅଞ୍ଚଳରେ ରାଜସ୍ୱ ଓ ନିଯୁକ୍ତି ସୃଷ୍ଟି ବୃଦ୍ଧି ଆଦି ବିଷୟ ଉପରେ ବିଶେଷ ଆଲୋଚନା ହୋଇଥିଲା। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ସାଂସଦମାନଙ୍କୁ ସ୍ୱାଗତ କରିବାସହ ସେମାନଙ୍କର ଗଠନମୂଳକ ପରାମର୍ଶ ଓ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ ପୂର୍ବତଟ ରେଳପଥର କାର୍ଯ୍ୟଦକ୍ଷତା, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ ଯାତ୍ରୀ ସେବାର ଉନ୍ନତି ସହ ଅଞ୍ଚଳର ମାଲ ପରିବହନ ଆବଶ୍ୟକତା ପୂରଣ ପାଇଁ ରେଳପଥ ପକ୍ଷରୁ ନିରନ୍ତର ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ଏହି ବୈଠକରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁଭାଷ ସି. ଚୌଧୁରୀ, ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ମୁଖ୍ୟ ବିଭାଗୀୟ ଅଧିକାରୀ ଏବଂ ସମ୍ବଲପୁର ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।




# ଦୁର୍ନୀତି ନିବାରଣ ପାଇଁ ଶପଥ ନେଲେ ସରକାରୀ ବାବୁ



**ସମ୍ବଲପୁର, ୩୦।୧୦ (ସମିସ) :** ଚଳିତବର୍ଷ ଅକ୍ଟୋବର ୨୭ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପାଳନ କରାଯାଉଛି। ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗର ମିଳିତ ସହଯୋଗରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା ମୁଖ୍ୟଅତିଥି ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଓ ସମ୍ବଲପୁର ଖଣ୍ଡ ଦୁର୍ନୀତି ନିବାରଣ ବିଭାଗ ଏସପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଉତ୍ତରାଞ୍ଚଳ ଡିଆଇଜି, ଚରଣ ସିଂ ମୀନା ଉପସ୍ଥିତ ସମସ୍ତଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ।

କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଡିଆଇଜି ସାଧୁତା ଓ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ବାର୍ତ୍ତା ଦେଇ କହିଛନ୍ତି ଯେ, ସଚେତନତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ କିମ୍ବା ଶପଥ ପାଠରେ ସୀମିତ ନ ରହି ଦୈନନ୍ଦିନ ଜୀବନଶୈଳୀ, ଆଚରଣ ଓ କର୍ତ୍ତବ୍ୟରେ ସାଧୁତା ତଥା ଇମାନଦାରୀ ଭାବେ ପ୍ରତିଫଳିତ ହେବା ଆବଶ୍ୟକ। ଦେଶ ତଥା ରାଜ୍ୟର ସମୃଦ୍ଧି ଓ ବିକାଶ ପାଇଁ ସରକାରୀ କର୍ମଚାରୀଙ୍କ ସହିତ ପ୍ରତ୍ୟେକ ନାଗରିକଙ୍କ ସାଧୁ ଆଚରଣ ଅପରିହାର୍ଯ୍ୟ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତ୍ରିପାଠୀ ସାଧୁତା ଓ ସମୃଦ୍ଧିକୁ ରାଷ୍ଟ୍ର ଗଠନର ମୁଖ୍ୟ ଆଧାର ବୋଲି ବର୍ଣ୍ଣନା କରିଛନ୍ତି। ଇତିହାସର ଉଦାହରଣ ଦେଇ ସେ ଦର୍ଶାଇଥିଲେ ଯେ ମୌର୍ଯ୍ୟ ସାମ୍ରାଜ୍ୟରେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଦର୍ଶାଯାଇଥିବା ଦୃଢ଼ ଶାସନ, ଗୁପ୍ତ ଯୁଗର ସ୍ୱଚ୍ଛତା ଓ ଅକବରଙ୍କ ସମୟର ମନସବଦାରୀ ତଥା ରାଜସ୍ୱ ବ୍ୟବସ୍ଥା ଯୋଗୁଁ ହିଁ ସେହି ସମୟରେ ଅପାର ସମୃଦ୍ଧି ସମ୍ଭବ ହୋଇପାରିଥିଲା। ବ୍ରିଟିଶ ଅମଳରେ ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କ ସମୟର ଦୁର୍ନୀତି, ୧୭୭୩ର ରେଗୁଲେଟିଂ ଆକ୍ଟ, ୧୯୪୧ର ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିସମେଣ୍ଟ, ସନ୍ଥାନମ କମିଟି ସୁପାରିସରେ ସିବିଆଇ ଓ ୧୯୬୪ରେ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଗଠନ ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ ଯେ କେବଳ ପ୍ରଶାସନିକ କଠୋରତା ନୁହେଁ, ବରଂ ଜନସାଧାରଣଙ୍କ ସଚେତନତା ବିନା ଦୁର୍ନୀତି ନିବାରଣ ଅସମ୍ଭବ। ସମାରୋହରେ ସମସ୍ତ ବିଭାଗୀୟ ଅଧିକାରୀ ତଥା ବିଦ୍ୟାଳୟ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ।

# ଜିଏମ୍‌ୟୁରେ ୨ ଦିନିଆ ଜାତୀୟ ସେମିନାର ଉଦ୍‌ଘାଟିତ

**ସମ୍ବଲପୁର, ୩୦।୧୦(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ବାୟୋଟେକ୍ନୋଲୋଜି ଦ୍ୱାରା ଭାରତୀୟ ଜ୍ଞାନ ପ୍ରଣାଳୀ କେନ୍ଦ୍ର ସହଯୋଗରେ 'ପଶ୍ଚିମ ଓଡ଼ିଶାର ପାରମ୍ପରିକ ଆରୋଗ୍ୟକାରୀ ଏବଂ ସ୍ୱାସ୍ଥ୍ୟ ପରିଚାଳନା ଅଭ୍ୟାସ' ଉପରେ ଏକ ଦୁଇଦିନିଆ ଜାତୀୟ ସେମିନାର ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ସେମିନାର ପଶ୍ଚିମ ଓଡ଼ିଶାର ସମୃଦ୍ଧ ସ୍ୱଦେଶୀ ଔଷଧୀୟ ଐତିହ୍ୟ ଏବଂ ବୈଜ୍ଞାନିକ ଗବେଷଣା ଏବଂ ଡକ୍ୟୁମେଣ୍ଟେସନ୍ ମାଧ୍ୟମରେ ପାରମ୍ପରିକ ସ୍ୱାସ୍ଥ୍ୟସେବା ଜ୍ଞାନ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଛି। ଉଦ୍‌ଘାଟନୀ ଅଧିବେଶନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟଅତିଥି ଏବଂ ପୂର୍ବତନ ପ୍ରମୁଖ ବୈଜ୍ଞାନିକ ତଥା କଟକର ଆଇସିଏଆର୍-ଏନ୍‌ବିପିଜିଆର୍ ଆଞ୍ଚଳିକ ଷ୍ଟେସନର ମୁଖ୍ୟ ଡକ୍ଟର ରମେଶ ଚନ୍ଦ୍ର ମିଶ୍ର ଓ ଭିମସାରର ପ୍ରଫେସର ଡକ୍ଟର ସ୍ମିତା କୁମାରୀ ପଣ୍ଡା ସମ୍ମାନିତ ଅତିଥି ଏବଂ ଓୟୁଏଟିର ଉଦ୍ଭିଦ ପାଥୋଲୋଜିର ବୈଜ୍ଞାନିକ ଡକ୍ଟର ସଙ୍ଗୀତା ବଳ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ବୈଜ୍ଞାନିକ ଆଲୋଚନାରେ ଗୁଣାତ୍ମକ ଔଷଧୀୟ ଉଦ୍ଭିଦ ଉତ୍ପାଦନ ପାଇଁ ଉଦ୍ଭିଦ ସୁରକ୍ଷା ରଣନୀତି ଏବଂ ପଶ୍ଚିମ ଓଡ଼ିଶାର ବନ୍ୟ ଉଦ୍ଭିଦ ସମ୍ପଦର ଆର୍ଥିକ ଏବଂ ଔଷଧୀୟ ଗୁରୁତ୍ୱ, ବିଶେଷ ଭାବରେ ଗନ୍ଧମାର୍ଦ୍ଦନ ପର୍ବତମାଳାକୁ ଉଲ୍ଲେଖ କରାଯାଇଥିଲା। ଆଲୋଚନାରେ ଔଷଧୀୟ ଉଦ୍ଭିଦ ବିବିଧତା ସଂରକ୍ଷଣ, ସ୍ୱଦେଶୀ ଚିକିତ୍ସା ପଦ୍ଧତିର ଦସ୍ତାବିଜୀକରଣ ଏବଂ ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ବୈଜ୍ଞାନିକ ପଦ୍ଧତି ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଏହି ଆଲୋଚନାଚକ୍ର ସ୍କୁଲ ଅଫ୍ ବାୟୋଟେକ୍ନୋଲୋଜିର ସଂଯୋଜକ ଡକ୍ଟର ଶ୍ୱେତାଲିନା ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ସମନ୍ୱୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଭବିଷ୍ୟତ ପିଢ଼ି ପାଇଁ ଅଞ୍ଚଳର ଅମୂଲ୍ୟ ଔଷଧୀୟ ଐତିହ୍ୟକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲା।



# ସମ୍ବଲପୁର ଡପଲର୍ ରାଡାର୍ ରିସିଭର୍‌ରେ ବୈଷୟିକ ତ୍ରୁଟି

**ସମ୍ବଲପୁର, ୩୦।୧୦ (ସମିସ)**

ବାତ୍ୟା 'ଅର୍ଣ୍ଣବ'ର ଗତିବିଧିକୁ ନେଇ ରାଜ୍ୟର ତିନୋଟି ଡପଲର୍ ରାଡାର୍‌ର ତଥ୍ୟ ଅତ୍ୟାବଶ୍ୟକ ରହିଥିଲା। ବାତ୍ୟା ଉପରେ ନଜର ରଖିବାସହ ତାହାର ମୁକାବିଲା ପାଇଁ ପ୍ରସ୍ତୁତି ଚାଲିଥିଲା। ତେବେ, ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମ୍ବଲପୁରସ୍ଥିତ ଡପଲର୍ ରାଡାର୍‌ରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ଏହି ସମସ୍ୟାର ସମାଧାନ ପାଇଁ ହାଇଦ୍ରାବାଦରୁ ଟେକ୍‌ନିସିଆନ୍ ଟିମ୍ ଆସି ରିସିଭର୍‌ର ସଫ୍ଟୱେର୍ ଏବଂ ହାର୍ଡୱେର୍ ଯାଞ୍ଚ କରି ମରାମତି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଖୁବ୍ ଶୀଘ୍ର ଏହି ତ୍ରୁଟି ସଂଶୋଧନ ହୋଇ ରାଡାର୍ ସିଷ୍ଟମ୍ ପୂର୍ବବତ୍ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

ଡପଲର୍ ରାଡାର୍ ରିସିଭର୍‌ରେ ଗତ ୨୭ ତାରିଖରୁ ବୈଷୟିକ ତ୍ରୁଟି ଦେଖାଦେଇ ଅଚଳ ହୋଇପଡ଼ିଥିଲା। ଏହି ରିସିଭର୍‌ଟି ଠିକ୍ ଭାବରେ ଡାଟା ଡିସପ୍ଲେ କରୁନଥିବା ଏବଂ ଏହାର ରିଫ୍ଲେକ୍ଟିଭିଟି ୱେବସାଇଟ୍‌କୁ ଯାଉନଥିବାରୁ ଏଭଳି ସମସ୍ୟା ଉପୁଜିଥିଲା। ଏହାଫଳରେ ମାନୁଆଲ୍ ଭାବେ ତଥ୍ୟ ସଂଗ୍ରହ କରି ପ୍ରତି ଘଣ୍ଟାରେ ତାହାକୁ ପାଣିପାଗ ବିଭାଗକୁ ପଠାଯାଉଥିଲା। ୨୭ ତାରିଖ ରାତିରେ ତ୍ରୁଟି ଦେଖାଦେଇଥିବାବେଳେ ପୁଣି ତାହା କାର୍ଯ୍ୟ କରିଥିଲା। ତେବେ, ପରଦିନ ସକାଳଠାରୁ ପୁଣି ରିସିଭର୍‌ଟି ଅଚଳ ହୋଇଥିବା କୁହାଯାଉଛି। ରାଡାର୍‌ର ରିସିଭର୍‌ରେ ଡାଟା ରିଫ୍ଲେକ୍ଟିଭିଟି ହୋଇ ଟ୍ରାନ୍ସମିଟ୍ ହୋଇପାରୁନଥିଲା। ସାଧାରଣତଃ, ସବୁସମୟରେ ମାନୁଆଲ ଅବଜରଭେସନ୍ ଚାଲିଥାଏ। ଏଣୁ ଏହି ତଥ୍ୟ ଆଇଏମ୍‌ଡିକୁ ପଠାଯାଇଥିଲା। ଏହାର ପ୍ରାୟ ମାସକ ପୂର୍ବରୁ ମଧ୍ୟ ଏହିଭଳି ରିସିଭର୍‌ରେ ବୈଷୟିକ ତ୍ରୁଟି ହୋଇଥିବାବେଳେ କମ୍ପାନୀ ସହଯୋଗରେ ତାହାକୁ ଠିକ୍ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଡପଲର୍ ରାଡାର୍ ପ୍ରକଳ୍ପକୁ ଗତ ସେପ୍ଟେମ୍ବର ୧୬ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଥିଲେ। କେନ୍ଦ୍ର ପୃଥିବୀ ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଭାସୀ ଜରିଆରେ ଯୋଗ ଦେଇଥିଲେ। ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ସଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ। ଏହାଦ୍ୱାରା ସମ୍ବଲପୁର ସମେତ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲାର ଅଧିବାସୀ ଉପକୃତ ହେବେ। ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଚାଷୀମାନେ ବିଶେଷ ଭାବେ ଉପକୃତ ହେବେ।

## 'ଅର୍ଣ୍ଣବ': କାହା ପାଇଁ ଆଶୀର୍ବାଦ ତ କାହା ପାଇଁ ଅଭିଶାପ

**ପଦ୍ମପୁର, ୩୦।୧୦(ସମିସ):** ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପଦ୍ମପୁର ଉପଖଣ୍ଡରେ ବର୍ଷା ଓ ପବନ ଚାଷୀଙ୍କ ଚିନ୍ତା ବଢ଼ାଇଛି। ପାଚିବା ଅବସ୍ଥାରେ ଥିବା ଏବଂ ଧାନକେଣ୍ଡା ଧରୁଥିବା ଧାନଗଛ କେତେକ ସ୍ଥାନରେ କ୍ଷେତରେ ଶୋଇପଡ଼ିଛି। ଫଳରେ ଧାନ ଅମଳକୁ ନେଇ ଚାଷୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। କିଛି ଦିନ ପୂର୍ବରୁ ବର୍ଷା ଅଭାବରୁ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଧାନଚାଷ ଜଳ ସଂକଟର ସମ୍ମୁଖୀନ ହୋଇଥିଲା। ଅନେକ ସ୍ଥାନରେ ଧାନକ୍ଷେତର ମାଟି ଫାଟିବା ଆରମ୍ଭ କରିଥିବା ବେଳେ ଚାଷୀମାନେ ନିକଟସ୍ଥ ଜଳାଶୟରୁ ପମ୍ପ ଯୋଗେ ପାଣି ଉଠାଇ ଫସଲ ବଞ୍ଚାଇବାକୁ ଉଦ୍ୟମ କରୁଥିଲେ। ଏଭଳି ସ୍ଥିତିରେ ବାତ୍ୟାଜନିତ ବର୍ଷା ଶୁଖିଲା ଧାନକ୍ଷେତ ପାଇଁ ସଞ୍ଜୀବନୀ ସାଜିଥିବା ବେଳେ ବର୍ତ୍ତମାନର ପବନ ଓ ଲଗାଣ ବର୍ଷା ପାଚିଲା ଧାନ ପାଇଁ ସମସ୍ୟା ସୃଷ୍ଟି କରିଛି। ବର୍ଷାରେ ଧାନଗଛ ଢଳିପଡ଼ିବା ଯୋଗୁଁ ଅମଳ ହ୍ରାସ ପାଇବା ସହିତ ଧାନ ଗଛ ପଚିଯିବା ଆଶଙ୍କା ରହିଛି। ବର୍ଷା ଓ ପବନ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଧାନକ୍ଷେତର ସଠିକ୍ କ୍ଷୟକ୍ଷତି ଆକଳନ କରିବା ସହ ଚାଷୀଙ୍କୁ ଉପଯୁକ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

'ଅର୍ଣ୍ଣବ' ମାଡ଼ରେ ମକା ଚାଷ ଛାରଖାର

# କ୍ଷତିପୂରଣ ଦାବିରେ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ବରଗଡ଼, ୩୦।୧୦(ସମିସ)**

'ଅର୍ଣ୍ଣବ' ବାତ୍ୟା ପ୍ରଭାବରେ ମକା ଚାଷ ନଷ୍ଟ ହେବାରୁ କ୍ଷତିପୂରଣ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଚାଷୀ। ବରଗଡ଼ ଜିଲ୍ଲା ଚକରକେନ୍ଦ ଗ୍ରାମ ପଞ୍ଚାୟତର ବୁଢ଼ିଆପାଲି ଗ୍ରାମର ଶତାଧିକ ମକା ଚାଷୀ ଶୁକ୍ରବାର ନଷ୍ଟ ହୋଇଥିବା ମକାଗଛ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ କ୍ଷୟକ୍ଷତି ଆକଳନ ସହ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଦାବିପତ୍ର ଦେଇଥିଲେ।

ସୂଚନା ଅନୁଯାୟୀ, ବୁଢ଼ିଆପାଲି ଗ୍ରାମରେ ପ୍ରାୟ ୫୦ରୁ ୬୦ ଏକର ଜମିରେ ମକା ଚାଷ ହୋଇଥିଲା। ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ପ୍ରବଳ ପବନ ଯୋଗୁଁ ମକାଗଛଗୁଡ଼ିକ ଭାଙ୍ଗି ଭୂମିରେ ଲୋଟି ପଡ଼ିଛି। ଫଳ ଧରିବା ସମୟରେ ଏଭଳି କ୍ଷତି ହୋଇଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି।

ପ୍ରକାଶ ଥାଉକି, ଅର୍ଣ୍ଣବ ବାତ୍ୟା ପ୍ରଭାବରେ ବରଗଡ଼ ଜିଲ୍ଲାର ଧାନ ସମେତ ଅଣଧାନ ଫସଲ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲା କୃଷି ବିଭାଗର ତଥ୍ୟ ଅନୁସାରେ, ଜିଲ୍ଲାରେ ପ୍ରାୟ ୨୫ ଶହ ହେକ୍ଟର ଅର୍ଥାତ୍ ୬ ହଜାର ୫ ଶହ ଏକର ଜମିରେ ମକା ଚାଷ ହୋଇଛି। ଏଭଳି ସ୍ଥିତିରେ ମକା ଚାଷୀଙ୍କ କ୍ଷତିର ଉପଯୁକ୍ତ ଆକଳନ କରି ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ଏହି ଅବସରରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ରବିଶଙ୍କର ପ୍ରଧାନ, ସୁରେଶ ନିକେଣ୍ଟି ଏବଂ କୋଶଳ ସେନାର ବୀରବଳ ମହାକୁଡ଼ ଉପସ୍ଥିତ ରହି ଚାଷୀଙ୍କ ଦାବିକୁ ସମର୍ଥନ କରିଥିଲେ। ସେମାନେ କହିଥିଲେ ଯେ, ସରକାର ଯଦି ଚାଷୀଙ୍କୁ ଅଣଧାନ ଫସଲ ଚାଷ ପାଇଁ ଉତ୍ସାହିତ କରୁଛନ୍ତି, ତେବେ ଏଥିପାଇଁ ସ୍ୱଷ୍ଟ ମାର୍ଗଦର୍ଶିକା ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବା ଆବଶ୍ୟକ। ଏଥିରେ ଗ୍ରାମର ବିଶ୍ୱାମିତ୍ର ମେହେର, ଦୟାନିଧି ମେହେର, ଖତୁ ମେହେର, ବିନୋଦ ମେହେର, ଦାଶରଥି ମେହେର, ରାଧାଚରଣ ମେହେର, କୃଷ୍ଣ ମେହେର, ନେତ୍ରାନନ୍ଦ ସାହୁ, ମାଧବ ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

### ଭଙ୍ଗା ମକାଗଛ ଧରି ପହଞ୍ଚିଲେ ଶତାଧିକ ଚାଷୀ

### କୃଷି ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ଅନ୍ୟପକ୍ଷରେ ଚାଷୀଙ୍କ ଅଭିଯୋଗ ପରେ ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲା କୃଷି ଅଧିକାରିଣୀ ମମତା ତ୍ରିପାଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ବୁଢ଼ିଆପାଲି ଗ୍ରାମର କ୍ଷତିଗ୍ରସ୍ତ ମକା କ୍ଷେତ ପରିଦର୍ଶନ କରିଥିଲେ। କ୍ଷୟକ୍ଷତି ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦେବାକୁ କୁହାଯାଇଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ପରଲୋକ

**ବରଗଡ଼, ୩୦।୧୦(ସମିସ):** ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଶକ୍ତିନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାହୁଙ୍କ ପରଲୋକ ଘଟିଛି। ଅନୁଗୁଳ ନିକଟରେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ସ୍ୱାମୀଙ୍କୁ ଧରି ଭୁବନେଶ୍ୱର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ଶକ୍ତିନଗର ଅଞ୍ଚଳ ସମେତ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ବିଦ୍ୟାଳୟ ସମେତ ଶିକ୍ଷକ ମହଲରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେ ତାଙ୍କ ପଛରେ ସ୍ୱାମୀ ପ୍ରେମରାଜ ସାହୁ, ଗୋଟିଏ ପୁଅ ଓ ଝିଅକୁ ଛାଡ଼ି ଯାଇଛନ୍ତି।



## ଦୁର୍ଘଟଣାରେ ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

**ସୋହେଲା, ୩୦।୧୦(ସମିସ):** ସୋହେଲା ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ଗର୍ଭଣା ଗ୍ରାମର ବିଶିଷ୍ଟ ସମାଜସେବୀ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପରଲୋକ ଘଟିଛି। ସକାଳେ ସୁରେଶ କୌଣସି କାମରେ ନିକଟସ୍ଥ ଦଶମାଇଲ ପଟକୁ ଯାଇଥିଲେ। ଦିନ ପ୍ରାୟ ୧୦ଟାରେ ତାଙ୍କୁ ଏକ କାର ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋହେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାର ଖବର ପାଇ ଚାଷୀନେତା ଜୟକୃଷ୍ଣ ସାହୁ, କଂଗ୍ରେସ ନେତା ବାବୁଲୁ ଦେବତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚି ତାଙ୍କ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁରେଶଙ୍କ ଅକାଳ ବିୟୋଗରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ବିଜେଡି ନେତା ସୁବ୍ରତ ସିଂ, ବ୍ୟଙ୍ଗ କବି ନୀତିଶ ଆଚାର୍ଯ୍ୟ, ଗର୍ଭଣା ଦୁର୍ଗାପୂଜା କମିଟି, ଗ୍ରାମ୍ୟ କମିଟି, କୃଷକ ବିକାଶ ମଞ୍ଚ, ସୋହେଲା କୁଲିତା ସମାଜ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।



## ୨ ମାସ ହେଲା ଜଳଯୋଗାଣ ବନ୍ଦ

**ଥୁଆପାଲି, ୩୦।୧୦(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡା, ସଂକ୍ରିଡା ଗ୍ରାମପଞ୍ଚାୟତରେ ମହୁଲପାଲିଠାରେ ଥିବା ମେଗା ପାନୀୟଜଳ ପ୍ରକଳ୍ପରୁ ଦୀର୍ଘ ୨ ମାସ ହେଲା ପାନୀୟ ଜଳଯୋଗାଣ ବନ୍ଦ ରହିଛି। ଫଳରେ ପାଣି ପାଇଁ ଲୋକେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ଲୋକେ ଦାୟୀ କରିଛନ୍ତି। ମେଗା ପ୍ରୋଜେକ୍ଟର ଉଚ୍ଚ ଅଧିକାରୀ ଓ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ପ୍ରସାଦ ଗୋଏଲ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟଜଳ ଯୋଗାଣ ସ୍ୱାଭାବିକ କରିବାକୁ ଦାବି ହେଉଛି।

## ଭୁକ୍ତା ଆଦର୍ଶ ବଜାର ପ୍ରାଙ୍ଗଣରେ ଶୁଭ ଉଦ୍‌ଘାଟିତ



**ଅମ୍ବାଭୋନା, ୩୦।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାଠାରେ ଗୁରୁବାର ଆଦର୍ଶ ବଜାର ପ୍ରାଙ୍ଗଣର ବିଭିନ୍ନ ନୂତନ ଭିତ୍ତିଭୂମିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକ ଭବନ, ପ୍ରଶାସନିକ ଭବନ, ମାର୍କେଟ କମ୍ପ୍ଲେକ୍ସ, ମୁଖ୍ୟ ଫାଟକ ଓ ୱାଚମ୍ୟାନ୍ କୋଠାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାଷୀମାନଙ୍କୁ ବିଧାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି, ବରଗଡ଼ର ଅଧ୍ୟକ୍ଷ ପ୍ରସନ୍ନ କୁମାର ପାଣ୍ଡେ ଏବଂ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବିଜୟ ରାଉତ ଯୋଗଦେଇଥିଲେ। ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ଓ ଭୁକ୍ତା ମାର୍କେଟ ୟାର୍ଡର ସମସ୍ତ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ କ୍ୟାରିୟର କାଉନ୍‌ସେଲିଂ

**ବରଗଡ଼, ୩୦।୧୦ (ସମିସ):** ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଶୁକ୍ରବାର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଏକ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ମାନଙ୍କୁ ଉଚ୍ଚଶିକ୍ଷା, ବିଭିନ୍ନ କ୍ୟାରିୟର ବିକଳ୍ପ ଏବଂ ଭବିଷ୍ୟତର ସମ୍ଭାବନା ବିଷୟରେ ଅବଗତ କରାଇବା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚାରିଜଣ ପୁରାତନ ଛାତ୍ରଛାତ୍ରୀ ନିଜର ଶିକ୍ଷାଗତ ଏବଂ ବୃତ୍ତିଗତ ଅନୁଭୂତି ବାଣ୍ଟିଥିଲେ। ସେମାନଙ୍କ ମଧ୍ୟରେ ସୃଷ୍ଟି ଅଗ୍ରୱାଲ (ବ୍ୟାଚ୍ ୨୦୨୨), ରାଜନୀତି ବିଜ୍ଞାନରେ ସ୍ନାତକ ଏବଂ ବର୍ତ୍ତମାନ ୟୁ.ପି.ଏସ୍.ସି ପରୀକ୍ଷା ପାଇଁ ପ୍ରସ୍ତୁତିରତ; ଅଭିଷେକ ଅଗ୍ରୱାଲ (ବ୍ୟାଚ୍ ୨୦୨୩), କୋଲକାତାର ସେଣ୍ଟ ଜାଭିୟର୍ସ କଲେଜରୁ ବି. କମ୍ ସ୍ନାତକ; ଆର୍ଯ୍ୟା ସାଓଡ଼ିଆ (ବ୍ୟାଚ୍ ୨୦୧୮), ବେଙ୍ଗାଲୁରୁ ସ୍ଥିତ ଇୱାଇଜିଡିଏସରେ ଆସିଷ୍ଟାଣ୍ଟ ଆକ୍‌ଚୁଆରିଆଲ୍ ମ୍ୟାନେଜର ଏବଂ ଅନୁକୃତି ଅଗ୍ରୱାଲ (ବ୍ୟାଚ୍ ୨୦୧୮), ଅର୍ଥନୀତିରେ ସ୍ନାତକ ଏବଂ ଆଲାଏନ୍ସ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଛାତ୍ରୀ ସାମିଲ ଥିଲେ। ଏହି ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ୍ ସୁମନ ସାଓଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ୍ କରନ ସାହୁ, ଭାଇସ୍ ପ୍ରିନ୍ସିପାଲ୍ ସୀମା ସାହୁ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅନ୍ୱେଷା ବିଶ୍ୱାଳ ପରିଚାଳନା କରିଥିବା ବେଳେ ଶିକ୍ଷକ ବିର୍ଜୁ ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।




ଫସଲ କ୍ଷୟକ୍ଷତି ଆକଳନ ଓ ସହାୟତା ପ୍ରଦାନ ଦାବି

## ଅତିରିକ୍ତ ଜିଲ୍ଲାପାଳଙ୍କୁ କୃଷକ ସଂଗଠନର ଦାବିପତ୍ର

**ପଦ୍ମପୁର, ୩୦।୧୦(ସମିସ):** ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ହୋଇଥିବା ବର୍ଷା ଓ ପବନ ଯୋଗୁଁ ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି। ତୁରନ୍ତ କ୍ଷୟକ୍ଷତିର ସରଜମିନ୍ ଆକଳନ କରି କ୍ଷତିପୂରଣ ପ୍ରଦାନ ଦାବିରେ 'ରାଜ ବୋଡ଼ାସମ୍ବର କୃଷକ ସଂଗଠନ' ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର କର୍ମକର୍ତ୍ତାମାନେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବି ଜଣେଇଛନ୍ତି। ରାଜସ୍ୱ ଓ କୃଷି ବିଭାଗର ମିଳିତ ଟିମ୍ ଦ୍ୱାରା ପଦ୍ମପୁର ଉପଖଣ୍ଡର ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମରେ କ୍ଷତିଗ୍ରସ୍ତ ଧାନ ଫସଲର ତୁରନ୍ତ ସରଜମିନ୍ ତଦନ୍ତ କରି କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ନିୟମାନୁସାରେ ଉଚିତ୍ କ୍ଷତିପୂରଣ ଓ ସହାୟତା ରାଶି ପ୍ରଦାନ କରାଯାଉ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ ବୋଡ଼ାସମ୍ବର କୃଷକ ସଂଗଠନର ଆବାହକ ଅଶୋକ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ସୁବାସ ସାମନ୍ତରାୟ, ବାଞ୍ଛାନିଧି ନାୟକ, କୈଳାଶ ବାରିକ, କାହ୍ନୁଚରଣ ମେହେର ସମେତ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ। ତୁରନ୍ତ ସହାୟତା ପ୍ରଦାନ କରାନଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

**ବରଗଡ଼, ୩୦।୧୦ (ସମିସ):** ବରଗଡ଼ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବନା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଶିଶୁ ପ୍ରତିଭା ଅନ୍ୱେଷଣର ପ୍ରକୃଷ୍ଟ ମଞ୍ଚ 'ସୁରଭି' ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ପିଏମ ପୋଷଣ ପ୍ରଦର୍ଶନୀ ଶୁଭାରମ୍ଭ କରି ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଡିଓ ବ୍ରେଶିଅସ ଡୁଙ୍ଗଡୁଙ୍ଗ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସୟ, ଏବିଇଓ ସାଧୁ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ସିଆର୍‌ସିସି ଅର୍ଚ୍ଚିତା ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ବିଇଓ ଭାବନା ସାହୁଙ୍କ ଅଧ୍ୟକ୍ଷତା ଓ ସିଆର୍‌ସିସି ସଞ୍ଜୀବ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅମୃତା ସାହୁ, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକର ୧୬ଟି କ୍ଲଷ୍ଟରର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ୧୬ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ।



## ପାଣିରେ ବୁଡ଼ି ଅମଳକ୍ଷମ ଧାନ ନଷ୍ଟ

**ଭେଡେନ, ୩୦।୧୦ (ସମିସ):** 'ଅର୍ଣ୍ଣବ' ପ୍ରଭାବରେ ଭେଡେନ ବ୍ଲକରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ବିଲରେ ବର୍ଷା ପାଣି ଜମି ରହିଛି। ଚାଷୀମାନଙ୍କ ଅମଳ ହେବାକୁ ଥିବା ଧାନ ଗଛ ଗୁଡିକ ଚାଷ ଜମିରେ ତଳେ ପଡ଼ି ଯାଇଛି ଓ ଜମିରେ ଥିବା ପାଣିରେ ବୁଡି ରହିଛି। ଫଳରେ ଗଜା ହେବା ଆଶଙ୍କା ଦେଖାଦେଇଛି। ପୁଣି କିଛି ଚାଷୀଙ୍କ ଗର୍ଭ ଅବସ୍ଥାରେ ଥିବା ଧାନଗଛରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି।ଯାହା ଫଳରେ ଧାନ ଅମଳ ହେବା ପରିବର୍ତ୍ତେ ତାହା ନଷ୍ଟ ହେବାର ସମ୍ଭବନା ରହିଛି। ତେଣୁ ପ୍ରଶାସନ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

■ ବରଗଡ଼ରେ ପିଏମ୍-କିଷାନ ଉତ୍ସବ

## ୧୬, ୭୩, ୭୪୪ ଚାଷୀଙ୍କ ଖାତାକୁ ଗଲା ସହାୟତା ରାଶି

**ବରଗଡ଼, ୩୦।୧୦(ସମିସ):** ପିଏମ୍-କିଷାନ ଯୋଜନାର ୨୪ତମ କିସ୍ତି ଅର୍ଥରାଶି ହସ୍ତାନ୍ତର ଅବସରରେ ଆଜି ବରଗଡ଼ରେ ପିଏମ୍-କିଷାନ ଉତ୍ସବ ଦିବସ ପାଳିତ ହୋଇଯାଇଛି। ବରଗଡ଼ସ୍ଥିତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମମତାରାଣୀ ତ୍ରିପାଠୀ, ସାଂସଦଙ୍କ ପ୍ରତିନିଧି ନବକିଶୋର ପାଣିଗ୍ରାହୀ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଙ୍କ ପ୍ରତିନିଧି ଅବନୀକାନ୍ତ ପଣ୍ଡା ଏବଂ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ର ବରିଷ୍ଠ ବୈଜ୍ଞାନିକ ନୃସିଂହ ଚରଣ ବାରିକ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ବରଗଡ଼ ସୁଶୀଲ ସେନ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କିସ୍ତିରେ ବରଗଡ଼ ଜିଲ୍ଲାର ମୋଟ ୧, ୭୩, ୭୪୪ ଜଣ ପଞ୍ଜୀକୃତ କୃଷକଙ୍କ ବ୍ୟାଙ୍କ ଖାତାକୁ ୩୨୭୪୮୮୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ସିଧାସଳଖ ହସ୍ତାନ୍ତର କରାଯାଇଛି।

## ଡଭାରେ କ୍ଲଷ୍ଟରସ୍ତରୀୟ 'ସୁରଭି'

**ଝରବନ୍ଧ, ୩୦।୧୦(ସମିସ):** ଝାରବନ୍ଧ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଡଭା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି କ୍ଷୀରୋଦ ଚନ୍ଦ୍ର ମହାନନ୍ଦଙ୍କ ଆହ୍ୱାନ କ୍ରମେ ଉଦଘାଟନୀ ସମାରୋହରେ ଡଭା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶାରାମ ବରିହା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଝାରବନ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ସେଠ, ମୁଖ୍ୟବକ୍ତା ଭାବେ ଡଭା ହାଇସ୍କୁଲର ପ୍ରଧାନ ଶିକ୍ଷକ ଟିକେଶ୍ୱର ପ୍ରସାଦ ପଟେଲ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ, ସ୍ଥାନୀୟ ଏସଏମସି ଚେୟାରପର୍ସନ ଡୋଲାମଣି ସାହୁ ଉପସ୍ଥିତ ଥିଲେ। ରାଜେନ୍ଦ୍ରପୁର ଉ.ପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶ୍ୱିନୀ କୁମାର ଭୋଇଙ୍କ ମଞ୍ଚ ପରିଚାଳନା ଓ ହରିଡ଼ାଟାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୁଧର ଦୀପ ଧନ୍ୟବାଦ ଜ୍ଞାପନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଡଭା ଏଆରଆଇ ତୁଳେଶ୍ୱରୀ ମାଝୀ, ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ରପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ନାୟକ, ସମ୍ମାନୀତ ଅତିଥି ଭାବେ ଡଭା ହାଇସ୍କୁଲ ଏସଏମସି ଚେୟାରପର୍ସନ ଅନାଦି ସାହୁ ଓ ଆବାହକ ସିଆରସିସି ଶ୍ରୀଯୁକ୍ତ ମହାନନ୍ଦ ମଞ୍ଚାସୀନ ଥିଲେ। ଅଶ୍ୱିନୀ କୁମାର ସାହୁଙ୍କ ମଞ୍ଚ ପରିଚାଳନାରେ ବେଣୁଧର ଦୀପ ଧନ୍ୟବାଦ ଜ୍ଞାପନ କରିଥିଲେ।

ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା

# କଂସ ଚୟନ ପ୍ରକ୍ରିୟାରୁ ଓହରିଲେ ୨ ବରିଷ୍ଠ କଳାକାର

**ବରଗଡ଼, ୩୦।୧୦(ସମିସ)**

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଏବଂ ଏହାର କଂସ ଚୟନ ପ୍ରକ୍ରିୟାକୁ ନେଇ ଦିନକୁ ଦିନ ବିବାଦ ଘନଉଥିବାବେଳେ ବର୍ତ୍ତମାନ ଏକ ନୂଆ ମୋଡ଼ ଆସିଛି। ପୂର୍ବତନ କଂସ ସୁଶୀଲ ମେହେରଙ୍କ ମନ୍ତବ୍ୟକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ଅସନ୍ତୋଷ ଭିତରେ, ଆଗାମୀ କଂସ ଚୟନ ପ୍ରକ୍ରିୟାରେ କୌଣସି କାରଣ ନ ଦର୍ଶାଇ ଅଂଶଗ୍ରହଣ ନ କରିବାକୁ ଘୋଷଣା କରିଛନ୍ତି ୩ ଜଣ ବରିଷ୍ଠ କଳାକାର ଜଗଦାନନ୍ଦ ମିଶ୍ର ଏବଂ ଗୋପାଳ ପଣ୍ଡା। କେଉଁ କାରଣରୁ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁନାହାନ୍ତି ତାହା ସ୍ପଷ୍ଟ କରିନଥିଲେ ମଧ୍ୟ ଏହାକୁ ସୁଶୀଲ ମେହେରଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ବୋଲି ଅନୁମାନ କରାଯାଉଛି। ଏହି ବରିଷ୍ଠ କଳାକାରମାନେ ଚୟନ ପ୍ରକ୍ରିୟାରୁ ଦୂରେଇ ରହିବାକୁ ନେଇ ଉଭୟ କଳାକାରଙ୍କ ପ୍ରଶଂସକ ଓ ସମର୍ଥକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। 'ବରଗଡ଼ ଧନୁଯାତ୍ରା କେବଳ ଏକ ଅଭିନୟ ମଞ୍ଚ ନୁହେଁ, ଏହା ଆମର ସାଂସ୍କୃତିକ ଅସ୍ମିତା। ଏଭଳି ସ୍ଥିତିରେ ବରିଷ୍ଠ କଳାକାରମାନଙ୍କ ଚୟନ ପ୍ରକ୍ରିୟାରୁ ଓହରିଯିବା ଘଟଣା ଯାତ୍ରା ପ୍ରେମୀଙ୍କୁ ମର୍ମାହତ କରିଛି।





### ସମର୍ଥକଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

## ରାବଣ ଦରବାର ପାଇଁ କଳାକାର ବରଣ



**ପାଇକମାଲ, ୩୦।୧୦ (ସମିସ):** ପାଇକମାଲ ବ୍ଲକ ଜାମସେଠ ଗ୍ରାମରେ ସାର୍ବଜନୀନ କାଳୀପୂଜା ଅବସରରେ ଆୟୋଜିତ ହେବାକୁ ଥିବା ରାବଣ ଦରବାର କାର୍ଯ୍ୟକ୍ରମ ପାଇଁ ଶୁକ୍ରବାର ରାବଣ ବରଣ କରାଯାଇଛି। ରାବଣ ଭୂମିକାରେ କଠଉମାଲ ଗ୍ରାମର ଚକ୍ର ସାହୁ ଏବଂ ମନ୍ତ୍ରୀ ଭୂମିକାରେ ରମେଶ ସାହୁ ଅଭିନୟ କରିବେ। ଏହି ଅବସରରେ ପୂଜା କମିଟି ପକ୍ଷରୁ ଉଭୟଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ଫୁଲମାଳ ଓ ଚନ୍ଦନ ଲଗାଇ ପାରମ୍ପରିକ ଭାବେ ରାବଣ ବରଣ କରାଯାଇଥିଲା। ନଭେମ୍ବର ୧୦ ତାରିଖରେ ଆକର୍ଷଣୀୟ ରାବଣ ଦରବାର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ହେମନ୍ତ ପ୍ରଧାନ, ସମ୍ପାଦକ ଅକ୍ଷୟ ପ୍ରଧାନଙ୍କ ସମେତ ଆର୍ତ୍ତତ୍ରାଣ ସାହୁ, ସରୋଜ ପଟ୍ଟନାୟକ, ପ୍ରମୋଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ତୁର୍ଲା ନିକଟ ତେଲନଦୀ ପଠାରେ କୁମ୍ଭୀର



**ଦେଓଗାଁ, ୩୦ ।୧୦(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବନାଞ୍ଚଳ ଅଧୀନ ତୁର୍ଲା ଗାଁ ନିକଟସ୍ଥ ତେଲନଦୀ ପଠାରେ ଶୁକ୍ରବାର ଏକ ଘଡିଏଲ କୁମ୍ଭୀର ନଜରକୁ ଆସିଛି । ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ତେଲନଦୀ କୂଳରେ କୁମ୍ଭୀରଟି ବାଲି ଉପରେ ଥିବା କିଛି ଲୋକ ଦେଖି ଦେଓଗାଁ ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀ ଙ୍କୁ ଖବର ଦେଇଥିଲେ । ଫରେଷ୍ଟର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହାପରେ ଆଖପାଖ ଗାଁରେ ଲୋକଙ୍କୁ ନଦୀପଟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ଆଖପାଖ ଗାଁରେ କୁମ୍ଭୀର ରହିଥିବା ଡାକବାଜି ଯନ୍ତ୍ର ଦ୍ୱାରା ଅବଗତ କରାଯାଇଛି । ମହାନଦୀରୁ ଏହି ଘଡିଏଲ କୁମ୍ଭୀରଟି ଆସିଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି ।

## ସଂଘର୍ଷ କରୁଛି ଆୟୁର୍ବେଦ ଫାର୍ମାସୀ

**ବଲାଙ୍ଗିର, ୩୦ ।୧୦ (ସମିସ):** ୧୯୩୭ ମସିହାରେ ସ୍ଥାପିତ ବଲାଙ୍ଗୀର ଆୟୁର୍ବେଦ ଫାର୍ମାସୀ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ନିଜର ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛି । ଦିନ ଥିଲା ଏହି ଫାର୍ମାସୀରୁ ୯୪ ପ୍ରକାରର ମେଡିସିନ୍ ପ୍ରସ୍ତୁତ ହୋଇ ସାରା ଓଡ଼ିଶାକୁ ଯୋଗା ଯାଉଥିଲା । ୬୨ ଜଣ କର୍ମଚାରୀଙ୍କ ଅକ୍ଳାନ୍ତ, ନିଷ୍ଠାପର ଉଦ୍ୟମରେ ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଅତି ଉନ୍ନତମାନର ଔଷଧ ପ୍ରସ୍ତୁତ କରୁଥିଲେ । ଏହା ସାରା ଓଡ଼ିଶାରେ ନାଁ କରିଥିଲା । ଏବେ ୨ ଜଣ କର୍ମଚାରୀ ଅଛନ୍ତି । ମାତ୍ର ୪ଟି ଚୂର୍ଣ୍ଣ, ଗୋଟିଏ ମଲମ ଏବଂ ଗୋଟିଏ ତୈଳ ପ୍ରସ୍ତୁତି କରି ଏହା ନାମକୁ ମାତ୍ର ନିଜକୁ ବଞ୍ଚାଇ ରଖିଛି । ଦିନ ଥିଲା ହରିଶଙ୍କର ଓ ନୃସିଂହନାଥରୁ ସଂଗୃହୀତ କଞ୍ଚାମାଲ୍‌ରେ ଔଷଧ ପ୍ରସ୍ତୁତ ହେଉଥିଲା; କିନ୍ତୁ ଆଜି କଞ୍ଚାମାଲ୍ ପାଇଁ ଏବଂ ଔଷଧର ମାନ ଓ ଗୁଣବତ୍ତା ନିର୍ଦ୍ଧାରଣ ନିମନ୍ତେ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି । ଜଙ୍ଗଲ ବିଭାଗରୁ କାଠ ମିଳିଲେ ଯାଇ କାମ ଆରମ୍ଭ କରିବାକୁ ପଡୁଛି । ସେ ସମୟର ଶହ ଶହ ମେସିନ ଅକାମୀ ହୋଇ ଖତ ଖାଉଛି । ଔଷଧ ତିଆରିରେ ଆଜିକାଲି ଅନେକ ନୂତନ କୌଶଳ ବାହାରି ଥିଲେ ହେଁ ଏଠି କିଛି ନାହିଁ । ଔଷଧକୁ ପ୍ୟାକେଜିଂ କରିବା ପାଇଁ ମେସିନ ନ ଥିବାରୁ ହାତରେ କରିବା ପାଇଁ ଲୋକବଳର ଅଭାବ ରହୁଛି । ତା ସହିତ ଏହା ସମୟ ସାପେକ୍ଷ ହୋଇ ଥିବାରୁ କେହି କାମ କରିବାକୁ ରାଜି ହେଉ ନାହାନ୍ତି । ରାତି ଜଗୁଆଳି ନ ଥିବାରୁ ଅଧିକାଂଶ ସମୟରେ ଏଠାରୁ ଚୋରି ହେଉଛି । ବର୍ତ୍ତମାନ ଜଣେ ସୁପରିଣ୍ଟେଣ୍ଡେଣ୍ଟ, ଜଣେ ମେଡିକାଲ ଅଫିସର ଓ ୨ ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ନେଇ ଏହି ସଂସ୍ଥା ଚାଲିଛି । ବିରାଟ ସମ୍ମିଳନୀ କକ୍ଷ, ଲାଇବ୍ରେରୀ, ପ୍ରତ୍ୟେକ ବିଭାଗ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କକ୍ଷ ଆଜି ଖାଁ ଖାଁ ଲାଗୁଛି । ମୁଖ୍ୟ କୋଠାକୁ ପୂର୍ତ୍ତ ବିଭାଗ ଅସୁରକ୍ଷିତ ଘୋଷଣା କରିବାରୁ ତାକୁ ଖୁବ ଶୀଘ୍ର ଭାଙ୍ଗି ଦିଆଯିବ ।

## କେନ୍ଦ୍ରମନ୍ତ୍ରୀଙ୍କ ଏସ୍‌ଭି ନିର୍‌ତାର ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ର ପରିଦର୍ଶନ




**ବଲାଙ୍ଗିର, ୩୦ ।୧୦ (ସମିସ):** ବଲାଙ୍ଗିରସ୍ଥିତ ଏସଭି ନିରତାର ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ର ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ମନ୍ତ୍ରୀ ଡା. ବୀରେନ୍ଦ୍ର କୁମାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ସେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଦକ୍ଷତା ବିକାଶ, ପୁନର୍ବାସ ଏବଂ ସଶକ୍ତୀକରଣ କେନ୍ଦ୍ର ପରିଦର୍ଶନ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର, ଏସ୍‌ଭି ନିର୍‌ତାର ନିର୍ଦ୍ଦେଶକ ଡା. ପି. ପି. ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଦିବ୍ୟାଙ୍ଗ ପୁନର୍ବାସ, ଅନ୍ତର୍ଭୁକ୍ତୀକରଣ ଏବଂ ସଶକ୍ତୀକରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଯୋଗ୍ୟ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । କେନ୍ଦ୍ରୀ ମନ୍ତ୍ରୀ ହିତାଧିକାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଅନୁଭୂତି ଓ ଆବଶ୍ୟକତା ସମ୍ପର୍କରେ ବୁଝିଥିଲେ ।

# ବଲାଙ୍ଗିରରେ ଲନ୍ ବଲ୍ କ୍ରୀଡ଼ାର ସ୍ୱର୍ଣ୍ଣିମ ଯାତ୍ରା

**ବଲାଙ୍ଗିର, ୩୦ ।୧୦(ସମିସ)**

ଏକଦା ଯେଉଁ ମାଟିରେ ସୀମିତ ସୁବିଧା ଏବଂ ଅଜ୍ଞତା ଯୋଗୁଁ ଅନେକ ଖେଳ ଅଲକ୍ଷ୍ୟରେ ରହିଯାଉଥିଲା ଆଜି ସେହି ବଲାଙ୍ଗିର ମାଟି କ୍ରୀଡ଼ା ଜଗତରେ ଏକ ନୂତନ ଇତିହାସ ସୃଷ୍ଟି କରୁଛି । ଗ୍ରାମାଞ୍ଚଳ ଏବଂ ସାଧାରଣ ପରିବାରରୁ ଆସିଥିବା ଯୁବକସମାଜ ଆଜି ବିଶ୍ୱସ୍ତରୀୟ ଖେଳ 'ଲନ୍ ବଲ୍'ରେ ନିଜର ଦବ୍‌ଦବା ଜାହିର କରୁଛନ୍ତି । ଇଚ୍ଛାଶକ୍ତି, କଠିନ ପରିଶ୍ରମ ଏବଂ ଠିକ୍ ମାର୍ଗଦର୍ଶନ ରହିଲେ କିପରି ଅସମ୍ଭବକୁ ମଧ୍ୟ ସମ୍ଭବ କରାଯାଇପାରେ । ବଲାଙ୍ଗିରର ଲନ୍ ବଲ୍ ଖେଳାଳିମାନେ ତାହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି । ବଲାଙ୍ଗିର ଜିଲ୍ଲାରେ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଲନ୍ ବଲ୍ ଏକ ବଡ଼ ସୁଯୋଗ ସୃଷ୍ଟି କରୁଛି । ୨୦୧୮/୨୦୧୯ ମସିହାରେ ମାତ୍ର ୩ ଜଣ କ୍ରୀଡ଼ାବିତ୍‌ଙ୍କୁ ନେଇ କ୍ରୀଡା ସଂଗଠକ ସୁମିତ ରଞ୍ଜନ ପୁରୋହିତଙ୍କ ପ୍ରଚେଷ୍ଟା ଓ ଉଦ୍ୟମରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ସେତେବେଳେ ଏହା ଏକ ଛୋଟ ପଦକ୍ଷେପ ଥିଲେ ହେଁ ଏହା ଭବିଷ୍ୟତ ପାଇଁ ଏକ ବଡ଼ ଉଦ୍ୟମ ସାଜିଥିଲା । ବର୍ତ୍ତମାନ ସମୟରେ ଜିଲ୍ଲାରେ ପ୍ରାୟ ୨୦ ରୁ ୨୫ ଜଣ ପ୍ରତିଭାବାନ ଲନ୍ ବଲ୍ କ୍ରୀଡ଼ାବିତ୍ ରହିଛନ୍ତି । ସବୁଠାରୁ ଗର୍ବ ଓ ଆନନ୍ଦର କଥା ଯେ, ଏହି ଖେଳାଳିମାନଙ୍କ ମଧ୍ୟରୁ ପ୍ରାୟ ୧୫ ଜଣ ଜାତୀୟ ସ୍ତରରେ ଖେଳି ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିଛନ୍ତି । ବଲାଙ୍ଗିରର ଏହି ଉଦୀୟମାନ ଖେଳାଳିମାନେ

**ଜାତୀୟ ପ୍ରତିଯୋଗିତାରେ ଖେଳାଳିଙ୍କ ସଫଳତା**

**୩ ଜଣ ଖେଳାଳିଙ୍କୁ ନେଇ ଆରମ୍ଭ ହୋଇଥିଲା ଯାତ୍ରା**

**୧୫ରୁ ଅଧିକ ଜାତୀୟ ଖେଳାଳି ବାହାରିଲେଣି**

ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଚର୍ଚ୍ଚାରେ ଅଛନ୍ତି । ସବୁଠାରୁ ବଡ଼ ଉଦାହରଣ ହେଉଛନ୍ତି କୈଳାଶ ମାଝୀ; ଯିଏକି ଦିନେ ପ୍ରଥମ କରି ଲନ୍ ବଲ୍ ଖେଳ ପ୍ରତି ରୁଚି ପ୍ରକାଶ କରି ଏହି ଖେଳ ଶିଖିବା ଆରମ୍ଭ କରି ବଲାଙ୍ଗିର ଏହାର ମୂଳଦୁଆ ପକାଇଥିଲେ । ଆଜି ତାଙ୍କୁ ବିଭାଗ ପକ୍ଷରୁ ସହାୟକ ପ୍ରଶିକ୍ଷକ ପଦବୀରେ କିଛି ଦିନ ପୂର୍ବରୁ ନିୟୋଜିତ କରାଯାଇଛି । ଜଣେ ଖେଳାଳି, ପ୍ରଶିକ୍ଷକ (କୋଚ୍) ଏବଂ ମେଣ୍ଟର ଭାବେ କାର୍ଯ୍ୟ କରୁଥିବା କୈଳାସ ୨୦୧୭ ମସିହାରୁ ଏହି ଖେଳ ସହ ଜଡ଼ିତ ଅଛନ୍ତି । ସେ ଜାତୀୟ ଓ ରାଜ୍ୟସ୍ତରରେ ବହୁ ପଦକ ଜିତିବା ସହ ୫ ବର୍ଷର କୋଚିଂ ଅଭିଜ୍ଞତା ରଖିଛନ୍ତି । ଓଡ଼ିଶା



ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ତାଙ୍କୁ ଉଲ୍ଲେଖନୀୟ ସଫଳତା ପାଇଁ ନଗଦ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । ସେହିପରି ଆଉ ଜଣେ ଖେଳାଳି ହେଉଛନ୍ତି ରାଜେଶ୍ୱରୀ ସେଠ । ବଲାଙ୍ଗିରର ଏହି ପ୍ରତିଭା ଦିଲ୍ଲୀରେ ଅନୁଷ୍ଠିତ ହେବାକୁଥିବା ୧୭ତମ ଏସିଆନ୍ ଲନବଲ ଚାମ୍ପିୟନସିପ୍‌ରେ ଭାରତକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି । ଜାତୀୟ ତଥା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ସେ ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତି ଜିଲ୍ଲାର ନାମକୁ ବିଶ୍ୱସ୍ତରରେ ପହଞ୍ଚାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପଦ୍ମାସିନୀ ପୁଟେଲ ଆଉ ଜଣେ ଅତ୍ୟନ୍ତ ପ୍ରତିଭାବାନ ଲନବଲ ଚାମ୍ପିୟନ; ଯିଏକି ୨୦୨୩, ୨୦୨୪ ଏବଂ ୨୦୨୬ ମସିହାର ବିଭିନ୍ନ ଅଲ୍ ଓଡ଼ିଶା ଇଣ୍ଟର ଡିଷ୍ଟ୍ରିକ୍ଟ ଏବଂ ଜାତୀୟ ଚାମ୍ପିୟନସିପ୍‌ରେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶାର କୀର୍ତ୍ତିରାଜକୁ ସମୃଦ୍ଧ କରିଛନ୍ତି । ସେହିପରି ରୋଶନୀ ସାହୁ ୨୦୨୩ ରୁ ୨୦୨୬ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଅନେକ ପଦକ ଅର୍ଜନ କରିଛନ୍ତି । ଆଉ ଜଣେ ଖେଳାଳି ହେଉଛନ୍ତି ବିଷ୍ଣୁପ୍ରିୟା ବହିଦାର । ଲନ୍ ବଲ୍ ଚାମ୍ପିୟନ ବିଷ୍ଣୁପ୍ରିୟା ୨୦୨୩, ୨୦୨୪ ଏବଂ ୨୦୨୫-୨୦୨୬ ମସିହାର ବିଭିନ୍ନ ପ୍ରତିଯୋଗିତାରେ ଅନେକ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି । ଏହି ଖେଳାଳିମାନେ କେବଳ ଉଦାହରଣ ମାତ୍ର । ଏହିଭଳି ଅନେକ ଖେଳାଳି ଅଛନ୍ତି ଯେଉଁମାନେ ଲନ୍‌ବଲ୍ କ୍ରୀଡ଼ାରେ ବେଶ୍ ସଫଳତା ହାସଲ କରିସାରିଛନ୍ତି । ବିନା କୌଣସି ସୁଦୃଢ ଭିତ୍ତିଭୂମି ଥିବା ସତ୍ତ୍ୱେ ବଲାଙ୍ଗିର ଜିଲ୍ଲାର କ୍ରୀଡାବିତମାନଙ୍କ ସଫଳତା ଯୋଗୁଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ରାଜେନ୍ଦ୍ର ନାରାୟଣ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏକ ଗ୍ରୀନ ବୋଲିଂ ପଡ଼ିଆ ତିଆରି କରାଯାଇଥିଲା; ଯେଉଁଠାରେ ଜାତୀୟସ୍ତରୀୟ ଚମ୍ପିଅନସିପ ଆୟୋଜନ କରାଯାଉଛି । କ୍ରୀଡା ସଂଗଠକ ସୁମିତ ରଞ୍ଜନ ପୁରୋହିତଙ୍କ ନିରନ୍ତର ମାର୍ଗଦର୍ଶନ, ପ୍ରଶିକ୍ଷକଙ୍କ କଠିନ ପରିଶ୍ରମ ଏବଂ ଖେଳାଳିମାନଙ୍କ ନିଷ୍ଠା ବଳରେ ଆଜି ବଲାଙ୍ଗିର କେବଳ ରାଜ୍ୟରେ ନୁହେଁ ବରଂ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ମଧ୍ୟ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ହୋଇପାରିଛି । 'କଠିନ ପରିଶ୍ରମ ଆଜି, ଚାମ୍ପିୟନ ଆଗକୁ' ଏହି ମନ୍ତ୍ରକୁ ଆପଣାଇ ବଲାଙ୍ଗିରର ଲନ୍‌ବଲ୍ ଖେଳାଳିମାନେ ଆଗାମୀ ଦିନରେ ଆହୁରି ଅନେକ ସଫଳତା ହାସଲ କରିବେ ବୋଲି ବୁଦ୍ଧିଜୀବୀ ଓ କ୍ରୀଡ଼ାପ୍ରେମୀମାନେ ଆଶା ପୋଷଣ କରିଛନ୍ତି ।

## ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କ କରିଡର ପାଲଟିଛି କଣ୍ଟାବାଞ୍ଜି

**କଣ୍ଟାବାଞ୍ଜି, ୩୦ ।୧୦ (ସମିସ):** ବଲାଙ୍ଗୀର ଜିଲ୍ଲାର ସୀମାନ୍ତ ସହର କଣ୍ଟାବାଞ୍ଜି ଏବେ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କ ପାଇଁ ସୁରକ୍ଷିତ କରିଡର ପାଲଟିଛି । ରେଳ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରୁ ୧୦ କେଜି ଗଞ୍ଜେଇ ଜବତ ହେବା ପରେ ଏହା ପ୍ରମାଣିତ ହୋଇଛି । ଏହି ମାମଲାରେ ବାହାର ରାଜ୍ୟର ୨ ଜଣ କୁଖ୍ୟାତ ଅଭିଯୁକ୍ତ ମଧ୍ୟପ୍ରଦେଶ ଭିଣ୍ଡ ଜିଲ୍ଲା ଲହାର ଅଞ୍ଚଳର ରାଘବେନ୍ଦ୍ର କୁଶୱାହା (୨୬) ଏବଂ ଛତିଶଗଡ଼ ଚାମ୍ପା ଅଞ୍ଚଳର ମୋନୁ କୁଶୱାହା (୩୨) ବିରୋଧରେ ମାମଲା ରୁଜୁ ହୋଇଛି ବୋଲି ଅବକାରୀ ବିଭାଗ ପ୍ରକାଶ କରିଛି । ଏଥିରୁ କଣ୍ଟାବାଞ୍ଜି ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ହବ୍ ବୋଲି ସ୍ପଷ୍ଟ ପ୍ରମାଣ ମିଳିଛି । କଣ୍ଟାବାଞ୍ଜି ଷ୍ଟେସନରୁ ପ୍ରତିଦିନ ରାୟପୁର, ନାଗପୁର, ଭୋପାଳ, ରାଜସ୍ଥାନ, ଦିଲ୍ଲୀ ଆଦି ଜାଗାକୁ ଗଞ୍ଜେଇ ଚାଲାଣ ହେଉଛି । ଏହା ଏମିତି ଚାଲିଛି ଯେମିତି ଲାଇସେନ୍ସପ୍ରାପ୍ତ ବ୍ୟବସାୟ । କିଛି ସଂଗଠିତ ଗୋଷ୍ଠୀ ଏହି କାରବାରକୁ ନିୟନ୍ତ୍ରଣ କରୁଛନ୍ତି । ସବୁଠୁ ବଡ଼ ପ୍ରଶ୍ନ ଉଠୁଛି ଆରପିଏଫ୍ ଓ ଜିଆରପିକୁ ନେଇ । ଷ୍ଟେସନ ପରିସରରେ ଦିନ ରାତି ପୁଲିସ ମୁତୟନ ଥାଇ ବି ଏତେ ପରିମାଣର ଗଞ୍ଜେଇ



କେମିତି ପହଞ୍ଚୁଛି ତାହା ପ୍ରଶ୍ନ ସୃଷ୍ଟି କରିଛି । ଏହି କାରବାରରେ କିଛି ପୁଲିସ କର୍ମଚାରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି । ଗତ କିଛି ମାସ ତଳେ ଏହି ଅଭିଯୋଗରେ କିଛି ଆରପିଏଫ କର୍ମଚାରୀଙ୍କ ବଦଳି ହୋଇଥିଲା; ମାତ୍ର ପରିସ୍ଥିତିରେ ସୁଧାର ଆସିନାହିଁ । ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାର ପରେ ଅବକାରୀ ବିଭାଗ ନିଜ ଛବି ସଫା କରିବାକୁ ଏହି ଚଢ଼ଉ କରିଥିବା ଅଭିଯୋଗ ହେଉଛି । ଅବକାରୀ ବିଭାଗ ଦୁଇ ଜଣ ବାହାର ରାଜ୍ୟ ଅଭିଯୁକ୍ତଙ୍କୁ ଧରି କାମ ସାରିଦେଲା; ହେଲେ ପ୍ରକୃତ ମାଲିକ କିଏ

**ସନ୍ଦେହରେ ଆର୍‌ପିଏଫ୍, ଜିଆର୍‌ପିର କାର୍ଯ୍ୟକଳାପ**

**କଣ୍ଟାବାଞ୍ଜିର ଗଞ୍ଜେଇ ମାଫିଆଙ୍କୁ ଅବକାରୀ ବିଭାଗର ଅନୁକମ୍ପା**

ତାହା ଜଣା ପଡ଼ିଲାନି । ଏମାନଙ୍କୁ ଷ୍ଟେସନରେ ଗଞ୍ଜେଇ ଦେଲା କିଏ, ଏତେ ପରିମାଣର ଗଞ୍ଜେଇ ଆସିଲା କେଉଁଠୁ, କଣ୍ଟାବାଞ୍ଜି ଅଞ୍ଚଳର କେଉଁ ବଡ଼ ବେପାରୀ ଏଥିରେ ଅଛନ୍ତି, ଅବକାରୀ ବିଭାଗ ସ୍ଥାନୀୟ ମାଫିଆଙ୍କୁ କାହିଁକି ଛାଡୁଛି ବୋଲି ବୁଦ୍ଧିଜୀବି ମହଲରେ ପ୍ରଶ୍ନ ଉଠୁଛି । ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ବଢୁଛି ଯେ ଅବକାରୀ ବିଭାଗ ଜାଣିଶୁଣି ସ୍ଥାନୀୟ ବେପାରୀଙ୍କୁ ଘଣ୍ଟ ଘୋଡାଉଛି ।

## ଚିତ୍ରକଳା ଓ ପିଠା ତିଆରି ପ୍ରତିଯୋଗିତା

**ବଲାଙ୍ଗିର, ୩୦ ।୧୦(ସମିସ):** ନଭେମ୍ବର ୧ ବଲାଙ୍ଗିର ଦିନ୍ ପାଳନ ଉପଲକ୍ଷେ ସହରର କଲେଜଛକସ୍ଥିତ କଲ୍ୟାଣମଣ୍ଡପ ପରିସରରେ 'ଷ୍ଟୁଡେଣ୍ଟ ୟୁନିଟି' ପକ୍ଷରୁ ଏକ ଭବ୍ୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କୁ କଳା ଏବଂ ସୃଜନଶୀଳତା କ୍ଷେତ୍ରରେ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ପ୍ରତିଯୋଗିତାରେ ବଲାଙ୍ଗିରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୩୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ଚିତ୍ରକଳା ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଚାରକ ଭାବେ ଷ୍ଟୁଡେଣ୍ଟ ୟୁନିଟିର ଉତ୍ତମ ବରାଡ ଯୋଗ ଦେଇଥିଲେ । ବିଶ୍ୱଭୂଷଣ ସିଂହ, ଅରମାନ ଦାଶ, ଆକାଶ ନାଏକ, ଶୁଭମ୍ ଭାଟି, ବିଶ୍ୱଜିତ ବାଗ, ଦୀପ୍ତିମୟୀ କର୍ମୀ, ସ୍ୱୟଂଶ୍ରୀ ମଟରୀ, ସୁଦେଷ୍ଣା କୁମୁରା, ସତ୍ୟ ସାହୁ, ଅଂଶୁମାନ ପାଢ଼ୀ, ରୀତିକ ମାଝୀ, ଆନନ୍ଦ ରଣା ଏବଂ ବିନୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଉତ୍କଳ ମହିଳା ବିକାଶ ପରିଷଦ ତରଫରୁ ପିଠାମଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଡ. ଜ୍ୟୋତି ପାଣିଗ୍ରାହୀ, ସରିତା ଦାସ, କମଳା ଶତପଥୀ ଯୋଗ ଦେଇଥିଲେ । ପ୍ରାୟ ୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ବିକାଶ ପରିଷଦର ସଭାପତି ସଂଯୁକ୍ତା ମିଶ୍ର, ସମ୍ପାଦକ ନିହାରିକା



ମିଶ୍ର, ସୁଜାତା ନନ୍ଦ, ମମତା ସୁନା, ଗାୟତ୍ରୀ ଦାସ, ସସ୍ମିତା ମେହେର, ପ୍ରତିମା ହୋତା, ଅରୁଣା ବାଗ, ଆଶାଲତା ସେଠି ଆଦି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଠିକ୍ ସେହିପରି ଏଆରପାଲେସଠାରେ ପୂଜା ଡିଭାଇନ ଗ୍ଲୋ ପକ୍ଷ୍ୟରୁ ଦିନେଶ୍ ବେହେରା, ପୂଜା ସାହୁ, ଗଗନ ସୁନା ଓ ମୁନିଙ୍କ ଆୟୋଜନରେ ଆମର ପିନ୍ଧନ୍ ଉଢନ, ଫେନ୍ସିଡ୍ରେସ୍, ମେକଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଲୋପାମୁଦ୍ରା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଚାରକ ଭାବେ ରାମ ଦାସ, ସାଗର ବାରିକ, ଡ. ଲେଲିନା ଶାହା, ସୁଧୀର ମେହେର, ସ୍ନିଗ୍ଧା ପାଢ଼ୀ, ନିକେତା ମେହେର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବଲାଙ୍ଗିର ଦିନ ଆୟୋଜକ କମିଟିର ଅଧ୍ୟକ୍ଷ ଗୋପଲଜୀ ପାଣିଗ୍ରାହୀ, ସଂଯୋଜିକ ସରିତା ଦାସ, ପ୍ରତାପ ରଥ, ଗୋପଲ ପ୍ରଧାନ, ବିଧୁଭୁଷଣ ତ୍ରିପାଠୀ, ଲୋଟସ ଷଡଙ୍ଗୀ, ସଙ୍ଗୀତା ଦାସ, ନୂତନ ଦାସ, ସୋମନାଥ ମିଶ୍ର, ବିନୋଦ କକ୍ଷଲସାଏ, ଗୋବିନ୍ଦ ଶତପଥୀ, ବିକାଶ ସା, ସଞ୍ଜୀବ ସାହୁ, ରାମ ଦାସ, ହରିଓମ୍ ପଟେଲ, ମାନସୀ ନନ୍ଦଙ୍କ ସମେତ ସମସ୍ତ କର୍ମକର୍ତ୍ତା ସାମିଲ ଥିଲେ ।

## ଜନଜାଗରଣ ଅଭିଯାନ ଆରମ୍ଭ କରିବ କଂଗ୍ରେସ

### ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ




**ବଲାଙ୍ଗିର, ୩୦ ।୧୦ (ସମିସ):** 'ଭୋଟ୍ ଚୋର ଗାଦି ଛାଡ଼' ନାରା ଦେଇ ବିଜେପି ସରକାର ଉପରେ ସାମ୍ବାଦିକ ସମ୍ମିଳନୀରେ ବର୍ଷିଛି ବଲାଙ୍ଗିର ଜିଲ୍ଲା କଂଗ୍ରେସ । ଭୋଟ୍ ଚୋରି ଓ ଭୋଟର ତାଲିକାରେ ଅନିୟମିତତା ଅଭିଯୋଗକୁ ନେଇ ଶୁକ୍ରବାର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରୀୟ ଓ ରାଜ୍ୟ ନେତୃତ୍ୱର ନେତାମାନେ ଉଭୟ ସରକାର ଓ ନିର୍ବାଚନ ବ୍ୟବସ୍ଥାକୁ ଟାର୍ଗେଟ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ସାଧାରଣ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ମନୋଜ ରଜନୀ, ଜିଲ୍ଲା କଂଗ୍ରେସ ସଭାପତି ଅନିଲ ମେହେର ଏବଂ ପିସିସି ମିଡିଆ ସେଲ୍‌ର ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ ଯେ, ଭୋଟର ତାଲିକାରେ ବିଭିନ୍ନ ପ୍ରକାର ଅନିୟମିତତା ଗଣତନ୍ତ୍ରର ମୂଳଭିତ୍ତିକୁ ଦୁର୍ବଳ କରୁଛି । ଭୋଟ୍ ଦେବାର ଅଧିକାର ପ୍ରତ୍ୟେକ ନାଗରିକଙ୍କ ଗଣତାନ୍ତ୍ରିକ ଅଧିକାର । ଏହି ଅଧିକାରକୁ କୌଣସି ପ୍ରକାରେ କ୍ଷୁଣ୍ଣ କରିବା ଉଚିତ ନୁହେଁ । ଭୋଟର ତାଲିକାରେ ଥିବା ତ୍ରୁଟି ଓ ଅନିୟମିତତାର ନିରପେକ୍ଷ ଯାଞ୍ଚ ହେବା ଆବଶ୍ୟକ ବୋଲି ସେମାନେ ମତ ରଖିଥିଲେ । ଏହି ପ୍ରସଙ୍ଗକୁ କେବଳ ଦଳୀୟ ରାଜନୀତି ମଧ୍ୟରେ ସୀମିତ ନ ରଖି ସାଧାରଣ ଜନତାଙ୍କ ମଧ୍ୟରେ ପହଞ୍ଚାଇବାକୁ କଂଗ୍ରେସ ପକ୍ଷରୁ ଜନଜାଗରଣ ଅଭିଯାନ ଚଳାଇବାକୁ ଘୋଷଣା କରାଯାଇଛି । ଏହି ଅଭିଯାନରେ ଦଳୀୟ କର୍ମୀଙ୍କ ସହ ସାଧାରଣ ଲୋକଙ୍କୁ ମଧ୍ୟ ସାମିଲ ହେବାକୁ ନେତାମାନେ ଆହ୍ୱାନ ଦେଇଛନ୍ତି । ଭୋଟରଙ୍କ ଅଧିକାରର ସୁରକ୍ଷା ଏବଂ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଦାବିରେ ଏହି ଆନ୍ଦୋଳନକୁ ତୃଣମୂଳସ୍ତରକୁ ନେବାକୁ ଦଳ ଯୋଜନା କରିଛି । ତେବେ ଭୋଟ୍ ଚୋରି ଅଭିଯୋଗକୁ ନେଇ ବଲାଙ୍ଗିର କଂଗ୍ରେସର ଏହି ଆଭିମୁଖ୍ୟ ଆଗାମୀ ଦିନରେ ଜିଲ୍ଲା ରାଜନୀତିକୁ କେତେ ସରଗରମ କରୁଛି ତାହା ଉପରେ ଏବେ ରାଜନୈତିକ ମହଲର ନଜର ରହିଛି ।

## ମହିଳାଙ୍କୁ ଗାଧୁଆ ଘରେ ବନ୍ଦ କରି ଲୁଟ୍‌ପାଟ୍

**ବଲାଙ୍ଗିର, ୩୦ ।୧୦ (ସମିସ):** ଦିନ ଦ୍ୱିପହରରେ ବଲାଙ୍ଗିର ସହରର ସୀତାରାମ ନଗରରେ ଏକ ବଡ଼ଧରଣର ଲୁଟ୍ ଘଟଣା ଘଟିଛି । ସୋଲାର ଲଗାଇବା ବାହାନରେ ଘରେ ପଶି ୩ ଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କୁ ଗାଧୁଆ ଘରେ ବନ୍ଦ କରି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ନଗଦ ଅର୍ଥ ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୀତାରାମ ନଗରର ଅନନ୍ତ ମିଶ୍ରଙ୍କ ଘରେ ଦିନ ପ୍ରାୟ ୧୨ଟା ସମୟରେ ତାଙ୍କ ବଡ଼ ଭଉଣୀ ଏକା ଥିଲେ । ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଘରେ ସୋଲାର ଲଗାଇବାକୁ କହି ଭିତରକୁ ପ୍ରବେଶ କରିଥିଲେ । ସଙ୍ଗେ ସଙ୍ଗେ ସେମାନେ ମହିଳାଙ୍କୁ ଧମକଚମକ ଦେଇ ଜୋରଜବରଦସ୍ତ ଗାଧୁଆ ଘରେ ପୂରାଇ କବାଟ ବନ୍ଦ କରିଦେଇଥିଲେ । ଏହା ପରେ ଘରୁ ୧୩ ଭରି ସୁନା, ୧୨ ଭରି ରୂପା ଏବଂ ନଗଦ ୧୦ ହଜାର ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ । ପରେ ପରିବାର ପକ୍ଷରୁ ଏନେଇ ବଲାଙ୍ଗିର ସଦର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା । ଘଟଣା ସମ୍ପର୍କରେ ଖବର ପାଇବା ପରେ ବଲାଙ୍ଗିର ସଦର ଥାନା ପୁଲିସ ଏବଂ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ତଦନ୍ତ ଆରମ୍ଭ କରିଥିଲେ । ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ ଫେରାର ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ଦିନ ଦୁଇପହରରେ ଏପରି ଘଟଣା ସହରରେ ଆତଙ୍କ ସୃଷ୍ଟି କରିଛି । ତୁରନ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୀଡ଼ିତ ପରିବାର ଦାବି କରିଛନ୍ତି ।

# ମନରେଗା ଜନଶୁଣାଣିରେ ସ୍ୱର ଉଠାଇଲେ ଗାଁ ସାଥୀ

**ସଇଁତଳା, ୩୦ ।୧୦(ସମିସ)**

ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ପରିସରରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସମୟରେ ଗାଁସାଥୀମାନେ ନିଜର ଦୀର୍ଘଦିନର ସମସ୍ୟା ଉପସ୍ଥାପନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ମନରେଗା ଯୋଜନାର କାର୍ଯ୍ୟକୁ ତୃଣମୂଳସ୍ତରରେ ସଫଳ କରିବାରେ

**୩ ବର୍ଷ ହେଲା ଟଙ୍କା ମିଳିନି**

ଗାଁସାଥୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ; ହେଲେ ଦୀର୍ଘ ୩ ବର୍ଷ ହେଲା ସୂଚନା ଫଳକ ବାବଦ ଅର୍ଥ, ନିଜର ପାରିଶ୍ରମିକ ଓ ମ୍ୟାଟେରିଆଲ ବାବଦ ଟଙ୍କା ମିଳି ନ ଥିବା ନେଇ ଗାଁସାଥୀମାନେ ଶିବିରରେ ଅସନ୍ତୋଷ ପ୍ରକାଶ କରିଥିଲେ । ଦୀର୍ଘଦିନ ଧରି ବକେୟା ଟଙ୍କା ମିଳୁ ନ ଥିବାରୁ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଥିଲେ । ଏହାର ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ମାଝୀଙ୍କୁ




କହିଥିଲେ । ଗାଁସାଥୀମାନଙ୍କ ଅଭିଯୋଗ ଶୁଣିବା ପରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ମାଝୀ କହିଥିଲେ ଯେ, ଏହି ସମସ୍ୟା କେବଳ ସଇଁତଳା ବ୍ଲକରେ ସୀମିତ ନୁହେଁ । ସାରା ଓଡ଼ିଶାରେ ଏଭଳି ସମସ୍ୟା ରହିଛି । ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି । ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ତେବେ ମନରେଗା ଯୋଜନାରେ ଗ୍ରାମାଞ୍ଚଳର ବିକାଶ ଓ ଗ୍ରାମୀଣ ଶ୍ରମିକଙ୍କୁ ରୋଜଗାର ଯୋଗାଇବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଯୋଜନାର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଗାଁସାଥୀମାନଙ୍କ ଦୀର୍ଘ ୩ ବର୍ଷର ବକେୟା ସମସ୍ୟା କେବେ ସମାଧାନ ହେବ ତାହାକୁ ନେଇ ଏବେ ଅପେକ୍ଷା ରହିଛି । ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଶୀଘ୍ର ସମାଧାନର ଆଶ୍ୱାସନା କେବେ ବାସ୍ତବ ରୂପ ନେବ ତାହା ଦେଖିବାକୁ ବାକି ରହିଲା । ବିଡିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ୨୦୨୫-୨୬ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତତା ଯୋଜନା (ମନରେଗା) ଅଧୀନରେ ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯିବା ସହ କାର୍ଯ୍ୟଗୁଡ଼ିକର ଗୁଣବତ୍ତା, ଅଗ୍ରଗତି ଓ କାର୍ଯ୍ୟାନ୍ୱନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ମାଝୀ, ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ଅମିତାଭ ମେର୍ଲି, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଏପିଓ ସୁପ୍ରଭା ପୂଜାରୀ ଓ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବେହେରା ମଞ୍ଚାସୀନ ଥିଲେ । ସେହିପରି ବ୍ଲକର କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ମାଝୀ ଓ ରୋଜାଲିନ ପରିଡ଼ାଙ୍କ ସମେତ ସମସ୍ତ ପଞ୍ଚାୟତର ଏଡିଇଓ ଏବଂ ଗାଁସାଥୀମାନେ ଶିବିରରେ ଉପସ୍ଥିତ ଥିଲେ । ଶିବିରରେ ମନରେଗା ଯୋଜନାରେ ଗ୍ରାମାଞ୍ଚଳରେ ସୃଷ୍ଟି ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯିବା ସହ କାର୍ଯ୍ୟଗୁଡ଼ିକର ରେକର୍ଡ, ସୂଚନା ଫଳକ, ଶ୍ରମିକଙ୍କ ପାରିଶ୍ରମିକ ଓ ସାମଗ୍ରୀ ବାବଦ ଅର୍ଥ ପ୍ରଦାନ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା ।

## ଯୋଗୀମୁଣ୍ଡାରେ ଯାତ୍ରୀ ପ୍ରତୀକ୍ଷାଳୟ ଉଦ୍‌ଘାଟିତ



**ପାଟଣାଗଡ଼, ୩୦ ।୧୦ (ସମିସ):** ଯୋଗୀମୁଣ୍ଡାରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ଉଦ୍‌ଘାଟିତ ହୋଇଛି । ସରପଞ୍ଚ ମମତା ପଧାନଙ୍କ କରକମଳରେ ଏହା ସମ୍ପନ୍ନ ହୋଇଛି । ଯୋଗୀମୁଣ୍ଡା ପଞ୍ଚାୟତର ନିଜସ୍ୱ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମିତ ହୋଇଛି । ତେବେ ଏହି ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ଶ୍ରୀମତୀ ପଧାନଙ୍କ ସମେତ ଚାଷୀନେତା ଜତି ପଧାନ, ଯୁବରାଜ ମେହେର, ମହାଦେବ ମେହେର, ପ୍ରକାଶ ଅଗ୍ରୱାଲ, ଈଶ୍ୱର ମାଝୀ, ନେତ୍ରାନନ୍ଦ ସାହୁ, କେଶବଚନ୍ଦ୍ର ସାହୁ, ସଦାନନ୍ଦ ସାହୁ, ରୋହିତ ବେହେରା, ହିମାଂଶୁ ସାହୁ, ମିଳାପ ସାହୁ, ଚତୁର୍ଭୁଜ ହାତୀ, ଶଙ୍କର ରୋହିଦାସଙ୍କ ସମେତ ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟା ଓ ବହୁ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

ସକାଳ
THE SAKALA



www.sakalaepaper.com

# ସେକ୍ସ ରାକେଟ୍ ଠାବ; କିଙ୍ଗପିନ୍ ସମେତ ୫ ଗିରଫ

**୨ ମହିଳା ଉଦ୍ଧାର, ୭ମୋବାଇଲ, ନଗଦ ଟଙ୍କା ସହ ଆପତ୍ତିଜନକ ସାମଗ୍ରୀ ଜବତ**

ବ୍ରହ୍ମପୁର,୩୦ ।୧୦(ସମିସ)

ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡ଼ା ଶ୍ରୀମା ନଗରରେ ଚାଲିଥିବା ଏକ ସଂଗଠିତ ସେକ୍ସ ରାକେଟ୍‌କୁ ଠାବ କରି ରାକେଟ୍‌ର ମୁଖ୍ୟ କାର୍ପଟଦାର ସମେତ ୫ଜଣଙ୍କୁ ଗିରଫ କରିଛି ପୁଲିସ। ଏଥିସହ ଘଟଣାସ୍ଥଳରୁ ୨ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଚଢ଼ାଉ ବେଳେ ୭ଟି ମୋବାଇଲ ଫୋନ୍, ନଗଦ ୧୨ଶହ ଟଙ୍କା ସମେତ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ପିଣ୍ଟୁ ଡାକୁଆ (୨୫), ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡ଼ା ଗ୍ରାମର ଅଚ୍ୟୁତାନନ୍ଦ ଖଟୁଆ (୩୧), ଅନ୍ତର୍ଯ୍ୟାମୀ ଖଟୁଆ (୩୭), ସନ୍ତୋଷ ନାହାକ (୩୯) ଏବଂ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ମୋହନପଲ୍ଲୀ ଗ୍ରାମର ଇ. ସଞ୍ଜୟ କୁମାର (୨୯)। ପିଣ୍ଟୁ ଡାକୁଆ ଉକ୍ତ ଘରେ ଭଡ଼ାଟିଆ ଭାବେ ରହି ଦେହ ବ୍ୟବସାୟ ରାକେଟ୍ ପରିଚାଳନା କରୁଥିବା ଅଭିଯୋଗ ରହିଛି।

ଅନ୍ୟ ୪ଜଣଙ୍କୁ ଗ୍ରାହକ ଭାବେ ପୁଲିସ ଚିହ୍ନଟ କରିଛି। ପୁଲିସ ସୂଚନା ଅନୁଯାୟୀ, ଲୋଚାପଡ଼ା ଶ୍ରୀମା ନଗର ଦ୍ୱିତୀୟ ଲେନ୍‌ରେ ଏକ ଭଡ଼ାଘରେ ସଂଗଠିତ ଭାବେ ଦେହ ବ୍ୟବସାୟ ଚାଲିଥିବା ନେଇ ବ୍ରହ୍ମପୁର ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଂ ୟୁନିଟ୍‌ର ଡିଏସ୍‌ପି ସ୍ମୃତିପ୍ରଭା ପ୍ରଧାନଙ୍କ ନିକଟରେ ସୂଚନା ପହଞ୍ଚିଥିଲା। ଏହାକୁ ଆଧାର କରି ଗତ ୨୯ତାରିଖ ରାତି ପ୍ରାୟ ୮ଟା ୪୦ମିନିଟ୍‌ରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଉକ୍ତ ଘର ଉପରେ ଅତର୍କିତ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଶୁଭସ୍ମିତା ଦାସ, ଏନ୍‌ଜିଓ ପ୍ରତିନିଧି ସାରଧି ଭାର୍ଗବୀ ଓ ସ୍ୱାଧୀନ ସାକ୍ଷୀମାନେ ସାମିଲ ଥିଲେ। ଚଢ଼ାଉ ବେଳେ ଘର ଭିତରେ ୨ଜଣ ମହିଳା ଓ ୫ଜଣ ପୁରୁଷ ଥିବା ଜଣାପଡ଼ିଥିଲା। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ୭ଟି ମୋବାଇଲ ଫୋନ୍ ଓ ନଗଦ ୧୨ଶହ ଟଙ୍କା ସହ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଉଦ୍ଧାର ୨ଜଣ ମହିଳାଙ୍କୁ ସୁରକ୍ଷା ଦୃଷ୍ଟିରୁ ଥାନାକୁ ଅଣାଯିବା ସହ ଡାକ୍ତରୀ ପରୀକ୍ଷା ପାଇଁ ପଠାଇଥିଲା ପୁଲିସ। ସେପଟେ ଏହି ରାକେଟ୍‌ରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ କେତେଦିନ ଧରି ଏହି କାରବାର ଚାଲିଥିଲା, ସେନେଇ ପୁଲିସର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି।

**ତିନି ଦିନ ପରେ ସ୍ୱାଭାବିକ ହେଲା ବ୍ରହ୍ମପୁର**

# ଖୋଲିଲା ଦୋକାନ ବଜାର, ରାସ୍ତାରେ ଗଡ଼ିଲା ଗାଡ଼ି

ବ୍ରହ୍ମପୁର,୩୦ ।୧୦(ସମିସ)



ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ତିନି ଦିନ ଧରି ଲଗାଣ ବର୍ଷା ଓ ପ୍ରବଳ ପବନରେ ବେହାଲ ହୋଇପଡ଼ିଥିଲା ବ୍ରହ୍ମପୁର ସହର। ଜଳବନ୍ଦୀ, ରାସ୍ତା ଅବରୋଧ ଓ ଯାତାୟାତ ବାଧା ଯୋଗୁଁ ଜନଜୀବନ ଏକପ୍ରକାର ଠପ୍ ହୋଇଯାଇଥିଲା। ତେବେ ଦୀର୍ଘ ତିନି ଦିନ ପରେ ଶୁକ୍ରବାର ସହରରେ ଜନଜୀବନ ସ୍ୱାଭାବିକ ହେବା ଆରମ୍ଭ କରିଛି। ଶୁକ୍ରବା ମଧ୍ୟାହ୍ନ ସୟମ ଠାର ଖରା ହୋଇଥିବା ବେଳେ ଦୋକାନ ବଜାର ଖୋଲିଥିବା ବେଳେ ରାସ୍ତାରେ ଯାନବାହନ ଚଳାଚଳ ମଧ୍ୟ ସ୍ୱାଭାବିକ ହୋଇଛି। ବାତ୍ୟା ପ୍ରଭାବରେ ସହରର ବିଭିନ୍ନ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ଘର ଓ ରାସ୍ତାରେ ବର୍ଷାଜଳ ଜମି ରହିବାରୁ ଦୁଇ ଦିନ ଧରି ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଥିଲା। ବିଶେଷକରି ତଳିଆ ଅଞ୍ଚଳର ବାସିନ୍ଦା ଯାତାୟାତ ଓ ଦୈନନ୍ଦିନ କାର୍ଯ୍ୟରେ ନାନା ସମସ୍ୟା ଭୋଗିଥିଲେ। ସେହିପରି ପ୍ରବଳ ପବନ ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଥିଲା। ଫଳରେ ଅନେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଭଳି ସ୍ଥିତିରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ରାସ୍ତାରୁ ଗଛ କାଟି ହଟାଇବା ସହ ଜଳ ନିଷ୍କାସନ କାର୍ଯ୍ୟ କରିଥିଲେ। ଫଳରେ ଧୀରେ ଧୀରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଶୁକ୍ରବାର ସହରର ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ସହ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବଢ଼ିଛି। ତିନି ଦିନର ଅଚଳାବସ୍ଥା ପରେ ସହରରେ ସ୍ୱାଭାବିକ ଚଳଚଞ୍ଚଳତା ଫେରିବାରୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ସ୍ଥାନରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା।

# ବିପଦ ସଂକୁଳ ସ୍ଥିତିରେ ଏମ୍‌କେସିଜି ବହୁ କୋଠାର ସିଲିଂ



ବ୍ରହ୍ମପୁର,୩୦ ।୧୦(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପିଏମଏସଏସୱାଇ କୋଠାର ସିଲିଂ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। କୋଠାର ପ୍ରଥମ ମହଲାରେ ଲାଗିଥିବା ସିଲିଂ ଧୀରେ ଧୀରେ ଖସିବାକୁ ବସିଥିବା ବେଳେ ଯେକୌଣସି ସମୟରେ ଏହା ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ଏହି ସ୍ଥାନଟି କୋଠାକୁ ପ୍ରବେଶ କରିବାର ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ଏଠାରେ ରୋଗୀ, ସମ୍ପର୍କୀୟ ଓ ମେଡିକାଲ କର୍ମଚାରୀଙ୍କ ଯାତାୟାତ ଲାଗି ରହୁଛି। ଏଭଳି ସ୍ଥିତିରେ ସିଲିଂ ଖସିପଡ଼ିଲେ ଅଘଟଣ ଘଟିବା ସହ ଅନେକଙ୍କ ଜୀବନ ବିପଦରେ ପଡ଼ିବା ଆଶଙ୍କା ରହିଛି। ମେଡ଼ିକାଲର କେବଳ ପିଏମଏସଏସୱାଇ କୋଠାର ସିଲିଂ ନୁହେଁ, ଅନ୍ୟାନ୍ୟ କୋଠାରେ ଲାଗିଥିବା ସିଲିଂ ମଧ୍ୟ ଦୁର୍ବଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଗତ ଦୁଇ ବର୍ଷ ପୂର୍ବେ ମେଡ଼ିକାଲ କୋଠାର ବିଭିନ୍ନ ମହଲାରେ ବାରମ୍ବାର ସିଲିଂ ଖସିବାରୁ ଲିସିଂରେ ବ୍ୟବହାର କରାଯାଇଥିବା ଜିପସନ ବୋଡର୍ ବଦଳରେ ମେଟାଲ ବୋଡର୍‌କୁ ବ୍ୟବହାର କରାଯାଇଥିଲା। ଏଥି ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଗତ ବର୍ଷ ୩କୋଟି ୬୭ଲକ୍ଷ ୪୨ହଜାର ୮୧୭ଟଙ୍କା ଖର୍ଚ୍ଚ ହୋଇଛି। କୋଟା କୋଟା ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାର ରକ୍ଷଣାବେକ୍ଷଣକୁ ନେଇ ଏବେ ପ୍ରଶ୍ନ ଉଠିଛି। ସିଲିଂର ଏଭଳି ଅବସ୍ଥା ସତ୍ତ୍ୱେ ଏହାର ମରାମତି ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ ରହିଛି। ଅଘଟଣକୁ ଅପେକ୍ଷା ନକରି ମେଡିକାଲ କର୍ତ୍ତୃପକ୍ଷ ଏହି ବିପଦପୂର୍ଣ୍ଣ ସ୍ଥାନରେ ଯାତାୟାତ ନିୟନ୍ତ୍ରଣ କରିବା ସହ ଓ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଉକ୍ତ ସିଲିଂର ମରାମତି କରିବାକୁ ଦାବି ହେଉଛି।

# କିନ୍ନରଙ୍କୁ ଠେଙ୍ଗାରେ ଆକ୍ରମଣ କରି ମୋବାଇଲ ଲୁଟ୍

ବ୍ରହ୍ମପୁର,୩୦ ।୧୦(ସମିସ): ବ୍ରହ୍ମପୁର ସହର ଉପକଣ୍ଠ ୧୬ନମ୍ବର ଜାତୀୟ ରାଜପଥର ଗୋପାଳପୁର ଜଙ୍କସନ ନିକଟରେ ଜଣେ କିନ୍ନରଙ୍କୁ ଠେଙ୍ଗାରେ ଆକ୍ରମଣ କରି ମୋବାଇଲ ଫୋନ୍ ଲୁଟିନେବା ଅଭିଯୋଗ ହୋଇଛି। ଆକ୍ରମଣରେ କିନ୍ନର ଜଣକ ରକ୍ତାକ୍ତ ହୋଇ ତଳେ ପଡ଼ିଯାଇଥିବା ବେଳେ ଦୁର୍ବୃତ୍ତ ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ମଙ୍ଗଳାବାଗ ଘାସିଆ ସାହି ନିବାସୀ ତଥା କିନ୍ନର 'ଲିଜା' ସମ୍ପ୍ରତି ବ୍ରହ୍ମପୁର ଲାଞ୍ଜିପଲ୍ଲୀ କୃଷ୍ଣନଗର ପ୍ରଥମ ଲାଇନରେ ରହୁଛନ୍ତି। ଗତ ୨୬ତାରିଖ ରାତି ପ୍ରାୟ ୮ଟା ସମୟରେ ଲିଜା ତାଙ୍କ ବନ୍ଧୁ ଜୁଲି ଦାସଙ୍କ ସହ ଗୋପାଳପୁର ଜଙ୍କସନସ୍ଥିତ ନେକ୍ସା ସୋରୁମ୍ ନିକଟରେ ଛିଡ଼ାହୋଇ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ଜଣେ ଅଜଣା ବ୍ୟକ୍ତି ହଠାତ୍ ସେଠାରେ ପହଞ୍ଚି ଲିଜାଙ୍କ ମୁଣ୍ଡକୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହେବା ସହ ସେ ତଳେ ପଡ଼ିଯାଇଥିଲେ। ପରେ ଆକ୍ରମଣକାରୀ ତାଙ୍କୁ ମୃତ ଭାବି ଘଟଣାସ୍ଥଳରୁ ଚାଲିଯାଇଥିଲେ। ଯିବା ପୂର୍ବରୁ କିନ୍ନର ଲିଜାଙ୍କ ମୋବାଇଲକୁ ଛଡ଼ାଇ ନେଇଥିଲେ। ଏଥିସହ ଲିଜାଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଲେ ତାଙ୍କୁ ଓ ତାଙ୍କ ବନ୍ଧୁ ଜୁଲି ଦାସଙ୍କୁ ଜୀବନରୁ ମାରିଦେବାକୁ କୁଆଡେ ଧମକ ଦେଇଥିଲେ। ଦୁର୍ବୃତ୍ତଙ୍କ ଏଭଳି ଆକ୍ରମଣ ଓ ହତ୍ୟା ଧମକ ପରେ ଲିଜା ଭୟଭୀତ ହୋଇପଡ଼ିଥିଲେ। ଭୟ ଓ ମାନସିକ ଅସ୍ଥିରତା କାରଣରୁ ସେ ତୁରନ୍ତ ଥାନାରେ ଅଭିଯୋଗ କରିପାରିନଥିଲେ ହେଁ ପରେ ସେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାର ଏସଆଇ ଇତିଶ୍ରୀ ଭୋଇ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

**■ ଗୋପାଳପୁରର ତାରକା ହୋଟେଲରେ ଜୁଆଖେଳ ସୂଚନା**

# ଚଢ଼ଉ କରି ଖାଲିହାତରେ ଫେରିଲା ପୁଲିସ

ବ୍ରହ୍ମପୁର,୩୦ ।୧୦(ସମିସ): ଗୋପାଳପୁର ଥାନା ଅଞ୍ଚଳର ଏକ ତାରକା ହୋଟେଲରେ ଜୁଆଖେଳ ଚାଲିଥିବା ସୂଚନା ପାଇ ପୁଲିସ ଚଢ଼ାଉ କରିଥିଲେ ହେଁ କୌଣସି ଜୁଆଡ଼ିଙ୍କୁ ଧରିବାରେ ସଫଳ ହୋଇନଥିବା ଜଣାପଡ଼ିଛି। ଉକ୍ତ ହୋଟେଲରେ ସହରର କେତେକ ପ୍ରତିଷ୍ଠିତ ବ୍ୟବସାୟୀ, ବିଲ୍ଡର ଓ ଚର୍ଚ୍ଚିତ ବ୍ୟକ୍ତି ଜୁଆଖେଳରେ ସାମିଲ ଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ତେବେ ପୁଲିସ ଚଢ଼ାଉ ବେଳେ ହୋଟେଲରେ ଜୁଆଖେଳ ଚାଲିନଥିବାରୁ ଚଢ଼ାଉକାରୀ ଦଳକୁ ଖାଲି ହାତରେ ଫେରିବାକୁ ପଡ଼ିଥିବା ଜଣାପଡିଛି।

**ଜୁଆ ଆଡ୍ଡାରେ ବ୍ୟବସାୟୀ, ବିଲ୍ଡର ଓ ଚର୍ଚ୍ଚିତ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ଚର୍ଚ୍ଚା**

ସୂଚନା ପ୍ରକାରେ, ପ୍ରାୟ ୩ଦିନ ପୂର୍ବେ ଗୋପାଳପୁର ଥାନା ଅଞ୍ଚଳର ଏକ ତାରକା ହୋଟେଲରେ ଜୁଆଖେଳ ଚାଲିଥିବା ନେଇ ପୁଲିସ ଖବର ପାଇଥିଲା। ଏଥିରେ କେତେକ ନାମୀଦାମୀ ବ୍ୟବସାୟୀ, ବିଲ୍ଡର ଓ ଅନ୍ୟ କିଛି ପ୍ରଭାବଶାଳୀ ବ୍ୟକ୍ତି ସାମିଲ ଥିବା ସୂଚନା ମିଳିଥିଲା। ଏହି ଖବରକୁ ଆଧାର କରି ଗୋପାଳପୁର ଥାନା ଅଧିକାରୀଙ୍କ ସମେତ ଏକ ପୁଲିସ ଟିମ୍ ଉକ୍ତ ହୋଟେଲରେ ଚଢ଼ାଉ କରିଥିଲା। ହେଲେ ପୁଲିସ ହୋଟେଲରେ ପହଞ୍ଚିବା ବେଳକୁ ସେଠାରେ ଜୁଆଖେଳ ଚାଲିନଥିଲା। ଫଳରେ ପୁଲିସ କାହାକୁ ଧରିପାରି ନଥିବା ବେଳେ ଚଢ଼ାଉ କରି ନିରାଶ ହୋଇ ଫେରିଥିବା ଜଣାପଡିଛି। ଅନ୍ୟପକ୍ଷରେ ପୁଲିସ ଚଢ଼ାଉ ପୂର୍ବରୁ ଜୁଆଖେଳ ବନ୍ଦ କରି ସମ୍ପୃକ୍ତ ବ୍ୟକ୍ତିମାନେ ହୋଟେଲ ଛାଡ଼ି ଚାଲିଯାଇଥିବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଏଭଳି ପରିସ୍ଥିତିରେ ପୁଲିସ ଚଢ଼ାଉ ପୂର୍ବରୁ ଜୁଆଖେଳ ବନ୍ଦ ହେବା ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି।

# ଗଞ୍ଜାମ ଜିଲ୍ଲାର ନୂତନ ସିଡିଏମ୍‌ଓ ହେଲେ ଡା. ଉମାକାନ୍ତ ସାହୁ

ବ୍ରହ୍ମପୁର,୩୦ ।୧୦(ସମିସ): ଗଞ୍ଜାମ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟଧିକାରୀ (ସିଡିଏମ୍‌ଓ) ଭାବେ ଡା. ଉମାକାନ୍ତ ସାହୁଙ୍କୁ ଦାୟିତ୍ୱ ମିଳିଛି। ଏ ନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗୀୟ ନିର୍ଦ୍ଦେଶନାମା ଅନୁଯାୟୀ, ଡା. ସାହୁଙ୍କୁ ପଦୋନ୍ନତି ଦିଆଯାଇ ଗଞ୍ଜାମ ଜିଲ୍ଲାର ସିଡିଏମ୍‌ଓ ଭାବେ ଅବସ୍ଥାପିତ କରାଯାଇଛି। ସେ ବର୍ତ୍ତମାନ କଟକସ୍ଥିତ ଏଟିଡି ଆଣ୍ଡ ଟିସିର ଅଧୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଖୁବ୍‌ଶୀଘ୍ର ଡା. ସାହୁ ସିଡିଏମ୍‌ଓ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

# ସିଭିଲ୍ ସର୍ଭିସେସ୍ ମେନ୍ ପରୀକ୍ଷାର୍ଥୀଙ୍କ ପାଇଁ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ବ୍ୟବସ୍ଥା

ଛତ୍ରପୁର, ୩୦।୧୦(ସମିସ): ଅକ୍ଟୋବର ୩୧ ତଥା ଶନିବାର ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ସିଭିଲ୍ ସର୍ଭିସେସ୍ ମୁଖ୍ୟ (ଲିଖିତ) ପରୀକ୍ଷାକୁ ଦୃଷ୍ଟିରେ ରଖି ବାତ୍ୟା 'ଅର୍ଣ୍ଣବ' ଓ ବନ୍ୟାଜନିତ ପରିସ୍ଥିତି ମଧ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା କରାଯାଇଛି।

ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ସୂଚନା ଅନୁଯାୟୀ, ବ୍ରହ୍ମପୁର ସହରର ୨ଟି ପରୀକ୍ଷା କେନ୍ଦ୍ରରେ ୩୦୦ରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରତିକୂଳ ପାଣିପାଗ ଓ ବନ୍ୟା ଯୋଗୁଁ ପରୀକ୍ଷାର୍ଥୀମାନେ ଯେପରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ଅସୁବିଧାରେ ନ ପଡ଼ନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ହେଲ୍ପଲାଇନ୍ ବ୍ୟବସ୍ଥା କରାଯାଇଛି। ଏଥିସହ ଆବଶ୍ୟକତା ଅନୁଯାୟୀ ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ଯାତାୟାତ, ରହଣି ଓ ଖାଦ୍ୟ ବ୍ୟବସ୍ଥା କରାଯିବ। ବାତ୍ୟା ଓ ବନ୍ୟା ପରିସ୍ଥିତିରେ ଦୂରଦୂରାନ୍ତରୁ ଆସୁଥିବା ପରୀକ୍ଷାର୍ଥୀଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରଶାସନ ପ୍ରସ୍ତୁତ ରହିଛି। ପରୀକ୍ଷାର୍ଥୀମାନେ ଆବଶ୍ୟକ ସହାୟତା ପାଇଁ ବିକାଶ ସାମଲ (୬୩୫୧୭୫୦୭୫୫), କହ୍ନାଇ ଚରଣ ଗୌଡ଼ (୯୩୩୭୪୫୮୩୩୪) ଓ ସମୀର କୁମାର ଦାଶ (୮୬୫୮୧୧୧୧୮୬)ଙ୍କ ସହ ଯୋଗାଯୋଗ କରିପାରିବେ।

# ଆନ୍ତଃବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଭାଗନେବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳ

ବ୍ରହ୍ମପୁର, ୩୦।୧୦ (ସମିସ): ବାରାଣସୀସ୍ଥିତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଠାରେ ନଭେମ୍ବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୪ ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଛି। ଦଳରେ ହରିହର ଦଳାଇ, ଆକାଶ କୁମାର ବେହେରା, ରୋହିତ କୁମାର କାର୍ଜୀ, ରାକେଶ କୁମାର ସାହୁ, ଶୁଭମ ରାଜ ମଲ୍ଲିକ, ପ୍ରିତେଶ ରାଉତ, ଭୋଲାନାଥ ବେହେରା, ପ୍ରବାସ ରଞ୍ଜନ ପଣ୍ଡା, ସ୍ମୃତି ଲଗ୍ନ ଦାଶ, ଦୀପକ କୁମାର



ସେଠୀ, ଭାସ୍କର ସାହୁ, ଅର୍ଘ ସାଇ କିରଣ, ଗୌତମ ଓ ତୁଷାର ସ୍ୱାଇଁ ସ୍ଥାନ ପାଇଛନ୍ତି। ଦଳର ମ୍ୟାନେଜର ଭାବେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଶାରୀରିକ ଶିକ୍ଷା ଅଧିକାରୀ ଜଗନ୍ନାଥ ମାଝୀ ଏବଂ ପ୍ରଶିକ୍ଷକ ଭାବେ ବ୍ରହ୍ମପୁରର ଅଭିନାଶ ମେଧି ଦାୟିତ୍ୱ ତୁଲାଇବେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଅସୀମା ସାହୁ, କୁଳସଚିବ, କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବଚରଣ ପଣ୍ଡାଙ୍କ ସମେତ ପ୍ରଶାନ୍ତ କୁମାର ରଥ, ସୁରେଶ ଚନ୍ଦ୍ର ପାଢ଼ୀ ଓ ରାଜେଶ କୁମାର ମହାନ୍ତି ଦଳକୁ ଶୁଭେଚ୍ଛା ଜଣାଇବା ସହ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ଆଶା ପ୍ରକାଶ କରିଛନ୍ତି।

# ଲୁହାଛଡ଼ରେ ଯୁବକଙ୍କୁ ଆକ୍ରମଣ, ସୁନା ଅଳଙ୍କାର ସହ ଟଙ୍କା ଲୁଟ୍

ବ୍ରହ୍ମପୁର,୩୦ ।୧୦(ସମିସ): ଜଣେ ଯୁବକଙ୍କୁ ଲୁହାରଡ଼୍‌ରେ ଆକ୍ରମଣ କରି ତାଙ୍କ ନିକଟରୁ ବୁଲେଟ୍, ଦୁଇଟି ମୋବାଇଲ୍ ଫୋନ୍, ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟ୍ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅଧିନ ଜଗନ୍ନାଥ ବିହାର ୭ମ ଲାଇନ ନିବାସୀ ଶୁଭମ କୁମାର ପଣ୍ଡା (୨୮)ଙ୍କୁ ଗତ ୨୮ତାରିଖ ରାତିରେ ବ୍ରହ୍ମପୁର ଷ୍ଟାଡିୟମ ନିକଟରେ ଆକ୍ରମଣ କରି ଦୁର୍ବୃତ୍ତମାନେ ସୁନା ଅଳଙ୍କାର, ଟଙ୍କା ଓ ମୋବାଇଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ଶୁଭମଙ୍କ ଶାଳକ କିରଣ କୁମାର ତ୍ରିପାଠୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିଛି ଦୁର୍ବୃତ୍ତ ତାଙ୍କୁ ଲୁହାରଡ଼୍‌ରେ ଆକ୍ରମଣ କରିଥିବା ବେଳେ ତାଙ୍କ ମୁଣ୍ଡ ଓ ବାମ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ଶୁଭମଙ୍କ ନିକଟରୁ ତାଙ୍କ ବୁଲେଟ, ମୋବାଇଲ୍ ଫୋନ୍, ନଗଦ ୪ହଜାର ଟଙ୍କା ଥିବା ପର୍ସ, ୪ଟି ଏଟିଏମ୍ କାର୍ଡ, ଗୋଟିଏ ସୁନା ବ୍ରେସ୍‌ଲେଟ୍, ହୀରା କାନଫୁଲ, ହାତଘଣ୍ଟା ଓ ରୁପା ଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଘଟଣା ଓ ଆଖପାଖରେ ଲଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଛି।

# ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ ୯୯ ହଜାର ଟଙ୍କା ଠକେଇ

ବ୍ରହ୍ମପୁର,୩୦ ।୧୦(ସମିସ): ନିଜକୁ ଏକ ବ୍ୟାଙ୍କର କର୍ମଚାରୀ ବୋଲି ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୯୯ହଜାର ଟଙ୍କା ସାଇବର ଠକେଇ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏନେଇ କଟକ ସାଇବର ଅପରାଧ ତଦନ୍ତ ବିଭାଗରୁ ମିଳିଥିବା ଜିରୋ ଏଫ୍‌ଆଇଆର୍ ଆଧାରରେ ବ୍ରହ୍ମପୁର ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁର ପଥରବଣିଆ ସାହିର ବି. ଅସୁତୋଷଙ୍କ ନିକଟକୁ ଏକ ଅଜଣା ମୋବାଇଲ୍ ନମ୍ବରରୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇଥିଲା। କ୍ରେଡିଟ୍ କାର୍ଡରେ ଅଧିକ ରିୱାର୍ଡ ପଏଣ୍ଟ ମିଳିବ ବୋଲି କହି ଏକ "ୱେବସାଇଟ୍‌କୁ ଯିବାକୁ ପରାମର୍ଶ ଦେଇଥିଲା। ଏହାକୁ ବିଶ୍ୱାସ କରି ଅଭିଯୋଗକାରୀ ସଂପୃକ୍ତ "ୱେବସାଇଟ୍‌ରେ ନିଜ କ୍ରେଡିଟ୍ କାର୍ଡ ଓ ସିଭିଭି ନମ୍ବର ଦେଇଥିଲେ। ପରେ ତାଙ୍କ ମୋବାଇଲ୍‌କୁ ଆସିଥିବା ଓଟିପି ମଧ୍ୟ ପ୍ରଦାନ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ କ୍ରେଡିଟ୍ କାର୍ଡରୁ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ୪୯ହଜାର ଓ ୫୦ହଜାର ଟଙ୍କାର ଦୁଇଟି ଅନଧିକୃତ କାରବାର ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏହିପରି ମୋଟ ୯୯ହଜାର ଟଙ୍କା ଠକେଇର ଶିକାର ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି।

# ଦୁଇଟି ଦୋକାନର ସଟର ଭାଙ୍ଗି ଚୋରି, ୩ ଗିରଫ

ବ୍ରହ୍ମପୁର,୩୦ ।୧୦(ସମିସ): ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଗୋଟିଏ ରାତିରେ ଦୁଇଟି ଦୋକାନର ସଟର ଭାଙ୍ଗି ଚୋରି ଅଭିଯୋଗରେ ୩ଜଣ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଶାନ୍ତିନଗରର ରୋଶନ ନାୟକ (୨୧), ହରିଡ଼ାଖଣ୍ଡି ଲକ୍ଷ୍ମୀବିହାର ୪ର୍ଥ ଲାଇନ୍‌ର ଗଣେଶ କୁମାର ସାହୁ (୧୯) ଓ ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ବନ୍ଧହୁଡ଼ା ସାହି ଆପାର୍ଟମେଣ୍ଟରରେ ରହୁଥିବା ରିଙ୍କୁ ସାହୁ (୧୯)। ଗିରଫ ଅଭିଯୁକ୍ତଙ୍କ ନିକଟରୁ ନଗଦ ୬ହଜାର ୭୦୦ଟଙ୍କା, ଚୋରିରେ ବ୍ୟବହୃତ ଏକ ମୋଟର ସାଇକେଲ୍ ଓ ସଟର ଭାଙ୍ଗିବାରେ ବ୍ୟବହୃତ ଲୁହାରଡକୁ ଜବତ କରାଯାଇଥିବା ବ୍ରହ୍ମପୁର ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ' ଗତ ୨୯ତାରିଖ ରାତିରୁ ୩୦ତାରିଖ ଭୋର୍ ମଧ୍ୟରେ ଆମ୍ବଗଡ଼ ଓ ପଦରବାଲି ଅଞ୍ଚଳରେ ଥିବା ଦୁଇଟି ଦୋକାନକୁ ଦୁର୍ବୃତ୍ତମାନେ ଟାର୍ଗେଟ୍ କରିଥିଲେ। ଉଭୟ ଦୋକାନର ସଟର ଭାଙ୍ଗି ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ପଦରବାଲି ଗ୍ରାମର ନିରଞ୍ଜନ ଗୌଡ଼ (୬୩)ଙ୍କ ଦୋକାନରୁ ନଗଦ ୪ହଜାର ୭୦୦ଟଙ୍କା ଚୋରି ହୋଇଥିବା ନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଆମ୍ବଗଡ଼ ଅଞ୍ଚଳରେ ଘଟିଥିବା ଅନ୍ୟ ଏକ ଚୋରି ଘଟଣାରେ ୬୫୦/୨୦୨୬ ନମ୍ବରରେ ମାମଲା ରୁଜୁ କରାଯାଇଥିଲା। ଚୋରି ଘଟଣା ପରେ ଅଭିଯୁକ୍ତମାନେ ପଦରବାଲି ଅଞ୍ଚଳରୁ ଏକ ମୋଟର ସାଇକେଲ୍‌ରେ ଫେରାର ହେବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସଦର ଥାନାର ଏଏସ୍‌ଆଇ ସୁମନ ମଲ୍ଲିକଙ୍କ ନେତୃତ୍ୱରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୁଲିସ ଟିମ୍ ସେମାନଙ୍କୁ ଅଟକାଇଥିଲା। ପୁଲିସକୁ ଦେଖି ଅଭିଯୁକ୍ତମାନେ ଚୋରି ଟଙ୍କା ଫିଙ୍ଗି ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ଜେରା ବେଳେ ଅଟକ ୩ଜଣଙ୍କର ଉଭୟ ଚୋରି ଘଟଣାରେ ସମ୍ପୃକ୍ତି ଥିବା ଜଣାପଡିଥିଲା।

**● ହିଞ୍ଜିଳିର ଡବଲ ମର୍ଡର ମାମଲାର ରାୟ ପ୍ରକାଶ**

# ୧୭ ବର୍ଷ ବିଚାରଣା ପରେ ୧୦ଜଣ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୩୦ ।୧୦(ସମିସ): ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଆଜି ଗଞ୍ଜାମର ଅନ୍ୟତମ ବହୁଚର୍ଚ୍ଚିତ ଡବଲ ମର୍ଡର ଘଟଣାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଗତ ୧୪ ତାରିଖରେ ହାଜର ହୋଇଥିବା ସମସ୍ତ ୧୦ଜଣ ଅଭିଯୁକ୍ତଙ୍କୁ କୋର୍ଟ ଆଜି ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ଏହି ମାମଲାରେ ମୋଟ ୧୫ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଇତି ମଧ୍ୟରେ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅମୀୟ କୁମାର ସ୍ୱାଇଁ ପିତଳ ହତ୍ୟାକାଣ୍ଡ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଭଞ୍ଜନଗର ଜେଲରେ ଆଜୀବନ ବନ୍ଦୀ ଅଛନ୍ତି। ସେହିଭଳି ଅନ୍ୟଜଣେ ଅଭିଯୁକ୍ତ ଘଟଣା ପରଠାରୁ ଫେରାର ଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଭାଇଙ୍କ ମାମଲା ପୃଥକ ଭାବେ ବିଚାରଣା ଚାଲିଥିବା ଜଣାପଡିଛି। ରାୟ ପ୍ରକାଶ ବେଳେ ଆଜି କୋର୍ଟରେ ସମସ୍ତ ୧୦ଜଣ ଅଭିଯୁକ୍ତ ହାଜର ହୋଇଥିଲେ। ପ୍ରକାଶ ଯୋଗ୍ୟ ଯେ' ଗତ ୨୦୦୯ ମସିହା ଅଗଷ୍ଟ ୨୪ତାରିଖ ରାତି ପ୍ରାୟ ସାଢେ ୯ଟା ସମୟରେ ଜୟରାମ ପାଣିଗ୍ରାହୀ ଓ ଗୌରୀ ଶଙ୍କର ପଣ୍ଡାଙ୍କୁ ବିଚ ରାସ୍ତାରେ ଆଖିବୁଜା ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରୁ କୈଳାସ ଚନ୍ଦ୍ର ପଣ୍ଡା, ଶାନ୍ତନୁ କୁମାର ସାବତ, କୁମାରକାନ୍ତ ବେହେରା, ରମେଶ ନାହାକ ଓ ନୃସିଂହ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ବାତ୍ୟା ବନ୍ୟାରେ କୃଷ୍ଣସାରଙ୍କ ସୁରକ୍ଷା ଚିନ୍ତା

**୧୪ ଗାଇ, ୨୪ ବାଛୁରି, ୧୨ ହଜାର କୁକୁଡ଼ା ମୃତ**

**ବିଶ୍ୱାସଯୋଗ୍ୟ ହେଉନି ସରକାରୀ ତଥ୍ୟ**

ବ୍ରହ୍ମପୁର,୩୦।୧୦(ସମିସ): ବାତ୍ୟା ଓ ବନ୍ୟାରେ ଦୋହଲିଯାଇଛି ଗଞ୍ଜାମର ଜନଜୀବନ। ମଣିଷଙ୍କ ଜୀବନ ଓ ଜୀବିକା ବିପନ୍ନ ହୋଇଥିବା ବେଳେ ଏହି ପ୍ରାକୃତିକ ବିପର୍ଯ୍ୟୟର ଆଉ ଏକ ନୀରବ ଶିକାର ହୋଇଛନ୍ତି ନିରୀହ ପଶୁପକ୍ଷୀ। ଗାଁଠୁ ଜଙ୍ଗଲ, ଚାଷଜମିଠାରୁ ଗୋଶାଳା ପର୍ଯ୍ୟନ୍ତ ସବୁଠି ବନ୍ୟାର ପ୍ରଭାବ ପଡ଼ିଛି। ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ସଂଖ୍ୟା ସରକାରୀ ତଥ୍ୟରେ ସାମ୍ନାକୁ ଆସିଥିବା ବେଳେ ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁଙ୍କ ସ୍ଥିତି ଏବେ ବି ଅସ୍ପଷ୍ଟ। ବିଶେଷକରି ଗଞ୍ଜାମର ଗର୍ବ ତଥା ପରିଚୟ କୃଷ୍ଣସାର ମୃଗଙ୍କ ସୁରକ୍ଷାକୁ ନେଇ ବଢ଼ିଛି ଚିନ୍ତା। ବନ୍ୟାଜଳରେ ମଣିଷ ଭାସି ଯାଉଥିବା ବେଳେ ଏହି ବିରଳ ବନ୍ୟଜନ୍ତୁଙ୍କ ଅବସ୍ଥା କ'ଣ ହୋଇଛି, ସେମାନେ ସୁରକ୍ଷିତ ସ୍ଥାନକୁ ଯାଇପାରିଛନ୍ତି କି ନାହିଁ, ତାହାର ଉତ୍ତର ଖୋଜୁଛନ୍ତି ପରିବେଶପ୍ରେମୀ। ବାତ୍ୟା ଓ ବନ୍ୟା ପରେ କୃଷ୍ଣସାର ମୃଗଙ୍କୁ ନେଇ ସାମ୍ନାକୁ ଆସିଥିବା ଏକ ଭିଡିଓ ଏହି ଚିନ୍ତାକୁ ଆହୁରି ବଢ଼ାଇଛି। ଭିଡିଓରେ କୃଷ୍ଣସାର ମୃଗମାନେ ବନ୍ୟାଜଳ ମଧ୍ୟରେ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଥିବା ଦୃଶ୍ୟ ରହିଛି। ଏହାପରେ ସେମାନେ କେଉଁଠାକୁ ଗଲେ, ସୁରକ୍ଷିତ ସ୍ଥାନରେ ପହଞ୍ଚିଲେ କି ନାହିଁ, ସେ ସମ୍ପର୍କରେ କୌଣସି ଠୋସ୍ ତଥ୍ୟ ସାମ୍ନାକୁ ଆସିନାହିଁ। ଏତେ ବଡ଼ ବିପର୍ଯ୍ୟୟ ପରେ ମଧ୍ୟ ବନ୍ୟଜନ୍ତୁଙ୍କ ସ୍ଥିତି ଆକଳନ ନେଇ ଦୃଶ୍ୟମାନ ପଦକ୍ଷେପ ନଥିବା ଦୁର୍ଭାଗ୍ୟଜନକ ବୋଲି ବନ୍ୟପ୍ରେମୀ ମତ ଦେଇଛନ୍ତି। ଗଞ୍ଜାମ ଜିଲ୍ଲାରେ କୃଷ୍ଣସାର ମୃଗଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଏମାନେ କେବଳ ଜଙ୍ଗଲର ସମ୍ପଦ ନୁହନ୍ତି, ଜିଲ୍ଲାର ପରିବେଶ ଓ ଜୈବ ବିବିଧତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବାତ୍ୟା ପୂର୍ବରୁ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କି ପ୍ରସ୍ତୁତି ହୋଇଥିଲା, ବନ୍ୟା ସମୟରେ ସେମାନଙ୍କୁ ସୁରକ୍ଷିତ ରଖିବାକୁ କେଉଁ ପଦକ୍ଷେପ ନିଆଗଲା ଏବଂ ବର୍ତ୍ତମାନ ସେମାନଙ୍କ ସ୍ଥିତି କ'ଣ, ତାହା ସ୍ପଷ୍ଟ କରିବାକୁ ବନ୍ୟପ୍ରାଣୀ ବିଭାଗ ନିକଟରେ ଦାବି ହୋଇଛି। କେବଳ କୃଷ୍ଣସାର ନୁହେଁ, ଜଙ୍ଗଲ ଓ ନଦୀକୂଳ ଅଞ୍ଚଳରେ ରହୁଥିବା ଅନ୍ୟ ବନ୍ୟଜନ୍ତୁଙ୍କ ଅବସ୍ଥିତି ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ ଆବଶ୍ୟକ ହୋଇଛି। ଅନ୍ୟପକ୍ଷରେ ଗୃହପାଳିତ ପଶୁପକ୍ଷୀଙ୍କ କ୍ଷୟକ୍ଷତି ଚିନ୍ତାଜନକ ରହିଛି।



ଗୁରୁବାର ସନ୍ଧ୍ୟା ସୁଦ୍ଧା ସରକାରୀ ତଥ୍ୟ ଅନୁସାରେ ଜିଲ୍ଲାର ଚିକିଟି, ପାତ୍ରପୁର, ଦିଗପହଣ୍ଡି, ସାନଖେମୁଣ୍ଡି, ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି, ଭଞ୍ଜନଗର, ଆସିକା, ଧରାକୋଟ, ହିଞ୍ଜିଳିକାଟୁ ଓ ପୋଲସରା ଆଦି ବ୍ଲକରେ ପଶୁସମ୍ପଦର ବ୍ୟାପକ କ୍ଷତି ହୋଇଛି। ଏହି ବିପର୍ଯ୍ୟୟରେ ୧୪ଟି ଗାଇ, ଗୋଟିଏ ମଇଁଷି, ୧୦ଟି ମେଣ୍ଢା, ୫ଟି ଛେଳି, ୩୦ଟି ଘୁଷୁରି, ଗୋଟିଏ ଷଣ୍ଢ ଓ ୨୪ଟି ବାଛୁରୀ ପ୍ରାଣ ହରାଇଛନ୍ତି। ସେଥିମଧ୍ୟରୁ ସାନଖେମୁଣ୍ଡି ବ୍ଲକରେ ସର୍ବାଧିକ ୨୨ଟି ବାଛୁରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଜିଲ୍ଲାରେ ପଶୁସମ୍ପଦର ପରିମାଣକୁ ଦେଖିଲେ କ୍ଷୟକ୍ଷତିର ଗୁରୁତ୍ୱ ଆହୁରି ସ୍ପଷ୍ଟ ହେଉଛି। ଗଞ୍ଜାମରେ ୧୯ ହଜାର ୪୫୮ଟି ଗାଇ, ଗୋରୁ ଓ ମଇଁଷି ରହିଥିବା ବେଳେ ଘୁଷୁରି, ମେଣ୍ଢା ଓ ଛେଳିଙ୍କ ସଂଖ୍ୟା ୧୯ ହଜାର ୫୧୮ ରହିଛି। ଏହାବ୍ୟତୀତ ବାତ୍ୟା ଓ ବନ୍ୟାରେ ପ୍ରାୟ ୧୨ ହଜାର କୁକୁଡ଼ା ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। କୁକୁଡ଼ା ଚାଷ ଉପରେ ନିର୍ଭରଶୀଳ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଏହା ବଡ଼ ଆର୍ଥିକ କ୍ଷତି ଆଣିଛି। ତେବେ ଏହି ସରକାରୀ ତଥ୍ୟ ହିଁ ଚୂଡ଼ାନ୍ତ କ୍ଷୟକ୍ଷତିର ଚିତ୍ର ନୁହେଁ ବୋଲି ବିଭିନ୍ନ ମହଲରୁ ଆଶଙ୍କା ପ୍ରକାଶ ପାଇଛି। ଅନେକ ଗାଁ ଏବେ ବି ବନ୍ୟା ପ୍ରଭାବିତ ଥିବାରୁ ସମସ୍ତ ଅଞ୍ଚଳରୁ ତଥ୍ୟ ସଂଗ୍ରହ ସମ୍ଭବ ହୋଇନାହିଁ। ବେସରକାରୀ ଭାବେ ପଶୁପକ୍ଷୀଙ୍କ ମୃତ୍ୟୁ ସଂଖ୍ୟା ଅଧିକ ଥିବା ଦାବି ହେଉଛି। ତେଣୁ ପ୍ରତ୍ୟେକ ବ୍ଲକ ଓ ଗ୍ରାମସ୍ତରରେ ସ୍ୱତନ୍ତ୍ର ସର୍ଭେ କରି ପ୍ରକୃତ କ୍ଷୟକ୍ଷତି ଆକଳନ କରିବା ସହ ମୃତ ପଶୁପକ୍ଷୀଙ୍କ ମାଲିକଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ଓ ଆବଶ୍ୟକ ସହାୟତା ଯୋଗାଇବା ଜରୁରୀ ହୋଇଛି। ବାତ୍ୟା ଓ ବନ୍ୟା ମୁକାବିଲା କେବଳ ମଣିଷଙ୍କ ଉଦ୍ଧାର ଓ ପୁନର୍ବାସରେ ସୀମିତ ରହିଲେ ଚଳିବ ନାହିଁ। ପଶୁପକ୍ଷୀ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ମଧ୍ୟ ବିପର୍ଯ୍ୟୟ ପରିଚାଳନାର ଅବିଚ୍ଛେଦ୍ୟ ଅଂଶ। ଗଞ୍ଜାମରେ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ଓ କୃଷ୍ଣସାର ମୃଗଙ୍କ ଅଜଣା ସ୍ଥିତି ଏହି ଦିଗରେ ପ୍ରଶାସନର ଦାୟିତ୍ୱକୁ ଆହୁରି ବଢ଼ାଇଛି। ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ମିଳିତ ଭାବେ ତୁରନ୍ତ ସର୍ଭେ କରି ପଶୁପକ୍ଷୀ ଓ ବନ୍ୟଜନ୍ତୁଙ୍କ ପ୍ରକୃତ ସ୍ଥିତି ସାର୍ବଜନୀନ କରିବାକୁ ଦାବି ଜୋର୍ ଧରିଛି।







ଜଳବନ୍ଦୀ ପରୀକ୍ଷାର୍ଥୀଙ୍କ ପାଇଁ ହେଉ ନ୍ୟାୟୋଚିତ ପଦକ୍ଷେପ

# ଜଳବନ୍ଦୀ ବେଳେ ଓସିଏସ୍ ପରୀକ୍ଷା ଅମାନବୀୟ: ବିଜେଡି

ଭୁବନେଶ୍ୱର,୩୦।୧୦(ସମିସ)

ଗଞ୍ଜାମ ଜିଲ୍ଲାରେ ବନ୍ୟା ଯୋଗୁଁ ଲକ୍ଷାଧିକ ଲୋକ ପାଣି ଘେରରେ ରହିଛନ୍ତି। ଏହି ସମୟରେ ଓସିଏସ ମେନ୍ ପରୀକ୍ଷା ଜାରି ରଖିବା ପାଇଁ ରାଜ୍ୟ ସରକାରଙ୍କର ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛି ବିଜେଡି। ଏହି ପରୀକ୍ଷା ଦେଉଥିବା ଗଞ୍ଜାମ ଜିଲ୍ଲାର ଶତାଧିକ ପରୀକ୍ଷାର୍ଥୀଙ୍କ ପ୍ରତି ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅନ୍ୟାୟ ଓ ଅମାନବୀୟ ବୋଲି ବିଜେଡି କହିବା ସହିତ ପରୀକ୍ଷାର୍ଥୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଦଳ ଦାବି କରିଛି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ ବନ୍ୟାଜଳରେ ଶତାଧିକ ପରୀକ୍ଷାର୍ଥୀ ଜଳବନ୍ଦୀ ହୋଇଥିବା ବେଳେ ଓସିଏସ ମେନ୍ ପରୀକ୍ଷାକୁ ଜାରି ରଖିବା ପାଇଁ ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଗ୍ରହଣୀୟ ନୁହେଁ। ଏହା ଜଳବନ୍ଦୀ ଥିବା ପରୀକ୍ଷାର୍ଥୀ ମାନଙ୍କ ଉପରେ ଅନ୍ୟାୟ ଓ ଅମାନବୀୟ।




ସେ କହିଛନ୍ତି ଯେ ଗଞ୍ଜାମର ଋଷିକୁଲ୍ୟା ନଦୀରେ ବନ୍ୟା ଆସିବା କାରଣରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଯାଇଛି, ଯେଉଁଥି ପାଇଁ ଏହି ପରୀକ୍ଷାର ଶତାଧିକ ପରୀକ୍ଷାର୍ଥୀଙ୍କ ସମେତ ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ବନ୍ୟା ଯୋଗୁଁ ଜଳବନ୍ଦୀ ଥିବା ଲୋକ ମାନଙ୍କୁ ଉଦ୍ଧାର କରିବାରେ ସରକାର ସକ୍ଷମ ହୋଇନାହାନ୍ତି। ଅଧିକାଂଶ ଅଞ୍ଚଳରେ ବିଜୁଳି ନାହିଁ ଓ ସମଗ୍ର ଅଞ୍ଚଳ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ଜଳବନ୍ଦୀ ହୋଇଥିବା ପରକ୍ଷାର୍ଥୀଙ୍କୁ ନ୍ୟାୟ ଦେବା ପାଇଁ ରାଜ୍ୟ ସରକାର ସବୁ ଦୃଷ୍ଟିରୁ ବିଚାର କରି ଉପଯୁକ୍ତ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଯେଉଁଠି ବନ୍ୟା ଆସିବାର ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ରାଜ୍ୟ ସରକାର ଜଳବନ୍ଦୀ ହୋଇ ରହିଥିବା ଲୋକ ମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନାହାନ୍ତି, ସେଇଠି ପରୀକ୍ଷାର୍ଥୀ ସହାୟତା ପାଇଁ ବିଡ଼ିଓଙ୍କ ନିକଟରେ ପହଞ୍ଚିବା କେତେଦୂର ସମ୍ଭବ ବୋଲି ସେ ପ୍ରଶ୍ନ କରିଛନ୍ତି । ବିଜୁ ଛାତ୍ର ଜନତା ଦଳର ଉପସଭାପତି ସୌମ୍ୟରଞ୍ଜନ ମହାପାତ୍ର କହିଥିଲେ ଯେ ହଜାର ହଜାର ଯୁବକଯୁବତୀ ବିଡିଓ ଓ ତହସିଲଦାର ଭଳି ସମ୍ମାନଜନକ ପ୍ରଶାସନିକ ପଦବୀ ହାସଲ କରିବାର ଆଶା ନେଇ ବର୍ଷ ବର୍ଷ ଧରି ଏହି ଅତ୍ୟନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସେମାନଙ୍କ କଠିନ ପରିଶ୍ରମ ଓ ଭବିଷ୍ୟତ ଯେପରି ବିପନ୍ନ ନହୁଏ, ସରକାର ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ତେଣୁ ପରୀକ୍ଷା ସ୍ଥଗିତ ରଖିବା ବା ପୁନଃ ନିର୍ଘଣ୍ଟ କରିବା ଭଳି ପଦକ୍ଷେପ ନିଆଯାଉ ବୋଲି ସେ ଦାବି କରିଛନ୍ତି।

■ ଆନ୍ଦୋଳନ ବେଳେ ହିଂସାକାଣ୍ଡ ମାମଲା

# ପୁଣି ଗିରଫ ହେଲେ ଅଟୋ ଚାଳକ ସଂଘ ସଭାପତି

ଭୁବନେଶ୍ୱର, ୩୧।୧୦(ସମିସ): ପୁଣି ଗିରଫ ହେଲେ ଅଟୋ ଚାଳକ ସଂଘ ସଭାପତି ଦୀନବନ୍ଧୁ ନାୟକ। ଝାରପଡା ଜେଲ ସାମ୍ନାରୁ ତାଙ୍କୁ ଉଠାଇ ନିଆଯାଇଛି। ମାଷ୍ଟରକ୍ୟାଣ୍ଟିନ ହିଂସା ଘଟଣା ପୂର୍ବରୁ ରହିଥିବା ଏକ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି।

ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋ-ଟ୍ୟାକ୍ସି ଡ୍ରାଇଭର ସଂଘର ସଭାପତି ଦୀନବନ୍ଧୁ ନାୟକ। ଏହା ପୂର୍ବରୁ ୨୦୨୬ ଅଗଷ୍ଟ ୧୯ରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଅନ୍‌ଲାଇନ୍ ଅଟୋ ଓ କ୍ୟାବ୍ ଚାଳକଙ୍କ ଆନ୍ଦୋଳନ ବେଳେ ହିଂସାକାଣ୍ଡ ଘଟିଥିଲା। ଏହି ଘଟଣାରେ ଦୀନବନ୍ଧୁଙ୍କ ଭୂମିକା ଥିବା ଅଭିଯୋଗ କରି ପୁଲିସ ତାଙ୍କୁ ଅଗଷ୍ଟ ୨୧ରେ ପୁରୀରୁ ଗିରଫ କରିଥିଲା। ଉକ୍ତ ହିଂସାକାଣ୍ଡରେ ପୁଲିସ କର୍ମଚାରୀ ଆହତ ହେବା ସହ ପୁଲିସ ଗାଡ଼ି, ଆମ ବସ୍? ଓ ଅନ୍ୟ ଗାଡ଼ି ଭଙ୍ଗାରୁଜା ହୋଇଥିବା ଅଭିଯୋଗ ହୋଇଥିଲା।

ଏହି ଘଟଣାରେ ୭ଟି ମାମଲା ରୁଜୁ ହୋଇଥିବା ବେଳେ ୧୧୪ ଜଣଙ୍କୁ ପୁଲିସ ଗିରଫ କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଗିରଫ ପୂର୍ବରୁ ଦୀନବନ୍ଧୁ ଏକ ଭିଡିଓ ଜାରି କରି ଘଟଣା ପାଇଁ ସାଧାରଣ ଲୋକଙ୍କୁ କ୍ଷମା ମାଗିଥିଲେ। ତେବେ ଏବେ ପୁଣି ତାଙ୍କ ଗିରଫଦାରୀକୁ ନେଇ ଚର୍ଚ୍ଚା ବଢ଼ିଛି। ଜେଲରୁ ବାହାରୁ ବାହାରୁ ପୁଣି ତାଙ୍କୁ ଗିରଫ କରାଯାଇଛି।

# ଚତୁର୍ଥ ନୃତ୍ୟ ବିଳାସ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୩୦।୧୦(ସମିସ): ଓଡ଼ିଶୀ ଦର୍ଶନ ଏକାଡେମୀ ଆନୁକୂଲ୍ୟରେ ଚତୁର୍ଥ ନୃତ୍ୟ ବିଳାସ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏହି ମହୋତ୍ସବରେ ଅନେକ ସୁନାମଧନ୍ୟ ନୃତ୍ୟଗୁରୁମାନେ ସେମାନଙ୍କର ନୃତ୍ୟ ପରିବେଷଣ କରିବା ସହିତ ଗୁରୁ ସୁଦର୍ଶନ ସାହୁଙ୍କ ଶିଷ୍ୟାମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ଏହି ମହୋତ୍ସବରେ ପଦ୍ମଶ୍ରୀ ନାଟ୍ୟରତ୍ନ ଗୁରୁ ଜୟରାମ ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହିତ ଗୁରୁ ପ୍ରଫୁଲ୍ଲ ମଙ୍ଗରାଜ, ଚିନ୍ମୟ ରାୟ, ସୁପ୍ରିମକୋର୍ଟ ଆଇନଜିବୀ ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୃତ୍ୟ ବିଳାଶ ମହୋତ୍ସବ ମଞ୍ଚରେ ଓଡିଶୀ ନୃତ୍ୟ ସହିତ କୁଚୁପୁଡି, କଥକ ନୃତ୍ୟ ମଧ୍ୟ ପରିବେଷଣ ହୋଇଥିଲା। ଗୁରୁ ସୁଦର୍ଶନ ସାହୁ ଓ ତାଙ୍କ ଶିଷ୍ୟା ବ୍ୟତୀତ ଅନେକ ଓଡିଶୀ ଗୁରୁ ତଥା ଗୁରୁ ଅନିରୁଦ୍ଧ ଦାସ, ଗୁରୁ ଆଶା କୁମାରୀ, ଗୁରୁ ରୋଜାଲିନି ମହାପାତ୍ର, ଗୁରୁ ଅଭିମନ୍ୟୁ ଲାଲ, ବର୍ଷା ଲାଲ ଆଦି ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଓଡିଶୀ ଦର୍ଶନ ଏକାଡେମୀ ତରଫରୁ ନୃତ୍ୟ ବିଳାଶ ପୁରସ୍କାର ଗୁରୁ ବିଦୂଷି ରେଡି ଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ଗୁରୁ ସୁଦର୍ଶନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୨୦୨୭ରେ ୨୯ଟି ସରକାରୀ ଛୁଟି

## ରବିବାର ଓ ମାସର ଦ୍ୱିତୀୟ-ଚତୁର୍ଥ ଶନିବାରରେ ପଡୁଛି ୬ଟି ପର୍ବ

ଭୁବନେଶ୍ୱର, ୩୦।୧୦ (ସମିସ)

୨୦୨୭ ବର୍ଷ ପାଇଁ ସରକାରୀ କର୍ମଚାରୀଙ୍କ ଛୁଟି ତାଲିକା ଘୋଷଣା କରିଛନ୍ତି ଓଡ଼ିଶା ସରକାର। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଘୋଷିତ ତାଲିକା ଅନୁଯାୟୀ, ୨୦୨୭ରେ ରାଜ୍ୟର ସରକାରୀ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ କାର୍ଯ୍ୟପାଳିକା ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟଗୁଡ଼ିକରେ ମୋଟ ୨୯ଟି ସାଧାରଣ ଛୁଟି ରହିବ। ଏହା ସହିତ ୪ଟି ଇଚ୍ଛାଧୀନ ଛୁଟି ମଧ୍ୟ ଘୋଷଣା କରାଯାଇଛି। ଜାନୁଆରୀରୁ ଡିସେମ୍ବର ମଧ୍ୟରେ ବିଭିନ୍ନ ପର୍ବପର୍ବାଣି ଓ ଜାତୀୟ ଦିବସକୁ ନେଇ ଏହି ଛୁଟି ତାଲିକା ପ୍ରସ୍ତୁତ ହୋଇଛି। ୨୯ଟି ସାଧାରଣ ଛୁଟି ମଧ୍ୟରେ ମକର ସଂକ୍ରାନ୍ତି, ସାଧାରଣତନ୍ତ୍ର ଦିବସ, ବସନ୍ତ ପଞ୍ଚମୀ, ମହାଶିବରାତ୍ରି, ଇଦ୍-ଉଲ୍-ଫିତର, ଦୋଳପୂର୍ଣ୍ଣିମା, ହୋଲି, ଗୁଡ୍ ଫ୍ରାଇଡେ, ଉତ୍କଳ ଦିବସ, ଆମ୍ବେଦକର ଜୟନ୍ତୀ/ମହାବିଷୁବ ସଂକ୍ରାନ୍ତି, ଶ୍ରୀରାମ ନବମୀ, ଇଦ୍-ଉଲ୍-ଜୁହା, ବୁଦ୍ଧ ଜୟନ୍ତୀ/ବୈଶାଖ ପୂର୍ଣ୍ଣିମା, ସାବିତ୍ରୀ ଅମାବାସ୍ୟା, ପହିଲି ରଜ, ରଜ ସଂକ୍ରାନ୍ତି, ମହରମ୍, ରଥଯାତ୍ରା, ଝୁଲଣ ପୂର୍ଣ୍ଣିମା, ଜନ୍ମାଷ୍ଟମୀ, ଗଣେଶ ପୂଜା, ନୂଆଖାଇ ପରଦିନ, ମହାଳୟା, ଗାନ୍ଧୀ ଜୟନ୍ତୀ, ମହାସପ୍ତମୀ, ମହାଷ୍ଟମୀ, ମହାନବମୀ, କୁମାର ପୂର୍ଣ୍ଣିମା ଓ ଦୀପାବଳି ଆଦି ଅନ୍ତର୍ଭୁକ୍ତ। ସାଧାରଣ ଛୁଟି ବ୍ୟତୀତ ସରକାର ୪ଟି ଇଚ୍ଛାଧୀନ ଛୁଟି ମଧ୍ୟ ଘୋଷଣା କରିଛନ୍ତି। ଏହି ତାଲିକାରୁ ସରକାରୀ କର୍ମଚାରୀ ନିଜ ପସନ୍ଦ ଅନୁଯାୟୀ ଯେକୌଣସି ଗୋଟିଏ ଦିନ ଛୁଟି ନେଇପାରିବେ। ଏଥିରେ ଗୁରୁ ଗୋବିନ୍ଦ ସିଂହଙ୍କ ଜୟନ୍ତୀ, ବାହୁଡ଼ା ଯାତ୍ରା, ବ୍ରାହ୍ମ ସମାଜ ପ୍ରତିଷ୍ଠା ଦିବସ ଓ ଖ୍ରୀଷ୍ଟମାସ ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ, ୬ଟି ପର୍ବ ରବିବାର କିମ୍ବା ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରରେ ପଡୁଛି। ତେଣୁ ଏହି ଦିନଗୁଡ଼ିକ ପାଇଁ କର୍ମଚାରୀଙ୍କୁ ଅତିରିକ୍ତ ଛୁଟି ମିଳିବ ନାହିଁ।

ଏଥିରେ ସୁଭାଷଚନ୍ଦ୍ର ବୋଷ ଜୟନ୍ତୀ/ବୀର ସୁରେନ୍ଦ୍ର ସାଏ ଜୟନ୍ତୀ, ସ୍ୱାଧୀନତା ଦିବସ/ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନ, ନୂଆଖାଇ, ବିଜୟା ଦଶମୀ, ରାହାସ ପୂର୍ଣ୍ଣିମା ଓ ଖ୍ରୀଷ୍ଟମାସ ଦିବସ ରହିଛି। ଏହା ବ୍ୟତୀତ ଶବ୍-ଏ-କଦର, ଇଷ୍ଟର, ରାଜା ରାମମୋହନ ରାୟଙ୍କ ଜୟନ୍ତୀ, ଅଁଳା ନବମୀ ଓ ପ୍ରଥମାଷ୍ଟମୀ ଭଳି ୫ଟି ଇଚ୍ଛାଧୀନ ଛୁଟି ମଧ୍ୟ ରବିବାର କିମ୍ବା ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରରେ ପଡୁଛି।

# ହାତରେ ଟିକଟ୍, ମୁହଁରେ ଭିକ୍ଷା; ନନ୍ଦନକାନନରେ ଶିଶୁ ଉଦ୍ଧାର

ବାରଙ୍ଗ ୩୦।୧୦ (ସମିସ): ହାତରେ ଟିକଟ, ମୁହଁରେ ଭିକ୍ଷା! ଶୁକ୍ରବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଦେଖିବାକୁ ମିଳିଥିଲା ଏଭଳି ହୃଦୟ ବିଦାରକ ଦୃଶ୍ୟ। ପର୍ଯ୍ୟଟକଙ୍କ ଭିଡ଼ ଭିତରେ ମାତ୍ର ୧୨ ବର୍ଷର ଏକ କୁନି ପିଲା ହାତ ପତାଇ ଭିକ୍ଷା ମାଗୁଥିଲା। ତା'ର ଚାଲିଚଳନ ସନ୍ଦେହଜନକ ମନେ ହେବାରୁ ଡ୍ୟୁଟିରେ ଥିବା ସିକ୍ୟୁରିଟି କର୍ମଚାରୀ ତାକୁ ଧରି ପଚରାଉଚରା କରିଥିଲେ। ସୂଚନା ପାଇ ପୁଲିସ ଓ ସମାଜ ମଙ୍ଗଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପିଲାଟିକୁ ଉଦ୍ଧାର କରିଥିଲେ। ପ୍ରାଥମିକ ପଚରାଉଚରାରୁ ଜଣାପଡିଛି ଯେ ପିଲାଟିର ଘର ଜଗତସିଂହପୁର ଜିଲ୍ଲାରେ। କିଏ ତାକୁ ଏଠାକୁ ପଠାଇଲା କିମ୍ବା ସେ ନିଜେ ଆସିଥିଲା କି, ତାକୁ ନେଇ ସନ୍ଦେହ ଘନୀଭୂତ ହେଉଛି। ଏହାପରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର କର୍ମକର୍ତ୍ତା ହରପ୍ରିୟା ପତି, ଘନଶ୍ୟାମ ଭୋଇ ଏବଂ ଅଜୟ ମହାରଣାଙ୍କ ତତ୍ତ୍ୱାବଧାନରେ ଶିଶୁଟିକୁ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଛି। ବର୍ତ୍ତମାନ ଶିଶୁଟିର ତତ୍ତ୍ୱାବଧାନରେ ସୁରକ୍ଷିତ ରହିଛି ଏବଂ ତା'ର ଥଇଥାନ ପାଇଁ ପଦକ୍ଷେପ ନିଆଯାଉଛି।

# ପୁଲିସ-ସାମ୍ବାଦିକ ଭଲିବଲ ପ୍ରତିଯୋଗିତା

ନନ୍ଦନକାନନ,୩୦।୧୦(ସମିସ): ବାରଙ୍ଗ ଥାନା କମିସନରେଟ ପୁଲିସ ତରଫରୁ ମଧୁବନ ଗ୍ରାମ ଖେଳ ପଡିଆରେ ମଧୁବନ ଗ୍ରାମ କମିଟି ଓ ଯୁବକମାନଙ୍କର ସହଯୋଗରେ ବନ୍ଧୁତ୍ୱ ପୂର୍ଣ୍ଣ ଭଲିବଲ ପ୍ରତିଯୋଗିତ ଆୟୋଜନ କରାଯାଇଥିଲା। ଉଦ୍ଘାଟନୀ ମ୍ୟାଚ ବାରଙ୍ଗ ଅଞ୍ଚଳର ସାମ୍ବାଦିକ ଓ ବାରଙ୍ଗ ଥାନା ପୁଲିସ ପ୍ରଶାସନ ମଧ୍ୟରେ ଖେଳା ଯାଇଥିଲା। ଏହାପରେ ବିଭନ୍ନ ଗ୍ରାମରୁ ଆସିଥିବା ଉଦୀୟମାନ ଯୁବ ଦଳ ମଧ୍ୟରେ ପ୍ରତିଯୋଗିତା କରଯାଇଥିଲା । ପୁଲିସ, ସାଧାରଣ ଜନତା ଓ ସାମ୍ବାଦିକ ମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ବାରଙ୍ଗ ଥାନା ଅଧିକାରୀ ବିକାଶ କୁମାର ପଲାଇଙ୍କ ତତ୍ତ୍ୱାବଧାନରେ କ୍ରୀଡାର ଆୟୋଜନ କରାଯାଇଥିଲା। ଅତିଥି ଭାବେ ମଧୁବନ ଗ୍ରାମର ମୁରବୀ ବିଜୟ କୁମାର ପଣ୍ଡା, ପବିତ୍ର ମୋହନ ପ୍ରଧାନ ଓ ସମିତି ସଭ୍ୟ କିଶନ କୁମାର ଜେନା, ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ଅଶୋକ ଚନ୍ଦ୍ର ରାଉତ, ନିରଞ୍ଜନ ପ୍ରଧାନ, ସଞ୍ଜୟ ଦାସ ସମେତ ଉପସ୍ଥିତ ଥିଲେ। ରଞ୍ଜନ କୁମାର ଭଞ୍ଜ କ୍ରୀଡା ବିବରଣୀ ଦେଇଥିଲେ।

# ହଜିଥିବା ଟଙ୍କା ଫେରାଇଲେ କଲେଜ ଛାତ୍ରୀ

ଯାଁଳା/ବଡ଼ରଘୁନାଥପୁର,୩୦।୧୦(ସମିସ) : ଆଜିର ସମାଜରେ ଯେଉଁଠି ଟଙ୍କା ପଛରେ ଲୋକେ ଧାଉଁଛନ୍ତି, ସେଠାରେ ଏହି ୫ ଜଣ କଲେଜ୍ ଛାତ୍ରୀ ସହପାଠୀଙ୍କ ସଚ୍ଚୋଟତା ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି। ଏମିତି ଏକ ଘଟଣା ଆଜି ରାଜଧାନୀ ଉପକଣ୍ଠ ମଦନପୁର-ବଡ଼ରଘୁନାତପୁରରେ ଥିବା ଏକ ଘରୋଇ କଲେଜ୍‌ରେ ଘଟିଛି। ଘଟଣା ଏପରିକି ନିଜ କଲେଜ୍ ପାଖରୁ ଜେରକ୍ସ କରିବାକୁ ଯାଇଥିବା ୫ ଜଣ ସହପାଠୀ ଯାହାଙ୍କ ନାମ, ଶୁଭଶ୍ରୀ ଦାସ୍, ପାପୁନୀ ଜେନା, ଜ୍ୟୋସ୍ନାମୟୀ ସାହୁ, ସୋନି ସାମନ୍ତରାୟ, ଶ୍ରାବଣୀ ଜେନା ନିଜ କଲେଜ୍ ପାଖକୁ ଜେରକ୍ସ କରିବାକୁ ଯାଇଥିଲେ। ଫେରିବା ସମୟରେ ଏକ ଅଜଣା ବାଇକ୍ ଚାଳକଙ୍କ ଠାରୁ ରେନିକୋଟ୍ ବ୍ୟାଗ ଗଳି ପଡ଼ିବାର ଦେଖିତାଙ୍କୁ ପାଟି କରି ଡାକିଥିଲେ ମଧ୍ୟ ବ୍ୟକ୍ତି ଜଣକ ନସୁଣି ପଳାଇ ଥିଲେ। ଛାତ୍ରୀମାନଙ୍କ ମାନବିକ ଦୃଷ୍ଟିରୁ ନିକଟରେ ଥିବା ଇନ୍‌ଫୋ ଭ୍ୟାଲି ଥାନାକୁ ଯାଇ ଉକ୍ତ ଟଙ୍କାକୁ ହସ୍ତାନ୍ତର କରିଥିଲେ।

■ ବେଆଇନ ବାଣ କାରଖାନା ଉପରେ ଚଢ଼ଉ

# ୭୦୦ ବୋମା ସହ ୨ କେଜି ବାରୁଦ ଜବତ

ପୁରୀ,୩୦।୧୦(ସମିସ): ଆଗକୁ ଆସୁଛି ଦୀପାବଳି। ଏହି ସମୟରେ ବାଣ ଫୁଟାଇବାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ୁଥିବା ବେଳେ ବେଆଇନ ବାଣ ପ୍ରସ୍ତୁତି ଓ ମହଜୁଦକୁ ନେଇ ସାମ୍ନାକୁ ଆସିଛି ଏକ ଚିନ୍ତାଜନକ ଘଟଣା। ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅନ୍ତର୍ଗତ ପଙ୍କାଳ ମଠସାହିରେ ବେଆଇନ ଭାବେ ବୋମା ଓ ବାଣ ପ୍ରସ୍ତୁତ କରାଯାଉଥିବା ସୂଚନା ପାଇ ପୁଲିସ ଚଢ଼ାଉ କରିଛି। ଏହି ଚଢ଼ାଉରେ ୧,୯୦୦ଟି ବୋମା ଓ ବାଣ ସହ ପ୍ରାୟ ୨ କିଗ୍ରା ବାରୁଦ ଜବତ କରାଯାଇଛି। ଘଟଣାରେ ଜଣେ ୨୭ ବର୍ଷୀୟ ଯୁବକଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି।

ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ପଙ୍କାଳ ମଠସାହିରେ ବେଆଇନ ଭାବେ ବୋମା ଓ ବାଣ ପ୍ରସ୍ତୁତ କରାଯାଉଥିବା ନେଇ ଚନ୍ଦନପୁର ପୁଲିସକୁ ବିଶ୍ୱସ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି ପୁଲିସ ଅଭିଯୁକ୍ତ ସମ୍ବିତ ଭୋଇଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଘରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ମିଳିଥିଲା। ଜବତ ସାମଗ୍ରୀ ମଧ୍ୟରେ ୭୦୦ଟି ଜୀବନ୍ତ ବିସ୍ଫୋରକ ବୋମା, ୩୦୦ଟି ଡବଲ ସଟ୍ ବାଣ, ୮୦୦ଟି ତାଳ ଫଟକା, ୧୦୦ଟି ରକେଟ୍ ଏବଂ ପ୍ରାୟ ୨ କିଲୋଗ୍ରାମ ବାରୁଦ ରହିଛି। ଅଭିଯୁକ୍ତଙ୍କ ନିକଟରେ ବାଣ ପ୍ରସ୍ତୁତି ପାଇଁ କୌଣସି ବୈଧ ଲାଇସେନ୍ସ ନ ଥିଲା। ପଚରାଉଚରା ବେଳେ ସେ ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳ ସମେତ ଅନ୍ୟ ସ୍ଥାନରେ ବିକ୍ରି କରିବା ପାଇଁ ଏହି ସାମଗ୍ରୀ ପ୍ରସ୍ତୁତ କରୁଥିବା କହିଥିବା ପୁଲିସ ସୂଚନା ଦେଇଛି। ଜବତ ବିସ୍ଫୋରକ ସାମଗ୍ରୀ ଅତ୍ୟନ୍ତ ବିପଜ୍ଜନକ ଥିବାରୁ ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଥିଲା। ଦଳ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସାମଗ୍ରୀକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଥିଲା।

ପୁଲିସ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଚନ୍ଦନପୁର ଥାନାରେ ୨୦୨୩ ମସିହାରେ ଏକ ମାମଲା ରହିଥିବା ଜଣାପଡ଼ିଛି। ଏବେ ଚନ୍ଦନପୁର ଥାନାରେ ଆଉ ଏକ ମାମଲା (ନଂ.୨୭୯/୨୬) ରୁଜୁ କରାଯାଇ ଆଇନଗତ ପଦକ୍ଷେପ ନିଆଯାଇଛି। ତେବେ ପୂର୍ବରୁ ପୁରୀ ଜିଲ୍ଲାର ଏକାଧିକ ସ୍ଥାନରେ ବେଆଇନ ଭାବେ ମହଜୁଦ୍ ଥିବା ବାଣ ବିସ୍ଫୋରଣ ଘଟି ଅନେକ ଧନଜୀବନ ହାନି ହୋଇଥିବାର ନଜିର ରହିଛି। ଆଗକୁ ଦୀପାବଳି ଆସୁଥିବାରୁ ବେଆଇନ ଭାବେ ଯେଉଁଠି ବାଣ ତିଆରି କରାଯାଉଛି ସେଠାରେ ପୁଲିସ ଚଢାଉ କରିବା ଦରକାର ବୋଲି ବୁଦ୍ଧିଜୀବି ମତ ଦେଇଛନ୍ତି। ଏଭଳି ଘଟଣା କେବଳ ବାଣ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ପାଇଁ ନୁହେଁ, ଆଖପାଖରେ ରହୁଥିବା ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଥାଏ।

ବିଚଳିତ କଲା ଗାଁର ବନ୍ୟା ଦୁର୍ଦ୍ଦଶା

# ଜନ୍ମସ୍ଥାନକୁ ଫେରିଗଲେ ସୁଦର୍ଶନ!

ଭୁବନେଶ୍ୱର,୩୦।୧୦(ସମିସ): ବନ୍ୟାବାତ୍ୟାର କରାଳ ରୂପ ଯେ କେବଳ ସାଧାରଣ ଲୋକଙ୍କୁ ମର୍ମାହତ କରେ ତାହା ନୁହେଁ, ଏହା ମଧ୍ୟ ବିଚଳିତ କରିଦିଏ ସ୍ମରଣଶକ୍ତି ହରାଇ କିଛି ମନେ ରହୁନଥିବା ଜଣେ ବ୍ୟକ୍ତିଙ୍କୁ। ବନ୍ୟାର ଭୟଙ୍କର ରୂପ ମଧ୍ୟ ତାଙ୍କ ହୃଦୟକୁ ଦୋହଲାଇ ଦିଏ, ତାଙ୍କ ମନକୁ ବିଚଳିତ କରିଦିଏ। ତାଙ୍କ ଜନ୍ମସ୍ଥାନର ପରିବାର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ତାଙ୍କ ମାନସପଟକୁ ମର୍ମାହିତ କରେ। ଆଉ ଶେଷରେ ତାଙ୍କୁ ସେହି ଜନ୍ମସ୍ଥାନକୁ ଭିଡ଼ିନିଏ। ବାତ୍ୟା 'ଅର୍ଣ୍ଣବ' ଓ ତା' ପ୍ରଭାବରେ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ବନ୍ୟା ଗାଁଠାରୁ ଦୂରରେ ରହୁଥିବା ବହୁ ଲୋକଙ୍କୁ ମର୍ମାହିତ କରିଥିବାରୁ ସେମାନେ ଏବେ ଗାଁକୁ ଫେରୁଛନ୍ତି। ତେବେ ବୟସାଧିକ କାରଣରୁ ଜଣେ ସ୍ମରଣଶକ୍ତି ହୀନତା ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ମଧ୍ୟ ବନ୍ୟା ଦୁର୍ଦ୍ଦଶା ଗାଁକୁ ଫେରାଇ ନେଇଛି। ଏଭଳି ଏକ ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ଭୁବନେଶ୍ୱର ନନ୍ଦନକାନନ ରୋଡ୍ ଅଞ୍ଚଳରେ ମଣି ତ୍ରିଭୁବନ ଆପାର୍ଟମେଣ୍ଟରେ ରୁହନ୍ତି ୭୮ ବର୍ଷିୟ ସୁଦର୍ଶନ ପ୍ରଧାନ। ତାଙ୍କ ଜନ୍ମସ୍ଥାନ ଗଞ୍ଜାମ ଜିଲ୍ଲାରେ ଗୋବରା ଅଞ୍ଚଳରେ। ସୁଦର୍ଶନ ସ୍ମରଣଶକ୍ତି ହୀନତା ରୋଗରେ ପୀଡ଼ିତ ହୋଇଥିବାରୁ ଅନେକ



ଦିନରୁ ଗାଁକୁ ଫେରିନାହାନ୍ତି। କାରଣ ତାଙ୍କର କିଛି ମନେରହୁନାହିଁ। ତେବେ ଏହି ସମୟରେ ବାତ୍ୟା ପ୍ରଭାବରେ ଘଟିଥିବା ବନ୍ୟା ଦ୍ୱାରା ଗଞ୍ଜାମ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଖବର ସେ ଟିଭିରେ ଦେଖି ବିଚଳିତ ହୋଇପଡ଼ିଥିଲେ। ନିଜ ଜନ୍ମମାଟି ବନ୍ୟାରେ ଛାରଖାର ହୋଇଯାଇଥିବା ଦେଖି ସୁଦର୍ଶନ ନିଜକୁ ସମ୍ଭାଳି ପାରିନଥିଲେ। କାହାକୁ କିଛି ନ କହି ସେ ଘରୁ ବାହାରିଯାଇଥିଲେ। ତେବେ ସେ ନିଜ ଜନ୍ମସ୍ଥାନ ଗଞ୍ଜାମ ଯାଇଛନ୍ତି କି ଆଉ କୋଉଠିକୁ ଏ କଥା ପରିବାର ଲୋକ ସଠିକ୍ ଭାବେ ଜାଣିପାରୁନାହାନ୍ତି। ସେ ଗାଁକୁ ଯାଇଥିବା ସେମାନେ ସନ୍ଦେହ କରୁଛନ୍ତି। ତେବେ ତାଙ୍କର କିଛି ମନେ ରହୁନଥିବାରୁ ସେ ଗାଁରେ ପହଞ୍ଚି ପାରିବେ କି ନାହିଁ ସେ ନେଇ ପରିବାର ଲୋକ ଦ୍ୱନ୍ଦ୍ୱରେ ଅଛନ୍ତି। ତେଣୁ ତାଙ୍କର ସନ୍ଧାନ ପାଇଲେ ପରିବାର ସଦସ୍ୟଙ୍କୁ ଯୋଗାଯୋଗ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏଥିନେଇ ପରିବାର ସଦସ୍ୟ ଶକ୍ତିମୟୀ ପ୍ରଧାନ (ମୋ.୮୯୧୭୪୧୬୫୩୦), ରାଜେଶ ପ୍ରଧାନ (ମୋ. ୯୯୮୧୫୧୪୭୮୭) ଓ ଅଶୋକ ପ୍ରଧାନ (ମୋ.୯୩୪୭୧୫୫୩୬୭)ଙ୍କ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

# ବର୍ଷା ରାତିରେ ବାଟ ଓଗାଳୁଛନ୍ତି ବୁଲା ଗୋରୁ




ଭୁବନେଶ୍ୱର,୩୦।୧୦(ସମିସ):ସନ୍ଧ୍ୟା ହେଲେ ରାସ୍ତା ଉପରେ ବାଟ ଉଗାଳୁଛନ୍ତି ବୁଲା ଗୋରୁ। ରାସ୍ତା ଉପରେ ଗୋଟେ କି ଦୁଇଟି ନୁହେଁ ଏକାଥରକେ ୩୦ରୁ ୪୦ ଗୋରୁ ଏକାଠି ରୁଣ୍ଡ ହୋଇ ରାସ୍ତାକୁ ଅବରୋଧ କରୁଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷା ସମୟରେ ରାତିରେ ବାଇକ ଚାଳକମାନେ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହେଉଥିବା ବେଳେ କାର୍ ଚାଳକମାନେ ଘଣ୍ଟା ଘଣ୍ଟା ଫସି ରହୁଛନ୍ତି। ତେବେ ରାଜଧାନୀର ବିଭିନ୍ନ ରାସ୍ତାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ବର୍ଷା ରାତିରେ ଦୁର୍ଘଟଣା ଭୟ ଗାଡ଼ି ଚାଳକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ତେବେ ଏଭଳି ଗୋରୁ ପଲ ଦେଖିବାକୁ ମିଳିଛି ସୁନ୍ଦରପଦା ମୁଖ୍ୟ ରାସ୍ତାରେ।

ରାଜଧାନୀର ପରିବା ହାଟରୁ ଆରମ୍ଭ କରି ଟ୍ରାଫିକ ଛକ ଯାଏ ସବୁଠି ଷଣ୍ଢ ଅବା ବୁଲା ଗୋରୁ ପଲ ଛିଡ଼ା ହେଉଛନ୍ତି। ଚନ୍ଦ୍ରଶେଖରପୁରରୁ ପଟିଆ ଅଞ୍ଚଳରେ ବହୁ ସଂଖ୍ୟାରେ ଷଣ୍ଢ ଦେଖିବାକୁ ମିଳିଛି। କିଟ୍ ଛକରୁ ଇନ୍ଫୋସିଟି ଥାନା, ପଥରଗାଡ଼ିଆ ଯିବା ରାସ୍ତାରେ ବିଭିନ୍ନ ସ୍ଥାନରେ ୨୦ରୁ ୩୦ ଲେଖାଏଁ ଷଣ୍ଢ ଏକାଠି ହୋଇ ଛିଡ଼ା ହେଉଛନ୍ତି। ଅନେକ ସମୟରେ ବିଜୁଳି ନଥିବା ବେଳେ ଅନ୍ଧାର ରାସ୍ତାରେ କଳା ରଙ୍ଗର ଷଣ୍ଢ ରୁଣ୍ଡ ହୋଇ ବାଟ ଉଗାଳୁଥିବା ଚାଳକମାନେ କହିଛନ୍ତି। ଏମିତିକି ହର୍ଣ୍ଣ ବଜାଇଲେ ବି ସେମାନଙ୍କୁ କିଛି ଫରକ୍ ପଡୁନଥିବାରୁ ଚାଳକ ଓହ୍ଲାଇବାରୁ ସେମାନଙ୍କୁ ଷଣ୍ଢମାନେ ଗୋଡ଼ାଉଥିବା ସେମାନେ କହିଛନ୍ତି। ସନ୍ଧ୍ୟା ହେଲେ ଏହି ଅଞ୍ଚଳରେ ଭୟରେ ଆତଙ୍କିତ ହେଉଛନ୍ତି ଲୋକେ। କେବଳ ରାସ୍ତା ନୁହେଁ ଜାତୀୟ ରାଜପଥରେ ମଧ୍ୟ ଅନେକ ସମୟରେ ଷଣ୍ଢ ମାଳ ମାଳ ହୋଇ ବୁଲୁଥିବାରୁ ଦୁର୍ଘଟଣା ଘଟୁଛି। ରାଜଧାନୀରେ ବିଭିନ୍ନ ସ୍ଥାନରୁ ବୁଲା ଷଣ୍ଢମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କର ଥଇଥାନ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ହେଲେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। କାରଣ ଦିନକୁ ଦିନ ଷଣ୍ଢଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ବି ସେମାନଙ୍କୁ ଉଦ୍ଧାର କରାଯାଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ କେତେକ ସ୍ଥାନରେ ଲୋକମାନେ ଗୋ-ପାଳନ କରୁଥିବା ବେଳେ କ୍ଷୀର ଦୁହିଁବା ପରେ ଗୋରୁମାନଙ୍କୁ ରାସ୍ତାରେ ଛାଡ଼ିଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ଅନେକ ସମୟରେ ଷଣ୍ଢଙ୍କୁ ଧରିବା ସମୟରେ ଉଦ୍ଧାରକାରୀ କର୍ମଚାରୀ ମାନେ ଆକ୍ରମଣ ଶିକାର ହେଉଛନ୍ତି।

■ ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ପ୍ରୋଜେକ୍ଟ ଦୃଷ୍ଟି'

# ଦୃଷ୍ଟିଶକ୍ତି ଫେରିପାଇଲେ ପ୍ରମୋଦ

**ଢେଙ୍କାନାଳ,୩୦।୧୦(ସମିସ):** ଓଡ଼ାପଡ଼ା ବ୍ଲକସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ପ୍ରୋଜେକ୍ଟ ଦୃଷ୍ଟି ସହଯୋଗରେ ହିନ୍ଦୋଳ ବ୍ଲକ୍ ସଞ୍ଜପଡ଼ା ପଞ୍ଚାୟତ ବାସୁବାହାଲା ଗ୍ରାମର ପ୍ରମୋଦ ବେହେରା ନିଜ ଦୃଷ୍ଟିଶକ୍ତି ଫେରିପାଇଛନ୍ତି। ନିଃଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ସେ ପୁଣିଥରେ ଦୃଷ୍ଟିଶକ୍ତି ଫେରିପାଇଛନ୍ତି। ପ୍ରମୋଦ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ଦୁଇଟିଯାକ ଆଖିରେ ମୋତିଆବିନ୍ଦୁ ହେବା ଯୋଗୁ ସେ ଦୃଷ୍ଟିଶକ୍ତି ହରାଇଥିଲେ। ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ପ୍ରମୋଦଙ୍କ ରୋଜଗାର ଠପ୍ ହୋଇଯାଇଥିଲା। ସରକାରଙ୍କ ଆୟୁଷ୍ମାନ ଯୋଜନା ମାଧ୍ୟମରେ ମାଗଣା ଚିକିତ୍ସା ସୁବିଧା ସମ୍ପର୍କରେ ମଧ ସେ ଅବଗତ ନ ଥିଲେ। ଗ୍ରାମରେ ଚକ୍ଷୁ ସ୍କ୍ରିନିଂ ସମୟରେ ଟିଏସ୍ଏଫ୍‌ର "ପ୍ରୋଜେକ୍ଟ ଦୃଷ୍ଟି' ଟିମ୍ ପ୍ରମୋଦଙ୍କ ସମସ୍ୟା ଚିହ୍ନଟ କରିଥିଲେ। ପରେ ସ୍ୱାସ୍ଥ୍ୟ ପରାମର୍ଶ, କାଉନସେଲିଂ କରାଯିବା ସହ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇବାରେ ପ୍ରୋଜେକ୍ଟ ଦୃଷ୍ଟି ଟିମ୍ ସହଯୋଗ କରିଥିଲେ। ଅସ୍ତ୍ରୋପଚାର ପରେ ତାଙ୍କ ଆଖିରେ ଆର୍ଟିଫିସିଆଲ୍ ଇଣ୍ଟ୍ରାଓକୁଲାର ଲେନ୍ସ ଲଗାଯାଇଥିଲା।



ସୂଚନାଯୋଗ୍ୟ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ପ୍ରୋଜେକ୍ଟ ଦୃଷ୍ଟି ଅଧୀନରେ ଗ୍ରାମାଞ୍ଚଳରେ ସଚେତନତା, ମାଗଣା ଚକ୍ଷୁ ପରୀକ୍ଷା, ଚିକିତ୍ସା ଓ ଅସ୍ତ୍ରୋପଚାର ସେବା ଯୋଗାଇ ଦିଆଯାଉଛି। ୨୦୨୩ରୁ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରୋଜେକ୍ଟ ମାଧ୍ୟମରେ ଟାଟା ଷ୍ଟିଲ ପ୍ଲାଣ୍ଟ ଆଖପାଖ ଅଞ୍ଚଳର ୧୨୦୦ରୁ ଅଧିକ ମୋତିଆବିନ୍ଦୁ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି।

# ୫୨ ବର୍ଷରେ ମହାନ୍ତି ସାହି ଗଜଲକ୍ଷ୍ମୀ ପୂଜା



**ଗଁଦିଆ,୩୦।୧୦(ସମିସ):** ଗଁଦିଆ ବ୍ଲକ କପିଳାସ ଦେଓଗାଁର ସର୍ବପୁରାତନ ପୂଜାମଣ୍ଡପ ଦେଓଗାଁ ମହାନ୍ତି ପରିବାରର ପୂଜା ଚଳିତ ବର୍ଷ ୫୨ ବର୍ଷରେ ପଦାର୍ପଣ କରିଛି। ୧୯୭୪ରେ ପୂଜା ପ୍ରତିଷ୍ଠାତା ଦୁଷ୍ମନ୍ତ ମହାନ୍ତି ମା'ଙ୍କ ପୂଜା ଆରମ୍ଭ କରିଥିଲେ। ଗୁରୁବାର ମା' ଲକ୍ଷ୍ମୀଙ୍କ ନିତି ବଡ଼ ଭୋଗ କରାଯାଇ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପ୍ରତିଷ୍ଠାନର ମୁଖ୍ୟ ଆଚାର୍ଯ୍ୟ ମନୋଜ ପଣ୍ଡା ପୂଜାକାର୍ଯ୍ୟ ନିର୍ବାହ କରୁଥିବା ବେଳେ ଆଶିଷ ଆଚାର୍ଯ୍ୟ ସହଯୋଗ କରିଥିଲେ।

# ଶ୍ରୀରାମଚନ୍ଦ୍ରପୁର ବିଦ୍ୟାଳୟରେ ସବୁଜାୟନ କାର୍ଯ୍ୟକ୍ରମ

**ଗଁଦିଆ,୩୦।୧୦(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଢେଙ୍କାନାଳ ଜିଲ୍ଲା ଶାଖା ମୋ ଗାଁ ବିଭାଗର ସବୁଜାୟନ କାର୍ଯ୍ୟକ୍ରମ ମୋ ଗାଁ ପ୍ରମୁଖ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଢେଙ୍କାନାଳ ଜିଲ୍ଲା ଶାଖାର ଆଜୀବନ ସଦସ୍ୟ ତଥା କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଗୋଲକ ନାୟକ, ଆଜୀବନ ସଦସ୍ୟା ସମାଜସେବୀ ଶୁଭଦର୍ଶିନୀ ପରିଡ଼ା, ପରିଚାଳନା ପରିଷଦ ସଭାପତି ରଞ୍ଜିତା ପଧାନ, ପରିବେଶବିତ୍ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ, ସମାଜସେବୀ ବିମଳ ମିଶ୍ର, ଶତ୍ରୁଘ୍ନ ମିଶ୍ର, ଅଧ୍ୟାପକ ଛବିନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିବେକାନନ୍ଦ ଲୋକ ସଂସଦର ଜନାଭିମୁଖୀ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଗତବର୍ଷ ବିଦ୍ୟାଳୟ ପରିସରରେ ଲାଗିଥିବା ଚାରା ବଞ୍ଚିଥିବାରୁ ଅତିଥିମାନେ ପ୍ରଧାନଶିକ୍ଷୟିତ୍ରୀ ତଥା ସହକାରୀ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା କରିଥିଲେ। ଶିକ୍ଷୟିତ୍ରୀ ପ୍ରମୋଦିନୀ ଶତପଥୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ

# ଡିଜେ, ଭାଇବ୍ରେଟର, ଅଶ୍ଳୀଳ ନୃତ୍ୟ ସମ୍ପୂର୍ଣ୍ଣ ବନ୍ଦ

**ଢେଙ୍କାନାଳ,୩୦।୧୦(ସମିସ)**



ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ମା'ଙ୍କ ଭସାଣି ଉତ୍ସବ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ କରିବାକୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ବୈଠକରେ ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେ, ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ମିଳିତ ଗଜଲକ୍ଷ୍ମୀ ପୂଜା ବଜାର କମିଟି ସଭାପତି ରାମଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଓ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ରାମଚନ୍ଦ୍ର ପାତ୍ର ପ୍ରାରମ୍ଭିକ ଅଭିଭାଷଣ ରଖି ସମସ୍ତ ପୂଜା କମିଟିକୁ ନିର୍ଦ୍ଧାରିତ ନିୟମାବଳୀ ପାଳନ କରିବା ସହ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ଶୋଭାଯାତ୍ରା ମାଧ୍ୟମରେ ବିସର୍ଜନ କାର୍ଯ୍ୟକ୍ରମ ସଫଳ କରିବାକୁ ଅନୁରୋଧ କରିଥିଲେ। ଶୋଭାଯାତ୍ରା ସମୟରେ ମଧ୍ୟାହ୍ନ ଭୋଜନ ନିମନ୍ତେ ବିଭିନ୍ନ ବଜାର ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ସ୍ଥିର କରାଯାଇଥିବା ସେ ସୂଚନା ଦେଇଥିଲେ। ଏଥିସହ ବିସର୍ଜନ ଶୋଭାଯାତ୍ରା ଦିନ ସକାଳୁ ବାଉଁଶରେ ନିର୍ମିତ ସାଜସଜ୍ଜା ତୋରଣର ଉପରିଭାଗ ହଟାଇ ଦେବାକୁ ସମସ୍ତ କମିଟିକୁ ଅନୁରୋଧ କରିଥିଲେ। ଏହାଦ୍ୱାରା ମୂର୍ତ୍ତି ଓ ଶୋଭାଯାତ୍ରାର ସୁଗମ ଯାତାୟାତ ସୁନିଶ୍ଚିତ ହୋଇପାରିବ ବୋଲି ସେ କହିଥିଲେ। ପରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ନିଜ ମତାମତ ରଖିବା ସହ ଶୋଭାଯାତ୍ରାର ସଫଳ ଆୟୋଜନ ନିମନ୍ତେ ଆଲୋଚନା କରିଥିଲେ। ଏସ୍‌ପି ମାଣେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇ ଏହାର କଡ଼ାକଡ଼ି ଅନୁପାଳନ କରିବାକୁ କହିଥିଲେ। ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ସିଷ୍ଟମ୍ ଓ ଭାଇବ୍ରେସନ୍ ଏନ୍‌ହାନ୍ସର୍ ମେସିନ୍‌ର ଉଚ୍ଚଶବ୍ଦଯୁକ୍ତ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଶୋଭାଯାତ୍ରା ବେଳେ ଅଶ୍ଳୀଳ ନୃତ୍ୟ ଓ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନକୁ କୌଣସି ପରିସ୍ଥିତିରେ ଅନୁମତି ଦିଆଯିବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ।

## ଶୃଙ୍ଖଳିତ ଭସାଣି ପାଇଁ ଆଲୋଚନା

ଜିଲ୍ଲାପାଳ ପାଟିଲ କହିଥିଲେ ଯେ ନିଜ ନିଜ ପୂଜା ବଜାର ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ରଖିବା ସମ୍ପୃକ୍ତ ପୂଜା କମିଟିର ପ୍ରାଥମିକ ଦାୟିତ୍ୱ। ବରିଷ୍ଠ ନାଗରିକ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଉଚ୍ଚଶବ୍ଦର ସଙ୍ଗୀତର କୁପ୍ରଭାବକୁ ବିଚାରକୁ ନେଇ ଡିଜେ ଓ ଭାଇବ୍ରେଟର୍ ମେସିନ୍ ବ୍ୟବହାରରୁ ବିରତ ରହିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଶୋଭାଯାତ୍ରାର ସୁପରିଚାଳନା ଓ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ମିଳିତ ଗଜଲକ୍ଷ୍ମୀ ପୂଜା ବଜାର କମିଟି ସଭାପତିଙ୍କ ସମେତ ସମସ୍ତ ପୂଜା କମିଟିର ବରିଷ୍ଠ କର୍ମକର୍ତ୍ତା ଶୋଭାଯାତ୍ରା ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ବିସର୍ଜନ ଶୋଭାଯାତ୍ରା ସମୟରେ ପାନୀୟ ଜଳ ଯୋଗାଣ, ପରିମଳ, ଅଗ୍ନିଶମ ସେବା, ବିଦ୍ୟୁତ୍, ଅବକାରୀ ଓ ସ୍ୱାସ୍ଥ୍ୟସେବା ଆଦି ସମସ୍ତ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ବୈଠକ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ୟାମାଚରଣପୁରରେ ମଣ୍ଡପରୁ ଚୋରି

# ଲୁହା ସାମଗ୍ରୀ ଜବତ; ୩ ଗିରଫ

**ଢେଙ୍କାନାଳ,୩୦।୧୦(ସମିସ):** ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଶ୍ୟାମାଚରଣପୁରଠାରେ ନିର୍ମାଣାଧୀନ ମଣ୍ଡପରୁ ବିପୁଳ ପରିମାଣରେ ଲୁହା ପାଇପ ଚୋରି ଅଭିଯୋଗରେ ପୁଲିସ ତିନି ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ବୋରାପଦା ଆଇଟିଆଇ ନିକଟରେ ରହୁଥିବା ସନ୍ତ ନାଏକଙ୍କ ପୁଅ ସିଦ୍ଧାନ୍ତ ନାଏକ ଓରଫ ମିଟୁ ଓରଫ କାଲା (୨୫), ଭାସ୍କର ନାଏକଙ୍କ ପୁଅ ପ୍ରଶାନ୍ତ ନାଏକ ଓରଫ କୁନା (୪୦) ଏବଂ ସରଜଙ୍ଗ ସାହିର ବିରଞ୍ଚି ନାଏକଙ୍କ ପୁଅ କୁଞ୍ଜନ ନାଏକ। ଶ୍ୟାମାଚରଣପୁର ବିବି ଜେନା ଲେନ୍‌ରେ ନିର୍ମାଣ ହେଉଥିବା ମଣ୍ଡପରୁ ଗତ ୧୮ ତାରିଖ ଲୁହା ସାମଗ୍ରୀ ଚୋରି ହୋଇଥିବାର କାରିଗର ସାହିର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୁଅ ସତ୍ୟରଞ୍ଜନ ସାହୁ ଥାନାରେ ଲିଖିତ ଭାବେ ଅଭିଯୋଗ



କରିଥିଲେ।ଅଭିଯୋଗକୁ ନେଇ ପୁଲିସ୭୬୭/୨୬ରେଏକମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ୪ଇଞ୍ଚର ଲୁହା ପାଇପ ସହିତ ହେଲୋଜେନ ଲାଇଟ,ଟାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାର ଜଣାପଡ଼ିଥିଲା। ପୁଲିସ ସିସିଟିଭି ଫୁଟେଜ ଓ ଅନ୍ୟ ଆଧାରରେ ତଦନ୍ତ କରି ଚୋରମାନଙ୍କୁ ଚିହ୍ନଟ କରିଥିଲା। ସେମାନଙ୍କୁ ଗିରଫ କରି ପଚରାଉଚରା କରିବାରେ ସମସ୍ତ ଘଟଣା ପଦାକୁ ଆସିଥିଲା। ପୁଲିସ ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ କରିଛି। ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ହାତୀ ଆକ୍ରମଣ ନେଇ ମନ୍ତ୍ରୀଙ୍କ ସହ ସାଂସଦଙ୍କ ଆଲୋଚନା

**ଖଜୁରିଆକଟା,୩୦।୧୦(ସମିସ):** ହିନ୍ଦୋଳ ବନାଞ୍ଚଳରେ ବାରମ୍ବାର ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁକୁ ନେଇ ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ହିନ୍ଦୋଳ ଉପଖଣ୍ଡରେ ତିନିଦିନ ପୂର୍ବରୁ ହାତୀ ଆକ୍ରମଣରେ ନଣ୍ଡେଇଲୋ ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ କିଛିଦିନ ମଧ୍ୟରେ ଗନ୍ଦିଆ ବ୍ଲକରେ ମଧ୍ୟ ଚାରିଜଣଙ୍କ ମୃତ୍ୟୁ ହୋଇଛି। ଏଭଳି ସ୍ପର୍ଶକାତର ବିଷୟରେ ସାଂସଦ ଡିଏଫଓ ଲଳିତ କୁମାର ପାତ୍ରଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ସହ ଫୋନରେ ଆଲୋଚନା କରିଥିଲେ। ହାତୀଙ୍କୁ କାବୁ କରିବା ସହ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଆଲୋଚନା କରିଥିବା ଜଣାପଡ଼ିଛି। ହାତୀ ଆକ୍ରମଣରେ ଦିନକୁ ଦିନ ଧନଜୀବନ ନଷ୍ଟ ନେଇ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ ସରକାର ଓ ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ଉଦବେଗ ପ୍ରକାଶ ପାଉଛି।



# ନବମ ଲୋକକଳା ମହୋତ୍ସବ ଉଦ୍‌ଘାଟିତ



**ଢେଙ୍କାନାଳ,୩୦।୧୦(ସମିସ):** ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଆଜି ନବମ ଢେଙ୍କାନାଳ ଜିଲ୍ଲା ଲୋକକଳା ମହୋତ୍ସବ-୨୦୨୬ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାଗୀରଥି ସାଗର ନିକଟସ୍ଥ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରସ୍ଥିତ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟଠାରୁ ପ୍ରାୟ ୫୦୦ରୁ ଅଧିକ ଲୋକକଳା କଳାକାରଙ୍କୁ ନେଇ ଏକ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସହରର ବିଭିନ୍ନ ରାସ୍ତା ଦେଇ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ପହଞ୍ଚିଥିଲା। ବିଭିନ୍ନ ଲୋକକଳା ଓ ପାରମ୍ପରିକ ବାଦ୍ୟ, ନୃତ୍ୟର ପ୍ରଦର୍ଶନ ଶୋଭାଯାତ୍ରାକୁ ଆକର୍ଷଣୀୟ କରିଥିଲା।ଏହି ମହୋତ୍ସବକୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଜ୍ୟୋତି ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ।ଏହି ତିନିଦିନିଆ ମହୋତ୍ସବ ଅକ୍ଟୋବର ୩୦ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ପଡ଼ିଆଠାରେ ଅନୁଷ୍ଠିତ ହେବ। ପ୍ରତିଦିନ ସକାଳ ୧୦ଟା ୩୦ରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ତିନିଦିନ ଧରି ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକକଳାକାରମାନେ ମଞ୍ଚରେ ନିଜ ପାରମ୍ପରିକ କଳା, ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ। ଲୋକକଳା, ଲୋକସଂସ୍କୃତି ଓ ପାରମ୍ପରିକ କଳାର ସଂରକ୍ଷଣ, ପ୍ରଚାରପ୍ରସାର ସହ କଳାକାରମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ।

■ ପିଏମ୍ କିଷାନ ଉତ୍ସବରେ ୨୪ତମ କିସ୍ତି ପ୍ରଦାନ

# ଜିଲ୍ଲାର ୧,୦୬,୭୪୨ ଚାଷୀଙ୍କ ଖାତାକୁ ଗଲା ଟଙ୍କା

**ଢେଙ୍କାନାଳ,୩୦।୧୦(ସମିସ):** ଚାଷୀମାନଙ୍କୁ କେନ୍ଦ୍ର ସରକାର ପିଏମ୍ କିଷାନ ଯୋଜନାର ୨୪ତମ କିସ୍ତି ପ୍ରଦାନ କରିଛନ୍ତି। ଏଥିରେ ଜିଲ୍ଲାର ୧,୦୬,୭୪୨ ଚାଷୀ ଉପକୃତ ହୋଇଛନ୍ତି। ପିଏମ୍ କିଷାନ ଦିବସ ପାଳନ ଅବସରରେ ଗୁଜରାଟର ବନାସକାଣ୍ଠାଠାରେ ଆୟୋଜିତ ଉତ୍ସବସ୍ଥଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିରତୁ ଫସଲ ପାଇଁ ଦେଶର ୯ କୋଟି ୩୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୧୮,୬୯୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଯୋଜନାରେ ରାଜ୍ୟର ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଥିବା କହିଛନ୍ତି। ଏହି ଅବସରରେ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରବି ଫସଲ ପାଇଁ ଜିଲ୍ଲାର ୧ ଲକ୍ଷ ୬ ହଜାର ୭୪୨ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିବା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପଡ଼ିହାରୀ ପ୍ରକାଶ କରିଥିଲେ।

# ସେଣ୍ଟ୍ ଜାଭିୟର ସ୍କୁଲରେ 'ଗ୍ରାଣ୍ଡ ପ୍ୟାରେଣ୍ଟ୍ସ ଡେ' ପାଳିତ



**ଖଜୁରିଆକଟା,୩୦।୧୦(ସମିସ):** ହିନ୍ଦୋଳ ଉପଖଣ୍ଡ କାରନ୍ଦାସ୍ଥିତ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ଗ୍ରାଣ୍ଡ ପ୍ୟାରେଣ୍ଟସ ଡେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପିଲାମାନଙ୍କ ଜେଜେମା, ଜେଜେବାପା, ଅଜାଆଇମାନଙ୍କୁ ସ୍ୱାଗତ କରାଯାଇ ବନ୍ଦନା କରାଯାଇଥିଲା। ସ୍କୁଲ ଅଧକ୍ଷା ସୁଜାତା ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୃତ୍ୟ ଶିକ୍ଷକ ବିପିନି ସାହୁ, ସଙ୍ଗୀତ ଶିକ୍ଷକ ଖାରବେଳ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲା ପ୍ରଶାସନ ତରଫରୁ ମିତବ୍ୟୟିତା ଦିବସ ପାଳିତ

**ଢେଙ୍କାନାଳ,୩୦।୧୦(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଓ ସ୍ୱତନ୍ତ୍ର ଆର୍ôଥକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଛି। ସଞ୍ଚୟ ଓ ଆର୍ôଥକ ସେବା ସଂଗଠନ, ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ସଞ୍ଚୟ ଓ ଆର୍ôଥକ ସେବା ବିଭାଗ, ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ସଦର ପଞ୍ଚାୟତ ସମିତି ସଭାଗୃହରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସଞ୍ଚୟ ଓ ଆର୍ôଥକ ସେବା ବିଭାଗ, ଢେଙ୍କାନାଳର ସହ-ନିର୍ଦ୍ଦେଶକ ପ୍ରଜ୍ଞା ମିଶ୍ର ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହ ସଞ୍ଚୟର ଆବଶ୍ୟକତା ଏବଂ ଡାକଘର ଓ ବ୍ୟାଙ୍କ୍ ଭଳି ପ୍ରତିଷ୍ଠିତ ତଥା ନିର୍ଭରଯୋଗ୍ୟ ପ୍ରତିଷ୍ଠାନରେ ନିଜ କଷ୍ଟଲବ୍ଧ ଅର୍ଥ ସଞ୍ଚୟ କରିବା ନିରାପଦ ବୋଲି ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ସଦର ବ୍ଲକ୍ ଅଧ୍ୟକ୍ଷ କାଳନ୍ଦୀ ବାରିକ ଯୋଗଦେଇ ସମସ୍ତଙ୍କୁ ମିତବ୍ୟୟୀ ହୋଇ ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡ଼ିକରେ ନିବେଶ କରି ଦେଶ ଗଠନରେ ଭାଗିଦାର ହେବାକୁ ଆହ୍ୱାନ ଦେଇଥିଲେ।



ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଡାକ ଅଧିକ୍ଷକ ଜମ୍ନେଶ୍ୱର ଗଡ଼ନାୟକ ଯୋଗଦେଇ ଡାକଘରେ ଉପଲବ୍ଧ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ତଥା ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଉପରେ ଆଲୋକପାତ କରିଥିଲେ। ସୌମ୍ୟରଞ୍ଜନ ପାଣି ଓ ଦୀପ୍ତିରଞ୍ଜନ ସାମନ୍ତ ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ବୁଝାଇଥିଲେ। ସମ୍ମାନିତ ବକ୍ତା ଭାବେ ଢେଙ୍କାନାଳ ସାଇବର୍ ଡିଏସପି ପ୍ରିୟରଞ୍ଜନ ନାୟକ ଯୋଗଦେଇ ସଚେତନତା ହିଁ ସୁରକ୍ଷା ବୋଲି କହିଥିଲେ। ସାଇବରଠକେଇରୁ ରକ୍ଷା ପାଇବା ପାଇଁ ପଦକ୍ଷେପଗୁଡ଼ିକ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଧାରଣା ପ୍ରଦାନ କରିଥିଲେ। ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରହ୍ଲାଦ ତ୍ରିପାଠୀ, ସାଧାରଣ ସମ୍ପାଦକ କୃଷ୍ଣମୋହନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ, ପେନ୍‌ସନଭୋଗୀ, ଗ୍ରାମସାଥୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସଞ୍ଚୟ ଅଭିକର୍ତ୍ତା ଓ ଜନସାଧାରଣ ଯୋଗଦେଇଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ, ଡ. ଦେବୀପ୍ରସାଦ ମିଶ୍ର ଓ ସାମ୍ବାଦିକ ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ସ୍ୱଳ୍ପ ସଞ୍ଚୟର ଉପଯୋଗିତା ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

# ୫ ହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ



**ଢେଙ୍କାନାଳ,୩୦।୧୦(ସମିସ):** ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବରେ ମା'ସୌଭାଗ୍ୟ ଲକ୍ଷ୍ମୀଙ୍କ ଶଙ୍ଖୁଡି ଭୋଗ ତଥା ପ୍ରସାଦ ସେବନ ଏକ ନିଆରା ପରମ୍ପରା ହୋଇ ରହିଛି। ସମସ୍ତ ପୂଜା ପ୍ରତିଷ୍ଠାନ ପକ୍ଷରୁ ପୂଜା ଭିତରେ ପ୍ରସାଦ ସେବନ ଆୟୋଜିତ ହୋଇଥାଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଏହି ପ୍ରସାଦ ସେବନରେ ସାମିଲ ହୋଇଥାନ୍ତି। ଆଜି ଢେଙ୍କାନାଳର ପ୍ରମୁଖ ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପକ୍ଷରୁ ଟାଉନ ହଲଠାରେ ପ୍ରସାଦ ସେବନ ଆୟୋଜିତ ହୋଇଥିଲା। ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଶ୍ରଦ୍ଧାଳୁ ମାନେ ଅନ୍ନ, ଡାଲି, ଘାଣ୍ଟ ତରକାରୀ, ଶାଗମୁଗ, ଆମ୍ବୁଲ ରାଇ, ଖିରି ଓ ପୁଳି ପ୍ରସାଦର ମଜା ନେଇଥିଲେ। ମା'ଙ୍କ ପ୍ରସାଦ ପାଇଁ ଲମ୍ବା ଧାଡିରେ ଛିଡା ହୋଇଥିବା ଶ୍ରଦ୍ଧାରେ ପ୍ରସାଦ ନେବାର ଦେଖାଯାଇଥିଲା। ଗଣେଶ ବଜାର ପୂଜା କମିଟି ସଭାପତି ସଞ୍ଜୀପ କୁମାର ବେହେରା, ସମ୍ପାଦକ ଏମଡି ରଫିକ, ଉପଦେଷ୍ଟା ବିଶ୍ୱନାଥ ବେହେରା ଓ ବସନ୍ତ କୁମାର ସାହୁ, ଅଧ୍ୟକ୍ଷ ଶେଖ ହୁସେନ, ଟ୍ରଷ୍ଟ ସମ୍ପାଦକ ଅତୁଲ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସଭାପତି ଶରତ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ସେଠ, ସଦସ୍ୟ ମାଧବ ସିଲ, ଶ୍ରୀକାନ୍ତ କୁମାର ସାହୁ, ମାନସ କୁମାର ସାହୁ, ଆଶୁତୋଷ ସିଲ, ସୁବ୍ରତ ସାହୁ, ଅମନ, ରାକେଶ, ଆଦିତ୍ୟ ସାହୁ, ତାପସ ମହାନ୍ତି, ମଣ୍ଟୁ ସାହୁଙ୍କ ପ୍ରମୁଖ ସହଯୋଗ କରିଥିଲେ ବୋଲି ଅନୁଷ୍ଠାନର ମିଡିଆ କୋଅର୍ଡିନେଟର ଶ୍ୟାମସୁନ୍ଦର ସାହୁ ସୂଚନା ଦେଇଛନ୍ତି।

# ଗେଣ୍ଡାନାଳିଆ ନାଳ ଉପରେ ନିର୍ମାଣ ହେଲା ଉଚ୍ଚସ୍ତରୀୟ ସେତୁ

**ଭୁବନ,୩୦।୧୦(ସମିସ)**



ଦୀର୍ଘବର୍ଷର ଯାତାୟାତ ସମସ୍ୟା ସମାଧାନ ହୋଇଛି। ଗେଣ୍ଡାନାଳିଆ ନାଳ ଉପରେ ନିର୍ମିତ ଉଚ୍ଚସ୍ତରୀୟ ସେତୁ ଅଞ୍ଚଳବାସୀଙ୍କ ଯାତାୟାତକୁ ସୁଗମ କରିଛି। ପୂର୍ବରୁ ବର୍ଷାଦିନେ ନାଳରେ ପାଣି ବଢ଼ିଯିବାରୁ ଲୋକେ ନିଜ ବିଲବାଡ଼ିକୁ ଯିବା ସହ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠକୁ ଯିବାରେ ଅସୁବିଧା ଭୋଗୁଥିଲେ। ଏପରିକି ଗାଈଗୋରୁଙ୍କ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହେଉଥିଲା। ଗ୍ରାମବାସୀଙ୍କ ଏହି ସମସ୍ୟା ସମ୍ପର୍କରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନ କାମାକ୍ଷାନଗର ଗସ୍ତ ସମୟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ତତ୍କାଳୀନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେତୁ ନିର୍ମାଣକୁ ଅନୁମୋଦନ ମିଳିଥିଲା। ପ୍ରାୟ ତିନି ବର୍ଷ ମଧ୍ୟରେ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଏବେ ଲୋକଙ୍କ ଯାତାୟାତ ପାଇଁ ସୁବିଧା ସୃଷ୍ଟି କରିଛି। ଏହି ସେତୁ ନିର୍ମାଣ ଯୋଗୁଁ ମାର୍ଥାପୁର ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ହୋଇଥିବାରୁ ଗ୍ରାମବାସୀ ନବୀନ ପଟ୍ଟନାୟକ ଓ ପ୍ରଫୁଲ୍ଲ ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ତେବେ ଏହି ସେତୁ ନିର୍ମାଣ ପରେ ସର୍ବାଧିକ ଲାଭ ନେଉଛନ୍ତି ବାଲିଘାଟ ନିଲାମଧାରୀ। ଯଦିଓ ଏବେ ନିଲାମ ବନ୍ଦ ରହିଛି, କିଛି ବାଲି ମାଫିଆଙ୍କ ନିମନ୍ତେ ଏହା ବରଦାନ ହୋଇଛି। ଏହି ରାସ୍ତାରେ ଅନାୟାସରେ ବାଲି ବୁହା ଚାଲୁଛି। ଏଥିପ୍ରତି ନା ରାଜସ୍ୱ ବିଭାଗ, ନା ବନ ବିଭାଗ ନା ଖଣି ବିଭାଗ ନା ପୁଲିସ କାହାର ନଜର ନାହିଁ। ସନ୍ଧ୍ୟା ୬ ବାଜିଲେ ଏହି ସେତୁ ଦେଇ ଦୈନିକ ୨୦ରୁ ଉର୍ଦ୍ଧ୍ୱ ହାଇୱା ଦ୍ୱାରା ବାଲି ଚାଲାଣ ଚାଲୁଛି। ଗ୍ରାମବାସୀ ଓ ଖଣି ଲିଜ୍‌ଧାରୀଙ୍କ ବିରୋଧ ସତ୍ତ୍ୱେ ଯମୁନାକୋଟ ସୁରପ୍ରତାପପୁରର କେତେକ ଯୁବକ ବାଲି ବୋହି ନେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅନୁଗୋଳରେ ମା' ଗଜଲକ୍ଷ୍ମୀ ପୂଜା

# ପାଗ ଅନୁକୂଳ ଯୋଗୁଁ ପୂଜାମଣ୍ଡପରେ ଲୋକଙ୍କ ଭିଡ଼

**ଅନୁଗୋଳ, ୩୦।୧୦(ସମିସ):** ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଅନୁଗୋଳ ସହର ଉତ୍ସବମୁଖର ହୋଇପଡ଼ିଛି। ଝିଲିମିଲି ଆଲୋକରେ ଝଲସୁଛି ଅନୁଗୋଳ ସହର। ମା'ଙ୍କ ଆବାହନ ସରିଲା। ଚକ୍ଷୁଦାନ ପରେ ହେଲା ପ୍ରାଣପ୍ରତିଷ୍ଠା। ପୂରା ସହରରେ ଖେଳିଗଲା ଆଧ୍ୟାତ୍ମିକ ବାତାବରଣ। କିନ୍ତୁ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗତ ୩ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୂଜାର ଉତ୍ସାହ ଅନେକାଂଶରେ ଫିକା ପଡ଼ିଯାଇଥିଲା। ମାସ ମାସ ଧରି ପରିଶ୍ରମ କରି ପୂଜା ମଣ୍ଡପକୁ ସଜାଇଥିବା ପୂଜା କମିଟି ସଦସ୍ୟମାନଙ୍କ ମନରେ ନୈରାଶ୍ୟ ଭରିଯାଇଥିଲା। ଯେଉଁ ଆନନ୍ଦ, ଉତ୍ସାହ ଓ ଜନସମାଗମକୁ ନେଇ ସେମାନେ ଆଶା ବାନ୍ଧିଥିଲେ, ବର୍ଷା ଯୋଗୁଁ ତାହା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। କିନ୍ତୁ ଶୁକ୍ରବାର ବର୍ଷା ଛାଡ଼ିଯିବା ପରେ ଅନୁକୂଳ ପାଗ ଯୋଗୁଁ ପୂଜାମଣ୍ଡପଗୁଡ଼ିରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ସନ୍ଧ୍ୟା ଆଳତିରେ ସାମିଲ ହୋଇ ମା'ଙ୍କ ଆଶିଷ ନେଇଛନ୍ତି ଶ୍ରଦ୍ଧାଳୁ। ଭିଡ଼କୁ ଦୃଷ୍ଟିରେ ରଖି ଦଶହରା ପୂଜା ପଡ଼ିଆରେ ମୀନାବଜାର ଦୋକି ସାଙ୍ଗକୁ ଚଟପଟିଆ ଖାଦ୍ୟ, ଗୁପଚୁପ୍, ଚାଟ୍ର ଆସର ଜମୁଛି। କିଛି ପୂଜା କମିଟି ଅନ୍ନପ୍ରସାଦ ବଣ୍ଟନ ଆରମ୍ଭ କରି ଦେଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ବି ଆରମ୍ଭ ହୋଇଛି। କଟକ, ଭୁବନେଶ୍ୱରରୁ କଳାକାରମାନେ ଆସି ପ୍ରଥମ ଦିନରେ ଭଜନ ପରିବେଷଣ କରିଛନ୍ତି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରତି ପୂଜା ମଣ୍ଡପ ଏବଂ ଛକରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

**ଝିଲିମିଲି ଆଲୋକରେ ଝଲସୁଛି ସହର**

ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ଅନୁଗୋଳର ଗଣପର୍ବ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାକୁ ନେଇ ପୂରା ସହରରେ ଉତ୍ସାହ ଉଦ୍ଦୀପନା ଆରମ୍ଭ ହୋଇଥିବା ବେଳେ ମିଳିତ ମେଳଣ କାର୍ଯ୍ୟକ୍ରମ ପାଇଁ ପୂଜା କମିଟିଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ମୋଟ୍ ୨୯ ପୂଜା ମଣ୍ଡପ ମଧ୍ୟରୁ ୧୩ଟି ମଣ୍ଡପ ମେଳଣ ଶୋଭାଯାତ୍ରାରେ ସାମିଲ ହେବାକୁ ପୂର୍ବରୁ ସହମତି ଦେଇଥିଲେ। ଭସାଣି ଶୋଭାଯାତ୍ରା ଥାନାଛକରୁ ଆରମ୍ଭ ହେବ। ସମସ୍ତ ମେଢ଼ ରାଜଛକ ଦେଇ ବଜାର ଛକ, ପୁରୁଣା ସୂଚନା କେନ୍ଦ୍ର, ବୁଢ଼ୀ ଠାକୁରାଣୀ ଛକ ଦେଇ ନିଜ ଭସାଣି ସ୍ଥାନକୁ ଯିବାକୁ ନିଷ୍ପତ୍ତି ହୋଇଛି। ଭସାଣି ଶୋଭାଯାତ୍ରା ଅପରାହ୍ଣ ୩ଟାରୁ ଆରମ୍ଭ ହେବ। ଯେଉଁ ପୂଜା କମିଟି ଠିକଣା ସମୟରେ ଶୋଭାଯାତ୍ରାର କ୍ରମରେ ନ ପହଞ୍ଚିବେ, ତାଙ୍କୁ ଅପେକ୍ଷା କରାଯିବ ନାହିଁ। ତାଙ୍କୁ ମେଳଣ ଶୋଭାଯାତ୍ରାର ଶେଷରେ ରଖାଯିବ ବୋଲି କେନ୍ଦ୍ରୀୟ ପୂଜା କମିଟି ନିଷ୍ପତ୍ତି ନେଇଛି। ମେଳଣରେ ଡିଜେ ଏବଂ ବାଣକୁ ବାରଣ କରାଯାଇଛି। ଲାଇଟ୍, ବ୍ୟାଣ୍ଡ ପାର୍ଟି ଓ ସାଉଣ୍ଡକୁ ମିଶାଇ ଗୋଟିଏ ପୂଜା କମିଟି ଅତି ବେଶୀରେ ୪ଟି ସେକ୍ସନ୍ ନିଜ ଭସାଣିରେ ସାମିଲ୍ କରିବାକୁ କମିଟିମାନଙ୍କୁ ଅନୁରୋଧ କରାଯାଇଛି।










## ନାବାଳିକାଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

**ଛେଣ୍ଡିପଦା, ୩୦।୧୦(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ପୁଲିସ ଫେରାର ଅଭିଯୁକ୍ତକୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଯୁବକ ହେଲେ ରାହୁଲ ପୂଢ଼। ଗତ ୨୦ ତାରିଖ ଘରେ କେହି ନ ଥିବାର ସୁଯୋଗ ନେଇ ରାହୁଲ ନାବାଳିକାଙ୍କ ହାତଗୋଡ଼ ବାନ୍ଧି ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ୧୦ ଦିନ ପରେ ପୁଲିସ ଦେବଗଡ଼ ଜିଲ୍ଲା ରିଆମାଳ ଅଞ୍ଚଳରୁ ତାଙ୍କୁ ଗିରଫ କରିଛି।

## ଘର ଭିତର କୂଅରୁ ୧୧ ଫୁଟର ଅହିରାଜ ଉଦ୍ଧାର

**ଅନୁଗୋଳ, ୩୦।୧୦(ସମିସ):** ବନ୍ତଳା ଥାନା ତଳଗଡ଼ ରଗୁଡ଼ିଆପଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ଭିତରେ ଥିବା କୂଅରୁ ୧୧ ଫୁଟ ଲମ୍ବର ଏକ ଅହିରାଜ ସାପ ଉଦ୍ଧାର କରାଯାଇଛି। ଗ୍ରାମର ବିଦ୍ୟାଧର ପ୍ରଧାନଙ୍କ ଘର ଭିତରେ ଥିବା କୂଅରେ ଗୁରୁବାର ରାତି ପ୍ରାୟ ୧୦ଟା ୪୦ରେ ଏକ ଅହିରାଜ ସାପ ପଡ଼ିଥିବା ଦେଖିବାକୁ ମିଳିଥିଲା। ସାପକୁ ଦେଖି ବିଦ୍ୟାଧର ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଖବର ଦେଇଥିଲେ। ଆଦିତ୍ୟଙ୍କ ସହ ଅଭୟ ସେଠୀ, ବିଜୁ ଭୋଇ, କାଳୁ, ରାହୁଲ ଏବଂ ଜଙ୍ଗଲ ବିଭାଗ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଉଦ୍ୟମ ପରେ ସାପକୁ କୂଅ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ବନ୍ତଳା ଫରେଷ୍ଟର ଶ୍ରୀନିବାସ ସାହୁଙ୍କ ଉପସ୍ଥିତିରେ ସାପକୁ ସ୍ଥାନୀୟ ରାଇଗୁଡ଼ା ଜଙ୍ଗଲରେ ଛାଡ଼ି ଦିଆଯାଇଛି।



## ଲୁଣହାଣ୍ଡି ସମିତି ସଭ୍ୟଙ୍କ ପରଲୋକ

**କିଶୋରନଗର, ୩୦।୧୦(ସମିସ):** ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତ ସମିତି ସଭ୍ୟ ତଥା ପୂର୍ବତନ ସରପଞ୍ଚ ଦେବକାନ୍ତ ରଣଭୂଇଁଷା (୪୭)ଙ୍କ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ମେଳାପୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଯୁବନେତା ପ୍ରକାଶ ଡାଙ୍ଗ, ଚିତ୍ତରଞ୍ଜନ ମେହେର, ମନୋଜ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



## ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଙ୍କ ବିୟୋଗ

**ବଣ୍ଟଁରପାଳ, ୩୦।୧୦(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ଶ୍ରଦ୍ଧାଞ୍ଜଳି ପାତ୍ର (୧୪)ଙ୍କର ଗୁରୁବାର ସନ୍ଧ୍ୟାରେ ପରଲୋକ ଘଟିଛି। ବଣ୍ଟଁରପାଳ ବ୍ଲକ ବୃନ୍ଦାବନପୁର ଗ୍ରାମରେ ରହୁଥିବା କୁଲେଇ ଗ୍ରାମର କେଦାରନାଥ ପାତ୍ରଙ୍କ ଝିଅ ଶ୍ରଦ୍ଧାଞ୍ଜଳି କିଛିଦିନ ହେଲା ଅସୁସ୍ଥ ଥିଲେ। ସେ ବଣ୍ଟଁରପାଳସ୍ଥିତ ଡା. ଜନ୍ମେଶ୍ୱର ତ୍ରିପାଠୀଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ଡା. ତ୍ରିପାଠୀ ତାଙ୍କ ରକ୍ତ ପରୀକ୍ଷା ଓ ଏକ ଇଞ୍ଜେକ୍ସନ ଦେବା ପାଇଁ ଲେଖିଥିଲେ। କେଦାରନାଥ ଶ୍ରଦ୍ଧାଞ୍ଜଳିଙ୍କୁ ନିକଟସ୍ଥ ହରେରାମ ମେଡିକାଲକୁ ନେଇ ରକ୍ତ ପରୀକ୍ଷା କରି ଇଞ୍ଜେକ୍ସନ ଲଗାଇଥିଲେ। ପରେ ଘରକୁ ଆସିବାର ୨୦ ମିନିଟ ପରେ ଶ୍ରଦ୍ଧାଞ୍ଜଳିଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ତୁରନ୍ତ ତାଙ୍କୁ ବଣ୍ଟଁରପାଳ ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାରେ ତ୍ରୁଟି ଯୋଗୁଁ ଶ୍ରଦ୍ଧାଞ୍ଜଳିଙ୍କ ମୃତ୍ୟୁ ହୋଇଥିବା କେଦାରନାଥ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କ ମୃତ୍ୟୁ ଖବର ପାଇ ବିଦ୍ୟାଳୟର ଗୁରୁଜୀ ଓ ଅଭିଭାବକମାନେ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଞ୍ଜଳି ଜଣେ ମେଧାବୀ, ମିଷ୍ଟଭାଷୀ ଓ ମେଳାପୀ ଛାତ୍ରୀ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



### ଅନୁଗୋଳ ଗସ୍ତରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ

## ବିଭିନ୍ନ ପ୍ରକଳ୍ପ ପରିଦର୍ଶନ ସହ ସମୀକ୍ଷା

**ଅନୁଗୋଳ, ୩୦।୧୦(ସମିସ):** ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଶୁକ୍ରବାର ଦିନିକିଆ ଅନୁଗୋଳ ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିବା ସହ ଭିତ୍ତିଭୂମି ଓ ଶିଳ୍ପ ବିକାଶ ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତର ଉପସ୍ଥିତ ରହି ସହଯୋଗ କରିଥିଲେ। ଗସ୍ତର ପ୍ରଥମ ପର୍ଯ୍ୟାୟରେ ସଚିବ ନାଲ୍କୋ ନିକଟ ଆଲୁମିନିୟମ ପାର୍କ ପରିଦର୍ଶନ କରିଥିଲେ। ଏହି ଶିଳ୍ପାଞ୍ଚଳର ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୀକ୍ଷାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଆଇଏଏସ ପ୍ରୋବେସନର ଅଭି ଜୈନ୍, ଜିଲ୍ଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଅନୁଗୋଳ ପୌର ପାଳିକା ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ସମେତ ଇଡ୍କୋ, ଟିପିସିଓଡିଏଲ୍, ଆର୍ଡବ୍ଲ୍ୟୁଏସ୍ଏସ୍ ଓ ନାଲକୋ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗୋଳ ପୌରପାଳିକା ଅନ୍ତର୍ଗତ ଏଫ୍ଏସ୍‌ଟିପି ପରିଦର୍ଶନ କରିଥିଲେ। ପଞ୍ଚମହଲାଠାରେ ଚାଲିଥିବା ପୁରୁଣା ଆବର୍ଜନା ପରିଚାଳନାର ବାୟୋ-ମାଇନିଂ ପ୍ରକଳ୍ପର କାର୍ଯ୍ୟଶୈଳୀ ଅନୁଧ୍ୟାନ କରି କାର୍ଯ୍ୟର ଅଗ୍ରଗତି ନିରୀକ୍ଷଣ କରିଥିଲେ। ପରେ ସେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡର ନିର୍ମାଣାଧୀନ ପ୍ରକଳ୍ପ ଗସ୍ତ କରିଥିଲେ। ପ୍ରକଳ୍ପର ସମଗ୍ର ବିକାଶ, ନିଷ୍କାସନ ନାଳୀ ନିର୍ମାଣ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଆବେଦନକାରୀମାନଙ୍କୁ ତୁରନ୍ତ ଫ୍ଲାଟ୍ ହସ୍ତାନ୍ତର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶେଷରେ ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ସହ ସେ ବଣିଆବାହାଳ ଏବଂ ଲିଙ୍ଗରାଯୋଡ଼ି ଅଞ୍ଚଳର ଜଳବନ୍ଦୀ ସ୍ଥାନଗୁଡ଼ିକ ପରିଦର୍ଶନ କରି ବର୍ଷାଦିନେ ଏହି ସବୁ ଅଞ୍ଚଳରେ ଦେଖାଯାଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ନିଷ୍କାସନ ବ୍ୟବସ୍ଥା ସୁଦୃଢ଼ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ।



### ● କ୍ରସରରେ କାମ କରୁଥିବା ବେଳେ ଶ୍ରମିକଙ୍କ ମୃତ୍ୟୁ


## କ୍ଷତିପୂରଣ ଦାବିରେ ଥାନା ସମ୍ମୁଖରେ ଧାରଣା

**ପାଲଲହଡ଼ା, ୩୦।୧୦(ସମିସ):** କ୍ରସରରେ କାମ କରୁଥିବା ବେଳେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। କ୍ଷତିପୂରଣ ଦାବିରେ ମୃତଦେହ ରଖି କ୍ରସର ଓ ଥାନା ସମ୍ମୁଖରେ ପରିବାର ଲୋକେ ଧାରଣା ଦେଇଛନ୍ତି। ପାଲଲହଡ଼ା ଥାନା ଝିମିରିପାଲି ଗ୍ରାମରେ ଥିବା ଏକ କ୍ରସରେ ସହରଗୁରୁଜାଙ୍ଗ ଗ୍ରାମର ପ୍ରକାଶ ମହାରଣା (୪୦) ମେକାନିକ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୭ ତାରିଖ ଅପରାହ୍ଣ ୩ଟାରେ ଦୁର୍ଘଟଣା ଘଟି ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ତାଙ୍କ ମୃତ୍ୟୁ ହୋଇଛି। ପ୍ରକାଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ଗାଁକୁ ଅଣାଯାଇଥିଲା। ପ୍ରକାଶ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ କ୍ଷତିପୂରଣ ଦାବିରେ ପରିବାର ଲୋକ ଏବଂ ଗ୍ରାମବାସୀ ମୃତଦେହ କ୍ରସର ସମ୍ମୁଖରେ ରଖି ଧାରଣା ଦେଇଥିଲେ। କିଛି ଗ୍ରାମବାସୀ ପାଲଲହଡ଼ା ଥାନା ସମ୍ମୁଖରେ ମଧ୍ୟ ଧାରଣା ଦେଇଥିଲେ। ପରେ ପରିବାର ଲୋକ, ଗ୍ରାମବାସୀ ଏବଂ କ୍ରସର ମାଲିକଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇ ମାଲିକ ନରୋତ୍ତମ ସାହୁ ପ୍ରକାଶଙ୍କ ସ୍ତ୍ରୀ ଦ୍ରୌପଦୀ ମହାରଣାଙ୍କୁ ୨ ଲକ୍ଷ୍ୟ ଟଙ୍କା ସହାୟତା ପ୍ରଦାନ କରିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ପ୍ରକାଶଙ୍କ ସ୍ତ୍ରୀ ଦ୍ରୌପଦୀଙ୍କ ଅଭିଯୋଗ ଆଧାରରେ ପାଲଲହଡ଼ା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଦୀପ ମହନ୍ତ ସୂଚନା ଦେଇଛନ୍ତି।

### ତାଳଚେର ମାରୱାଡି ସମାଜର ନିର୍ବାଚନ

## ୩ୟ ଥର ସଭାପତି ହେଲେ ମହେଶ

**ତାଳଚେର, ୩୦।୧୦(ସମିସ):** ତାଳଚେର ମାରୱାଡି ସମାଜର ସାଧାରଣ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବୈଠକରେ ମହେଶ୍ୱର ଅଗ୍ରୱାଲ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବଜରଙ୍ଗ ଅଗ୍ରୱାଲ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କୋଷାଧକ୍ଷ ମନୋଜ ଅଗ୍ରୱାଲା ୨୦୨୫-୨୬ ବର୍ଷର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ପରେ ୨୦୨୬-୨୭ ଓ ୨୦୨୭-୨୮ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବିନୋଦ ଅଗ୍ରୱାଲା, ଡ. ଲକ୍ଷ୍ମୀନିବାସ ଅଗ୍ରୱାଲ ଓ ଶଙ୍କର ମୋଦୀ ନିର୍ବାଚନ ପରିଚାଳନା କରିଥିଲେ। ସମାଜର ସମସ୍ତ ସଭ୍ୟସଭ୍ୟା ଅଂଶଗ୍ରହଣ କରିଥିଲେ। ମହେଶ ଅଗ୍ରୱାଲ ସଭାପତି, ବଜରଙ୍ଗ ଅଗ୍ରୱାଲ ସମ୍ପାଦକ, ମନୋଜ ଅଗ୍ରୱାଲ କୋଷାଧକ୍ଷ, ସୁଶୀଲ ଅଗ୍ରୱାଲ ଉପସଭାପତି, ଓମପ୍ରକାଶ ଗୁପ୍ତା ସହସମ୍ପାଦକ ଓ ପବନ ଜୈନ ମାରୱାଡି ଭବନ ପରିଚାଳନା କମିଟି ମୁଖ୍ୟ ଭାବେ ମନୋନୀତ ହୋଇଛନ୍ତି। ସଭାପତି, ସମ୍ପାଦକ ଓ କୋଷାଧକ୍ଷଙ୍କ କାର୍ଯ୍ୟକଳାପରେ ମାରୱାଡି ସମାଜ ସନ୍ତୁଷ୍ଟ ଥିବାରୁ ୩ୟ ଥର ପାଇଁ ଏମାନଙ୍କୁ ପୁନର୍ବାର ବିଜୟ ଟିକା ପିନ୍ଧାଇଛନ୍ତି।



## ଶିବିରରୁ ୫୧ ୟୁନିଟ ରକ୍ତ ସଂଗ୍ରହ

**ଛେଣ୍ଡିପଦା, ୩୦।୧୦(ସମିସ):** ଛେଣ୍ଡିପଦା ବ୍ଲକ କତଡ଼ା ପଞ୍ଚାୟତ ବଡ଼ମୂଳ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଗୋଲ୍ଡେନ ଷ୍ଟାର କ୍ଲବ ପକ୍ଷରୁ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ କତଡ଼ା ସରପଞ୍ଚ କଳ୍ପନା ପ୍ରଧାନ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ରଣଜିତ ପ୍ରଧାନ, ସିଲୁ ସାହୁ, କେଶବ ପ୍ରଧାନ ଯୋଗଦେଇଥିଲେ। ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଅନୁଗୋଳ ଜିଲ୍ଲା ରେଡକ୍ରସ ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଗୋଲ୍ଡେନ ଷ୍ଟାର କ୍ଲବ ସଭାପତି ଗୁରୁଦେବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସଭ୍ୟ ସୁଶାନ୍ତ ସାହୁ, ସୀତାରାମ ସାହୁ, ଦୁର୍ଗାପ୍ରସାଦ ସାହୁ, ତପନ ରାଉଳ, ନନ୍ଦନ ବାରିକ, ମଦନ ବାରିକ, ପ୍ରିୟବ୍ରତ ସାହୁ, ସିଦ୍ଧାନ୍ତ ଦେହୁରୀ, ଗଜେନ୍ଦ୍ର ରାଉଳ, ଗଙ୍ଗା ରାଉଳ, ସ୍ୱପ୍ନେଶ୍ୱର ସାହୁ, ସିଲୁ ସାହୁ, ଶିବୁନ ସାହୁ, ସିକୁନ ସାହୁ, ରିଙ୍କୁ ସାହୁ, ଏକାଦୁଶିଆ ସାହୁ, ପ୍ରୀତିରାଜ ସାହୁ, ସୁବାସ ମୁଦୁଲି, ଗୟାଚାନ୍ଦ ସାହୁ, ସୁଧନ୍ୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# 'କ୍ଷତିଗ୍ରସ୍ତ ଲୋକଙ୍କ କଣ୍ଠରୋଧ କଲେ ଦୃଢ଼ ଜବାବ ଦିଆଯିବ'

**ଅନୁଗୋଳ, ୩୦।୧୦(ସମିସ):** ଏମସିଏଲ୍ କଣିହାଁ ଖଣି ଅଞ୍ଚଳରେ ବାରମ୍ବାର ଆନ୍ଦୋଳନ ଓ ଅବରୋଧ ଯୋଗୁଁ ଖଣି କାର୍ଯ୍ୟ ପ୍ରଭାବିତ ହେଉଥିବା ତଥା ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ବିଏନ୍ଏସ୍ଏସ୍ର ଧାରା ୧୬୩ ଅନୁଯାୟୀ ନିଷେଧାଦେଶ ଜାରି କରିଛନ୍ତି। ତେବେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ କଂଗ୍ରେସ ପକ୍ଷରୁ ନାପସନ୍ଦ କରାଯିବା ସହ ସ୍ଥାନୀୟ ପ୍ରଶାସନ କମ୍ପାନୀ କର୍ତ୍ତୃପକ୍ଷଙ୍କ ଗୋଡ଼ାଣିଆ ସାଜି କ୍ଷତିଗ୍ରସ୍ତ ଲୋକଙ୍କ କଣ୍ଠରୋଧ କରିବା ପାଇଁ ଚକ୍ରାନ୍ତ କରୁଥିବା ଅଭିଯୋଗ କରିଛି। ଏହାର ଦୃଢ଼ ଜବାବ ଦିଆଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

କଣିହାଁ ଅଞ୍ଚଳରେ ବାରମ୍ବାର ଧର୍ମଘଟ ଓ ରାସ୍ତା ଅବରୋଧ ଯୋଗୁଁ କୋଇଲା ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହେବା ସହ ଏହାଦ୍ୱାରା ଏନଟିପିସି ଏବଂ ଜେଆଇଟିପିଏଲ୍‌କୁ କୋଇଲା ଯୋଗାଣ ବାଧାପ୍ରାପ୍ତ ହେଉଛି। ଫଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଉତ୍ପାଦନ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ରହିଥିବା କୁହାଯାଇ ପ୍ରଶାସନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ନିଷେଧାଦେଶ ଅନୁଯାୟୀ ବେଆଇନ ସମାବେଶ, ଖଣିର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଅବରୋଧ ସୃଷ୍ଟି, ସରକାରୀ ତଥା ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ପ୍ରଦାନ ତଥା ସାଧାରଣ ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା କାର୍ଯ୍ୟକଳାପକୁ ନିଷିଦ୍ଧ କରାଯାଇଛି। ତେବେ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଏନଟିପିସି, ଜେଆଇଟିପିଏଲ ଓ କଣିହାଁ କୋଇଲା ଖଣି ଯୋଗୁଁ ଶତାଧିକ ଲୋକ ସେମାନଙ୍କ ସମସ୍ତ ଜମିବାଡ଼ି, ଘରଦ୍ୱାର ହରାଇଥିଲେ ମଧ୍ୟ ଦୀର୍ଘ ବର୍ଷ ପରେ ବି କ୍ଷତିଗ୍ରସ୍ତ ଲୋକେ ସେମାନଙ୍କ ନ୍ୟାୟୋଚିତ କ୍ଷତିପୂରଣ ପାଇପାରି ନାହାନ୍ତି। କ୍ଷତିଗ୍ରସ୍ତ ଲୋକେ ଥଇଥାନ ଓ ନିଯୁକ୍ତି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଡେରେଙ୍ଗଠାରେ ଜେଆଇଟିପିଏଲ କମ୍ପାନୀ ଯୋଗୁଁ ବହୁ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ସେମାନଙ୍କୁ ଉପଯୁକ୍ତ ଥଇଥାନ କରାଯାଇପାରି ନାହିଁ କିମ୍ବା ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ଏହି କମ୍ପାନୀଗୁଡ଼ିକ କଣିହାଁ ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନୟନ ବାବଦ ଟଙ୍କାଟିଏ ଖର୍ଚ୍ଚ କରିନାହାନ୍ତି। ଏପରିକି ରାସ୍ତାରେ ମାଟି ମୁଠାଏ ପକାଇନାହାନ୍ତି। କେବଳ କିଛି ଦଲାଲଙ୍କୁ ଲକ୍ଷଲକ୍ଷ ଟଙ୍କା ଦେଇ ସେମାନଙ୍କୁ ହାତମୁଠାରେ ରଖି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିଚାଲିଛନ୍ତି। ଜେଆଇଟିପିଏଲ କର୍ତ୍ତୃପକ୍ଷ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ଧମକଚମକ ଦେଇ ଏକପ୍ରକାର ଗୁଣ୍ଡାରାଜ କରି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେଉଛନ୍ତି ବୋଲି ପିସିସି ମୁଖପାତ୍ର ପ୍ରଧାନ ଅଭିଯୋଗ କରିଛନ୍ତି। କଣିହାଁ କୋଇଲା ଖଣି ଓ ଜେଆଇଟିପିଏଲ କର୍ତ୍ତୃପକ୍ଷ ରାସ୍ତାଟିଏ ନିର୍ମାଣ କରିବା ତ ଦୂର କଥା, ପୂର୍ବରୁ ଥିବା ରାସ୍ତାଗୁଡ଼ିକୁ ନଷ୍ଟ କରି ଚାଲିଛନ୍ତି। ଏଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତ ଲୋକମାନେ ନିଜ ନ୍ୟାୟୋଚିତ ଦାବି ପୂରଣ ପାଇଁ ଆନ୍ଦୋଳନକୁ ଓହ୍ଲାଉଛନ୍ତି। କାରଣ ଏହି କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ବର୍ଷ ବର୍ଷ ଧରି ଜମିବାଡ଼ି ବାବଦ କ୍ଷତିପୂରଣ ଟଙ୍କା ହେଉ କିମ୍ବା ନିଯୁକ୍ତି ପାଇଁ ପ୍ରଶାସନଠାରୁ ଆରମ୍ଭ କରି ସମ୍ପୃକ୍ତ ଖଣି କର୍ତ୍ତୃପକ୍ଷ କିମ୍ବା ଜେଆଇଟିପିଏଲ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଦୌଡ଼ୁଥିଲେ ମଧ୍ୟ ନ୍ୟାୟ ପାଇପାରୁ ନାହାନ୍ତି। ନ୍ୟାୟ ପାଇଁ ଶେଷ ରାସ୍ତାକୁ ନିଷେଧାଦେଶ ଜାରି କରି ସବୁଦିନ ପାଇଁ ବନ୍ଦ କରିଦିଆଯାଇଛି। କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନ ସହ ମିଶି ଗଣତନ୍ତ୍ର କଣ୍ଠରୋଧ କରୁଛନ୍ତି। ଏହାର ପ୍ରତିବାଦରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମୁଖପାତ୍ର ପ୍ରଧାନ ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଲେ ଆଇନଜୀବୀ

**ତାଳଚେର, ୩୦।୧୦(ସମିସ):** ଶୁକ୍ରବାର ପୂର୍ବାହ୍ଣ ୧୦ଟାରେ ବରିଷ୍ଠ ଆଇନଜୀବୀ ବସନ୍ତ ଶତପଥୀ ଘରୁ ବାହାରି ହାଟତୋଟାସ୍ଥିତ କୋର୍ଟ ଅଭିମୁଖେ ଯାଉଥିବା ସମୟରେ ୧୪୯ନଂ ଜାତୀୟ ରାଜପଥ ବାଙ୍କଧରା ଛକ ନିକଟରେ ଏକ ଟ୍ରକ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସେ ସ୍କୁଟିରୁ ଛିଟିକି ପଡ଼ିଥିଲେ। ସୌଭାଗ୍ୟବଶତଃ ସେ ଟ୍ରକ ଚକତଳେ ନ ପଡ଼ି ଅନ୍ୟପାଖରେ ପଡ଼ିଯିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଖବର ପାଇ ତାଳଚେର ଓକିଲ ସଂଘ ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ୍ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନା ପଠାଯାଇଥିଲା। ତେବେ ଏହି ରାଜପଥ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସ୍ଥାୟୀ ପ୍ରତିକାର ଦାବିରେ ଆଇନଜିବୀମାନେ ରାସ୍ତାରେ ଧାରଣା ଦେବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ରାସ୍ତା ମରାମତି ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆଇଜୀବୀମାନେ ଜିଦ୍‌ରେ ଅଟଳ ରହିଥିଲେ। ପରିସ୍ଥିତ ଜଟିଳ ହେବାରୁ ତାଳଚେର ଏସଡିପିଓ ଏବଂ ଥାନା ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ହାତୀ ଆକ୍ରମଣରେ ଦୁଇ ମୃତ

**ପାଲଲହଡ଼ା, ୩୦।୧୦(ସମିସ):** କ୍ଷେତକୁ ଧାନ ଜଗିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ସନ୍ଧ୍ୟାରେ ଶୌଚ ପାଇଁ ଯାଇଥିବା ବେଳେ ଜଣେ ମହିଳା ମଧ୍ୟ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ମୃତକମାନେ ହେଲେ ପାଲଲହଡ଼ା ଥାନା ଜୟପୁର ଗ୍ରାମର ସିଦ୍ଧେଶ୍ୱର ଶୁଣ୍ଢୀ ଏବଂ ଖମାର ଥାନା ମୁନିପାଳପୁରର ରୁନୁ ପେଣ୍ଡଇ। ସିଦ୍ଧେଶ୍ୱର ବିଳମ୍ବିତ ରାତିରେ ବନବିଭାଗ କର୍ମଚାରୀ ଓ ଗ୍ରାମବାସୀଙ୍କ ସହ କ୍ଷେତକୁ ଧାନ ଜଗିବାକୁ ଯାଉଛି କହି ଘରୁ ବାହାରିଥିଲେ। ବିଲରେ ହାତୀପଲ ପଶି ଫସଲ ନଷ୍ଟ କରୁଥିବା ବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବନବିଭାଗ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନା ପଠାଇଛି। ସେହିପରି ସନ୍ଧ୍ୟାରେ ରୁନୁ ପେଣ୍ଡଇ ଶୌଚ ପାଇଁ ଯାଇଥିବା ହାତୀ ତାଙ୍କୁ ଅକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।

### ● ଠାକୁରଗଡ଼ ହାଇସ୍କୁଲରେ 'ସୁରକ୍ଷିତ ବଚପନ ଅଭିଯାନ'

## ଶିଶୁଙ୍କ ଅଧିକାର, ସୁରକ୍ଷା ନେଇ ସଚେତନତା




**କିଶୋରନଗର, ୩୦।୧୦(ସମିସ):** ଶିଶୁମାନଙ୍କ ଅଧିକାର ସୁରକ୍ଷା, ନିର୍ଯାତନା ଓ ଶୋଷଣରୁ ସୁରକ୍ଷା ସହ ପୋକ୍ସୋ ଆଇନ ସମ୍ପର୍କରେ ସଚେତନତା ଲକ୍ଷ୍ୟରେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ହାଇସ୍କୁଲ ପରିସରରେ 'ସୁରକ୍ଷିତ ବଚପନ ଅଭିଯାନ' ଅନୁଷ୍ଠିତ ହୋଇଛି। ଠାକୁରଗଡ଼ ଥାନା ଅଧିକାରୀ ଶ୍ୟାମଲାଲ ଓରାମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଚେତନତା ଶିବିରରେ ବାଲ୍ୟବିବାହ ନିରୋଧ, ଶିଶୁ ନିର୍ଯାତନାରୁ ସୁରକ୍ଷା, ପୋକ୍ସୋ ଆଇନ ଏବଂ ସାଇବର ସୁରକ୍ଷା ଆଦି ବିଷୟରେ ଆଲୋକପାତ କରାଯାଇଥିଲା। ଶିଶୁମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିର୍ଭୟରେ ଅଭିଭାବକ, ଶିକ୍ଷକ କିମ୍ବା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନଙ୍କ ସମେତ ସନ୍ତୋଷ କୁମାର ପାଣିଗ୍ରାହୀ, ଚିଦାନନ୍ଦ ଦେହୁରୀ, ବିକାଶ ଧଳ, କ୍ରିଷ୍ଣା ନାଏକ, ଲୋପାମୁଦ୍ରା କଅଁର, ଅନୁସୟା ନାୟକ, ବର୍ଷାରାଣୀ ସିଂ, ଶୁଭଲକ୍ଷ୍ମୀ ସାହୁ, ଦଶରଥ ବେହେରା, ରଶ୍ମିତା ପ୍ରଧାନ, ପ୍ରତିମା ଦେହୁରୀ, ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଠାକୁରଗଡ଼ ଥାନାର କର୍ମଚାରୀ ଉପସ୍ଥିତ ଥିଲେ।

**PUBLIC NOTICE**

Notice is hereby given to the public that **Punjab National Bank, Talcher Branch (676400)** intends to create E.M. (Equitable Mortgage) in respect of the property documents mentioned below here.

(1) **RSD ID No. - 521900595** having Sale Deed No:-10521900592 dated 04.12.2019 corresponding to plot no- 1803/2823, 1806, 1807, 1808/2824 by the vendor namely Rashmikant Behera in favour of Mahesh Kumar Agarwal (Vendee) executed at Mouza- Rangathali, Tahasil-Parjang, Dist-Dhenkanal.

(2) **(Linked Document) RSD ID No. - 521300159** having Sale Deed No:-10521300153 dated 23.02.2013 corresponding to plot no- 1803/2823, 1806, 1807, 1808/2824 by the vendor namely Sajani Sahoo in favour of Rashmikant Behera (Vendee) executed at Mouza- Rangathali, Tahasil-Parjang, Dist-Dhenkanal.

Where as the above mentioned linked document original property are misplaced/lost while travelling from Balhar chakk to Hatatota by Mr Mahesh Kumar Agarwal (Mortgager), S/o Late Brijlal Agarwal, Talcher, Dist-Angul, Pin-759100.

Any person claiming any interest or title in the property on otherwise having any objection can make representation to the bank within 7 days of such notice.

Ambuja Ballava Behera, Manager, PNB, Talcher.
Sd/- Authorised Officer,
Punjab National Bank

ସକାଳ
THE SAKALA



● ପ୍ରତିଭା ବଳରେ ସ୍ୱାବଲମ୍ବୀ ରାକେଶ

# ରିଲିଫ୍ ଆର୍ଟ ଜରିଆରେ କରୁଛନ୍ତି ରୋଜଗାର



ଉମରକୋଟ, ୩୦।୧୦(ସମିସ): ଇଚ୍ଛାଶକ୍ତି ଓ ଦୃଢ ଆତ୍ମବିଶ୍ୱାସ ରହିଲେ କୌଣସି ପ୍ରଶିକ୍ଷଣ କିମ୍ବା ଗୁରୁ ବିନା ଜଣେ ବ୍ୟକ୍ତି ନିଜ ପ୍ରତିଭା ବଳରେ ସଫଳତାର ଶୀର୍ଷରେ ପହଞ୍ଚିପାରେ। ଏହାର ଏକ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତର ଗୁରୁଚାନ୍ଦ ମାର୍ଗ ସାହିର ଯୁବ ପ୍ରତିଭା ରାକେଶ ବିଶ୍ୱାସ। କୌଣସି ବାହ୍ୟ ପ୍ରଶିକ୍ଷଣ କିମ୍ବା ୟୁଟ୍ୟୁବ୍‌ର ସହାୟତା ନ ନେଇ ସମ୍ପୂର୍ଣ୍ଣ ନିଜ ପ୍ରଚେଷ୍ଟାରେ ସେ ଆଜି ଜଣେ ସଫଳ ରିଲିଫ୍ ଆର୍ଟିଷ୍ଟ ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ସୂଚନା ଅନୁଯାୟୀ ବଡ଼କୁମାରୀ ଗ୍ରାମର ନିଖିଲ ବିଶ୍ୱାସ ଓ ମିନା ବିଶ୍ୱାସଙ୍କ ପରିବାରରେ ସ୍ୱାମୀ, ସ୍ତ୍ରୀ, ଜଣେ ଝିଅ ଓ ପୁଅଙ୍କୁ ନେଇ ହସଖୁସିର ସଂସାର। ସାନପୁଅ ରାକେଶ ବିଶ୍ୱାସ ନିଜର ପାଠପଢ଼ା ଶେଷ କରି ବାପାଙ୍କୁ କୃଷି କାର୍ଯ୍ୟରେ ସାହାଯ୍ୟ କରିବା ସହ ଚିତ୍ରାଙ୍କନ କରି ନିଜର ସମୟ ବିତାଉଥିଲେ। ୨୫ ବର୍ଷ ବୟସ ରାକେଶ ଯୁକ୍ତ ତିନି ଓ ପରେ ବି.ଏଡ୍. ଶିକ୍ଷା ସମାପ୍ତ କରିବା ପରେ ଚିତ୍ରାଙ୍କନ ପ୍ରତି ଅଧିକ ଧ୍ୟାନ ଦେଇଥିଲେ। ଗତ ୬ ମାସ ହେବ ସେ 'ରିଲିଫ୍ ଆର୍ଟ' କ୍ଷେତ୍ରରେ ନିଜକୁ ନିୟୋଜିତ କରିଛନ୍ତି। ବିଶେଷ କଥା ହେଉଛି, ଏହି ସୁନ୍ଦର କାରୁକାର୍ଯ୍ୟ ଶିଖିବା ପାଇଁ ସେ କାହାରିଠାରୁ କୌଣସି ତାଲିମ ନେଇନାହାନ୍ତି କିମ୍ବା ୟୁଟ୍ୟୁବ୍ ଭିଡିଓ ମଧ୍ୟ ଦେଖିନାହାନ୍ତି। କେବଳ ନିଜର ନିର୍ମଳ ଚିନ୍ତାଧାରା ଓ ସୃଜନଶୀଳତାକୁ ପୁଞ୍ଜି କରି ସେ ଏହି କଳାକୁ ଆପଣାଇଛନ୍ତି। ବର୍ତ୍ତମାନ ଘରେ ରହି ହିଁ ସେ ଏହି କାମ କରି ମାସିକ ୧୮ ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ତାଙ୍କ ହାତତିଆରି ଏହି ମନୋମୁଗ୍ଧକର କାରୁକାର୍ଯ୍ୟ ପାଇଁ କେବଳ ନିଜ ଜିଲ୍ଲା ନୁହେଁ, ବରଂ ବିଭିନ୍ନ ପଡ଼ୋଶୀ ରାଜ୍ୟରୁ ମଧ୍ୟ ଅର୍ଡର ଆସୁଥିବା ରାକେଶ ପ୍ରକାଶ କରିଛନ୍ତି। କାମ ପାଇଁ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ଭୁବନେଶ୍ୱରରୁ ଅଣାଯାଇ ଏହି ସୁନ୍ଦର କଳାକୃତିଗୁଡ଼ିକ ପ୍ରସ୍ତୁତ କରାଯାଉଛି। ଭବିଷ୍ୟତରେ ଉମରକୋଟ ଅଞ୍ଚଳର ଆଗ୍ରହୀ ଯୁବକଯୁବତୀଙ୍କୁ ଏହି କାରୁକାର୍ଯ୍ୟର ଅନଲାଇନ୍ ଶିକ୍ଷା ପ୍ରଦାନ କରିବା ପାଇଁ ରାକେଶ ଗଭୀର ଆଗ୍ରହ ପ୍ରକାଶ କରିଛନ୍ତି। ଜଣେ ସାଧାରଣ ଚାଷୀ ପରିବାରର ପୁଅ ହୋଇ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ରାକେଶ ଯେପରି ସ୍ୱାବଲମ୍ବୀ ହୋଇପାରିଛନ୍ତି, ତାହା ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଛି।

## କୋଟିଆକୁ ନେଇ ସଂକୀର୍ତ୍ତନ ମହାସଂଘର ସାମ୍ବାଦିକ ସମ୍ମିଳନୀ

# ସୀମା ଚିହ୍ନଟ ସହ ୨୧ ଗ୍ରାମର ବିକାଶ ଦାବି



ପଟ୍ଟାଙ୍ଗି,୩୦।୧୦(ସମିସ): କୋରାପୁଟ ଜିଲ୍ଲାର କୋଟିଆକୁ ନେଇ ଦୀର୍ଘଦିନ ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦର ସ୍ଥାୟୀ ସମାଧାନ ସହ କୋଟିଆ ଅଞ୍ଚଳର ବିକାଶକୁ ନେଇ ସଂକୀର୍ତ୍ତନ ମହାସଂଘ, କୋରାପୁଟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଏହି ସମ୍ମିଳନୀରେ କୋଟିଆ ପଞ୍ଚାୟତ ସମେତ ପଟ୍ଟାଙ୍ଗି ବ୍ଲକ୍‌ର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ପଟ୍ଟାଙ୍ଗି ଜଗନ୍ନାଥ ମନ୍ଦିର ଠାରେ ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ସେଠାରେ ସଂକୀର୍ତ୍ତନ ମହାସଂଘ ଉପସଭାପତି ତାଉଡୁ ଦୋରା ସହ ଅନ୍ୟ ସମସ୍ତ ସଦସ୍ୟ ବୃନ୍ଦ ଉପସ୍ଥିତ ରହିଥିଲେ। ସଂଗଠନ ପକ୍ଷରୁ ମାଡ୍ରାସ ପ୍ରେସିଡେନ୍ସି ସମୟରେ ସୀମା ନିର୍ଦ୍ଧାରଣ ସମ୍ପର୍କିତ ଚିହ୍ନଗୁଡ଼ିକୁ ଚିହ୍ନଟ କରି କୋଟିଆ ପଞ୍ଚାୟତର ବିବାଦୀୟ ଗ୍ରାମଗୁଡ଼ିକର ପ୍ରକୃତ ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ। ଏହା ସହ ଉଭୟ ରାଜ୍ୟର ସାଂସଦ ଏବଂ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ସୀମା ବିବାଦର ସମାଧାନ ପାଇଁ ପଦକ୍ଷେପ ନିଆଯିବାକୁ ଦାବି କରାଯାଇଛି। କୋଟିଆ ପଞ୍ଚାୟତରେ ଥିବା ୨୧ଟି ଅସର୍ଭେ ଗ୍ରାମର ସ୍ୱତନ୍ତ୍ର ସର୍ଭେ କରିବା ସହ ସେହି ଗ୍ରାମଗୁଡ଼ିକ ପାଇଁ ସ୍ୱତନ୍ତ୍ର ବିକାଶମୂଳକ ଯୋଜନା କରିବାକୁ ମଧ୍ୟ ସଂଗଠନ ଦାବି କରିଛି। ୨୧ ଗ୍ରାମର ବାସିନ୍ଦାଙ୍କୁ ଘରଡିହ ପଟ୍ଟା ପ୍ରଦାନ ସହ ଚାଷ ଜମିର ସର୍ଭେ ଓ ଚିହ୍ନଟ କରି ଜମି ପଟ୍ଟା ପ୍ରଦାନ କରାଯିବା ନେଇ ଦାବି ରଖାଯାଇଛି। ଏଥିସହ ପଟ୍ଟାଙ୍ଗି ବ୍ଲକ୍‌ର କୋଟିଆ ପଞ୍ଚାୟତକୁ ନେଇ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଅନ୍ୟ ୧୩ଟି ପଞ୍ଚାୟତକୁ ଅଧିକାରୀମାନେ ଅଣଦେଖା କରୁଥିବା ଅଭିଯୋଗ କରାଯାଇଛି। ବ୍ଲକ୍ କାର୍ଯ୍ୟାଳୟଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଦାନ୍ଦୁଗୁଡ଼ା ଗ୍ରାମକୁ ବିକାଶମୂଳକ କାର୍ଯ୍ୟରେ କାହିଁକି ଅଣଦେଖା କରାଯାଉଛି ବୋଲି ସଂଗଠନ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ କୋଟିଆ ଏବଂ ନେରିଡିବାଲସା ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ନେଇ ମଧ୍ୟ ସଂଗଠନ ଅସନ୍ତୋଷ ପ୍ରକାଶ କରିଛି। ଏହି ମନ୍ଦିରଗୁଡ଼ିକର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। କୋଟିଆ ସୀମା ବିବାଦର ସ୍ଥାୟୀ ସମାଧାନ ସହ ସୀମାନ୍ତ ଅଞ୍ଚଳର ଲୋକଙ୍କ ଜମି ଅଧିକାର, ମୌଳିକ ସୁବିଧା ଓ ବିକାଶକୁ ଗୁରୁତ୍ୱ ଦେଇ ସରକାର ଠୋସ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାମ୍ବାଦିକ ସମ୍ମିଳନୀରେ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ଦାବି କରାଯାଇଛି।

● ଆନ୍ଧ୍ର ପ୍ରଦେଶର ନିର୍ବାଚନ ମାମଲା

## ରାଇପାହାଡବାସୀଙ୍କ ସହ ଆଲୋଚନା କଲେ ସିଏଲପି ନେତା



ନନ୍ଦପୁର,୩୦।୧୦(ସମିସ): ଗତ ୨୦ ବର୍ଷରୁ ଅଧିକ ସମୟ ହେବ ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ ଅନ୍ତର୍ଗତ ରାଇପାହାଡ଼ ଗ୍ରାମବାସୀ ଆନ୍ଧ୍ରପ୍ରଦେଶର ନିର୍ବାଚନରେ ଭୋଟ ଦେଇ ଆସୁଛନ୍ତି । ସୀମାନ୍ତ ରାଇପାହାଡ଼ବାସୀ ଆନ୍ଧ୍ର ପ୍ରଦେଶର ପ୍ରଲୋଭନର ଶିକାର ହେଉଛନ୍ତି। ଶୁକ୍ରବାର ସିଏଲପି ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଦଳୀୟ କର୍ମୀଙ୍କ ସହ ରାଇପାହାଡ଼ ପହଞ୍ଚିଥିଲେ। ବର୍ତ୍ତମାନ ଆନ୍ଧ୍ର ପ୍ରଦେଶରେ ଜିଲ୍ଲା ପରିଷଦ ନିର୍ବାଚନ ନେଇ କୋଟିଆରେ ହଲଚଲ ସୃଷ୍ଟି ହୋଇଥିବା ବେଳେ ସେପଟେ ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମବାସୀ ଦୀର୍ଘ କୋଡ଼ିଏ ବର୍ଷରୁ ଉର୍ଦ୍ଧ ହେବ ଆନ୍ଧ୍ର ପ୍ରଦେଶର ନିର୍ବାଚନ ରେ ସାମିଲ ହୋଇ ଭୋଟ ଦେଇ ଆସୁଥିବା ବେଳେ ଚଳିତ ନିର୍ବାଚନରେ ମଧ୍ୟ ଗ୍ରାମବାସୀ ଭୋଟ ଦେବେ ବୋଲି ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଶୁକ୍ରବାର ବିଧାୟକ ଶ୍ରୀ କାଡ଼ାମ, ବିଧାୟକ ପ୍ରତିନିଧି କାମେସ କାମୁଡି, ଗୋଲୁର ନାଏବ ସରପଞ୍ଚ ସାବିତ୍ରୀ ବୁରୁଡ଼ି, ଯୁବନେତା ରାମକୃଷ୍ଣ ପଡାଲ, ବ୍ଲକ କଂଗ୍ରେସ ସଭାପତି ମଦନ ହାଡ ପୁଟିଆ, ସୁବାସ ପାଙ୍ଗି ପ୍ରମୁଖ ରାଇପାହାଡ଼ ଗ୍ରାମବାସୀଙ୍କ ସହ ଦୀର୍ଘ ସମୟ ଧରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଚଳିତ ନିର୍ବାଚନରେ ଆଉ ରାଇପାହାଡ଼ ଗ୍ରାମବାସୀ ଆନ୍ଧ୍ର ପ୍ରଦେଶରେ ଭୋଟ ଦେବା ପାଇଁ ଯିବେ ନାହି ବୋଲି ଆଲୋଚନା ହେଉଛି।

## କୋରାପୁଟ ଜିଲ୍ଲାରୁ ୫୧ ଜଣଙ୍କ ଗୁଜୁରାଟ ଗସ୍ତ

ସେମିଲିଗୁଡ଼ା,୩୦।୧୦(ସମିସ): କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ କୋରାପୁଟ ଜିଲ୍ଲାରୁ ପ୍ରାୟ ୫୧ ଜଣ ଗୁଜୁରାଟ ଗସ୍ତ କରିଛନ୍ତି। ରାଜ୍ୟର ଏକତା ନଗରରେ ଆୟୋଜିତ ହେଉଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଜୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସ୍ୱତନ୍ତ୍ର ଅତିଥି ଭାବେ କୋରାପୁଟରୁ ରାୟଗଡ଼ା ଦେଇ ଗୁଜୁରାଟ ଗସ୍ତ କରିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ସୁନାବେଡା ଓ ସେମିଲିଗୁଡା ଅଞ୍ଚଳର ଅଶ୍ୱିନୀ କୁମାର ଜେନା, ଦେବେନ୍ଦ୍ର ମହାନ୍ତି, ବଦ୍ରିନାରାୟଣ ପାତ୍ର,



ଜଳନ୍ଧର ଖିଲ, ଗୋବିନ୍ଦ କଣ୍ଟା, ପ୍ରଭାସ ରଞ୍ଜନ ପାତ୍ର ମନୋନୀତ ହୋଇଥିବା ଜଣାଯାଇଛି। ଉକ୍ତ ଦଳର ସମସ୍ତ ସୁବିଧା ସୁଯୋଗ ବୁଝିବା ପାଇଁ ଜିଲ୍ଲା କୋର୍ଡିନେଟର ଭାବେ ସେମିଲିଗୁଡା ଅତିରିକ୍ତ ତହସିଲଦାର ଦେବୀ ପ୍ରକାଶ ନାୟକ ମଧ୍ୟ ଗୁଜୁରାଟ ଗସ୍ତ କରିଛନ୍ତି। କୋରାପୁଟ ପ୍ରଶାସନ ଉକ୍ତ ଦଳକୁ ସମ୍ମାନିତ କରି ବସ୍ ଯୋଗେ ପତାକା ଦେଖାଇ ରାୟଗଡ଼ ରେଳ ଷ୍ଟେସନକୁ ପଠାଇଥିଲେ। ରାୟଗଡ଼ ରେଳଷ୍ଟେସନରେ ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉକ୍ତ ଦଳର ସଦସ୍ୟମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପରେ ପତାକା ଦେଖାଇ ଟ୍ରେନ୍‌ରେ ଗୁଜୁରାଟ ଅଭିମୁଖେ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ପ୍ରତିନିଧି ଦଳର ସଦସ୍ୟ ମାନେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କୋରାପୁଟ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପିଏମ୍-କିଷାନ ଯୋଜନାର କିସ୍ତି ପ୍ରଦାନ ସମାରୋହ

# ଜିଲ୍ଲାର ୧,୦୯,୧୫୬ ଚାଷୀଙ୍କ ଖାତାକୁ ଗଲା ୨୧.୮୩ କୋଟି ଟଙ୍କା



ନବରଙ୍ଗପୁର,୩୦।୧୦(ସମିସ): ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ୨୪ତମ କିସ୍ତି ପ୍ରଦାନ ଅବସରରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କିସ୍ତିରେ ଜିଲ୍ଲାର ମୋଟ ୧,୦୯,୧୫୬ ଜଣ ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨୧ କୋଟି ୮୩ ଲକ୍ଷ ୧୨ ହଜାର ଟଙ୍କା ହସ୍ତାନ୍ତର କରାଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ନେତୃତ୍ୱରେ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଉତ୍ସାହିତ କରିବା ସହ ଜିଲ୍ଲାରେ ବହୁମୁଖୀ ଫସଲ ଚାଷ ଓ କୃଷିର ବିବିଧକରଣକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଚାଷୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ହିଁ ସମୃଦ୍ଧ ଓଡ଼ିଶା ଗଠନର ମୂଳ ଆଧାର ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ସ୍ୱତନ୍ତ୍ର ବିକାଶ ପରିଷଦର ଉପାଧ୍ୟକ୍ଷ ଲଙ୍ଗରାଜ ଭତ୍ରା ଏବଂ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ ପୃଷ୍ଟି ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଓ ବୈଜ୍ଞାନିକବୃନ୍ଦ ତଥା କୃଷି ବିଭାଗର ଅଧିକାରୀମାନେ ଚାଷୀଙ୍କୁ ବିଭିନ୍ନ କୃଷିଭିତ୍ତିକ ଯୋଜନା, ଆଧୁନିକ ଚାଷ ପ୍ରଣାଳୀ ଓ ଉପଲବ୍ଧ ସରକାରୀ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଜିଲ୍ଲାସ୍ତରୀୟ ସମାରୋହରେ ପ୍ରାୟ ୧୦୦ ଜଣ ଚାଷୀ ଯୋଗଦେଇଥିବାବେଳେ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀମାନେ ଚାଷୀଙ୍କ ସହ ଭାବ ବିନିମୟ କରି ସେମାନଙ୍କୁ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ।

● ମଦ ବନ୍ଦ ପାଇଁ ମହିଳା ଗୋଷ୍ଠୀଙ୍କ ଆନ୍ଦୋଳନ

# ମଦ ବେପାରୀଙ୍କ ଥାନାରେ ଏତଲା, ଉଭୟ ପକ୍ଷ ବୁଝାମଣା



କୋଷାଗୁମୁରଳ,୩୦।୧୦(ସମିସ): ହାତରେ ଠେଙ୍ଗା, ମୁଣ୍ଡରେ ଗାମୁଛା ପଗଡ଼ି, ଗାଁ ଗାଁ ବୁଲି ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଛନ୍ତି ଟେମ୍ରା ମହିଳା ଗୋଷ୍ଠୀ। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଟେମ୍ରା ପଞ୍ଚାୟତ ସଦର ଗ୍ରାମର ଓ ଆଖପାଖ ଗ୍ରାମର ଶହ ଶହ ମହିଳା ଏକାଠି ହୋଇ ଗ୍ରାମରେ ରହିଥିବା ଦେଶୀ ମଦ ପୋଚ ଆଣି ରାସ୍ତା ମଝିରେ ନଷ୍ଟ କରୁଛନ୍ତି। ଗାଁରେ କେତେକ ମଦ ବ୍ୟବସାୟୀ ରହିଥିବା ବେଳେ ବାରମ୍ବାର ମହିଳା ମାନେ ସେମାନଙ୍କୁ ମଦ ବନ୍ଦ ପାଇଁ ଚେତାବନୀ ଦେବା ପରେ କିଛି ସୁଫଳ ନମିଳିବାରୁ ଗତକାଲି ଚୁରାହାଣ୍ଡି ଗ୍ରାମରେ ଜଣେ ମଦ ବ୍ୟବସାୟୀଙ୍କ ସହ ସେମାନଙ୍କର ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାକୁ ନେଇ ମଦ ବ୍ୟବସାୟୀ କୋଷାଗୁମୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତା'ପରେ ମଦ ବନ୍ଦ କରୁଥିବା ୫ଖଣ୍ଡ ଗ୍ରାମର ମହିଳା ଗତକାଲି କୋଷାଗୁମୁଡ଼ା ଥାନାକୁ ଆସିଥିଲେ। ତେବେ ଏହି ଘଟଣାକୁ କୋଷାଗୁମଡ଼ାର ସମାଜସେବୀ ହରିବନ୍ଧୁ ମାଝୀ ଓ ତ୍ରିଲୋଚନ ଧାକୋଡ଼ ମିଶି ଥାନାରେ ଦୁଇ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଥାନାକୁ ଆସି ଥାନାଧିକାରୀ ବାଙ୍ଗି ମାଝୀଙ୍କ ସହ ଆଲୋଚନା କରି ଦୁଇ ଗୋଷ୍ଠୀଙ୍କୁ ଲିଖିତ ଭାବେ ବୁଝାମଣା କରିଛନ୍ତି। ଶହ ଶହ ମହିଳା ଏକାଠି ହୋଇ ଏହି ପଦକ୍ଷେପ ନେଇଥିବା ବେଳେ ସମ୍ପୂର୍ଣ୍ଣ ଟେମ୍ରା ପଞ୍ଚାୟତକୁ ମଦମୁକ୍ତ ପଞ୍ଚାୟତ ଭାବେ ଗଢିବେ ବୋଲି କହିଛନ୍ତି। ମଦ ଲାଗି ପରିବାର ମଧ୍ୟରେ ସ୍ୱାମୀ ସ୍ତ୍ରୀ, ଭାଇ ଭାଇ, ସାଇ ପଡିଶା ମଧ୍ୟରେ ଗଣ୍ଡଗୋଳ ହେଉଥିବା ବେଳେ ସ୍କୁଲ କଲେଜ ଛାତ୍ର ମାନେ ମଧ୍ୟ ମଦ ପିଇ ନିଜର ଭବିଷ୍ୟତ ନଷ୍ଟ କରୁଥିବା ଚିତ୍ର ସାମ୍ନାକୁ ଆସୁଥିବା ସେମାନେ ପ୍ରକାଶ କରିଛନ୍ତି।

● ତରକାରୀକୁ ନେଇ ବିବାଦ

# ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

ପୋଡ଼ାଗଡ଼,୩୦।୧୦(ସମିସ): ସାମାନ୍ୟ ତରକାରୀକୁ ନେଇ ସୃଷ୍ଟି ହୋଇଥିବା ଘରୋଇ କଳହର ଭୟଙ୍କର ପରିଣତି ଦେଖିବାକୁ ମିଳିଛି। ଦୀର୍ଘ ୧୫ ବର୍ଷର ବୈବାହିକ ସମ୍ପର୍କ ଓ ସାଂସାରିକ ଜୀବନକୁ ଭୁଲି ନିଜ ସ୍ତ୍ରୀଙ୍କ ଜୀବନ ନେଇଥିବା ଅଭିଯୋଗ ହୋଇଛି ସ୍ୱାମୀଙ୍କ ବିରୋଧରେ। ବିଳମ୍ବିତ ରାତିରେ ଶଯ୍ୟାରେ ଶୋଇଥିବା ସ୍ତ୍ରୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ସ୍ୱାମୀ ହତ୍ୟା କରିଥିବା ଘଟଣା ସମଗ୍ର ଅଞ୍ଚଳରେ ଶୋକ ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଭଳି ଅଭାବନୀୟ ଘଟଣା କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତର ପଦୁଗୁଡ଼ା ଗ୍ରାମରେ ଘଟିଛି। ମୃତ ମହିଳା ଜଣକ ହେଲେ ୩୨ ବର୍ଷୀୟା କବିତା ସାଉନ୍ତା। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ରାବ ସାଉନ୍ତା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କୌଣସି ଏକ ସାମାନ୍ୟ ତରକାରୀକୁ କେନ୍ଦ୍ର କରି ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ପ୍ରଥମେ ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉଗ୍ର ରୂପ ନେଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ବିଳମ୍ବିତ ରାତିରେ କବିତା ଶଯ୍ୟାରେ ଶୋଇଥିବା ସମୟରେ ସ୍ୱାମୀ ରାବ ଏକ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ କବିତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏକ ସାମାନ୍ୟ ପାରିବାରିକ ବିବାଦ ଏତେ ବଡ଼ ଅପରାଧର ରୂପ ନେବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ଦଶମନ୍ତପୁର ଥାନା ଅଧିକାରୀ ଚରଣ ସିଂ ମାଝୀଙ୍କ ସମେତ କୋରାପୁଟ ଏସ୍‌ଡିପିଓ ସଞ୍ଜୟ ମଣ୍ଡଳ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯିବା ସହ ବିଭିନ୍ନ ଦିଗକୁ ନେଇ ତଥ୍ୟ ଓ ପ୍ରମାଣ ସଂଗ୍ରହ କରାଯାଇଛି। ଏହି ଘଟଣାକୁ ନେଇ ପୋଲିସ ୧୧୭/୨୬ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ତଦନ୍ତ ଜାରି ରଖିଛି। ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ କ'ଣ, ଘଟଣା ପୂର୍ବରୁ ଉଭୟଙ୍କ ମଧ୍ୟରେ ଅନ୍ୟ କୌଣସି ବିବାଦ ରହିଥିଲା କି ନାହିଁ ଏବଂ ଘଟଣାର ଅନ୍ୟାନ୍ୟ ଦିଗ ସମ୍ପର୍କରେ ପୋଲିସ ଖୋଳତାଡ଼ ଜାରି ରଖିଛି।

● ରାୟଗଡରେ ପିଏମ୍-କିଷାନ ଉତ୍ସବ ଦିବସ ପାଳିତ

# ୫୦,୯୬୩ ଚାଷୀଙ୍କ ଖାତାକୁ ଗଲା କିସ୍ତିର ସହାୟତା ରାଶି



ରାୟଗଡ, ୩୦।୧୦ (ସମିସ): ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୪ତମ କିସ୍ତିର ସହାୟତା ରାଶି ଶୁକ୍ରବାର ଗୁଜରାଟର ବନାସକଣ୍ଠାଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ରାୟଗଡ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପିଏମ୍-କିଷାନ ଉତ୍ସବ ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଏସ୍‌ଡିସି ଅଧ୍ୟକ୍ଷ ବିଦ୍ୟାଧର ସବର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ନକ୍ଷତ୍ର ମୋହନ ରାଉଳଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦୦ ଜଣ ଚାଷୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ। ଏହି କିସ୍ତିରେ ଓଡ଼ିଶାର ୩୫.୩୯ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଥିବା ବେଳେ ରାୟଗଡ ଜିଲ୍ଲାର ୫୦ ହଜାର ୯୬୩ ଜଣ ପଞ୍ଜୀକୃତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପଠାଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବ୍ୟତୀତ ବିଭିନ୍ନ ବ୍ଲକ, ଗ୍ରାମପଞ୍ଚାୟତ ଓ ଗ୍ରାମାଞ୍ଚଳରେ ମଧ୍ୟ ପିଏମ୍-କିଷାନ ଉତ୍ସବ ଦିବସ ସହ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବହୁ ଚାଷୀ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଗ୍ରିଷ୍ଟାକ୍ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇଥିଲେ। ଆଗାମୀ ଦିନରେ ଏଗ୍ରିଷ୍ଟାକ୍ ଫାର୍ମର ପରିଚୟପତ୍ର ମାଧ୍ୟମରେ ଚାଷୀମାନେ ପିଏମ୍-କିଷାନ ଯୋଜନାର ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ତେଣୁ ସମସ୍ତ ଯୋଗ୍ୟ ଚାଷୀ ଏହି ପରିଚୟପତ୍ର ପାଇଁ ପଞ୍ଜୀକରଣ କରାଇନେବାକୁ ଅନୁରୋଧ କରାଯାଇଥିଲା। ଚାଷୀଙ୍କ ଆର୍ଥିକ ସଶକ୍ତିକରଣ, କୃଷି କ୍ଷେତ୍ରରେ ଡିଜିଟାଲ ବ୍ୟବସ୍ଥାର ପ୍ରସାର ଏବଂ ସରକାରୀ ଯୋଜନାର ସୁବିଧା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ଚର୍ଚ୍ଚର ନା ସରକାରୀ ସମ୍ପତ୍ତି ?

# ସୁନାବେଡ଼ା ଇ-ଲାଇବ୍ରେରି ନିର୍ମାଣକୁ ନେଇ ବିବାଦ!

ସୁନାବେଡ଼ା, ୩୦।୧୦(ସମିସ):



ସୁନାବେଡ଼ା ପୌରପାଳିକାର ୩ ନମ୍ବର ୱାର୍ଡ ଚର୍ଚ୍ଚ କଲୋନିସ୍ଥିତ ମିରାକଲ ଚର୍ଚ୍ଚ ପରିସରରେ ନିର୍ମାଣାଧୀନ ଇ-ଲାଇବ୍ରେରି ଗୃହକୁ ନେଇ ବିବାଦ ଦେଖାଦେଇଛି। ସ୍ଥାନ ଚୟନ, ନିର୍ମାଣ କାର୍ଯ୍ୟରେ ବିଳମ୍ବ ଏବଂ ଗୃହର ମାଲିକାନାକୁ ନେଇ ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି ଓ ପୌର ପ୍ରଶାସନ ମଧ୍ୟରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ଫଳରେ ଏହି ଜନହିତକର ପ୍ରକଳ୍ପକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବା ସହ ନାନା ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ପୌରପାଳିକାର ପତ୍ର ସଂଖ୍ୟା ୧୩୦୯, ତାରିଖ ୧୦.୦୩.୨୦୨୬ ଅନୁସାରେ ମିରାକଲ ଚର୍ଚ୍ଚ ପରିସରରେ ପେଭର ବ୍ଲକ ରାସ୍ତା ସହ ଇ-ଲାଇବ୍ରେରି ଗୃହ ନିର୍ମାଣ ପାଇଁ ୭ ଲକ୍ଷ ୨୨ ହଜାର ୭୧୧ ଟଙ୍କା ମଞ୍ଜୁର ହୋଇଥିଲା। ଚଳିତ ବର୍ଷ ଏପ୍ରିଲ ମାସରେ ନଗରପାଳ ଡା. ରାଜେନ୍ଦ୍ର କୁମାର ପାତ୍ର ଏହି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଚୁକ୍ତିନାମା ଅନୁଯାୟୀ, ୧୦ ମାର୍ଚ୍ଚରୁ କାର୍ଯ୍ୟ ଆରମ୍ଭ ହୋଇ ୭ ଜୁନ୍ ୨୦୨୬ ସୁଦ୍ଧା ନିର୍ମାଣ ଶେଷ ହେବାର ଥିଲା, କିନ୍ତୁ ନିର୍ଦ୍ଧାରିତ ସମୟ ଅତିକ୍ରମ କରି ପ୍ରାୟ ଚାରି ମାସ ବିତିଯାଇଥିଲେ ମଧ୍ୟ ଏଯାଏଁ କେବଳ ଛାତ ପଡ଼ିଥିବା ବେଳେ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଅନ୍ୟପକ୍ଷରେ, ୩ ନମ୍ବର ୱାର୍ଡରେ ପର୍ଯ୍ୟାପ୍ତ ସରକାରୀ ଜମି ଉପଲବ୍ଧ ଥିବା ସତ୍ତ୍ୱେ ପାର୍କିଂ ସୁବିଧା ନ ଥିବା ଏକ ଧାର୍ମିକ ଅନୁଷ୍ଠାନ ପରିସରରେ କାହିଁକି ଇ ଲାଇବ୍ରେରି ନିର୍ମାଣ କରାଗଲା, ତାହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଚର୍ଚ୍ଚ କଲୋନି ଖେଳପଡ଼ିଆ ନିକଟରେ ଥିବା ଉପଯୁକ୍ତ ସ୍ଥାନରେ ଏହି ଗୃହ ନିର୍ମାଣ କରିବାକୁ ପୂର୍ବରୁ ନଗରପାଳ, ପୌର ନିର୍ବାହୀ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ଏହାକୁ ଅଣଦେଖା କରି ନିର୍ଦ୍ଧାରିତ ସ୍ଥାନରେ କାର୍ଯ୍ୟ ଆଗେଇ ନିଆଯାଇଥିବା ଯୋଗୁଁ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବା ବେଳେ କିଛି ବ୍ୟକ୍ତି ଏହାକୁ ଚର୍ଚ୍ଚର ସମ୍ପତ୍ତି ବୋଲି ଦାବି କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ କାଉନସିଲର ସୁସୋଜିତା ଭତ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହା ମିରାକଲ ଚର୍ଚ୍ଚର। ସେଠାକାର ଲୋକଙ୍କ ଦାବି ଅନୁଯାୟୀ ପୌରପାଳିକା ପକ୍ଷରୁ ଚର୍ଚ୍ଚ ପାଇଁ ଏହି ଇ-ଲାଇବ୍ରେରି ନିର୍ମାଣ କରାଯାଉଛି। ତେବେ ଅନ୍ୟ ଲୋକମାନେ ମଧ୍ୟ ଏହାର ସୁବିଧା ନେଇପାରିବେ। ଅପରପକ୍ଷରେ, ପୌର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ଓ ନଗରପାଳ ଡା. ରାଜେନ୍ଦ୍ର କୁମାର ପାତ୍ର ଏହି ମତକୁ ଖଣ୍ଡନ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମିରାକଲ ଚର୍ଚ୍ଚ ନିକଟରେ ସରକାରୀ ଜମି ଥିବାରୁ ସେଠାରେ ଇ-ଲାଇବ୍ରେରି ଗୃହ ନିର୍ମାଣ କରାଯାଉଛି। ଏହା କୌଣସି ଧାର୍ମିକ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏହା ସରକାରୀ ସମ୍ପତ୍ତି ହୋଇଥିବାରୁ ସମସ୍ତେ ଏହାର ସୁବିଧା ପାଇପାରିବେ। ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ଏକ ଜନହିତକର ପ୍ରକଳ୍ପକୁ ନେଇ କାଉନସିଲର ଓ ପୌର ପ୍ରଶାସନର ପରସ୍ପର ବିରୋଧୀ ମନ୍ତବ୍ୟ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକଳ୍ପ ପାଇଁ ସ୍ଥାନ ଚୟନର ଆଧାର କ'ଣ, ନିର୍ମାଣ କାର୍ଯ୍ୟ ବିଳମ୍ବ ହେବାର କାରଣ କ'ଣ ଏବଂ ଗୃହର ଆଇନଗତ ମାଲିକାନା କାହା ନିକଟରେ ରହିବ, ସେ ନେଇ ସ୍ପଷ୍ଟତା ଆଣିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏହି ଘଟଣାରେ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ଦାବି ଜୋର ଧରିଛି।

# ଶ୍ରୀକ୍ଷେତ୍ର ସିଟି

୩୦/୧୦/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୩,୫୨,୭୭୬/- ସୁନା:୦୨.୩୦୦ ଗ୍ରାମ୍ ରୁପା:୩୦.୬୦୦ ଗ୍ରାମ୍





ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ

## ଦୁର୍ନୀତି ସମାଜକୁ ଦୁର୍ବଳ ଓ ବିଶୃଙ୍ଖଳିତ କରିଦିଏ

ପୁରୀ,୩୦।୧୦(ସମିସ)




ଜିଲ୍ଲା ସଂସ୍କୃତି ଭବନଠାରେ ପୁରୀ ଜିଲ୍ଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ଦୁର୍ନୀତି ଏକ ବଡ ବ୍ୟାଧି ସଦୃଶ୍ୟ। ଯେପରି ଶରୀରରେ ବେମାର ହେଲେ ତାହା ଶରୀରକୁ ରୁଗ୍ଣ ଓ ଦୁର୍ବଳ କରିଦିଏ ସେହିପରି ଦୁର୍ନୀତି ସମାଜକୁ ଦୁର୍ବଳ ଓ ବିଶୃଙ୍ଖଳିତ କରିଦିଏ। ଏହା ବିକାଶକୁ ନଷ୍ଟ କରିବା ସହ ସାମାଜିକ ଉନ୍ନତିକୁ କ୍ଷତି ପହଞ୍ଚାଇଥାଏ। ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକିପାରିବ ନାହିଁ, ଏଥିପାଇଁ ଜନ ସହଯୋଗ ଓ ସଚେତନତା ଜରୁରୀ ବୋଲି ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମାଜକୁ ସୁସ୍ଥ ଓ ସୁଦୃଢ କରିବାକୁ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡିବ। ସମସ୍ତେ ସଚେତନ ହେଲେ ଦୁର୍ନୀତି ଲୋପ ପାଇବ ବୋଲି କହିଥିଲେ। ଆଇନ ପରାମର୍ଶଦାତା ସତ୍ୟବାଦୀ ଦାସ ଦୁର୍ନୀତି ମହାମାରୀ ଭଳି ଭୟଙ୍କର। ମୋର ମୋର କହି ଯେଉଁମାନେ ସର୍ବସ୍ୱ ହାତେଇବାକୁ ଚେଷ୍ଟା କରନ୍ତି ଆଇନର ଲମ୍ବା ହାତରେ ସେମାନେ ହିଁ ଧରାପଡନ୍ତି। ତେବେ ବ୍ୟାପକ ସଚେତନତା ଓ ମାନସିକତାରେ ପରିବର୍ତ୍ତନ ଏହାର ସମାଧାନର ପନ୍ଥା ବୋଲି ସେ କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଟୀକାୟତରାୟ ସମାଜରେ ଦୁର୍ନୀତି ଏକ ବଡ ବ୍ୟାଧି। ଏହା ଏକ ରୁଗ୍ଣ ମାନସିକତା। ଯେତିକି ଅଛି ସମ୍ମାନର ସହ ସେଥିରେ ଚଳିବାର ମାନସିକତା ରଖିଲେ ଦୁର୍ନୀତି ହଟିଯାଆନ୍ତା। କିନ୍ତୁ ଅତିରିକ୍ତ ଆଶା ବା ଲୋଭ ମଣିଷ ଓ ସମାଜକୁ ଖରାପ ବାଟକୁ ନେଉଛି ବୋଲି ସେ କହିବା ସହ ସାଧୁତା ଏକ ଚେତନା, ସମସ୍ତେ ସଚେତନ ହେଲେ ଏହାର ମୂଳୋତ୍ପାଟନ ସମ୍ଭବ ବୋଲି କହିଥିଲେ।

ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ। ଦୁର୍ନୀତି ରୂପକ ସାମାଜିକ ବ୍ୟାଧିକୁ ବ୍ୟାପକ ସଚେତନତା ରୂପକ ଅସ୍ତ୍ର ଦ୍ୱାରା ବିଲୋପ କରାଯାଇ ପାରିବ ବୋଲି ଶ୍ରୀ ସେଠୀ ମତ ଦେବା ସହ ସମସ୍ତଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ସହ ଜିଲ୍ଲା ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପୁରୀ ଜିଲ୍ଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧିକ୍ଷକ ସୋମନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

■ ମହାପ୍ରଭୁଙ୍କ ଦର୍ଶନ ଆଶା ଅଧୁରା

## ଅପେକ୍ଷାବେଳେ ଚାଲିଗଲା ଜୀବନ

**ପୁରୀ,୩୦।୧୦(ସମିସ):** ମହାପ୍ରଭୁଙ୍କ ଦର୍ଶନ ଆଶା ଅଧୁରା ରହିଗଲା। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ଲାଗି ଅପେକ୍ଷା କରିଥିବାବେଳେ ଜଣେ ଶ୍ରଦ୍ଧାଳୁଙ୍କର ଜୀବନ ଚାଲିଯାଇଛି। ଶୁକ୍ରବାର ସକାଳେ ଶ୍ରୀମନ୍ଦିର ବାହାରେ ଧାଡ଼ିରେ ଛିଡ଼ା ହୋଇଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ଶ୍ରଦ୍ଧାଳୁ ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର ଦେବରାଜ ସାହୁ। ସେ ନିଜ ସମ୍ପର୍କୀୟ ଏବଂ ସାଙ୍ଗସାଥୀଙ୍କ ସହିତ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ର ପୁରୀ ଆସିଥିଲେ।

ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଦେବରାଜ ଶ୍ରୀମନ୍ଦିର ପ୍ରବେଶ ପଥରେ ବ୍ୟାରିକେଡ୍ ନିକଟରେ ଛିଡ଼ା ହୋଇ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ହଠାତ୍ ସେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ସୁରକ୍ଷା କର୍ମୀ ଓ ଅନ୍ୟ ଶ୍ରଦ୍ଧାଳୁଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ପୁଲିସ ମୃତକଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲା। ମେଡିକାଲ କାଗଜପତ୍ର ଯାଞ୍ଚ କରିବା ପରେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଦେବରାଜ ଗତ ୩ ବର୍ଷ ଧରି ହୃଦ୍‌ରୋଗରେ ପୀଡ଼ିତ ଥିଲେ ଏବଂ ଏଥିପାଇଁ ତାଙ୍କର ନିୟମିତ ଚିକିତ୍ସା ମଧ୍ୟ ଚାଲିଥିଲା। ତେବେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡିବ ବୋଲି କୁହାଯାଇଛି।

## ନିଶାମୁକ୍ତ ଓଡ଼ିଶା ଗଠନ ନେଇ ଶପଥ ପାଠ

**ପୁରୀ,୩୦।୧୦(ସମିସ):** ଚନ୍ଦନପୁର ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ମହନ୍ତ କଥା ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱ, ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାର ଆବଶ୍ୟକତା ସମ୍ପର୍କରେ ବୁଝାଯାଇଥିଲା। ଏକତା ଓ ସାମୂହିକ ସହଯୋଗ ମାଧ୍ୟମରେ କିପରି ଯେକୌଣସି କାର୍ଯ୍ୟକୁ ସଫଳତାର ସହ ସମ୍ପନ୍ନ କରାଯାଇପାରିବ, ସେ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଯାଇଥିଲା। ଏଥିସହିତ ନିଶାମୁକ୍ତ ଓଡ଼ିଶା ଗଠନ ଓ ସୁସ୍ଥ ସମାଜ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିଜେ ନିଶା ସେବନରୁ ଦୂରେଇ ରହିବା ସହିତ ନିଜ ପରିବାର, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କୁ ନିଶାମୁକ୍ତ ରହିବା ପାଇଁ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ନିଶା ସେବନ ଦ୍ୱାରା ଶାରୀରିକ, ମାନସିକ ଓ ସାମାଜିକ ଜୀବନ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ବୁଝାଇବା ସହ ନିଶାମୁକ୍ତ ରହି ନିଜ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ପିଲାମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହାପରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଶା ସେବନରୁ ଦୂରେଇ ରହିବା, ଅନ୍ୟମାନଙ୍କୁ ନିଶାମୁକ୍ତ ରହିବାକୁ ପ୍ରେରଣା ଦେବା, ଏକ ସୁସ୍ଥ ସମାଜ ଗଠନ କରିବା ଏବଂ ନିଶାମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବା ନିମନ୍ତେ ଶପଥ ପାଠ କରାଯାଇଥିଲା। ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଚନ୍ଦନପୁର ଅଞ୍ଚଳରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ସହଯୋଗୀଙ୍କୁ ପୁଲିସ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।

ବେଆଇନ ବାଣ କାରଖାନା ଉପରେ ଚଢ଼ଉ

## ୭୦୦ ବୋମା ସହ ୨ କେଜି ବାରୁଦ ଜବତ

**ପୁରୀ,୩୦।୧୦(ସମିସ):** ଆଗକୁ ଆସୁଛି ଦୀପାବଳି। ଏହି ସମୟରେ ବାଣ ଫୁଟାଇବାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ବଢୁଥିବା ବେଳେ ବେଆଇନ ବାଣ ପ୍ରସ୍ତୁତି ଓ ମହଜୁଦକୁ ନେଇ ସାମ୍ନାକୁ ଆସିଛି ଏକ ଚିନ୍ତାଜନକ ଘଟଣା। ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅନ୍ତର୍ଗତ ପଙ୍କାଳ ମଠସାହିରେ ବେଆଇନ ଭାବେ ବୋମା ଓ ବାଣ ପ୍ରସ୍ତୁତ କରାଯାଉଥିବା ସୂଚନା ପାଇ ପୁଲିସ ଚଢ଼ାଉ କରିଛି। ଏହି ଚଢ଼ାଉରେ ୧,୯୦୦ଟି ବୋମା ଓ ବାଣ ସହ ପ୍ରାୟ ୨ କିଗ୍ରା ବାରୁଦ ଜବତ କରାଯାଇଛି। ଘଟଣାରେ ଜଣେ ୨୭ ବର୍ଷୀୟ ଯୁବକଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି।

ପୁଲିସ ସୂଚନା ଅନୁଯାୟୀ, ଗୁରୁବାର ପଙ୍କାଳ ମଠସାହିରେ ବେଆଇନ ଭାବେ ବୋମା ଓ ବାଣ ପ୍ରସ୍ତୁତ କରାଯାଉଥିବା ନେଇ ଚନ୍ଦନପୁର ପୁଲିସକୁ ବିଶ୍ୱସ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି ପୁଲିସ ଅଭିଯୁକ୍ତ ସମ୍ବିତ ଭୋଇଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଘରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ମିଳିଥିଲା। ଜବତ ସାମଗ୍ରୀ ମଧ୍ୟରେ ୭୦୦ଟି ଜୀବନ୍ତ ବିସ୍ଫୋରକ ବୋମା, ୩୦୦ଟି ଡବଲ ସଟ୍ ବାଣ, ୮୦୦ଟି ତାଳ ଫଟକା, ୧୦୦ଟି ରକେଟ୍ ଏବଂ ପ୍ରାୟ ୨ କିଲୋଗ୍ରାମ ବାରୁଦ ରହିଛି। ଅଭିଯୁକ୍ତଙ୍କ ନିକଟରେ ବାଣ ପ୍ରସ୍ତୁତି ପାଇଁ କୌଣସି ବୈଧ ଲାଇସେନ୍ସ ନ ଥିଲା। ପଚରାଉଚରା ବେଳେ ସେ ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳ ସମେତ ଅନ୍ୟ ସ୍ଥାନରେ ବିକ୍ରି କରିବା ପାଇଁ ଏହି ସାମଗ୍ରୀ ପ୍ରସ୍ତୁତ କରୁଥିବା କହିଥିବା ପୁଲିସ ସୂଚନା ଦେଇଛି। ଜବତ ବିସ୍ଫୋରକ ସାମଗ୍ରୀ ଅତ୍ୟନ୍ତ ବିପଜ୍ଜନକ ଥିବାରୁ ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଥିଲା। ଦଳ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସାମଗ୍ରୀକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିଥିଲା।

ପୁଲିସ ରେକର୍ଡ ଯାଞ୍ଚରୁ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଚନ୍ଦନପୁର ଥାନାରେ ୨୦୨୩ ମସିହାରେ ଏକ ମାମଲା ରହିଥିବା ଜଣାପଡ଼ିଛି। ଏବେ ଚନ୍ଦନପୁର ଥାନାରେ ଆଉ ଏକ ମାମଲା (ନଂ.୨୭୯/୨୬) ରୁଜୁ କରାଯାଇ ଆଇନଗତ ପଦକ୍ଷେପ ନିଆଯାଇଛି। ତେବେ ପୂର୍ବରୁ ପୁରୀ ଜିଲ୍ଲାର ଏକାଧିକ ସ୍ଥାନରେ ବେଆଇନ ଭାବେ ମହଜୁଦ୍ ଥିବା ବାଣ ବିସ୍ଫୋରଣ ଘଟି ଅନେକ ଧନଜୀବନ ହାନି ହୋଇଥିବାର ନଜିର ରହିଛି। ଆଗକୁ ଦୀପାବଳି ଆସୁଥିବାରୁ ବେଆଇନ ଭାବେ ଯେଉଁଠି ବାଣ ତିଆରି କରାଯାଉଛି ସେଠାରେ ପୁଲିସ ଚଢ଼ାଉ କରିବା ଦରକାର ବୋଲି ବୁଦ୍ଧିଜୀବି ମତ ଦେଇଛନ୍ତି। ଏଭଳି ଘଟଣା କେବଳ ବାଣ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ପାଇଁ ନୁହେଁ, ଆଖପାଖରେ ରହୁଥିବା ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଥାଏ।

## ହବିଷ୍ୟାଳୀ କେନ୍ଦ୍ରରେ ଚିକିତ୍ସା ଶିବିର

**ପୁରୀ,୩୦।୧୦(ସମିସ):** ହବିଷ୍ୟାଳୀ ମା'ମାନଙ୍କ ଚିକିତ୍ସା ସୁବିଧା ପାଇଁ ଓଡିଶା ଆୟୁର୍ବେଦ ବିକାଶ ପରିଷଦ ତରଫରୁ ମୋଚିସାହି କଲ୍ୟାଣ ମଣ୍ଡପରେ ଏକ ଶିବିର କରାଯାଇଛି। ଏହା ଏକମାସ ଧରି ଚାଲିବ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ହବିଷ୍ୟାଳୀ ମାଆ'ମାନଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଏକ ଷ୍ଟଲ ମାଧ୍ୟମରେ ଏହା ଖୋଲାଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଓ ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଉଦ୍‌ଘାଟନ କରିଥିଲେ। ଓଡିଶା ଆୟୁର୍ବେଦ ବିକାଶ ପରିଷଦର ସାଧାରଣ ସମ୍ପାଦକ ପ୍ରଫେସର ଡା. କୈଳାସ ଭୂଷଣ ମହାପାତ୍ର ଶିବିର ପରିଚାଳନା କରୁଛନ୍ତି। ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରଫେସର ଡା. ନାରାୟଣ ମହାନ୍ତି, ଉପ ସଭାପତି ପ୍ରଫେସର ଡା. ଦେବପ୍ରସାଦ ଦାଶ, ସହ ସମ୍ପାଦକ ଡା. ଅଶୋକ କୁମାର ରଥ, କୋଷାଧ୍ୟକ୍ଷ ଡା. ଇନ୍ଦିରା ନରେନ୍ଦ୍ରଙ୍କ ସମେତ ଡା. ନୀଳମଣି ସ୍ୱାଇଁ, ଡା. ପ୍ରଦ୍ୟୁମ୍ନ କୁମାର ବଡପଣ୍ଡା ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ।

● ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କୁ ଜେଟିପିଙ୍କ ଦୁର୍ବ୍ୟବହାର!

## ଶ୍ରୀମନ୍ଦିର ପ୍ରଶାସନର ଦ୍ୱାରସ୍ଥ ହେଲେ ଅଜିତ ମିଶ୍ର

**ପୁରୀ,୩୦।୧୦(ସମିସ):** ଶ୍ରୀମନ୍ଦିରରେ ପୁଣି ଜେଟିପିଙ୍କ ବିରୋଧରେ ଦୁର୍ବ୍ୟବହାରର ସଙ୍ଗୀନ ଅଭିଯୋଗ ଆସିଛି। ବରିଷ୍ଠ ଆଇନଜୀବୀ ତଥା ମୁକ୍ତିମଣ୍ଡପ ବ୍ରାହ୍ମଣ ଅଜିତ ମିଶ୍ରଙ୍କୁ ୫ ଜଣ ଜେଟିପି ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଥମେ ଶ୍ରୀମନ୍ଦିର କମାଣ୍ଡରଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶେଷରେ ଶ୍ରୀମନ୍ଦିର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଶ୍ରୀ ମିଶ୍ର। ଏହି ଘଟଣାକୁ ନେଇ ଶ୍ରୀମନ୍ଦିରରେ ସେବାୟତ ଓ ଭକ୍ତଙ୍କ ପ୍ରତି ବ୍ୟବହାରକୁ ନେଇ ପୁଣି ପ୍ରଶ୍ନ ଉଠିଛି। ଶ୍ରୀ ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ମାସ ୪ ତାରିଖ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ ସେ ବ୍ରାହ୍ମଣ ବେଶପୋଷାକରେ ଦର୍ଶନ ପାଇଁ ଭିତରକାଠ ନିକଟକୁ ଯାଇଥିଲେ। ସେହି ସମୟରେ ୫ ଜଣ ଜେଟିପି ତାଙ୍କୁ କୁଆଡେ ଏବଂ ଭିତରକୁ କାହିଁକି ଆସିଛନ୍ତି ବୋଲି ପଚାରିବା ସହ ଧକ୍କା ମାରିଥିଲେ। ନିଜକୁ ମୁକ୍ତିମଣ୍ଡପ ବ୍ରାହ୍ମଣ ବୋଲି ପରିଚୟ ଦେବା ସହ ନବକଳେବର ସମୟରେ କୋଇଲି ବୈକୁଣ୍ଠରେ ଅନୁଷ୍ଠିତ ପ୍ରତିଷ୍ଠା ଯଜ୍ଞରେ ଗଜପତିଙ୍କ ଦ୍ୱାରା ବରଣ ହୋଇ ଯାପକ ଭାବେ କାର୍ଯ୍ୟ କରିଥିବା ସେ ଜେଟିପିମାନଙ୍କୁ ଜଣାଇଥିଲେ। ତଥାପି ସମ୍ପୃକ୍ତ ଜେଟିପିମାନେ ତାଙ୍କ କଥା ଶୁଣି ନ ଥିଲେ। ମୁକ୍ତିମଣ୍ଡପ ବ୍ରାହ୍ମଣ ହୋଇଥିଲେ ମଧ୍ୟ ସେଠାକୁ ଆସିପାରିବେ ନାହିଁ ବୋଲି ସେମାନେ କହିଥିବା ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି। ଏପରି କୌଣସି ନିୟମ ରହିଛି କି ବୋଲି ପ୍ରଶ୍ନ କରିବାରୁ ତାଙ୍କୁ ଧକ୍କା ମାରି ମୁଦୁଲି ଦ୍ୱାର ଦେଇ ବାହାର କରିଦିଆଯାଇଥିବା ସେ କହିଛନ୍ତି।

ଘଟଣାର ପରଦିନ ଅର୍ଥାତ୍ ୫ ତାରିଖରେ ଶ୍ରୀ ମିଶ୍ର ଏ ସମ୍ପର୍କରେ ଶ୍ରୀମନ୍ଦିର କମାଣ୍ଡରଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। କମାଣ୍ଡର ଅଭିଯୋଗପତ୍ର ଗ୍ରହଣ କରିଥିଲେ ମଧ୍ୟ ସମ୍ପୃକ୍ତ ଜେଟିପିଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇ ନ ଥିବା କିମ୍ବା ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇ ନ ଥିବା ଶ୍ରୀ ମିଶ୍ର ଦାବି କରିଛନ୍ତି। ଏହାପରେ ସେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଲିଖିତ ଭାବେ ଫେରାଦ ହୋଇଛନ୍ତି। ଅଧିକାରୀମାନେ ବୈଠକରେ ବ୍ୟସ୍ତ ଥିବାରୁ ସେ କାର୍ଯ୍ୟାଳୟର ଇସ୍ୟୁ ସେକ୍ସନରେ ଅଭିଯୋଗପତ୍ର ଦାଖଲ କରିଥିଲେ। ତାଙ୍କୁ ୫ରୁ ୭ ଦିନ ପରେ ଆସିବାକୁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି। ଅଭିଯୋଗର ଗୁରୁତ୍ୱକୁ ବିଚାରକୁ ନେଇ ଆଇନ ମନ୍ତ୍ରୀ ଓ ଆଇନ ବିଭାଗ ସଚିବ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ନିକଟରେ ଜଣେ ଜେଟିପି ଜଣେ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କୁ ମାଡ଼ ମାରିଥିବା ଅଭିଯୋଗକୁ ନେଇ ସାମ୍ବାଦିକମାନେ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସମ୍ପୃକ୍ତ ଜେଟିପିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ଆଶ୍ୱାସନା ଦେଇଥିଲେ ମଧ୍ୟ ମାସେ ବିତିବାକୁ ଥିବା ସତ୍ତ୍ୱେ କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏଭଳି ସ୍ଥିତିରେ ପୁଣି ଜଣେ ଜେଟିପିଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆସିବା ପରେ ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା




**ପୁରୀ,୩୦।୧୦(ସମିସ):** ପୁରୀ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଓ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନଠାରେ ପହଞ୍ଚି ଲୋକମାନଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନ କରାଇଥିଲା। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଓ ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଉପ ଆରକ୍ଷୀ ଅଧୀକ୍ଷକ ସୋମନାଥ ବାରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପସ୍ଥିତଙ୍କୁ ସମ୍ବୋଧିତ କରି ଏହି ବରିଷ୍ଠ ଅଧିକାରୀମାନେ ଦୁର୍ନୀତି ଭଳି ଏକ ସାମାଜିକ ବ୍ୟାଧିର ମୂଳୋତ୍ପାଟନ ପାଇଁ ସଚେତନତା ହିଁ ଏକ ମାତ୍ର ବିକଳ୍ପ ବୋଲି କହିଥିଲେ। ଅଧିକାରୀ ବା କର୍ମଚାରୀମାନଙ୍କ ମଧ୍ୟରେ ଥିବା ଲୋଭ, ଅନ୍ୟାୟ ଉପାୟରେ ଅର୍ଥ ଆହରଣ ଓ ହଠାତ୍ ବଡଲୋକ ହେବାର ମାନସିକତାକୁ ପରିହାର କରି ସାଧୁତାର ସହ କାର୍ଯ୍ୟ କଲେ ସମାଜ ଶୃଙ୍ଖଳିତ ଓ ଦୁର୍ନୀତି ମୁକ୍ତ ହୋଇପାରିବ ବୋଲି କହିଥିଲେ। ଏହି ଶୋଭାଯାତ୍ରାରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସମାଜ କଲ୍ୟାଣ ବିଭାଗର ଅଧିକାରୀ, କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯୋଗ ଦେଇଥିଲେ।

ଜିଲ୍ଲାସ୍ତରୀୟ ପିଏମ୍ କିଷାନ କିସ୍ତି ପ୍ରଦାନ ଉତ୍ସବ

## ୧,୬୨,୪୦୬ ଚାଷୀଙ୍କୁ ମିଳିଲା ୩୨ କୋଟିରୁ ଅଧିକ ଟଙ୍କା




**ପୁରୀ,୩୦।୧୦(ସମିସ):** ଦେଶର କୃଷକ ସମାଜକୁ ଆର୍ଥିକ ଭାବେ ଅଧିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଶୁକ୍ରବାର 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ସହାୟତା ରାଶି ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ, କୃଷକ ସମାଜ କେବଳ ଚାଷୀ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା। କୃଷକମାନଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ।

ସେହିପରି ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ପୁରୀ ଜିଲ୍ଲା ପରିଷଦ ସଭାଗୃହଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ କହିଥିଲେ ଯେ, କୃଷି ଆମ ଦେଶର ଅର୍ଥନୀତିର ମୁଖ୍ୟ ମାଧ୍ୟମ। କୃଷକଙ୍କ କଠୋର ପରିଶ୍ରମ ଯୋଗୁଁ ଆମେ ଖାଦ୍ୟ ପାଇପାରୁଛୁ। ତେବେ ଏହି ୨୪ତମ କିସ୍ତିରେ ପୁରୀ ଜିଲ୍ଲାର ୧,୬୨,୪୦୬ ଜଣ ଚାଷୀଙ୍କୁ ଡିବିଟି ମାଧ୍ୟମରେ ମୋଟ ୩୨ କୋଟି ୪୮ ଲକ୍ଷ ୧୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶିବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ କୃଷି ଜିଲ୍ଲା ଅଧିକାରୀ ସବ୍ୟସାଚୀ ଦାସ, ନିମାପଡ଼ା କୃଷି ଜିଲ୍ଲା ଅଧିକାରୀ ପିୟୁଷ ପଲ୍ଲଭ ପରିଡ଼ା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶିକା ସୂଚନା ସ୍ୱସ୍ତିକା, ପ୍ରାଣୀ ଚିକିତ୍ସା ବିଭାଗର ଡ. ଆଶୁତୋଷ ମହାନ୍ତି ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ଉପନିର୍ଦ୍ଦେଶିକା ସୌଭାଗିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

ମାନସିକ ଯନ୍ତ୍ରଣା ଯୋଗୁଁ ପଞ୍ଚାନନଙ୍କ ଆତ୍ମହତ୍ୟା ଘଟଣା

## ମାମଲା ଉଠାଇବାକୁ ଚାପ ଓ ହତ୍ୟା ଧମକ

ପୁରୀ,୩୦।୧୦(ସମିସ)

ମାଛ ଘେରୀକୁ କେନ୍ଦ୍ର କରି ମାନସିକ ନିର୍ଯାତନା ଓ ଚାପ ଯୋଗୁଁ କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଗୁରୁବାଇ ଗ୍ରାମର ପଞ୍ଚାନନ ସିଠ (୫୭)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ନ୍ୟାୟ ଦାବିରେ ଆଗକୁ ଆସିଛନ୍ତି ତାଙ୍କ ପରିବାର। ଥାନାରେ ଅଭିଯୋଗ କରିବାର ୬ ଦିନ ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଏବଂ ମାମଲା ପ୍ରତ୍ୟାହାର ପାଇଁ ଚାପ ପକାଉଥିବା ଅଭିଯୋଗ କରି ଶୁକ୍ରବାର ପଞ୍ଚାନନଙ୍କ ପତ୍ନୀ ଅମିତା ସପରିବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ପରିବାରର ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଏସ୍‌ପିଙ୍କୁ ନିବେଦନ କରିଛନ୍ତି। ନଚେତ୍ ସେ ଏସ୍‌ପି ଅଫିସ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି କହିଛନ୍ତି। ଅମିତାଙ୍କ ଅଭିଯୋଗ ଅନୁଯାୟୀ, ମାଛ ଘେରୀକୁ ନେଇ ତାଙ୍କ ସ୍ୱାମୀଙ୍କୁ କଣ୍ଟାବଣିଆର ଦିଲୀପ ପଲେଇ, ନୂଆପଡା ଫାଣ୍ଡି ଅଫିସର ମନୋରଞ୍ଜନ ଦାସଙ୍କ ସମେତ ୬ ଜଣ ବ୍ୟକ୍ତି ନୂଆପଡ଼ା ଫାଣ୍ଡିକୁ ଡାକିଥିଲେ। ସେଠାରେ ତାଙ୍କୁ ଅତ୍ୟଧିକ ମାନସିକ ଚାପ ଓ ନିର୍ଯାତନା ଦିଆଯାଇଥିଲା।

■ ଏସ୍‌ପିଙ୍କୁ ଗୁହାରିକଲେ ପଞ୍ଚାନନଙ୍କ ପତ୍ନୀ
■ ଖୋଲାଖୋଲି ବୁଲୁଛନ୍ତି ଅଭିଯୁକ୍ତ
■ କାର୍ଯ୍ୟାନୁଷ୍ଠାନ ନ ହେଲେ ଆମରଣ ଅନଶନ

ଏହାପରେ ସେ ଏକ ନୋଟ୍ ଲେଖି ଅକ୍ଟୋବର ୨୪ ତାରିଖରେ ଘରୁ ଚାଲିଯାଇ ହୁମା ରେଳ ଷ୍ଟେଶନରେ ଆତ୍ମହତ୍ୟା କରିଥିଲେ। ଏହା ପରଦିନ ଅମିତା କୃଷ୍ଣପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲାରେ ଦିଲୀପ ପଲେଇ, ନୂଆପଡ଼ା ଫାଣ୍ଡି ଅଫିସରଙ୍କ ସମେତ ମୋଟ ୬ ଜଣଙ୍କ ନାମ ଉଲ୍ଲେଖ କରାଯାଇଛି। ଏତଲା ପଞ୍ଜୀକୃତ ହେବା ସହ ଏହାର ନକଲ ପରିବାରକୁ ଦିଆଯାଇଛି। ଇତିମଧ୍ୟରେ ୬ ଦିନ ହୋଇଗଲାଣି। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅଭିଯୁକ୍ତମାନେ ଖୋଲାଖୋଲି ବୁଲୁଥିବା ବେଳେ ପରୋକ୍ଷରେ ତାଙ୍କ ପରିବାରକୁ ଧମକ ଦେଉଛନ୍ତି। ପୁଲିସ କାହିଁକି ଆବଶ୍ୟକ ପଦକ୍ଷେପ ନେଉନାହିଁ, ତାହାକୁ ନେଇ ପଞ୍ଚାନନଙ୍କ ପରିବାର ପ୍ରଶ୍ନ ଉଠାଇଛି। ତଦନ୍ତରେ ବିଳମ୍ବ ପଛରେ କୌଣସି ଚାପ ରହିଛି କି ନାହିଁ, ତାହାର ମଧ୍ୟ ସ୍ପଷ୍ଟତା ଦାବି କରାଯାଇଛି।

ଅନ୍ୟପକ୍ଷରେ ତାଙ୍କ ପରିବାରକୁ ମାମଲା ପ୍ରତ୍ୟାହାର କରିବାକୁ ଚାପ ପକାଯାଉଥିବା ଅମିତା ଅଭିଯୋଗ କରିଛନ୍ତି। ଏପରି କି ମାମଲା ନ ଉଠାଇଲେ ତାଙ୍କ ପିଲାମାନଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଉଥିବା ଅମିତା ଏସ୍‌ପିଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏଭଳି ପରିସ୍ଥିତିରେ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ସହ ଧମକ ଦେଉଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଦାବି କରାଯାଇଛି। ନ୍ୟାୟ ପାଇଁ ଥାନାରୁ ନିରାଶ ହେବା ପରେ ସେମାନଙ୍କୁ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଧାରଣା ଦେବାକୁ ପଡିଲା ବୋଲି କହିଛନ୍ତି ଅମିତା।

ଏହାପରେ ଅମିତା ଏସ୍‌ପିଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଥିଲେ। ତାଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଅମିତା ସୂଚନା ଦେଇଛନ୍ତି। ତେବେ ପ୍ରତିଶ୍ରୁତି ପରେ ପୁଲିସର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାହା ଉପରେ ଏବେ ସମସ୍ତଙ୍କ ନଜର। ଅଭିଯୋଗର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ପରିବାରକୁ ସୁରକ୍ଷା ଯୋଗାଇଦେବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ପଞ୍ଚାନନଙ୍କ ପରିବାର ଦାବି କରିଛି। ଏଥିସହ ଦାବି ପୂରଣ ନ ହେଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବାକୁ ଅମିତା ଚେତାବନୀ ଦେଇଛନ୍ତି।